# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୪/୨୦୧୯ (୧୬ ପୃଷ୍ଠା) | Bhubaneswar, Sunday, July 14/2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୨୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ହାଲେପଙ୍କୁ ୱିମ୍ବଲଡନ ଟାଇଟଲ

ଆମେରିକାର ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ରୋମାନିଆର ସିମୋନା ହାଲେପ୍ ପ୍ରଥମ ଥର ୱିମ୍ବଲଡନ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

୧୫

୦୨

## ୧୧କୋଟି ଆୟ କଲା 'ସୁପର ୩୦'

ହ୍ରିତିକ ରୋଶନ୍‌ଙ୍କ ଅଭିନୀତ 'ସୁପର ୩୦' ରିଲିଜ ଦିବସରେ ୧୧କୋଟି ଆୟ କରିଥିବା ସୂଚନା ମିଳିଛି।





ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାର ଶ୍ରୀପୟର ରଥକୁ ନିଆଯାଉଛି (ଫଟୋ: ଯଜ୍ଞେଶ୍ୱର ମହାନ୍ତି)



ଶନିବାର ରଥ ଉପରେ ସୁନାବେଶରେ ତିନିଠାକୁର

# ସୁନାବେଶର ସାକ୍ଷୀ ଅଗଣିତ ଆଖି

■ ନୀତି ସଅଳ, ଘଣ୍ଟାଏ ପୂର୍ବରୁ ସରିଲା ବେଶ

■ ଅନୁକୂଳ ପାଗ, ବଡ଼ଦାଣ୍ଡ ଜନସମୁଦ୍ର

**ପୁରୀ ଅଫିସ,୧୩।୭**

ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଗଣଦେବତା ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ନୀତି ସଅଳ ହୋଇ ନିର୍ଦ୍ଧାରିତ ସମୟର ୧ଘଣ୍ଟା ୧୦ ମିନିଟ୍ ପୂର୍ବରୁ ସମ୍ପନ୍ନ ହୋଇଛି ସୁନାବେଶ।

ଶନିବାର ସକାଳୁ ପାଗ ଅନୁକୂଳ ଥିଲା। କାଉଁଳିଆ ପାଗରେ ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ହେଲେ ମଧ୍ୟାହ୍ନରେ ଟାଣଖରା ହୋଇଥିଲା। କିନ୍ତୁ ଏହାକୁ ଖାତିର ନ କରି ଅପରାହ୍ନ ୨ଟା ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ଆସ୍ତେ ଆସ୍ତେ ଜମିଥିଲା। ଅପରାହ୍ନ ୩ଟା ବେଳକୁ ପାଗ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଉଭେଇ ଯାଇଥିଲା ଖରା। ସୁନାବେଶ ଆରମ୍ଭ ହେବାର ଠିକ୍ ପରେ ପରେ ଝିପିଝିପି ବର୍ଷା ହୋଇଥିଲା। ଭକ୍ତମାନେ ଭିଜି ଭିଜି ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ ଲାଗି ସିଂହଦ୍ୱାର ନିକଟକୁ ଛୁଟିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଠାକୁରଙ୍କ ସୁନାବେଶ ଅପରାହ୍ନ ସାଢେ ୫ଟା ମଧ୍ୟରେ ସାରିବା ଲାଗି ଧାର୍ଯ୍ୟ ହୋଇଥିଲା। ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଯୋଗୁ ୧ ଘଣ୍ଟା ୧୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୪ଟା ୨୦ରେ ବେଶ ସଜ୍ଜା ସରି ଦର୍ଶନ ଆରମ୍ଭ ହୋଇଥିଲା। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ସୁନା ଅଳଙ୍କାରରେ ଝଲସୁଥିବା ଦାରୁବିଗ୍ରହଙ୍କ ଦର୍ଶନ କରି ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ।

ପୂର୍ବାହ୍ନରେ ଶ୍ରୀମନ୍ଦିର ରତ୍ନଭଣ୍ଡାର (ବାହାର ଭଣ୍ଡାର) ଖୋଲା ଯାଇଥିଲା। ଭଣ୍ଡାର ଘରୁ ଠାକୁରଙ୍କ ଅଳଙ୍କାରମାନ ବାହାର କରାଯାଇ ସଫା ହୋଇଥିଲା। ଅପରାହ୍ନ ୩ଟା ସୁଦ୍ଧା ଅଳଙ୍କାର ଆସି ରଥ ନିକଟରେ ବିଜେ ହୋଇ ମହାପ୍ରଭୁଙ୍କ ସୁନାବେଶ ସଜ୍ଜା ଆରମ୍ଭ ହୋଇଥିଲା। ପୁଷ୍ପାଳକ ପାଳିଆ ସେବକ ଏବଂ ଦଇତାପତିମାନେ ମିଶି ବେଶ କରିଥିଲେ। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣି, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁରଙ୍କୁ ସୁନାର ହଳମୂଷଳ ଏବଂ ଶ୍ରୀଜଗନ୍ନାଥଙ୍କୁ ଶଙ୍ଖ, ଚକ୍ର ସହିତ ଶ୍ରୀହସ୍ତ, ଶ୍ରୀପୟର ଆଦି ଲାଗି କରାଯାଇଥିଲା।

ରତ୍ନସିଂହାସନରେ ସୁନାବେଶବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥାନ୍ତି। କିନ୍ତୁ ରଥରେ ସୁନାବେଶ ସମୟରେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରି ନ ଥାନ୍ତି। ରଥାରୂଢ଼ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥାନ୍ତି।

## ଆଜି ଅଧରପଣା

ପୁରୀ ଅଫିସ, ୧୩।୭: ରବିବାର ରଥ ଉପରେ ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ଏଥିଲାଗି ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ କରାଯାଇଛି। ତାହାକୁ ଅଧରପଣା ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଠାକୁରଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏ ପଣା ଲାଗି ହେବ। ଠାକୁରଙ୍କ ପାଖରେ ପଣାଭୋଗ ହେବା ପରେ ହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣାହାଣ୍ଡି ଭାଙ୍ଗିଲେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି।

■ ମହାନଦୀ ଜଳ ବିବାଦ: ଆସେସର୍ ନିଯୁକ୍ତ କରିବେ ଟ୍ରିବ୍ୟୁନାଲ୍

# ଓଡ଼ିଶା, ଛତିଶଗଡ଼କୁ ଦସ୍ତାବିଜ୍ ଦାଖଲ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୩।୭**

ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ଏକାଧିକ ପ୍ରକଳ୍ପ ନିର୍ମାଣ କରି ଓଡ଼ିଶାକୁ ଜଳପ୍ରବାହରେ ବାଧା ସୃଷ୍ଟି କରିଥିବାବେଳେ ଏହି ମାମଲା ଜଳ ବିବାଦ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଅକ୍ଟୋବର ୧୯ ପୂର୍ବରୁ ଏହା ଉପରେ ଦସ୍ତାବିଜ୍ ଦାଖଲ କରିବା ଲାଗି ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ର ଉକ୍ତ ପ୍ରକଳ୍ପସ୍ଥଳ ପରିଦର୍ଶନ କରିବା ପୂର୍ବରୁ ଓଡିଶା ସରକାର କେତେକ ତଥ୍ୟ ମାଗିଥିବାବେଳେ ଏହା ଯୋଗାଇଦେବା ଏବଂ ଦୁଇ ରାଜ୍ୟ ମଧ୍ୟରେ ବୈଠକରେ ସମନ୍ୱୟ ରକ୍ଷା ପାଇଁ ଟ୍ରିବ୍ୟୁନାଲ ଜଣେ ଆସେସର (ବିଚାରପତିଙ୍କୁ ସହାୟତା କରିବା ଲାଗି ବିଶେଷଜ୍ଞ) ନିଯୁକ୍ତ କରିବେ ବୋଲି ଜଣାପଡିଛି। ଓଡ଼ିଶା ସରକାରଙ୍କ ଆବେଦନକ୍ରମେ ଅଗଷ୍ଟ ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ଲାଗି ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ନିଷ୍ପତ୍ତି ନେଇଛନ୍ତି। ଜଣେ ଆସେସର ନିଯୁକ୍ତ ହୋଇଥିବାବେଳେ ପରବର୍ତ୍ତୀ ଶୁଣାଣିରେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ଓଡ଼ିଶା ସରକାରଙ୍କ ପ୍ରତିନିଧି ଦଳ ଛତିଶଗଡ଼ରେ ପ୍ରକଳ୍ପସ୍ଥଳ ଅନୁଧ୍ୟାନ କରିବା ପରେ ସେଠାରୁ ଏକ ପ୍ରତିନିଧି ଦଳ ଓଡ଼ିଶା ଆସି ମହାନଦୀ ଜଳପ୍ରବାହ ପରିଦର୍ଶନ କରିବ। ପରେ ଦୁଇପକ୍ଷ ମଧ୍ୟରେ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ କରିବେ। ପରିଦର୍ଶନ ପୂର୍ବରୁ ଛତିଶଗଡ଼ ନିର୍ମାଣ କରୁଥିବା ବ୍ୟାରେଜ ସମ୍ପର୍କରେ ଅଧିକ ତଥ୍ୟ ଆବଶ୍ୟକ ବୋଲି ଶୁଣାଣି ବେଳେ ଓଡିଶା ପକ୍ଷରୁ ମହାଧିବକ୍ତା ଅଶୋକ ପରିଜା ଟ୍ରିବ୍ୟୁନାଲଙ୍କୁ କହିଥିଲେ। ଛତିଶଗଡ଼ର ଜବାବ ଉପରେ ପ୍ରତିଜବାବ ତିନିସପ୍ତାହ ମଧ୍ୟରେ ରଖିବା ଲାଗି ଖଣ୍ଡପୀଠ କହିବା ସହ ସମସ୍ତ ପକ୍ଷଙ୍କୁ ଦସ୍ତାବିଜ୍ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ନିର୍ମାଣ କରୁଥିବା ୬ଟି ବ୍ୟାରେଜ୍ ଉପରେ ରହିତାଦେଶ ଜାରି କରିବା ସହିତ ଅଣମୌସୁମୀ ଋତୁ (ନଭେମ୍ବରରୁ ମେ)ରେ ଓଡ଼ିଶାକୁ ଜଳପ୍ରବାହ ୧.୭୪ ନିୟୁତ ଏକର ଫୁଟ୍ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା।

# ବିଶ୍ୱକପ୍ ଫାଇନାଲ ଆଜି

**ଲଣ୍ଡନ,୧୩।୭(ପି.ଟି.)**

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ଚଳିତ ଆଇସିସି ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଟାଇଟଲ ପାଇଁ କ୍ରିକେଟର ଜନକ ଇଂଲଣ୍ଡ ଓ ଗତ ସଂସ୍କରଣର ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ଇଂଲଣ୍ଡ ପୂର୍ବରୁ ୩ଥର ଓ ନ୍ୟୁଜିଲାଣ୍ଡ ଥରେ ଫାଇନାଲ ଖେଳିଥିଲେ ମଧ୍ୟ ଏହି ଦୁଇ ଦଳ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିପାରିନାହାନ୍ତି। ଫଳରେ ଏଥର ଏକ ନୂଆ ଚାମ୍ପିୟନକୁ ସାରା ବିଶ୍ୱର କ୍ରିକେଟ ପ୍ରଶଂସକ ଦେଖିବାକୁ ପାଇବେ। ଇଅନ୍ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଟାଇଟଲ ପାଇଁ ଫେଭରାଇଟ ବିବେଚିତ ହେଉଛି। ତେବେ କେନ୍ ୱିଲିୟମସନଙ୍କ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ଭାରତ ଭଳି ଶକ୍ତିଶାଳୀ ଦଳକୁ ହରାଇ ନିଜର ଦକ୍ଷତା ପ୍ରତିପାଦନ କରିଛି। ଫଳରେ ନ୍ୟୁଜିଲାଣ୍ଡକୁ ଆଦୌ ହେୟ ମନେ କରିବାର ଭୁଲ ଇଂଲଣ୍ଡ କରିବ ନାହିଁ। ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଭାରତକୁ ଓ ଇଂଲଣ୍ଡ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସୁପର ସନ୍‌ଡେ'ରେ ସାରା ବିଶ୍ୱ ଏକ ସଂଘର୍ଷପୂର୍ଣ୍ଣ ତଥା ରୋମାଞ୍ଚକ ମ୍ୟାଚ୍ ସହିତ କ୍ୱାଲିଟି କ୍ରିକେଟ ଦେଖିବାକୁ ପାଇବ।






**ଆଜିର ସମ୍ପାଦକୀୟ**

ଦଳୀୟ ଗଣତନ୍ତ୍ରର ଅଭାବ

**ଆଜିର ମନ୍ତବ୍ୟ**

"ପାକିସ୍ତାନୀ ସେନା ଦୁଃସାହସ କଲେ କଡ଼ା ଜବାବ ଦିଆଯିବ।

–ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

**କିଛି ତଥ୍ୟ**

ଜୁଲାଇ ୫ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୨.୨୩ ବିଲିୟନ ଡଲାର ବୃଦ୍ଧି ପାଇ ୪୨୯.୯୧ବିଲିୟନ ଡଲାର ହୋଇଛି।

–ଭାରତୀୟ ରିଜର୍ଭ ବ୍ୟାଙ୍କ

ଅନିବାର୍ଯ୍ୟ କାରଣରୁ ଏ ସପ୍ତାହରେ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁ ନାହିଁ।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


NATIONAL EGG CO-ORDINATION COMMITTEE | 13.07.2019 | Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 74 | 124 | 134 |
| DKL | 74 | 124 | 134 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 74 | 124 | 134 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers







“ଚନ୍ଦ୍ରଯାନ-୨ ଭାରତର ସବୁଠାରୁ ସମ୍ମାନଜନକ ମିଶନ।
-ଡ. କେ. ଶିବମ୍, ଇସ୍ରୋ ଅଧ୍ୟକ୍ଷ



# ବିଦ୍ରୋହୀଙ୍କୁ ମନାଇବାକୁ କସରତ

**ବେଙ୍ଗାଲୁରୁ,୧୩।୭(ପି.ଟି.)**

କର୍ନାଟକରେ ରାଜନୈତିକ ଅଚଳାବସ୍ଥା ଜାରି ରହିଥିବାବେଳେ ଇସ୍ତଫା ଦେଇଥିବା ବିଦ୍ରୋହୀ ବିଧାୟକମାନଙ୍କୁ ଦଳକୁ ଫେରାଇନେବା ଲାଗି କଂଗ୍ରେସ ପଛଦ୍ୱାର ବୁଝାମଣା ଚଳାଇଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଆସ୍ଥାଭୋଟ ଲୋଡ଼ିବା ଲାଗି ଘୋଷଣା କରିବା ପରେ ଅସନ୍ତୁଷ୍ଟ ବିଧାୟକମାନଙ୍କୁ ଫେରାଇଆଣିବା ଲାଗି ବରିଷ୍ଠ କଂଗ୍ରେସ ନେତାମାନେ ଅଣ୍ଟା ଭିଡ଼ିଛନ୍ତି। ଦଳର ସଙ୍କଟମୋଚନ କୁହାଯାଉଥିବା ଜଳସମ୍ପଦ ମନ୍ତ୍ରୀ ଡି.କେ. ଶିବକୁମାର ଭୋର ୫ଟାରେ ଗୃହନିର୍ମାଣ ମନ୍ତ୍ରୀ ଏମ୍.ଟି.ବି. ନାଗରାଜଙ୍କ ଘରେ ପହଞ୍ଚି ତାଙ୍କୁ ମନାଇବା ପାଇଁ ସାଢ଼େ ୪ ଘଣ୍ଟା ଧରି ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ମଧ୍ୟ ନାଗରାଜଙ୍କ ଘରେ ପହଞ୍ଚି ଇସ୍ତଫାପତ୍ର ପ୍ରତ୍ୟାହାର କରିନେବା ଲାଗି ପ୍ରବର୍ତ୍ତାଇଥିବା ଜଣାପଡିଛି। ବୁଧବାର ଇସ୍ତଫା ଦେଇଥିବା ନାଗରାଜ ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବେ ବୋଲି ସୂଚନା ଦେବା ସହ ଅନ୍ୟ ଅସନ୍ତୁଷ୍ଟ ବିଧାୟକମାନଙ୍କୁ ବୁଝାଇବେ ବୋଲି କହିଥିବା ଜଣାପଡ଼ିଛି। ସେହିପରି ଅନ୍ୟତମ ବିଧାୟକ ରାମଲିଙ୍ଗା ରେଡ୍ଡୀ, ମୁନିରତ୍ନ ଏବଂ ଆର୍. ରୋଶନ ବେଗ୍‌ଙ୍କୁ ମନାଇବା ଲାଗି ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ସିଧାସଳଖ ୪ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକଙ୍କ ସହ କଥାବାର୍ତ୍ତା ଚଳାଇଥିବା ଜେଡିଏସ୍ ସୂତ୍ରରୁ ଜଣାପଡିଛି। ସେମାନେ ଇସ୍ତଫାପତ୍ର ଫେରାଇନେଇପାରନ୍ତି ବୋଲି ଆଶା କରାଯାଉଛି।

ଆସ୍ଥାଭୋଟ ପୂର୍ବରୁ କଂଗ୍ରେସ ଓ ଭାଜପା ସେମାନଙ୍କ ବିଧାୟକମାନଙ୍କୁ ଏକାଠି କରିବା ଲାଗି ସେମାନଙ୍କୁ ହୋଟେଲ ଓ ରିସର୍ଟରେ ରଖିଛନ୍ତି। କଂଗ୍ରେସର ପଛଦ୍ୱାର ବୁଝାମଣା ଉଦ୍ୟମ ସଫଳ ହେବନାହିଁ ବୋଲି ଭାଜପା ରାଜ୍ୟ ସଭାପତି ବି.ଏସ୍.ୟେଦ୍ୟୁରପ୍ପା କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ-ଜେଡିଏସ୍ ମେଣ୍ଟରୁ ସମର୍ଥନ ପ୍ରତ୍ୟାହାର କରିନେଇ ଭାଜପାକୁ ସମର୍ଥନ ଦେଇଥିବା ଦୁଇ ସ୍ୱାଧୀନ ବିଧାୟକ ବିରୋଧୀ ଦଳ ଆସନରେ ବସିବା ଲାଗି ଅନୁମତି ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। ବିଧାୟକ ଏଚ୍. ନଗେଶ ଏବଂ ଆର୍. ଶଙ୍କର ଅଲଗା ପତ୍ର ଲେଖି ସେମାନେ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିବା ବାଚସ୍ପତିଙ୍କୁ ଜଣାଇଦେଇଛନ୍ତି। ଶୁକ୍ରବାରରୁ କର୍ନାଟକ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା ବେଳେ ଦୁଇ ବିଧାୟକ ପ୍ରଥମ ଦିନରେ ଅନୁପସ୍ଥିତ ରହିଥିଲେ।

ଅନ୍ୟପକ୍ଷରେ ମୁମ୍ବାଇରେ ରହିଥିବା କର୍ନାଟକର ୧୪ ବିଦ୍ରୋହୀ ବିଧାୟକ ଶନିବାର ଶିରିଡ଼ି ଯାଇ ସାଇବାବାଙ୍କୁ ଦର୍ଶନ କରିଛନ୍ତି। ସେମାନେ ଏକ ଘରୋଇ ବିମାନରେ ଶିରିଡ଼ି ଯାଇଥିବା ଜଣାପଡିଛି। ଶୁକ୍ରବାର ସେମାନଙ୍କ ମଧ୍ୟରୁ ୪ ବିଧାୟକ କେନ୍ଦ୍ରୀୟ ମୁମ୍ବାଇରେ ଥିବା ସିଦ୍ଧିବିନାୟକ ମନ୍ଦିର ଯାଇଥିଲେ।

## ସୋମବାର ଆସ୍ଥାଭୋଟ ପାଇଁ ଭାଜପାର ଦାବି

**ନୂଆଦିଲ୍ଲୀ,୧୩।୭(ପି.ଟି.)**



ବି.ଏସ୍. ୟେଦ୍ୟୁରପ୍ପା

କର୍ନାଟକ ବିଧାନସଭାରେ ସୋମବାର ଆସ୍ଥାଭୋଟ ଲୋଡ଼ିବା ଲାଗି ମୁଖ୍ୟମନ୍ତ୍ରୀ ଏଚ୍.ଡି.କୁମାରସ୍ୱାମୀଙ୍କ ଉପରେ ଭାଜପା ଚାପ ପକାଇବ ବୋଲି ଦଳର ରାଜ୍ୟ ସଭାପତି ବି.ଏସ୍. ୟେଦ୍ୟୁରପ୍ପା ଶନିବାର କହିଛନ୍ତି। ଜେଡିଏସ୍-କଂଗ୍ରେସ ମେଣ୍ଟ ସଂଖ୍ୟାଗରିଷ୍ଠତା ହରାଇସାରିଥିବାରୁ ସରକାର ଭାଙ୍ଗିବା ନିଶ୍ଚିତ ବୋଲି ସେ ସୂଚନା ଦେଇଛନ୍ତି। ୧୬ ଜଣ ବିଧାୟକଙ୍କ ଇସ୍ତଫା ପରେ କର୍ନାଟକ ସରକାର ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ସ୍ୱେଚ୍ଛାକୃତ ଭାବେ ଆସ୍ଥାଭୋଟ ଲୋଡିବା ପାଇଁ ଶୁକ୍ରବାର କୁମାରସ୍ୱାମୀ ଘୋଷଣା କରିବା ସହ ଏଥିପାଇଁ ତାରିଖ ଧାର୍ଯ୍ୟ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପୂରଣ କରିବା ଲାଗି ସୋମବାର ସକାଳେ ଅନୁଷ୍ଠିତ ବିଜ୍‌ନେସ୍ ଆଡଭାଇଜରୀ କମିଟି ବୈଠକରେ ଭାଜପା ପରାମର୍ଶ ଦେବ ବୋଲି ୟେଦ୍ୟୁରପ୍ପା କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଆସ୍ଥାଭୋଟ ପାଇଁ ଶୁକ୍ରବାର ବୈଠକରେ କୁମାରସ୍ୱାମୀ ପ୍ରସ୍ତାବ ଦେଇଥିଲେ। ତେବେ ଉକ୍ତ ବୈଠକରେ ମୁଖ୍ୟ ବିରୋଧୀ ଦଳ ଭାଜପା ଯୋଗଦେଇ ନ ଥିବାରୁ ଏହା ଉପରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା।

ଥମୁନି କର୍ଣ୍ଣାଟକ ସଙ୍କଟ

## ସୁପ୍ରିମକୋର୍ଟ ଗଲେ ଆଉ ୫ ବିଦ୍ରୋହୀ ବିଧାୟକ

**ନୂଆଦିଲ୍ଲୀ,୧୩।୭**

କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆସ୍ଥାଭୋଟ ଲୋଡିବା ଲାଗି ପ୍ରସ୍ତୁତି ଚଳାଇଥିବାବେଳେ ଶନିବାର ଆଉ ୫ ବିଦ୍ରୋହୀ ବିଧାୟକ ସେମାନଙ୍କ ଇସ୍ତଫା ଉପରେ ଶୀଘ୍ର ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ୧୦ ବିଦ୍ରୋହୀ ବିଧାୟକଙ୍କ ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାବେଳେ ମଙ୍ଗଳବାର ଏହାର ଶୁଣାଣି ହେବ। ଏହା ପୂର୍ବରୁ କୌଣସି ନିଷ୍ପତ୍ତି ନ ନେବା ଲାଗି ସର୍ବୋଚ୍ଚ ଅଦାଲତ କର୍ନାଟକ ବାଚସ୍ପତିଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ଶନିବାର ଯେଉଁ ବିଧାୟକମାନେ ସୁପ୍ରିମକୋର୍ଟ ଯାଇଛନ୍ତି, ସେମାନେ ହେଲେ ଆନନ୍ଦ ସିଂ, ମୁନିରତ୍ନ, ରୋଶନ ବେଗ୍, ଏମ.ଟି.ବି. ନାଗରାଜ ଏବଂ କେ. ସୁଧାକର। ସେମାନଙ୍କ ଇସ୍ତଫା ନିଷ୍ପତ୍ତି ସମ୍ପର୍କରେ ବାଚସ୍ପତି ଶୀଘ୍ର ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ସେମାନେ ବିଭିନ୍ନ ତାରିଖରେ ଇସ୍ତଫାପତ୍ର ଦେଇଥିଲେ ହେଁ ବାଚସ୍ପତି ଏପର୍ଯ୍ୟନ୍ତ ତାହା ଗ୍ରହଣ କରି ନ ଥିବା ସେମାନେ ମିଳିତ ଆବେଦନପତ୍ରରେ ଉଲ୍ଲେଖ କରିଛନ୍ତି।



ଆସାମ ବନ୍ୟାଞ୍ଚଳରୁ ଲୋକମାନଙ୍କୁ ଉଦ୍ଧାର କରାଯାଉଛି।

## ■ ଆସାମ ବନ୍ୟା ସ୍ଥିତି ସଙ୍ଗିନ
# ୭ ମୃତ, ୧୫ ଲକ୍ଷ ପ୍ରଭାବିତ

**ଗୁଆହାଟୀ,୧୩।୭**

ଆସାମରେ ବନ୍ୟାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ୩୩ ଜିଲା ମଧ୍ୟରୁ ୨୫ଟି କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ ସମେତ ସେନାକୁ ନିୟୋଜିତ କରାଯାଇଛି। ବ୍ରହ୍ମପୁତ୍ର ଓ ଅନ୍ୟ ୫ଟି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଚା'ଚାଷ ବହୁଳ ଅଞ୍ଚଳ ଧେମାଜି ଓ ଲକ୍ଷ୍ମୀପୁର ସମେତ ବୋଙ୍ଗାଇଗାଁ ଏବଂ ବାରପେଟା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ୮୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଭୂସ୍ଖଳନ ଯୋଗୁ ଗୋଲାଘାଟରେ ୨ ଏବଂ ହାଫ୍‌ଲଙ୍ଗ୍‌ରେ ଜଣେ ପ୍ରାଣ ହରାଇବା ଫଳରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଛି। ୨୭,୦୦୦ ହେକ୍ଟରରୁ ଅଧିକ ଚାଷଜମି ଜଳପ୍ଲାବିତ ହୋଇଛି। ୨୦,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ରିଲିଫ କେନ୍ଦ୍ରରେ ରଖାଯାଇଛି। ବାରପେଟା ଜିଲାରେ ସର୍ବାଧିକ ୫ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। କାଜିରଙ୍ଗା ଜାତୀୟ ଉଦ୍ୟାନର ଅଧା ଅଞ୍ଚଳ ବନ୍ୟାଜଳରେ ବୁଡ଼ିଯାଇଛି। ଜାତୀୟ ଉଦ୍ୟାନରେ ବନ୍ୟାପାଣି ପଶିବାରୁ ସେଠାରୁ ପ୍ରାଣୀମାନେ ପଳାୟନ କରିଛନ୍ତି। ଉତ୍ତରପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟରେ ବନ୍ୟା ଯୋଗୁ ପଶ୍ଚିମବଙ୍ଗ ଓ ସିକ୍କିମ୍ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦୋଆର ଅଞ୍ଚଳରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ବିଭିନ୍ନ ସ୍ଥାନରେ ପର୍ଯ୍ୟଟକମାନେ ଅଟକି ରହିଛନ୍ତି। ସିଲିଗୁଡି-ସିକ୍କିମ ରାସ୍ତା ବନ୍ଦ ହୋଇଯାଇଛି।



ପାର୍ଲାମେଣ୍ଟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ: ବାଚସ୍ପତି ଓମ୍ ବିର୍ଲା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ଅନ୍ୟମାନେ ସାମିଲ ହୋଇଛନ୍ତି।

## ନେପାଳ ବନ୍ୟାରେ ୨୮ ମୃତ

**କାଠମାଣ୍ଡୁ,୧୩।୭ (ପି.ଟି.)**

ନେପାଳରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୨୮ ଜଣ ପ୍ରାଣ ହରାଇଥିବାବେଳେ ୧୬ ନିଖୋଜ ଥିବା ଜଣାପଡ଼ିଛି। ଭୂସ୍ଖଳନ ଯୋଗୁ ୧୦ଜଣ ଗୁରୁତର ହୋଇଥିବା ପ୍ରକାଶ। ପ୍ରମୁଖ ରାଜପଥଗୁଡ଼ିକରେ ଯାତାୟତ ଓ ମାଲ୍ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଲଳିତପୁର, କାଭ୍ରେ, କୋଟାଙ୍ଗ୍, ଭୋଜପୁର, ମାକନପୁର ଆଦି ଜିଲାରେ ବନ୍ୟା ଦ୍ୱାରା ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଥିବା ଜଣାପଡ଼ିଛି। ପୋଲିସ ଓ ଉଦ୍ଧାରକାରୀ ଦଳ ବନ୍ୟା ପ୍ରପୀଡ଼ିତଙ୍କୁ ସହଯୋଗ କରୁଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ଆସିପାରି ନାହିଁ। ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଜଣେ ଗୃହ ମନ୍ତ୍ରଣାଳୟର ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରାୟ ୬ ହଜାର ଲୋକ ଏବେ ବନ୍ୟା ଘେରରେ ରହିଥିବା ଜଣାପଡ଼ିଛି।

# ଲଦାଖ ମାଡ଼ିନାହିଁ ଚାଇନା ସେନା

**ନୂଆଦିଲ୍ଲୀ,୧୩।୭ (ପି.ଟି.)**



■ଅନୁପ୍ରବେଶ ରିପୋର୍ଟକୁ ସେନାଧ୍ୟକ୍ଷଙ୍କ ଖଣ୍ଡନ

■ପାକିସ୍ତାନ ସେନାକୁ ସତର୍କ କରାଇଲେ

ସେନାଧ୍ୟକ୍ଷ ବିପିନ ରାୱତ ଶନିବାର ଲଦାଖରେ ଚାଇନା ସେନାର ଅନୁପ୍ରବେଶକୁ ଖଣ୍ଡନ କରିବା ସହ ସୀମାରେ ସତର୍କ ଦୃଷ୍ଟି ରଖାଯାଇଥିବା କହିଛନ୍ତି। ଏଥିସହ ପାକିସ୍ତାନ ସେନାକୁ ମଧ୍ୟ ସେ ସତର୍କ କରାଇଛନ୍ତି। ସୀମାରେ ପାକିସ୍ତାନ ପଟୁ କିଛି ଅଘଟଣ ସୃଷ୍ଟି କରାଗଲେ କିମ୍ବା ଅନୁପ୍ରବେଶ ପ୍ରୟାସ କରାଗଲେ ଭାରତ ଏହାର ଦୃଢ ଜବାବ ଦେବ ବୋଲି ସେନାଧ୍ୟକ୍ଷ କହିବା ସହ ପାକିସ୍ତାନ ସେନାକୁ ସତର୍କ କରାଇଛନ୍ତି।

ଜମ୍ମୁ-କଶ୍ମୀରର ଲଦାଖସ୍ଥିତ ଡେମ୍‌ଚୋକ୍ ଅଞ୍ଚଳରେ ଚାଇନା ସେନାର ଅନୁପ୍ରବେଶକୁ ସେନାଧ୍ୟକ୍ଷ ବିପିନ ରାୱତ ଶନିବାର ଖଣ୍ଡନ କରିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ କହିଛନ୍ତି, ଡେମ୍‌ଚୋକ୍ ସେକ୍ଟରରେ ଏଭଳି କୌଣସି ଘଟଣା ଘଟିନାହିଁ। ଜୁଲାଇ ୬ରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମଦିବସରେ କେତେକ ତିବ୍ବତୀୟ ଡେମ୍‌ଚୋକ୍ ଅଞ୍ଚଳରେ ପତାକା ଉଡାଇବା ପରେ ଚାଇନା ସେନା ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍‌ଏସି) ଟପି ଗତ ସପ୍ତାହରେ ଅନୁପ୍ରବେଶ କରିଥିବା ରିପୋର୍ଟ ପ୍ରକାଶ ପାଇବା ପରେ ସେନାଧ୍ୟକ୍ଷ ଏଭଳି ମନ୍ତବ୍ୟ ଦେଇଛନ୍ତି। ଚାଇନା ସେନା ସେତେବେଳେ ସ୍ଥିତି ପରଖିବା ସହ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ପାଟ୍ରୋଲିଂ କରିଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ଦଲାଇଲାମାଙ୍କ ଜନ୍ମଦିବସ ସ୍ଥାନୀୟ ତିବ୍ବତୀୟ ପାଳନ କରିଥିଲେ। କେତେକ ଚାଇନା ନାଗରିକ ସ୍ଥିତି ପରଖିବା ଲାଗି ଆସିଥିଲାବେଳେ ସବୁକିଛି ସାଧାରଣ ଥିଲା ବୋଲି ସେନାଧ୍ୟକ୍ଷ ପ୍ରକାଶ କରିଛନ୍ତି।

ସେନାଧ୍ୟକ୍ଷ ପାକିସ୍ତାନ ସେନାକୁ ସତର୍କ କରାଇବା ସହ ସୀମାରେ କିଛି ଅଘଟଣ କିମ୍ବା ଅନୁପ୍ରବେଶ ଘଟଣା ଘଟିଲେ ଭାରତ ଏହାର ଦୃଢ଼ ଜବାବ ଦେବ ବୋଲି କହିଛନ୍ତି। କାର୍‌ଗିଲ ଯୁଦ୍ଧର ୨୦ ବର୍ଷ ପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଭାରତ ନିଜ ଭୂଖଣ୍ଡର ସୁରକ୍ଷା ଲାଗି ପ୍ରସ୍ତୁତ। ସୀମାପାର୍ ଆତଙ୍କବାଦ ସହ ପାକ୍ ସେନା ସୀମାରେ କିଛି ଅଘଟଣ ଘଟାଇଲେ କିମ୍ବା ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କଲେ ଭାରତ ଏହାର ଦୃଢ ଜବାବ ଦେବାକୁ ସକ୍ଷମ ବୋଲି ସେନାଧ୍ୟକ୍ଷ କହିଛନ୍ତି। ଉରି ଓ ବାଲାକୋଟ ଆକ୍ରମଣ ପରେ ଭାରତ କରିଥିବା ସର୍ଜିକାଲ ଷ୍ଟ୍ରାଇକ୍ ସମ୍ପର୍କରେ ସେ କହିବା ସହ ଆତଙ୍କବାଦୀଙ୍କୁ କଠୋର ହସ୍ତରେ ଦମନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ବିସ୍ଫୋରଣରେ ୨୬ ନିହତ

**ମୋଗାଡିଶୁ(ସୋମାଲିଆ),୧୩।୭ (ପି.ଟି.)**

ଦକ୍ଷିଣ ସୋମାଲିଆର ଏକ ହୋଟେଲରେ ଶନିବାର ଆତ୍ମଘାତୀ ବିସ୍ଫୋରଣ ହେବାରୁ ୨୬ ଜଣ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ବିଦେଶୀ ବୋଲି ଜଣାପଡିଛି। ଏଥିରେ ଆହତ ୫୬ ଜଣଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଲାଗି ଅଲ୍ ସବାବ୍ ଆତଙ୍କବାଦୀ ଗୋଷ୍ଠୀ ନିଜକୁ ଦାୟୀ କରିଛି। ମୃତକଙ୍କ ମଧ୍ୟରେ ୩ କେନିଆ, ୧ କାନାଡ଼ା, ୨ ଆମେରିକା, ୧ ଇଂଲଣ୍ଡ ଓ ୩ ତାଞ୍ଜାନିଆର ନାଗରିକ।

## ■ ଗୋଆ ମନ୍ତ୍ରିମଣ୍ଡଳରୁ ଉପମୁଖ୍ୟମନ୍ତ୍ରୀ ବିଦା
# କଂଗ୍ରେସ ଛାଡ଼ିଥିବା ୩ ବିଧାୟକ ସାମିଲ

**ପଣଜୀ,୧୩।୭(ପି.ଟି.)**

ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଶନିବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। କ୍ୟାବିନେଟରୁ ଉପମୁଖ୍ୟମନ୍ତ୍ରୀ ବିଜୟୀ ସରଦେଶାଇଙ୍କ ସମେତ ୪ ଜଣଙ୍କୁ ବାଦ୍ ଦିଆଯାଇ ସେମାନଙ୍କ ସ୍ଥାନରେ କଂଗ୍ରେସ ଛାଡ଼ିଥିବା ୩ ବିଧାୟକ ଏବଂ ଜଣେ ଭାଜପା ବିଧାୟକଙ୍କୁ ନିଆଯାଇଛି। ରାଜଭବନରେ ରାଜ୍ୟପାଳ ମୃଦୁଳା ସିହ୍ନା ନୂଆ ମନ୍ତ୍ରୀମାନଙ୍କୁ ଶପଥପାଠ କରାଇଥିଲେ। ଗୋଆ ବିଧାନସଭାର ୧୫ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଦଳବଦଳ କରି ଭାଜପାରେ ସାମିଲ ହେବା ପରେ ସେମାନଙ୍କ ମଧ୍ୟରୁ ପୂର୍ବତନ ବିରୋଧୀ ଦଳ ନେତା ଚନ୍ଦ୍ରକାନ୍ତ କଭାଲେକର, ପୂର୍ବତନ ମନ୍ତ୍ରୀ ଫିଲିପ୍ ନେରି ରଡ୍ରିଗ୍ସ ଏବଂ ଜେନିଫର ମନସେରାତେଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। କଭାଲେକରଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ଜଣାପଡିଛି। ତାଙ୍କ ନେତୃତ୍ୱରେ ୧୦ କଂଗ୍ରେସ ବିଧାୟକ ଦଳବଦଳ କରିଥିଲେ।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଲାଗି ଭାଜପା ସହଯୋଗୀ ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି)ର ୩ ମନ୍ତ୍ରୀଙ୍କୁ ଇସ୍ତଫା ଦେବା ଲାଗି କୁହାଯାଇଥିଲା। ମନ୍ତ୍ରିମଣ୍ଡଳରୁ ଉପମୁଖ୍ୟମନ୍ତ୍ରୀ ବିଜୟୀ ସରଦେଶାଇ, ମତ୍ସ୍ୟସମ୍ପଦ ମନ୍ତ୍ରୀ ବିନୋ ପଲିଏନକର, ଗୃହନିର୍ମାଣ ମନ୍ତ୍ରୀ ଜୟେଶ ସଲଗାଓଁକର ଏବଂ ସ୍ୱାଧୀନ ବିଧାୟକ ରୋହନ ଖୌନ୍ତେ ବାଦ୍ ପଡିଛନ୍ତି। ଫଳରେ ସରକାରରୁ ଜିଏଫ୍‌ପି ସମର୍ଥନ ପ୍ରତ୍ୟାହାର କରିନେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ସେପ୍ଟେମ୍ବରରେ ମୋଦିଙ୍କ ଆମେରିକା ଗସ୍ତ

**ୱାଶିଂଟନ୍,୧୩।୭(ପି.ଟି)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତିସଂଘର ସାଧାରଣ ସଭାରେ ଯୋଗଦେବା ଲାଗି ସେପ୍ଟେମ୍ବରରେ ଆମେରିକା ଗସ୍ତରେ ଯିବା ସମ୍ଭାବନା ଅଛି। ମୋଦି ତାଙ୍କ ଗସ୍ତକାଳରେ ହ୍ୟୁଷ୍ଟନ୍‌ରେ ସେପ୍ଟେମ୍ବର ୨୨ରେ ଭାରତୀୟ-ଆମେରିକୀୟଙ୍କୁ ଉଦ୍‌ବୋଧନ ଦେବେ। ଏ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ହୋଇ ନ ଥିଲେ ସୁଦ୍ଧା ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭାରତୀୟ-ଆମେରିକୀୟ ସମାଜ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ହ୍ୟୁଷ୍ଟନ୍‌ରୁ ନ୍ୟୁୟର୍କ ଯାତ୍ରା କରି ସେଠାରେ ସେପ୍ଟେମ୍ବର ୨୩ରେ ଜାତିସଂଘର ଏକ ସ୍ୱତନ୍ତ୍ର ବୈଠକରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଉଦ୍‌ବୋଧନ ଦେବେ ବୋଲି ଜଣାପଡିଛି।

# ଭାଜପାରେ ମିଶିବେ ଆଉ ୧୦୭ ବିଧାୟକ

**କୋଲକାତା,୧୩।୭**




**ମୁକୁଲ ରାୟଙ୍କ ଦାବି**

ପଶ୍ଚିମବଙ୍ଗର ପୁଣି ୧୦୭ ବିଧାୟକ ଖୁବ୍‌ଶୀଘ୍ର ଭାଜପାରେ ଯୋଗଦେବେ ବୋଲି ପ୍ରଦେଶ ଭାଜପା ନେତା ମୁକୁଲ ରାୟ ଦାବି କରିଛନ୍ତି। ସିପିଏମ୍, କଂଗ୍ରେସ ଓ ଟିଏମ୍‌ସିର ଏହି ବିଧାୟକମାନଙ୍କ ତାଲିକା ଆମ ପାଖରେ ଅଛି ଓ ସେମାନେ ଯୋଗାଯୋଗରେ ଅଛନ୍ତି ବୋଲି ସେ କହିଛନ୍ତି। ସାଧାରଣ ନିର୍ବାଚନରେ ଭାଜପା ଏଠାରେ ସଫଳତା ପାଇବା ପରେ ବିଧାନସଭା ଦଖଲ ଲାଗି ପ୍ରୟାସ ଜୋର୍‌ଦାର କରିଥିବା କୁହାଯାଉଛି।

ଗତମାସରେ ନୋଆପାଡ଼ା ଓ ବନ୍‌ଗାଓଁ ବିଧାୟକ ସୁନୀଲ ସିଂ ଓ ବିଶ୍ୱଜିତ୍ ଦାସ ଭାଜପାରେ ଯୋଗଦେଇଥିଲେ। ଗତ ମେ ୨୮ରେ ମୁକୁଲ ରାୟଙ୍କ ପୁଅ ଶୁଭ୍ରାଂଶୁ ରାୟଙ୍କୁ ମଶାଇ ୩ ଟିଏମ୍‌ସି ବିଧାୟକଙ୍କୁ ଭାଜପାରେ ସ୍ୱାଗତ କରାଯାଇଥିଲା। ଏହାପରେ ତୁଷାରକାନ୍ତି ଭଟ୍ଟାଚାର୍ଯ୍ୟ ଓ ଦେବେନ୍ଦ୍ର ନାଥ ରାୟ ଯଥାକ୍ରମେ ଟିଏମ୍‌ସି ଓ ସିପିଏମ୍‌ରୁ ଆସି ଭାଜପାରେ ଯୋଗଦେଇଥିଲେ। ଏହାପରେ ଟିଏମ୍‌ସି ବିଧାୟକ ମନିରୁଲ ଇସ୍‌ଲାମ ମଧ୍ୟ ଭାଜପାରେ ସାମିଲ ହୋଇଥିଲେ। ଏଥିସହ କଞ୍ଚରାପଡ଼ା ମ୍ୟୁନିସିପାଲିଟିର ୫ ଟିଏମ୍‌ସି କାଉନ୍‌ସିଲର ଭାଜପାରେ ଯୋଗଦେଇଥିଲେ। ପଶ୍ଚିମବଙ୍ଗରେ ଭାଜପାର ଶକ୍ତିବୃଦ୍ଧି ଯୋଗୁ ବହୁ ଅନ୍ୟ ଦଳର ବିଧାୟକ ଓ ନେତା ଭାଜପାକୁ ଡ଼େଇଁବା ଲାଗି ପ୍ରସ୍ତୁତି ଆରମ୍ଭ କରିଥିବା କୁହାଯାଉଛି। ତୃଣମୂଳ କଂଗ୍ରେସର ସେକେଣ୍ଡ-ଇନ୍-କମାଣ୍ଡ ଥିବା ମୁକୁଲ ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କ ସହ ନ ପଡ଼ିବାରୁ ୨୦୧୭ରେ ଭାଜପାକୁ ଫେରିଥିଲେ। ମୁକୁଲ ରାୟଙ୍କ ଏଭଳି ଦାବି ପରେ ୪୨ରୁ ୧୮ ଲୋକ ସଭା ଆସନ ଦଖଲ କରିଥିବା ଭାଜପା ୨୦୨୧ରେ ବିଧାନସଭା ଦଖଲ କରିବା ଲାଗି ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି।

**ଇତିହାସର ଆଇନାରେ**

## ଜୁଲାଇ ୧୪ର ପ୍ରମୁଖ ଘଟଣା

୨୦୦୨ ଜୁଲାଇ ୧୪ରେ ଫ୍ରାନ୍ସ ରାଷ୍ଟ୍ରପତି ଜାକ୍ୱିସ୍ ଚିରାକ୍ ବାସ୍ତିଲ ଦିବସ ପାଳନ ଉତ୍ସବରେ ଯୋଗ ଦେଇଥିବାବେଳେ ଆକ୍ରମଣରୁ ଅଳ୍ପକେ ରକ୍ଷା ପାଇଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ରର କାର୍ଯ୍ୟକାରିଣୀ ମୁଖ୍ୟ ଓ ଦେଶର ସର୍ବୋଚ୍ଚ କ୍ଷମତାର ଅଧିକାରୀ।

୨୦୧୫ ଜୁଲାଇ ୧୪ରେ 'ନାସା'ର ନ୍ୟୁ ହୋରାଇଜନ୍ ପ୍ରୋବ୍ ପ୍ଲୁଟୋର ପ୍ରଥମ ଫଟୋ ଉଠାଇ ପୃଥିବୀକୁ ଛାଡିଥିଲା। ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ୍ (ନାସା) ହେଉଛି ଆମେରିକାର ଏକ ସ୍ୱାଧୀନ ସଂସ୍ଥା। ୧୯୫୮ରେ ପ୍ରତିଷ୍ଠା କରାଯାଇଥିବା ଏହି ସଂସ୍ଥା ମହାକାଶ ଅନୁସନ୍ଧାନ ଓ ଗବେଷଣା କାର୍ଯ୍ୟ କରିଆସୁଛି। ଆପୋଲୋ ମୁନ୍ ଲ୍ୟାଣ୍ଡିଂ ମିଶନ୍, ସ୍କାଇଲାବ୍ ସ୍ପେସ୍ ଷ୍ଟେଶନ୍ ଏବଂ ସ୍ପେସ୍ ଶଟଲ୍ ଭଳି ଅଧିକାଂଶ କାର୍ଯ୍ୟ ନାସା ଦ୍ୱାରା କରାଯାଇଛି।

# ପ୍ରଥମ ଦିନରେ ୧୧କୋଟି



**'ସୁପର ୩୦' ରିଲିଜ୍**

**ମୁମ୍ବାଇ:** ହ୍ରିତିକ ରୋଶନ୍‌ଙ୍କ ଅଭିନୀତ 'ସୁପର ୩୦' ରିଲିଜ ଦିବସରେ ୧୧କୋଟି ଅର୍ଜନ କରିଥିବା ଟ୍ରେଡ୍ ରିପୋର୍ଟ୍‌ସ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଫିଲ୍ମ ଗତ ଶୁକ୍ରବାର ଦେଶର ବିଭିନ୍ନ ମେଟ୍ରୋ ତଥା ସହରାଞ୍ଚଳର ପ୍ରେକ୍ଷାଳୟଗୁଡିକ (ବିଶେଷକରି ମୁମ୍ବାଇ ଓ ଦକ୍ଷିଣ ଭାରତର ବିଭିନ୍ନ ପ୍ରେକ୍ଷାଳୟ)ରେ ରିଲିଜ ହୋଇଥିବାବେଳେ ସଂଧ୍ୟା ପର୍ଯ୍ୟନ୍ତ ଭିଡ ପରିଲକ୍ଷିତ ହୋଇଥିଲା। ତେବେ ଆଗାମୀ ଦିନଗୁଡ଼ିକରେ ଏହି ଫିଲ୍ମ ଆଶାତୀତ ଲାଭ ଅର୍ଜନ କରିବା ଆଶା କରାଯାଉଛି। ଶୁକ୍ରବାର ଏହି ଫିଲ୍ମ ୧୧.୮୩କୋଟି ଟଙ୍କା ଅର୍ଜନ କରିଥିବା ଟ୍ରେଡ ଆନାଲିଷ୍ଟ ତରନ୍ ଆଦର୍ଶ ଶନିବାର ଟୁଇଟ୍ କରିଛନ୍ତି। ଚଳିତ ସପ୍ତାହରେ ଏକମାତ୍ର ଏହି ହିନ୍ଦୀ ଫିଲ୍ମ ରିଲିଜ ହୋଇଥିବାରୁ ଏହା ଆରମ୍ଭ ଦିନରୁ ହିଁ ହିଟ୍ ହେବା ଆଶା କରାଯାଉଥିଲା। ୨୦୧୭ ଜାନୁୟାରୀରେ 'କାବିଲ୍' ପରଠାରୁ ସୁପରଷ୍ଟାର ହ୍ରିତିକ୍‌ଙ୍କ ଅଭିନୀତ ଫିଲ୍ମର ଏହା ପ୍ରଥମ ରିଲିଜ୍। ଉକ୍ତ ଫିଲ୍ମ ପାଟ୍‌ନାର ଶିକ୍ଷାବିତ୍ ତଥା 'ସୁପର-୩୦' ପ୍ରୋଗ୍ରାମ୍‌ର ପ୍ରତିଷ୍ଠାତା ଆନନ୍ଦ କୁମାରଙ୍କ ଜୀବନ କାହାଣୀକୁ ଭିତ୍ତିକରି ଗଢ଼ି ଉଠିଛି।



ମହାରାଷ୍ଟ୍ର କଂଗ୍ରେସରେ ସାଙ୍ଗଠନିକ ପରିବର୍ତ୍ତନ କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ବାଲାସାହେବ ଥୋରାଟଙ୍କୁ ମହାରାଷ୍ଟ୍ର କଂଗ୍ରେସ ଶାଖାର ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। କାର୍ଯ୍ୟକାରୀ ସଭାପତିଭାବେ ନୀତୀନ ରାଉତ,ବି.ଏମ୍. ପାଟିଲ, ବିଶ୍ୱଜିତ କଦମ, ଯଶୋମତୀ ଚନ୍ଦ୍ରକାନ୍ତ ଠାକୁର ଓ ମୁଜାଫର ହୁସେନ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ମଦ ବିକ, ପୁରସ୍କାର ନିଅ

ଭୁବନେଶ୍ୱର,୧୩।୭(ବ୍ୟୁରୋ): ରାଜ୍ୟରେ ମଦ ବିକ୍ରିକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଛି। ବିଷାକ୍ତ ମଦ ପିଇ ବହୁ ଜୀବନ ଚାଲି ଯାଉଛି। ଏହାକୁ ବିରୋଧ କରି ମହିଳାମାନେ ରାସ୍ତାକୁ ଓହ୍ଲାଉଛନ୍ତି। ମଦ ବିକ୍ରି ପ୍ରତିବାଦରେ ବିଭିନ୍ନ ସାମାଜିକ ସଂଗଠନ ମଧ୍ୟ ଆନ୍ଦୋଳନ କରୁଛନ୍ତି। ଏପରି ସ୍ଥଳେ ରାଜ୍ୟ ସରକାର ଅବକାରୀ ରାଜସ୍ୱ ବୃଦ୍ଧି କରିବାକୁ ପୁରସ୍କାର ବ୍ୟବସ୍ଥା କରିବାକୁ ବିଧାନସଭା ଅବକାରୀ ଷ୍ଟାଣ୍ଡିଂ କମିଟି-୧୦ ସୁପାରିସ କରିଛି। ଅବକାରୀ ବିଭାଗ କମିଶନର ତଥା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ପୁରସ୍କାର କମିଟିର ପୁନର୍ଗଠନ କରିବାକୁ କମିଟି ସୁପାରିସ କରିଛି । ୧୨ ସୁପାରିସ ମଧ୍ୟରୁ ୪ ନମ୍ବର ସୁପାରିସରେ କମିଟି ଧାର୍ଯ୍ୟ କୋଟାରୁ ଅଧିକ ବ୍ୟବସାୟ କରିଥିବା ବ୍ୟବସାୟୀଙ୍କୁ ପୁରସ୍କୃତ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ରାଜସ୍ୱ ବୃଦ୍ଧିରେ ସହାୟକ ହେଉଥିବା ସରକାରୀ ଅଧିକାରୀ, ବେଆଇନ ମଦ ବିକ୍ରି ସମ୍ପର୍କରେ ସୂଚନା ପ୍ରଦାନକାରୀଙ୍କୁ ପୁରସ୍କୃତ କରିବାକୁ କମିଟି ସୁପାରିସ କରିଛି। କେନ୍ଦ୍ର ସରକାରଙ୍କ ପୁରସ୍କାର ଯୋଜନା ଅନୁଯାୟୀ କମିଟି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଦେବାକୁ କୁହାଯାଇଛି। ଗତ ୧୦ ବର୍ଷରେ ଅବକାରୀ ରାଜସ୍ୱ ଆଦାୟରୁ ୫ ଗୁଣ ଅଧିକ ରାଜସ୍ୱ ପାଇଛନ୍ତି ରାଜ୍ୟ ସରକାର । ଏହାକୁ ପୁଣି ବଢାଇବା ପାଇଁ କମିଟି ପ୍ରସ୍ତାବ ଦେବାକୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ଏଥିସହିତ ପ୍ରତି ତହସିଲରେ ଗୋଟିଏ ଏବଂ ସହରାଞ୍ଚଳରେ ଦୁଇଟି ଆଦର୍ଶ ଅବକାରୀ ଷ୍ଟେଶନ ସ୍ଥାପନ କରିବାକୁ କମିଟି ପରାମର୍ଶ ଦେଇଛି। ଅବକାରୀ ବିଭାଗରେ ଜଣେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ର୍‍ୟାଙ୍କ ଦ୍ୱିତୀୟ ଶ୍ରେଣୀ ପଦବୀ ସୃଷ୍ଟି କରିବା ଏବଂ ଖାଲି ପଦବୀ ପୂରଣ କରିବା ନେଇ ମଧ୍ୟ କମିଟି ସୁପାରିସ କରିଛି। ସମସ୍ତ ମଦ ଦୋକାନ ପଞ୍ଜୀକୃତ ହେବା ସହ ସରକାରୀ ୱେବ୍‌ସାଇଟ୍‌ରେ ସେମାନଙ୍କ ନାମ ଉଲ୍ଲେଖ କରାଯିବା ଦରକାର। ଢାବା ଓ ହୋଟେଲଗୁଡିକରେ ମଦ ବିକ୍ରି ଅଧିକ ହେଉଛି। ସେଥିରୁ ଅଧିକାଂଶ ସ୍ଥାନରେ ବେଆଇନ ଭାବେ ଚାଲୁଛି। କଳାବଜାର ରୋକିବା ପାଇଁ ଲାଇସେନ୍ସ ଦେବା ଏବଂ ଏଥିପାଇଁ ଅଧିକ ସ୍କ୍ୱାଡ ଗଠନ କରିବାକୁ କମିଟି ପରାମର୍ଶ ଦେଇଛି।

### କନ୍‌ଷ୍ଟେବଳଙ୍କୁ ପିଟି ହତ୍ୟା



ଜୟପୁର,୧୩।୭: ରାଜସ୍ଥାନର ରାଜସମନ୍ଦ ଜିଲାରେ ଶନିବାର ଏକ ଜମି ବିବାଦ ମାମଲାର ତଦନ୍ତ କରିବାକୁ ଯାଇଥିବା ପୋଲିସ କନ୍‌ଷ୍ଟେବଳଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିପିଟି ମାରିଦେଇଛନ୍ତି। ଭୀମ୍ ଥାନାର ହେଡ୍ କନ୍‌ଷ୍ଟେବଳ ଅବଦୁଲ ଗନି(୪୮)ଙ୍କ ଘର କୁଆଁରିଆ ଅଞ୍ଚଳରେ। ସେ ବିବାଦୀୟ ଜମିକୁ ଯାଇଥିବାବେଳେ ଜବରଦଖଲକୁ ନେଇ କେତେଜଣ ଲୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଠେଙ୍ଗା ଓ ଲୁହାରଡରେ ଆକ୍ରମଣ କରିବାରୁ ଅବଦୁଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଉଚ୍ଚ ପଦାଧିକାରୀମାନେ ଘଟଣାସ୍ଥଳକୁ ଯାଇ ଆକ୍ରମଣକାରୀଙ୍କୁ ଚିହ୍ନଟ ଓ ଗିରଫ କରିବା ଲାଗି ଉଦ୍ୟମ ଚଳାଇଛନ୍ତି।

ଅଧିକ ମଦ ବିକିଲେ ପୁରସ୍କାର ପାଇଁ ସୁପାରିସ




# ଖାଉଛନ୍ତି ଶିଳ୍ପ, ଗଣୁଛନ୍ତି ସରକାର



- ଦେବାଳିଆ ହେଉଛନ୍ତି ବିଦ୍ୟୁତ୍ ବଣ୍ଟନ କମ୍ପାନୀ
- ଋଣ ଶୁଝିବାକୁ ବଳ ନାହିଁ
- ଶିଳ୍ପ ଉପରେ ୮୧୦୯ କୋଟି ବାକି
- ଜୁଲାଇରେ ନିଅଣ୍ଟ, ମାର୍ଚ୍ଚରେ ହେବ ଅସମ୍ଭାଳ
- ୯୦୦ ମେଗାୱାଟ ବିଜୁଳି ନିଅଣ୍ଟିଆ

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ରାଜ୍ୟରେ ବିଦ୍ୟୁତ୍ ବ୍ୟବସ୍ଥା ସାଂଘାତିକ ଅବସ୍ଥା ଦେଇ ଗତି କରୁଛି। ବିଦ୍ୟୁତ୍ ନିଅଣ୍ଟିଆ ଏବଂ ଋଣ ବୋଝରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉବୁଟୁବୁ ହେଲେଣି । ଅନ୍ୟପକ୍ଷରେ ରାଜ୍ୟରେ ଥିବା ବଡ ବଡ ଶିଳ୍ପସଂସ୍ଥାଗୁଡିକ ବିଦ୍ୟୁତ୍ ଚଲୁ କରି ପରିସ୍ଥିତିକୁ ଆହୁରି ବିଗାଡି ଚାଲିଛନ୍ତି। ବିଭିନ୍ନ କମ୍ପାନୀ ଓ ସଂସ୍ଥା ଉପରେ ବହୁ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ଅନେକ ବର୍ଷ ହେବ ବାକି ପଡିଛି। ସେହି ବକେୟା ବିଲ୍ ଫାଙ୍କିବାକୁ ଶିଳ୍ପସଂସ୍ଥାଗୁଡିକ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ବକେୟା ଆଦାୟ କରିବା ପରିବର୍ତ୍ତେ ସରକାର କୋର୍ଟ କଚେରିରେ ମାମଲା ଲଢି ଲଢି ନୟାନ୍ତ ହେଲେଣି। ଶିଳ୍ପ ସଂସ୍ଥାଗୁଡିକର ବୋଝ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକୁ କାଳ ହେଲାଣି। ଋଣ ଆଦାୟ କରିବା ଦୂରର କଥା ବଣ୍ଟନ କମ୍ପାନୀଗୁଡିକୁ ସମ୍ଭାଳିବାକୁ ସରକାର ଅଣନିଃଶ୍ୱାସୀ ହେଲେଣି ।

ଶକ୍ତି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ୱେସ୍‌କୋ, ନେସ୍‌କୋ, ସାଉଥ୍‌କୋ ଏବଂ ସେସୁ ଉପରେ ଗ୍ରୀଡ୍‌କୋ, ବିଶ୍ୱବ୍ୟାଙ୍କ ଏବଂ ରାଜ୍ୟ ସରକାରଙ୍କ ୬୮୪୬.୦୩ କୋଟି ଟଙ୍କା ଗଡୁଛି । ୱେସ୍‌କୋ ଉପରେ ୧୫୨୬.୮୫ କୋଟି ଟଙ୍କା ଋଣ ବକେୟା ରହିଥିବା ବେଳେ ନେସ୍‌କୋ ୧୨୭୫.୮୪, ସାଉଥ୍‌କୋ ୧୧୭୦.୧୩ ଏବଂ ସେସୁ ଉପରେ ୨୮୭୩ କୋଟି ଟଙ୍କାର ଋଣ ବାକି ରହିଛି। ସେହି ଋଣ ପରିଶୋଧ କରିବାକୁ ବଣ୍ଟନ କମ୍ପାନୀ ପାଖରେ ବଳ ନାହିଁ। ପରିସ୍ଥିତି ଏମିତି ହେଲାଣି ଯେ ସରକାର ଆର୍ଥିକ ସହାୟତା ନ ଦେଲେ କର୍ମଚାରୀମାନଙ୍କୁ ଦରମା ଦେବା କାଠିକର ପାଠ ହେଲାଣି। ଅନ୍ୟପକ୍ଷରେ ରାଜ୍ୟରେ ଥିବା ବିଭିନ୍ନ ବଡ ବଡ ଶିଳ୍ପାନୁଷ୍ଠାନ ଓ ସଂସ୍ଥା ଦୀର୍ଘ ବର୍ଷ ଧରି ବିଦ୍ୟୁତ୍ ବିଲ୍ ଫାଙ୍କି ଚାଲିଛନ୍ତି। ସାଉଥ୍‌କୋ ଅଧୀନରେ ଥିବା ୭୩ଟି ବୃହତ୍ ଶିଳ୍ପ ସଂସ୍ଥା ଉପରେ ୧୧୯୨.୨୩ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବାକି ରହିଥିବା ବେଳେ ସେସୁ ଅଧୀନରେ ଥିବା ୯୬ଟି ଶିଳ୍ପାନୁଷ୍ଠାନ ଉପରେ ୧୭,୯୦,୯୧,୧୩୮ ଟଙ୍କା ବାକି ରହିଛି। ୧୦ଟି ଇଏଚ୍‌ଟି ବିଦ୍ୟୁତ୍ ନେଉଥିବା ଶିଳ୍ପ ଉପରେ ୩୮୫ କୋଟି ୭୪ ଲକ୍ଷ ୪୮ ହଜାର ୮୯୮ କୋଟି ଏବଂ ସାଉଥ୍‌କୋ ଅଧୀନରେ ଥିବା ବିଭିନ୍ନ ଶିଳ୍ପସଂସ୍ଥା ଉପରେ ୪୦୭ କୋଟି ୨୬ ଲକ୍ଷ ୪୫ ହଜାର ୯୩୯ ଟଙ୍କା ବକେୟା ରହିଛି। ଏ ସବୁକୁ ହିସାବ କଲେ ଶିଳ୍ପ ଓ ଅନ୍ୟାନ୍ୟ ସଂସ୍ଥା ଉପରେ ପ୍ରାୟ ୮୧୦୯ କୋଟି ୧୮ ଲକ୍ଷ ୭୧ ହଜାର ୭୦୯ଟଙ୍କା ବକେୟା ରହିଛି। ଏସବୁ ବକେୟା ଆଦାୟ କରିବାକୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ପାଖରେ ବଳ ନାହିଁ। କେବଳ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

୨୦୦୩-୦୪ରୁ ୨୦୦୭-୦୮ ଯାଏ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟରେ ପରିଣତ ହେଉଥିଲା। ଏହା ପରଠାରୁ ରାଜ୍ୟକୁ ଶକ୍ତି ସଙ୍କଟ ଜାବୁଡି ଧରିଲାଣି। ୨୦୦୩-୦୪ରେ ରାଜ୍ୟ ସରକାର ୩୨୯୯ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ବିକ୍ରି କରୁଥିଲେ। ୨୦୦୮-୦୯ରେ ଏହା ୨୭୮ ନିୟୁତ ୟୁନିଟ୍‌କୁ ଖସି ଆସିଲା। ଏବେ ନିଅଣ୍ଟିଆ ପରିସ୍ଥିତିକୁ ଚାଲି ଆସିଲାଣି। ୨୦୧୯ ଜୁଲାଇ ୧୨ ତାରିଖ ସୁଦ୍ଧା ରାଜ୍ୟରେ ୯୦୦ ମେଗାୱାଟ ବିଦ୍ୟୁତ୍ ନିଅଣ୍ଟିଆ ରହିଛି। ବେଳକୁ ବେଳ ବିଦ୍ୟୁତ୍ ଚାହିଦା ବଢୁଥିବା ବେଳେ ଉତ୍ପାଦନ ବୃଦ୍ଧି ନ ହେବା ସରକାରଙ୍କ ଚିନ୍ତା ବଢାଇ ଦେଇଛି। ୨୦୦୦ ବେଳକୁ ରାଜ୍ୟରେ ବିଦ୍ୟୁତ୍ ଗ୍ରାହକଙ୍କ ସଂଖ୍ୟା ୧୪,୪୬,୬୩୪ ଥିବା ବେଳେ ୨୦୧୭-୧୮ରେ ଏହି ସଂଖ୍ୟା ୮୧,୪୬,୬୨୫ରେ ପହଞ୍ଚିଛି। ସେ ସମୟରେ ବିଦ୍ୟୁତ୍ ଚାହିଦା ୨ରୁ ୩ ହଜାର ମେଗାୱାଟ ଥିବା ବେଳେ ବର୍ତ୍ତମାନ ୪୫୦୦ ମେଗାୱାଟର ଆବଶ୍ୟକତା ରହିଛି। ବର୍ଷା ଦିନେ ଯଦି ସ୍ଥିତି ଏମିତି ତେବେ ଖରାଦିନେ ଅବସ୍ଥା ଅସମ୍ଭାଳ ହେବା ନେଇ ଜଳଜଳ ଦେଖାଗଲାଣି। ଘନଘନ ବିଦ୍ୟୁତ୍ କାଟ ଛଡା ସରକାରଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।

# ମଙ୍ଗଳବାର ବିଳମ୍ବିତ ରାତିରେ ଚନ୍ଦ୍ରଗ୍ରହଣ

ଅପରାହ୍ଣ ୪ଟା ୩୨ରୁ ପାକତ୍ୟାଗ, ଦେବନୀତି ନିଷେଧ



ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ଆସନ୍ତା ୧୬ ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ଆଷାଢ଼ ପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମାରେ ଆଂଶିକ ଚନ୍ଦ୍ରଗ୍ରହଣ ସଂଗଠିତ ହେବ। ଏହା ୟୁରୋପ, ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକା, ଦକ୍ଷିଣ ଆମେରିକା ଆଦି ମହାଦେଶର ଅନେକ ଅଞ୍ଚଳ ସହ ଭାରତର ସମସ୍ତ ସ୍ଥାନରେ ଦୃଶ୍ୟମାନ ରହିବ। ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଅନୁଯାୟୀ, ପୁରୀକୁ ଭାରତୀୟ ସମୟ ଅନୁସାରେ ମଙ୍ଗଳବାର ରାତ୍ରି ୧୨ଟା ୧୪ରେ ଚନ୍ଦ୍ରକାନ୍ତି ମାଳିନ୍ୟାରମ୍ଭ ହେବାକୁ ଥିବାବେଳେ ରାତ୍ରି ୧ଟା ୩୨ରେ ଆଂଶିକ ଗ୍ରହଣ ସ୍ପର୍ଶ, ୩ଟା ୧ରେ ଗ୍ରହଣ ମଧ୍ୟ, ୪ଟା ୩୦ରେ ସର୍ବମୋକ୍ଷ ବା ଆଂଶିକ ଗ୍ରହଣ ଶେଷ ଓ ନିଶାନ୍ତ ୫ଟା ୪୮ରେ ଚନ୍ଦ୍ରକାନ୍ତି ମାଳିନ୍ୟ ଶେଷ ହେବ।

ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଅପରାହ୍ଣ ୪ଟା ୩୨ରୁ ପାକତ୍ୟାଗ ଓ ଦେବନୀତି ନିଷେଧ ରହିବ। ବାଳକ, ବୃଦ୍ଧ, ରୋଗୀ ଓ ଆତୁର ବ୍ୟକ୍ତିଙ୍କ ପକ୍ଷେ ନିୟମ ଲଂଘନୀୟ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ। ବିଶେଷତଃ ଚତୁର୍ଥ ପ୍ରହରରେ ସର୍ବମୋକ୍ଷ ହେଉଥିବାରୁ ସୂର୍ଯ୍ୟୋଦୟ ପୂର୍ବରୁ ବା ପରେ ଠାକୁରମାନଙ୍କର ମହାସ୍ନାନ ଓ ଦେବନୀତି ଏବଂ ପରଦିନ ପାକ କାର୍ଯ୍ୟାଦି କରିବା ବିଧିସଙ୍ଗତ ଅଟେ। ଗ୍ରହଣଦିନଠାରୁ ସାତଦିନ ପର୍ଯ୍ୟନ୍ତ ଦୂରଯାତ୍ରା, ୧ ଦିନ ପର୍ଯ୍ୟନ୍ତ ବିବାହ ଓ ୩ ଦିନ ପର୍ଯ୍ୟନ୍ତ ବ୍ରତୋପନୟନ ନିଷେଧ। ରାତ୍ରି ୩ଟା ୧୫ ମଧ୍ୟେ ମେଷ, ବୃଷ, ମିଥୁନ, ଧନୁ, ମକର ଓ ମୀନ ଏବଂ ତତ୍ପରେ ମେଷ, ବୃଷ, ମିଥୁନ, କର୍କଟ, ମକର ଓ କୁମ୍ଭ ରାଶି ବ୍ୟକ୍ତିମାନଙ୍କ ପକ୍ଷେ ଗ୍ରହଣ ଦର୍ଶନ ଅଶୁଭ ଫଳ ପ୍ରଦାନ କରିବ। ଅନ୍ୟମାନଙ୍କ ପାଇଁ ଶୁଭ ରହିବ।

ଅନ୍ୟପକ୍ଷରେ ଚନ୍ଦ୍ରଗ୍ରହଣ ମଧ୍ୟରାତିରେ ଦେଖାଯାଉଥିବାରୁ ଓ ଆକାଶ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ପଠାଣିସାମନ୍ତ ପ୍ଲାନେଟାରିୟମ ଓ ବୁର୍ଲାସ୍ଥିତ ଡ.ଏ.ପି.ଜେ ଅବଦୁଲ କଲାମ ପ୍ଲାନେଟାରିୟମରେ ଦେଖିବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ନିଜ ଘରେ ରହି ଏହି ସୁନ୍ଦର ଦୃଶ୍ୟକୁ ଉପଭୋଗ କରିହେବ ବୋଲି ପଠାଣିସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

## ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପାଇଁ ଶକ୍ତି ବିଭାଗ ଚେଷ୍ଟା କରୁ। ଏଥିପାଇଁ ବହୁମୁଖୀ ୫ ବର୍ଷିଆ ଯୋଜନା ପ୍ରଣୟନ କରାଯାଉ। ଅତି ସଙ୍କଟଜନକ ପରିସ୍ଥିତିରେ ବି ଯେପରି ବିଦ୍ୟୁତ୍ ସେବା ଉପଲବ୍ଧ ହୋଇପାରିବ, ସେ ନେଇ ବିଭାଗ ଚେଷ୍ଟା କରିବା ଉଚିତ ବୋଲି ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ରାଜ୍ୟ ଆଗାମୀ ଦିନରେ ଶିଳ୍ପ ପାଇଁ ପ୍ରକୃଷ୍ଟ କ୍ଷେତ୍ର ହେବାକୁ ଯାଉଛି, ତେଣୁ ଅଧିକ ଶକ୍ତି ଉତ୍ପାଦନର ଆବଶ୍ୟକତା ରହିଛି। ବଳକା ବିଦ୍ୟୁତ୍ ଶକ୍ତିକୁ ଅନ୍ୟ ରାଜ୍ୟକୁ ବିକ୍ରି କରିବା ପାଇଁ ମଧ୍ୟ କମିଟି ପରାମର୍ଶ ଦେଇଛି। ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସରକାରୀ କୋଠାବାଡିରେ ସୌର ବିଦ୍ୟୁତୀକରଣ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକ। ବିଭିନ୍ନ କାରଣରୁ ନଷ୍ଟ ହୋଇଥିବା ୧୦ କେଭିଏ, ୧୬ କେଭିଏ, ୨୫ କେଭିଏ, ୬୩ କେଭିଏ ଏବଂ ୧୦୦ କେଭିଏ ଟ୍ରାନ୍ସଫର୍ମରକୁ ବଦଳାଯାଉ। ସେହିପରି ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ବ୍ୟୟବରାଦ ଥିବା ୭୫ କୋଟି ଅର୍ଥରାଶିକୁ ୨୦୦ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ କମିଟି ପ୍ରସ୍ତାବ ଦେଇଛି। ବିଦ୍ୟୁତ୍ ବିତରଣ କରୁଥିବା ସଂସ୍ଥାଗୁଡିକ ପ୍ରତି ଜିଲାରେ ପର୍ଯ୍ୟାପ୍ତ ପରିମାଣରେ ଟ୍ରାନ୍ସଫର୍ମର ମହଜୁଦ ରଖିବାକୁ କୁହାଯାଇଛି। ପ୍ରାକୃତିକ ବିପର୍ଯ୍ୟୟରୁ ବିଦ୍ୟୁତ୍ ଖୁଣ୍ଟକୁ ବଞ୍ଚାଇବା ପାଇଁ ଉଚ୍ଚକ୍ଷମତାସମ୍ପନ୍ନ ପୋଲ ବ୍ୟବହାର କରିବାକୁ କମିଟି ପରାମର୍ଶ ଦେଇଛି। ବିଧାୟକ ସୁବ୍ରତ ତରାଇ ଏହି ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷତା କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁରେଶ ରାଉତରାୟ, ଚନ୍ଦ୍ରସାରଥି ବେହେରା, ପର୍ଶୁରାମ ଧଡା, ଜଗନ୍ନାଥ ନାୟକ ଏବଂ ପ୍ରଭୁ ଜାନି ପ୍ରମୁଖ ସଦସ୍ୟ ରହିଛନ୍ତି।


ଲୁକମାନ-ଏ-ହୟାତ୍ ତେଲ®
ଆୟୁର୍ବେଦିକ ଔଷଧ
ପୋଡ଼ା, କ୍ଷତ, ଆଘାତ, ମକଚା, ପୀଡ଼ା, ଫୁଲା, ଘା', ଅର୍ଶ ବା ମଳକଣ୍ଟକ, ମାଲିସ୍ ଇତ୍ୟାଦିରେ ଗୁଣକାରୀ।
ସମସ୍ତ ଷ୍ଟୋର୍ ଏବଂ କେମିଷ୍ଟ ଦୋକାନରେ ଉପଲବ୍ଧ
Mfg. By: M.U. Amrelia, MUMBAI. Tel.: 022-23441456
LOOKMAN HAYAT TEL

ଆରେ ବାଃ!
ଏହା ତ ସେହି ଏକା ଛତା ଯାହା ବର୍ଷ ବର୍ଷ ଧରି ବ୍ୟବହାର କରି ଆସୁଛି
ଆଦି କେ.ସି. ପାଲ୍ ଏଣ୍ଡ ସନ୍ସ
ଛତା । ରେନ୍‌କୋଟ୍
ଉନ୍ନତ ମାନ, ସଠିକ୍ ଓ ଦୀର୍ଘସ୍ଥାୟୀ
ଆଦି କେ.ସି. ପାଲ୍ ଏଣ୍ଡ ସନ୍ସ
୮୪ ପଣ୍ଡିତ ପୁରୁଷୋତ୍ତମ ରାୟ ଷ୍ଟ୍ରୀଟ୍ (ପ୍ରଥମ ମହଲା) କୋଲକାତା - ୭୦୦୦୦୭
Ph : 2241 5682, 2268 7104, Mob : 9830508724
E-mail : adikcpaul@gmail.com


■ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ଦାବି

# କେନ୍ଦ୍ରକୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

- ମଧ୍ୟପ୍ରାଚ୍ୟ ଦେଶକୁ ମଧ ସିଧାସଳଖ ବିମାନ ଚଳାଚଳ କରୁ
- ପୁଣେ, ସୁରଟ, କଲମ୍ବୋକୁ ହୋଇପାରିଲାନି ବିମାନ ଚଳାଚଳ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାକୁ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ରାଜ୍ୟରେ ଔଦ୍ୟୋଗିକ ବିଦେଶୀ ପୁଞ୍ଜିନିବେଶ ବୃଦ୍ଧି ପାଇଛି। ସେହିଭଳି ଓଡ଼ିଶାରୁ ମଧ୍ୟ ବିଦେଶକୁ ଯାତ୍ରା ବୃଦ୍ଧି ପାଇଛି। ଫଳରେ ଅନେକ ଅନ୍ତର୍ଜାତୀୟ ଏୟାରଲାଇନ୍ସ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇକୁ ବିମାନ ଚଳାଚଳ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଭୁବନେଶ୍ୱର ଓ ଦୁବାଇ ମଧ୍ୟରେ ଏୟାର ଇଣ୍ଡିଆ କିମ୍ବା ଅନ୍ୟ ଆନ୍ତର୍ଜାତିକ ସଂସ୍ଥା ଦ୍ୱାରା ଦୁବାଇକୁ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ସେହିପରି ଭୁବନେଶ୍ୱରରୁ କେତେକ ମଧ୍ୟପ୍ରାଚ୍ୟ ଦେଶକୁ ବିମାନସେବା ରହିଥିଲେ ମଧ୍ୟ ସବୁ ବିମାନ ଦିଲ୍ଲୀ ଦେଇ ଯାଉଛି। ଏହାଦ୍ୱାରା ଯାତ୍ରୀଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବାବେଳେ ଅଧିକ ସମୟ ମଧ୍ୟ ଲାଗୁଛି। ଯାତ୍ରୀଙ୍କ ଦାବି ତଥା ସୁବିଧାକୁ ଅଗ୍ରାଧିକାର ଦେଇ ଭୁବନେଶ୍ୱରରୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ସିଧାସଳଖ ବିମାନ ଚଳାଚଳ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏହି ଦାବି କେତେଦୂର ପୂରଣ ହେବ ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ପୂର୍ବରୁ ବିଭିନ୍ନ ସ୍ଥାନକୁ ବିମାନ ସେବା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଅନେକଥର ଚିଠି ଲେଖିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ୨୦୧୮ ଫେବୃୟାରୀରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭୁବନେଶ୍ୱରରୁ ପୁଣେକୁ ସିଧାସଳଖ ବିମାନ ସେବା ପ୍ରଦାନ ପାଇଁ ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଅଶୋକ ଗଜପତି ରାଜୁଙ୍କୁ ଚିଠି ଲେଖିଥିଲେ। ଏହି ଦୁଇ ସହରରେ ବହୁ ଆଇଟି କମ୍ପାନୀ ଓ ଶିକ୍ଷାନୁଷ୍ଠାନ ରହିଥିବାରୁ ବିମାନ ସେବା ଆରମ୍ଭ ହେଲେ ବିମାନ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ଚିଠିରେ ଉଲ୍ଲେଖ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏଥିପାଇଁ ଇଚ୍ଛା ପ୍ରକାଶ କରିନାହାନ୍ତି। ଗତ ଅଗଷ୍ଟ ମାସରେ ଭୁବନେଶ୍ୱରରୁ ସୁରଟକୁ ସିଧାସଳଖ ବିମାନ ସେବା ପ୍ରଦାନ ପାଇଁ ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖିଥିଲେ। ଓଡ଼ିଶାର ହଜାର ହଜାର ଲୋକ ନିଜ ପରିବାରବର୍ଗଙ୍କ ସହ ଗୁଜରାଟରେ ରହୁଛନ୍ତି। ସେମାନେ ସବୁବେଳେ ଟ୍ରେନ୍ ଉପରେ ଭରସା କରୁଛନ୍ତି। ତେଣୁ ସେଠାକୁ ସିଧାସଳଖ ବିମାନ ଉଡ଼ାଣର ଆବଶ୍ୟକତା ରହିଥିବା ଚିଠିରେ ଦର୍ଶାଇଥିଲେ। ସେହିପରି ବାରଣସୀରୁ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋକୁ ଭାୟା ଭୁବନେଶ୍ୱର ଦେଇ ବିମାନ ସେବା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ୨୦୧୭ ମେ'ରେ ଚିଠି ଲେଖିଥିଲେ। କିନ୍ତୁ ତାହା ମଧ୍ୟ ଏପର୍ଯ୍ୟନ୍ତ ହୋଇପାରିନାହିଁ। ଏପରିସ୍ଥଳେ ଭୁବନେଶ୍ୱରରୁ ଅହମ୍ମଦାବାଦକୁ ଯାତ୍ରା କରୁଥିବା ଇଣ୍ଡିଗୋର ଏକ ବିମାନକୁ ଇତିମଧ୍ୟରେ ପ୍ରତ୍ୟାହାର କରିନିଆଯାଇଛି।


The Battle of Brains is Back
HERE. NOW
OrissaPOST
Presents
Reviving Quizzing
METTLE MEET 2019
A Quiz Extravaganza
GRAND FINALE :
04 AUGUST 2019
OrissaPOST.Here.Now YouTube /orissapostlive
www.orissapost.com
Sponsors : OMC ODISHA NEW OPPORTUNITIES NALCO A NAVRATNA COMPANY
Co-sponsors : ODISHA INDIA'S BEST KEPT SECRET MCL adventz PARADEEP PHOSPHATES LIMITED
Partners : omfed TEAM X www.odisha.live Odisha LIVE


## ସରକାରୀ ଡାକ୍ତରଖାନାରେ ସ୍ତ୍ରୀଙ୍କ ପ୍ରସବ କରାଇଲେ ଜିଲାପାଳ



ମାଲକାନଗିରି,୧୩।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଡାକ୍ତରଖାନାରେ ବିଭିନ୍ନ ସମୟରେ ରୋଗୀମାନଙ୍କ ଚିକିତ୍ସାରେ ଅବହେଳା ଓ ଟିକ୍‌ଟକ୍ ଭିଡିଓକୁ ନେଇ ମାଲକାନଗିରି ଜିଲା ଚର୍ଚ୍ଚା ହୋଇ ଆସୁଥିବାବେଳେ ଏବେ ଡାକ୍ତରଖାନା ଓ ଡାକ୍ତରଙ୍କ ପ୍ରତି ବିଶ୍ୱାସ ଜନ୍ମାଇବା ପାଇଁ ଜିଲାପାଳ ମନୀଷ ଅଗ୍ରୱାଲ ପ୍ରୟାସ କରିଛନ୍ତି। ସେ ନିଜର ପ୍ରଥମ ଶିଶୁପୁତ୍ରର ଜନ୍ମ ଜିଲା ମୁଖ୍ୟ ଚିକିତ୍ସାଳୟରେ କରାଇଛନ୍ତି। ସରକାରୀ ଡାକ୍ତରଖାନାରେ ନିଜ ସ୍ତ୍ରୀଙ୍କୁ ପ୍ରସବ କରାଇ ଅଗ୍ରୱାଲ ସରକାରୀ ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟ ନେଇ ବାର୍ତ୍ତା ଦେଇଛନ୍ତି। ମାଲକାନଗିରି ଜିଲାପାଳ ଭାବେ ଅଗ୍ରୱାଲ ଗତ ଦେଢ ବର୍ଷ ଧରି ଦାୟିତ୍ୱ ତୁଲାଇ ଆସୁଛନ୍ତି। ଗର୍ଭାବସ୍ଥା ଆରମ୍ଭରୁ ପ୍ରସବ ଯାଏ ସମସ୍ତ ପ୍ରକ୍ରିୟା ସରକାରୀ ବିଧି ବ୍ୟବସ୍ଥା ଭିତରେ ଅଗ୍ରୱାଲ ଦମ୍ପତି ତୁଲାଇ ଆସୁଥିଲେ। ରଥଯାତ୍ରା ଦିନ ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ଦ୍ୱାରା ତାଙ୍କର ଶିଶୁପୁତ୍ର ଜନ୍ମ ହୋଇଥିଲା। ଅସ୍ତ୍ରୋପଚାର ପରେ ଜନ୍ମିତ ଶିଶୁ ଓ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଅବିଭକ୍ତ କୋରାପୁଟ ଜିଲାରେ ଆର୍ଥିକ ସମ୍ବଳ ଭଲ ଥିବା ଲୋକ ଏବଂ ଉଚ୍ଚପଦସ୍ଥ ଅଧିକାରୀମାନେ ସାଧାରଣତଃ ସ୍ୱାସ୍ଥ୍ୟସେବା ଲାଗି ବିଶାଖାପାଟଣା, ବ୍ରହ୍ମପୁର, କଟକ, ହାଇଦ୍ରାବାଦସ୍ଥିତ ଘରୋଇ ଡାକ୍ତରଖାନାକୁ ପସନ୍ଦ କରୁଥିବାବେଳେ ମାଲକାନଗିରି ଜିଲାପାଳ ଅଗ୍ରୱାଲ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଅଗ୍ରୱାଲଙ୍କ ଭାଇ ମଧ୍ୟ ଜଣେ ଶିଶୁରୋଗ ବିଶେଷଜ୍ଞ ରୂପେ ପରିଚିତ। ସେ ମଧ୍ୟ ତାଙ୍କର ପ୍ରଥମ ସନ୍ତାନକୁ ରାୟପୁରର ଏକ ସରକାରୀ ଡାକ୍ତରଖାନାରେ ପ୍ରସବ କରାଇଥିଲେ। ଏହି ଘଟଣା ସୋସିଆଲ ମିଡିଆରେ ପ୍ରକାଶ ପାଇଲା ପରେ ଚର୍ଚ୍ଚାର ବିଷୟ ହୋଇଛି।




କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ମୈଥିଳୀ ଭାଷା ପାଇଁ ୨୦୧୯ ଯୁବ ଓ ବାଳ ପୁରସ୍କାର ଘୋଷଣା କରାଯାଇଛି। ଅମିତ ପାଠକଙ୍କୁ ତାଙ୍କର କବିତା ସଂକଳନ 'ରାଗ-ଉପରାଗ' ପାଇଁ ଯୁବ ପୁରସ୍କାର ଏବଂ ଋଷି ବଶିଷ୍ଠଙ୍କୁ ତାଙ୍କର ଗଳ୍ପ ପୁସ୍ତକ 'ଏ ଫୁଲକ ଗୁଲ୍‌ଦାସ୍ତା' ପାଇଁ ବାଲ୍ ପୁରସ୍କାର ପ୍ରଦାନ କରାଯିବ। ଜୁନ୍‌ରେ ଅନ୍ୟାନ୍ୟ ଭାଷା ନିମନ୍ତେ ବିଜେତାଙ୍କ ନାମ ଘୋଷଣା କରାଯାଇଥିବାବେଳେ ମୈଥିଳି ସାହିତ୍ୟ ପାଇଁ ପରେ ବିଜେତାଙ୍କ ନାମ ଘୋଷଣା କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଥିଲା। ଏକ ସ୍ୱତନ୍ତ୍ର ଉତ୍ସବରେ ବିଜେତାଙ୍କୁ ପୁରସ୍କାର ସ୍ୱରୂପ ୫୦,୦୦୦ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ............................



ପ୍ରିତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମଧ୍ୟାହ୍ନଭୋଜନରେ ବୁଢ଼ିଆଣୀ: ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

**ପରଜଙ୍ଗ/ତାଳଚେର, ୧୩।୭(ଡି.ଏନ.ଏ./ନି.ପ୍ର.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅଭାବନୀୟ ଘଟଣା ଘଟିଛି। ବୁଢ଼ିଆଣୀ ପଡ଼ିଥିବା ମଧ୍ୟାହ୍ନ ଭୋଜନ ଖାଦ୍ୟ ଖାଇ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମଧ୍ୟାହ୍ନ ଭୋଜନ ରୋଷେଇରେ ମାନବୃଦ୍ଧି ଏବଂ ପାକଶାଳାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହାସତ୍ତ୍ୱେ କୋମଳମତି ପିଲାଙ୍କୁ ଦିଆଯାଉଥିବା ଖାଦ୍ୟରେ ବୁଢ଼ିଆଣୀ ପଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଏ ନେଇ ବିଇଓ ହରିହର ଦେହୁରୀ କୁହନ୍ତି, ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଥର ଭାତ ବଢ଼ାଯିବା ସମୟରେ ବୁଢ଼ିଆଣୀ ପଡ଼ିଥିବା ଦେଖି ପିଲାମାନେ ଭୟଭୀତ ହୋଇପଡ଼ିଥିଲେ। ପ୍ରଧାନ ଶିକ୍ଷକ ଏବଂ ସିଆର୍‌ସିସି ତୁରନ୍ତ ପିଲାମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଇଛନ୍ତି। ଏବେ ସମସ୍ତ ସୁସ୍ଥ ଥିବା ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ସମ୍ପର୍କିତ ଆଲୋଚନାରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ, ମାତ୍ର ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ସାଧାରଣ କଥାରେ ସ୍ୱାମୀଙ୍କ ସହ ଯୁକ୍ତିତର୍କ କରି ଅଶାନ୍ତ ରହିବେ।

**ବୃଷ**
କୌଣସି କାମ ଠିକ୍ ସମୟରେ ନ ହେବା କାରଣରୁ ମନଦୁଃଖ ନ କରି ଓ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ**
ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି। ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। କଳା,ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଉଚ୍ଚଶିକ୍ଷା,ସନ୍ତାନଙ୍କ ସମସ୍ୟା, ଯାନ୍ତ୍ରିକ ତ୍ରୁଟି, ଜମିଜମା କାରବାର ପ୍ରଭୃତି ବିଭିନ୍ନ ପ୍ରକାର କାମରେ ମନୋନିବେଶ କରିପାରନ୍ତି।

**କର୍କଟ**
ଦୀର୍ଘଦିନର ପ୍ରତୀକ୍ଷା ପରେ ଅପୂର୍ବ ସଫଳତାରେ ଆନନ୍ଦ ଅନୁଭବ କରିବେ। କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଖଳଲୋକ ମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ଏବଂ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ**
ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ବନ୍ଧୁଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼କରିବାକୁ ପଡ଼ିପାରେ।

**କନ୍ୟା**
ଅଟକି ରହିଯାଇଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଶତ୍ରୁତାର ଅବସାନ ଘଟିବା ସାଙ୍ଗକୁ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିପାରେ।

**ତୁଳା**
ବହୁ ପୂର୍ବରୁ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ହଠାତ୍ ଘରେ ବନ୍ଧୁମିଳନର ଆୟୋଜନ କରିପାରନ୍ତି। ଆତ୍ମୀୟମାନଙ୍କଠାରୁ ସ୍ନେହ ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ। ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳି ଯାଇପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା**
ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିସ୍ଥିତିବିଶତଃ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଆକସ୍ମିକ ଭାବରେ ବହୁ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ**
ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନିଜ ପାରିବାରିକ ଉନ୍ନତି ଦିଗରେ ଚେଷ୍ଟିତ ହେବେ। କର୍ମକ୍ଷେତ୍ର, ସଭାସମିତି, ରାଜନୈତିକ ସ୍ଥିତିରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମକର**
ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା କେତେକାଂଶରେ ମନକୁ ହାଲୁକା କରିଦେବ। କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସମସ୍ୟା ଆସିବ, କିନ୍ତୁ କାମ ଅଟକିବ ନାହିଁ।

**କୁମ୍ଭ**
ସକାଳୁ ସକାଳୁ ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ଯାତ୍ରାକାଳରେ ଯାନବାହନରେ ସତର୍କତା ରକ୍ଷା କରିବା ଭଲ। କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ।

**ମୀନ**
ବନ୍ଧୁଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ।

ଆଜି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ରବିବାର, ଜୁଲାଇ ୧୪ ତାରିଖ, ଆଜି ରଥ ଉପରେ ଶ୍ରୀଜୀଉଙ୍କ ଅଧରପଣା ନୀତି, ରାଶି ନକ୍ଷତ୍ର- ଜ୍ୟେଷ୍ଠା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର। ଦିବା ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ, ଘ୬।୧୫ମି. ମଧ୍ୟେ ଅମୃତବେଳା । ଦିବା ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୪୮ମି. ଗତେ ଘ୬।୨୬ମି. ମଧ୍ୟେ ରାହୁକାଳ।

# ବଜ୍ରପାତରେ ୩ ମୃତ

**ଗୋପାଳପୁର/ହିଞ୍ଜିଳିକାଟୁ, ୧୩।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଅପରାହ୍ନରେ ବଜ୍ରପାତ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗୋପାଳପୁର ଥାନା ଲୁହାଝର ପଞ୍ଚାୟତର ସିନ୍ଧିଗାଁର ଆର. ମୁତିଆଲୁ ରେଡ୍ଡୀ(୬୨), ହିଞ୍ଜିଳିକାଟୁ ବ୍ଲକ ପୁରୁଷୋତ୍ତମପୁର ଥାନା ସାହାପୁର ଗ୍ରାମର ଜିତୁ ମଲିକ (୧୭) ଓ ଦିଗାପଡା ଗ୍ରାମର ଗଣେଶ ନାୟକ (୩୦)।

ପ୍ରକାଶ ଯେ, ମୁତିଆଲୁ ସନ୍ଧ୍ୟା ପ୍ରାୟ ୫ଟାରେ ଘର ପଛପଟକୁ ଶୌଚ ପାଇଁ ଯାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଏନେଇ ପରିବାର ପକ୍ଷରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ପରେ ନଂ.୧୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ।

ସେହିପରି ସାହାପୁର ଗ୍ରାମର ଉଦୟ ମଲିକଙ୍କ ପୁଅ ଜିତୁ ମଇଁଷି ଚରାଇବାକୁ ଗ୍ରାମ ନିକଟକୁ ଯାଇଥିବାବେଳେ ବ୍ରଜପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜିତୁଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦିଗାପଡା ଗ୍ରାମର ଗଣେଶ କୌଣସି କାମରେ ବାହାରକୁ ଯାଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ।

# ଦୁର୍ଘଟଣା ନେଲା ୭ ଜୀବନ

## କାର୍‌କୁ ଧକ୍କା ଦେଲା ଟ୍ରକ: ୩ ମୃତ

**ତାଳଚେର/ ପବିତ୍ରନଗର,୧୩।୭(ନି.ପ୍ର.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ନାଇକାନାଳୀ ସ୍ଥିତ ୧୪୯ ନମ୍ବର ଜାତୀୟ ରାଜପଥରେ ଶନିବାର ଭୋର ସାଢ଼େ ୪ଟାରେ ଏକ ଟ୍ରକ୍ କାର୍‌କୁ ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ରାଉରକେଲାର ଭୂପେଶ ସାହୁ, ଧନଞ୍ଜୟ ନାୟକ ଓ କ୍ରିଷ୍ଣା କୁମାର ସାହୁ। ସେହିପରି ଗୁରୁତର ହୋଇଥିବା ୨ ଜଣ ହେଲେ ସାଗର ବାରିକ ଓ ବିକାଶ କୁମାର ମଙ୍ଗରାଜ। ସମସ୍ତଙ୍କ ବୟସ ୨୨ରୁ ୨୫ ମଧ୍ୟରେ ହେବ। ଖୋର୍ଦ୍ଧାରେ ଏକ ବିବାହ ଉତ୍ସବରେ ଯୋଗଦେଇ ସେମାନେ ରାଉରକେଲା ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

ଭୋର ସମୟରେ କାରଟି ପିଟିରିରୁ ଖମାର ଆଡ଼କୁ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି କାର୍ ଭିତରୁ ମୃତଦେହ ବାହାର କରିବା ସହ ଗୁରୁତର ୨ଜଣଙ୍କୁ ନିକଟସ୍ଥ ଉପଖଣ୍ଡ ଡାକ୍ତରଖାନା ପଠାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସାପରେ ଉଭୟ ଗୁରୁତରଙ୍କୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସମଲ ଥାନାରେ ନଂ. ୯୪/୧୯ରେ ଏକ ମାମଲା ରୁଜୁ କରାଯାଇଛି। ୩ ଜଣଙ୍କ ମୃତଦେହକୁ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ପରେ ପଳାଇଯାଇଥିବା ଟ୍ରକ୍‌କୁ ୧୦ କିମି ଦୂର ଦଦରାଘାଟି ଅଞ୍ଚଳରୁ ଜବତ କରାଯାଇଥିବାବେଳେ ଚାଳକ ଫେରାର ହୋଇଯାଇଥିବା ସମଲ ପୋଲିସ ପ୍ରକାଶ କରିଛି।

## ଗାଡ଼ି ଧକ୍କାରେ ଯୁବ ଇଞ୍ଜିନିୟର ମୃତ

**କେନ୍ଦୁଝର/ପାଟଣା, ୧୩।୭(ଡି.ଏନ୍.ଏ.):** କେନ୍ଦୁଝର ଜିଲା ତୁରମୁଙ୍ଗା ରେଙ୍ଗାଳବେଡା ନିକଟରେ ଏକ ଗାଡି ଧକ୍କାରେ ଯୁବ ଇଞ୍ଜିନିୟର ସଂଗ୍ରାମ କେଶରୀ ସାହୁଙ୍କର ମୃତ୍ୟୁ ହୋଇଛି। ଝୁମ୍ପୁରା ବ୍ଲକ ନୟାଗଡ ନିକଟ ପୁରୁଣାପାଣିସ୍ଥିତ ପଟ୍ଟନାୟକ ଷ୍ଟିଲରେ ସେ କାର୍ଯ୍ୟରତ ଥିଲେ। ଶୁକ୍ରବାର ରାତିରେ ଡ୍ୟୁଟି ସାରି ଏକ ମୋଟରସାଇକେଲରେ ନିଜ ଗାଁ ପାଟଣା ବ୍ଲକ ଅଧୀନ ମୁରୁସୁଆଁକୁ ଯାଉଥିବାବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ରାତି ପ୍ରାୟ ସାଢ଼େ ୧୦ଟାରେ ଘଟିବାପରେ ଦୀର୍ଘ ସମୟ ଧରି ଆହତ ଅବସ୍ଥାରେ ସଂଗ୍ରାମ ରାସ୍ତାରେ ପଡି ରହିଥିଲେ। ଶନିବାର ଭୋର ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଶନିବାର ଏସମ୍ପର୍କରେ ଜାଣିବାପରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। କ୍ଷତିପୂରଣ ଦାବିରେ ସେମାନେ ରାସ୍ତା ଅବରୋଧ କରିବାରୁ ବହୁ ଯାନବାହନ ଅଟକି ରହିଥିଲା। ଏସ୍‌ଡିପିଓ ସୁବୋଧ ମଲ୍ଲିକ ଓ ପାଟଣା ତହସିଲଦାର ପହଞ୍ଚି ଆଲୋଚନା କରିବା ପରେ ଜାତୀୟ ରାଜପଥ ନିର୍ମାଣକାରୀ ମଣ୍ଟେକାର୍ଲୋ ପକ୍ଷରୁ ମୃତକଙ୍କ ପରିବାରକୁ ୧ଲକ୍ଷ ୨୦ହଜାର ଟଙ୍କା ଏବଂ ରେଡକ୍ରସ ପକ୍ଷରୁ ୧୦ହଜାର ଟଙ୍କା ସହ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଦିଆଯିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ସଂଗ୍ରାମ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ ଜଡିପଦା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଜଳଧର ସାହୁଙ୍କ କନିଷ୍ଠ ପୁତ୍ର।

## ଘୋଷଯାତ୍ରା ଦେଖି ଫେରୁଥିବାବେଳେ ୨ ମୃତ

**ମାଲକାନଗିରି, ୧୩।୭(ଡି.ଏନ.ଏ.):** ମାଲକାନଗିରି ଜିଲାର ଚମ୍ପାଖାରୀ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବନମାଳୀ ସିକୁଡୁ ଓ ସଞ୍ଜୟ ସିକୁଡୁ। କାଲିମେଳା ଥାନା ଅନ୍ତର୍ଗତ ଭେଜାଙ୍ଗିୱାଡ଼ା ଗ୍ରାମର ବନମାଳୀ, ସଞ୍ଜୟ ଓ ଶରତ ମାଝି ଗୋଟିଏ ବାଇକ୍‌ରେ ଶୁକ୍ରବାର ମାଥିଲିରୁ ଘୋଷଯାତ୍ରା ଦେଖି ଫେରୁଥିଲେ। ଚମ୍ପାଖାରୀଠାରେ ମାଲକାନଗିରି-ଜୟପୁର ମୁଖ୍ୟରାସ୍ତା କଡ଼ରେ ନିର୍ମାଣାଧୀନ ଗାର୍ଡୱାଲରେ ପିଟି ହୋଇ ୨୦ ଫୁଟ ତଳେ ଏକ ଗାତରେ ପଡ଼ିଥିଲେ । ବନମାଳୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସଞ୍ଜୟ ଓ ଶରତଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।

## ବସ୍ ଧକ୍କାରେ ବାଇକ୍ ଚାଳକଙ୍କ ଜୀବନ ଗଲା

**ପୁରୀଅଫିସ, ୧୩।୭:** ପୁରୀ ସଦର ଥାନା ଅନ୍ତର୍ଗତ ବୀରହରେକୃଷ୍ଣପୁର ଛକଠାରେ ଶନିବାର ଏକ ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କ ଘର ପୁରୀ ଜିଲା ଆଳିକିଆ ବୋଲି ଜଣାପଡ଼ିଛି। ଆହତ ଜଣକ ହେଲେ ବୀରହରେକୃଷ୍ଣପୁର ଛକର ପ୍ରହ୍ଲାଦ ପରିଡ଼ା। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଉଭୟେ ସୁନାବେଶ ଦର୍ଶନ ସାରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଏକ ବାଇକ୍‌ରେ ଦୁଇଜଣ ଯୁବକ ଚନ୍ଦନପୁର ଆଡ଼କୁ ଯାଉଥିଲେ। ପ୍ରହ୍ଲାଦ ପଛସିଟ୍‌ରେ ବସିଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ଆସୁଥିବା ଗୋଟିଏ ବସ୍ ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଦୁହେଁ ଗୁରୁତର ଆହତ ହୋଇ ଛିଟିକି ପଡ଼ିଥିଲେ। ଆହତ ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ବାଇକ୍ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ପ୍ରହ୍ଲାଦ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

# ବସୁଧା ଲାଗି ଅତିରିକ୍ତ ୫୫୪ କୋଟି ବ୍ୟୟବରାଦ ପାଇଁ ସୁପାରିସ

**■ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗୀୟ ଷ୍ଟାଣ୍ଡିଂ କମିଟି**

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ରାଜ୍ୟର ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟ ଜଳ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ବିଭାଗୀୟ(ପଞ୍ଚାୟତିରାଜ ଓ ପାନୀୟ ଜଳ)ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ଏଥିସହିତ ପୂର୍ବ ବରାଦ ଅପେକ୍ଷା ଅଧିକ ୫୫୪ କୋଟି ଟଙ୍କା ଅଧିକ ଅର୍ଥ ବ୍ୟୟବରାଦ କରିବା ପାଇଁ ସୁପାରିସ କରାଯାଇଛି। ସେହିପରି ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବିତ ବ୍ୟୟ ଅଟକଳ ଅପେକ୍ଷା ଅତିରିକ୍ତ ୧୦୦୦ କୋଟିର ବ୍ୟୟବରାଦ କରାଯାଉ। ପୂର୍ବରୁ 'ଆମ ଗାଁ ଆମ ବିକାଶ' ଦ୍ୱାରା କରାଯାଇଥିବା କାର୍ଯ୍ୟର ଅଗ୍ରଗତି ତଦାରଖ କରାଯାଉ। ବାକି ରହିଥିବା କାର୍ଯ୍ୟ ତୁରନ୍ତ ସମାପ୍ତ କରାଯାଉ। ବ୍ଲକୱାରୀ ବିଜୁ ପକ୍କାଘର ପ୍ରାଥମିକ ତାଲିକାରୁ ବାଦ୍ ପଡିଥିବା ଅତି ଗରିବ ଶ୍ରେଣୀ ଲୋକଙ୍କୁ ତୁରନ୍ତ ଘର ଦିଆଯାଉ। ପଞ୍ଚାୟତ ଓ ବ୍ଲକସ୍ତରୀୟ କାର୍ଯ୍ୟର ତଦାରଖ ପାଇଁ ପି.ଇ.ଓ ଏବଂ ଜି.ପି.ଓ ପଦବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ଆବାସିକ ଏବଂ ଅଣ ଆବାସିକ କୋଠା ପାଇଁ ଯଥାକ୍ରମେ ୫ କୋଟି ଏବଂ ୧୦ କୋଟି ଟଙ୍କାର ନିୟମ ରହିଛି। ଏଥିରେ ପରିବର୍ତ୍ତନ କରି ଏହି ରାଶିକୁ ଯଥାକ୍ରମେ ୧୫ ଏବଂ ୩୦ କୋଟି କରିବା ପାଇଁ ସୁପାରିସ କରାଯାଇଛି। ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି।

# ବିଭିନ୍ନ ନିର୍ମାଣରେ ଅତିରିକ୍ତ ବ୍ୟୟ ମଞ୍ଜୁରୀ ନେଇ ସୁପାରିସ

**■ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଷ୍ଟାଣ୍ଡିଂ କମିଟି**

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ରାଜ୍ୟରେ ଥିବା ୬୬ଟି ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ପାଇଁ ୫୫ କୋଟି ଟଙ୍କାର ବଜେଟ ବ୍ୟୟବରାଦ ରହିଛି। ହେଲେ ଏହି ସମସ୍ତ କାର୍ଯ୍ୟ ପାଇଁ ଅତିରିକ୍ତ ୪୦ କୋଟି ଟଙ୍କାର ଆବଶ୍ୟକତା ଥିବା ବିଭାଗୀୟ ଷ୍ଟାଣ୍ଡିଂ କମିଟି ନଂ-୯(ଗ୍ରାମ୍ୟ ଉନ୍ନୟନ)ଅନୁଭବ କରିଛି। ସେହିପରି ପ୍ରାୟ ୪୨,୪୫୭ କି.ମି. ବିଶିଷ୍ଟ ୮୭୮୫ଟି ଗ୍ରାମାଞ୍ଚଳ ରାସ୍ତା ରହିଛି। ତନ୍ମଧ୍ୟରୁ ଚଳିତ ବର୍ଷ ୪୮୦ କି.ମି.ର ୭୭ଟି ରାସ୍ତା ରହିଛି। ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ୯୮ କୋଟି ଟଙ୍କାର ବ୍ୟୟବରାଦ ରହିଛି। ତେଣୁ କମିଟି ରାସ୍ତାକୁ ଅତିରିକ୍ତ ୨୫୦ କି.ମି. ବୃଦ୍ଧି କରିବା ସହ ଅତିରିକ୍ତ ୫୦ କୋଟି ଟଙ୍କା ବ୍ୟୟ କରିବାରୁ ପ୍ରସ୍ତାବ ରଖିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଧିକ ଗ୍ରାମାଞ୍ଚଳକୁ ଯୋଡ଼ିବା ଲାଗି କମିଟି ସୁପାରିସ କରିଛି।

ସେହିପରି ଧାର୍ଯ୍ୟ ହୋଇଥିବା ୧୮୧ଟି ବିଜୁ ସେତୁ ମଧ୍ୟରୁ ଚଳିତ ବର୍ଷ ସର୍ବନିମ୍ନ ୫୦ଟି ସମାପ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୧୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ ବ୍ୟୟବରାଦ ରଖିବା ପାଇଁ କମିଟି ସୁପାରିସ କରିଛି। ଗତ ଆର୍ଥିକ ବର୍ଷରେ ୧୦,୬୦୪ କି.ମି. ସମୟକାଳୀନ ରକ୍ଷଣାବେକ୍ଷଣ ପାଇଁ ସ୍ଥିର କରାଯାଇଛି। ଏହାକୁ ବାଦ୍ ଦେଇ ରହିଥିବା ୧୫,୦୯୮ କି.ମି. ରାସ୍ତାର ମଧ୍ୟ ଉପଯୁକ୍ତ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ତେଣୁ ତନ୍ମଧ୍ୟରୁ ଅତିରିକ୍ତ ୨୫୦୦ କି.ମି. ରାସ୍ତାର କାର୍ଯ୍ୟ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଅତିରିକ୍ତ ୩୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ ଲାଗି କମିଟି ସୁପାରିସ କରିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅତିରିକ୍ତ ୪୫ କୋଟି ଟଙ୍କା ବ୍ୟୟବରାଦ ପାଇଁ ଷ୍ଟାଣ୍ଡିଂ କମିଟି ପକ୍ଷରୁ କୁହାଯାଇଛି। ସେହିପରି 'ଫନୀ' ଦ୍ୱାରା କ୍ଷତିଗ୍ରସ୍ତ ସ୍କୁଲ ଗୃହ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ତେଣୁ ଚଳିତ ଆର୍ଥିକ ବର୍ଷ ପାଇଁ ହାଇସ୍କୁଲ କୋଠା ନିମନ୍ତେ ଅତିରିକ୍ତ ୫୦ କୋଟି ଅନୁଦାନ ପାଇଁ କମିଟି ସୁପାରିସ କରିଛି। ଏହି କମିଟିରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଅଧ୍ୟକ୍ଷ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟିରେ ସନ୍ତୋଷ ସିଂ ସାଲୁଜା, ସାଲୁଗା ପ୍ରଧାନ, ରାଜେନ୍ଦ୍ର ଢୋଲକିଆ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭାଗୀରଥି ସେଠୀ, ପ୍ରୀତିରଞ୍ଜନ ଘଡ଼ାଇ, ସୁକାନ୍ତ ନାୟକ ଏବଂ ଅଶୋକ ବଳ ପ୍ରମୁଖ ସଭ୍ୟ ରହିଛନ୍ତି।

# ୭ଘଣ୍ଟିଆ କାର୍ଯ୍ୟ ନିର୍ଦ୍ଦେଶର ପ୍ରତ୍ୟାହାର ଦାବି

**ଜିଦ୍‌ରେ ଅଟଳ ଅଧ୍ୟାପକ**

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

ଅଧ୍ୟାପକମାନେ କଲେଜରେ ୭ଘଣ୍ଟା କାର୍ଯ୍ୟ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିବା ପରେ ଅଧ୍ୟାପକମାନେ ଏହାକୁ ବିରୋଧ କରି ଆସୁଛନ୍ତି। ବିଭିନ୍ନ ଅଧ୍ୟାପକ ସଂଘ ପକ୍ଷରୁ ଏହାକୁ ପ୍ରତ୍ୟାହାର କରିବା ଲାଗି ଦାବି ମଧ୍ୟ ହେଉଛି। ସରକାର ପ୍ରଥମେ ଭିତ୍ତିଭୂମି ସଜାଡ଼ିବା ସହିତ ସମାନ କାମକୁ ସମାନ ଦରମା ପ୍ରଦାନ କଲେ ଏହି ନିୟମକୁ ପାଳନ କରାଯିବ ବୋଲି ଦାବି କରି ଅଧ୍ୟାପକମାନେ ଜିଦ୍‌ରେ ଅଟଳ ରହିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ଅଧ୍ୟାପକଙ୍କ ପ୍ରତି ଅବିଚାର ବୋଲି ସେମାନେ କହିଛନ୍ତି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ ବୋଲି ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ ଦାବି କରିଛି। ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଏହି ନିର୍ଦ୍ଦେଶନାମା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ସଂଘ କହିଛି ଯେ, ବୃତ୍ତିଗତ ସୁବିଧା ଓ ଆବଶ୍ୟକ ଭିତ୍ତିଭୂମି ନ ଥାଇ ଅଧ୍ୟାପକମାନେ ତାଙ୍କର କର୍ତ୍ତବ୍ୟ କରିଥାନ୍ତି। ଶ୍ରେଣୀ ଗୃହ ପ୍ରସ୍ତୁତି ପାଇଁ ଆବଶ୍ୟକ ୨/୩ ଘଣ୍ଟାର ପ୍ରସ୍ତୁତିକୁ ମଧ୍ୟ ହିସାବ ପରିସରକୁ ନିଆଯିବା ଦରକାର। କଲେଜରେ ୫ଘଣ୍ଟା କ୍ଲାସ୍ ଏବଂ ପାଠପଢ଼ା ପ୍ରସ୍ତୁତି ପାଇଁ ଦେଉଥିବା ସମୟକୁ ହିସାବକୁ ନେଲେ ଜଣେ ଅଧ୍ୟାପକ ବର୍ତ୍ତମାନ ୭ରୁ ୮ଘଣ୍ଟା ଦେଉଛନ୍ତି। ରାଜ୍ୟ ସରକାର କେଉଁ ଆଧାରକୁ ଭିତ୍ତିକରି ଅଧ୍ୟାପକମାନେ କଲେଜଗୁଡ଼ିକରେ ୭ଘଣ୍ଟା କାର୍ଯ୍ୟ କରିବା ପାଇଁ ବାଧ୍ୟ ବୋଲି ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନିଆଯିବାକୁ ସଂଘର ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର, ସଭାପତି ଶରତ ପାଣିଗ୍ରାହୀ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# ତୃଣମୂଳସ୍ତରୀୟ କ୍ରୀଡ଼ାକୁ ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱ

**କ୍ରୀଡ଼ା ଓ ଯୁବସେବା ବିଭାଗ**

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ସାରା ରାଜ୍ୟରେ କ୍ରୀଡା ଓ ଯୁବସେବା ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଗ୍ରାମପଞ୍ଚାୟତ, ବ୍ଲକ, ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଉ। ଖଣି ସମୃଦ୍ଧ ଅଞ୍ଚଳ ଉନ୍ନତି ପାଇଁ ଉଦ୍ଦିଷ୍ଟ 'ଖଣିଜ ଉନ୍ନୟନ ପାଣ୍ଠି'ରୁ ସ୍ଥାନୀୟ ଅଞ୍ଚଳ କ୍ରୀଡାର ବିକାଶ ପାଇଁ ବ୍ୟବହାର ହେଉ। ସ୍କୁଲସ୍ତରରେ ନିଯୁକ୍ତ ହୋଇଥିବା କ୍ରୀଡା ଶିକ୍ଷକଙ୍କୁ ନିୟମିତ ବ୍ୟବଧାନରେ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଉ ବୋଲି ବିଭାଗୀୟ ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିସ କରାଯାଇଛି। ବ୍ଲକ ଏବଂ ଜିଲାସ୍ତରରେ ଯୁବ ମେଳା କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ନିଆଯିବା ଦରକାର। ଏମ୍‌ସିଏଲ୍, ଆରଏସ୍‌ପି, ନାଲ୍‌କୋ ଭଳି ସଂସ୍ଥା ରାଜ୍ୟ ତଥା ଜାତୀୟସ୍ତରୀୟ ଆଥଲେଟ୍‌ଙ୍କୁ ପ୍ରୋତ୍ସାହିତ କରୁ। ସେହିପରି ରାଜ୍ୟ, ଜାତୀୟ ତଥା ଏସୀୟ କ୍ରୀଡାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ନେଇ କମିଟି ପରାମର୍ଶ ଦେଇଛି। କେବିକେ ଜିଲାଗୁଡିକ ପାଇଁ ସ୍ୱତନ୍ତ୍ରଭାବେ ଅଧିକ କ୍ରୀଡା ବ୍ୟୟବରାଦ କରିବାକୁ କୁହାଯାଇଛି। ଏହା ବ୍ୟତୀତ କଳାହାଣ୍ଡି ଜିଲାରେ ଏକ କ୍ରୀଡା ହଷ୍ଟେଲ ଖୋଲିବା ପାଇଁ ପଦକ୍ଷେପ ନେବାକୁ କମିଟି ସୁପାରିସ କରିଛି। ବରିଷ୍ଠ ବିଜେଡି ବିଧାୟକ ଭୂପିନ୍ଦର ସିଂ ଏହି କମିଟିରେ ଅଧ୍ୟକ୍ଷତା କରୁଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ନିତ୍ୟାନନ୍ଦ ସାହୁ, ସୀମାରାଣୀ ନାୟକ, ପ୍ରକାଶ ମାଝି, ଶଙ୍କର ଓରାମ ଏବଂ ଆଦିତ୍ୟ ମାଢୀ ପ୍ରମୁଖ ସଦସ୍ୟ ରହିଛନ୍ତି।

# ଯୁବକଙ୍କୁ ଗଛରେ ବାନ୍ଧି ପିଟିଲେ

**ଭିଡିଓ ଭାଇରାଲ ହେବା ପରେ ଥାନାରେ ଅଭିଯୋଗ**

**ଭଞ୍ଜକିଆ (ଡି.ଏନ୍.ଏ.)/ ବାରିପଦା ଅଫିସ, ୧୩।୭**

ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଶୁକ୍ରବାର ଗଛରେ ବାନ୍ଧି ନିସ୍ତୁକ ପିଟିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସମ୍ପୃକ୍ତ ଯୁବକଏ ନେଇ ଶନିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ତାଙ୍କୁ ଗଛରେ ବାନ୍ଧି ମାଡ ମାରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପୋଲିସ କହିବାରୁ ସେ ଯୁବକଙ୍କୁ ଗଛରେ ବାନ୍ଧିଥିବା ନେଇ ସମ୍ପୃକ୍ତ ଅବସରପ୍ରାପ୍ତ ସେନା କର୍ମଚାରୀ କହୁଥିବାରୁ ଏହା ପୋଲିସକୁ ଅଡୁଆରେ ପକାଇଛି। ରରୁଆଁ ଥାନା ଅଧିକାରୀ ଦିବ୍ୟକାନ୍ତି ଲାକ୍ରା ପୋଲିସ ଏଭଳି କାହାକୁ କିଛି କହି ନାହିଁ ଏବଂ ଯୁବକଙ୍କ ଅଭିଯୋଗ ନେଇ ତଦନ୍ତ ଚାଲିଛି ବୋଲି ଗଣମାଧ୍ୟମକୁ କହିଛନ୍ତି। ଖବର ଲେଖା ହେବା ଯାଏ କୌଣସି ମାମଲା ରୁଜୁ ହୋଇନ ଥିବା ଜଣାପଡିଛି। ଅଭିଯୋଗକାରୀ ଯୁବକ କହିଛନ୍ତି ଯେ, ଶୁକ୍ରବାର ସେ ନିକଟସ୍ଥ ଏକ ଗ୍ରାମକୁ ଯାଇ ଫେରୁଥିବା ସମୟରେ ରାସ୍ତାରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସହ ତାଙ୍କର କଥା କଟାକଟି ହୋଇଥିଲା । ସେହି ଅବସରପ୍ରାପ୍ତ କର୍ମଚାରୀ ତାଙ୍କୁ ଗଛରେ ବାନ୍ଧି ମାଡ ମାରିଥିଲେ। ଗ୍ରାମର କେତେଜଣ ଲୋକ ପହଞ୍ଚିଯିବାରୁ ତାଙ୍କୁ ଛାଡି ଦିଆଯାଇଥିଲା। ଏହାର ଭିଡିଓ ଭାଇରଲ ହେବା ପରେ ସେ ନ୍ୟାୟ ପାଇବାକୁ ଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି।



# ମୌସୁମୀ ଗାଏବ: ୧୧ ଜିଲାରେ ସ୍ଥିତି ସଙ୍ଗିନ

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗାଏବ ହୋଇଯାଇଛି। ରାଜ୍ୟରେ ସ୍ଥିତି ବେଳକୁ ବେଳ ବିଗିଡିବାରେ ଲାଗିଛି। ଜୁନ୍ ପହିଲାରୁ ଜୁଲାଇ ୧୩ ମଧ୍ୟରେ ରାଜ୍ୟରେ ୧୯% ବର୍ଷା କମ୍ ହୋଇଛି। ଏହି ସମୟରେ ସ୍ୱାଭାବିକ ଭାବେ ୩୪୭.୧ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ମାତ୍ର ୨୮୦ ମିଲିମିଟର। ସାମଗ୍ରିକ ଭାବେ ଦେଖିଲେ ରାଜ୍ୟରେ ପାଖାପାଖି ସ୍ୱାଭାବିକ ବର୍ଷା ହୋଇଛି। ମାତ୍ର ଜିଲା କିମ୍ୱା ବ୍ଲକ ଉପରେ ନଜର ପକାଇଲେ ପରିସ୍ଥିତି ସଙ୍ଗିନ ହେଲାଣି। ରାଜ୍ୟର ୧୧ଟି ଜିଲାରେ ବର୍ଷା ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହେଲାଣି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳ ଜିଲାରେ ୨୪%କମ ବର୍ଷା ହୋଇଥିବା ବେଳେ ବଲାଙ୍ଗୀର ୩୭, ବାଲେଶ୍ୱର ୪୬, ଗଜପତି ୬୦, ଗଞ୍ଜାମ ୩୫, କନ୍ଧମାଳ ୩୫, କେନ୍ଦୁଝର ୩୩, ମୟୂରଭଞ୍ଜ ୩୨, ନୟାଗଡ ୨୬, ରାୟଗଡ଼ା ୩୯ ଏବଂ ସୁନ୍ଦରଗଡ଼ ଜିଲାରେ ୨୫%କମ୍ ବର୍ଷା ହୋଇଛି।

ଜମ୍ମୁ-କଶ୍ମୀରର ରମ୍ବାନ ଜିଲା ଅନ୍ତର୍ଗତ ଆଲିନ୍‌ବାସ-ଉଖରାଲ୍ ଲିଙ୍କରୋଡ୍‌ରେ ଏକ ଟାଟା ସୁମୋ ଗଭୀର ଖାତରେ ଓଲଟି ପଡ଼ିବାରୁ ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୬ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଗୁରୁତରଙ୍କୁ ଚିକିତ୍ସା ଲାଗି ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗାଡ଼ିରେ ମୋଟ ୮ ଯାତ୍ରୀ ଥିଲେ। ଦୁର୍ଘଟଣା ଘଟଣାସ୍ଥଳରେ ୪ ପ୍ରାଣ ହରାଇଥିବାବେଳେ ଅନ୍ୟ ୨ ଡ଼ାକ୍ତରଖାନା ଯିବାବାଟରେ ମୃତ୍ୟୁବରଣ କରିଥିବା ରମ୍ବାନ ଏସ୍ଏସ୍‌ପି ଅନୀତା ଶର୍ମା ପ୍ରକାଶ କରିଛନ୍ତି।





## ସଂକ୍ଷେପରେ

### ଏଡ୍‌ସ ଆକ୍ରାନ୍ତ ୭ବର୍ଷ ଶିଶୁଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୩।୭:ଗଞ୍ଜାମ ଜିଲାର ଜଣେ ୭ ବର୍ଷ ଶିଶୁଙ୍କର ଏଡ୍‌ସରେ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଗାଁରେ ରଥଯାତ୍ରା ଦେଖୁଥିବାବେଳେ ହଠାତ ତାଙ୍କର ମୁଣ୍ଡ ବୁଲାଇବାରୁ ସେ ତଳେ ପଡିଯାଇଥିଲେ। ପରେ ଜେଜେବାପା ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ମେଡିକାଲ ଫାଣ୍ଡି ପୋଲିସ ଶିଶୁଙ୍କ ମୃତଦେହ ଜବତ କରି ନଂ.୩୭୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଙ୍କ ବାପାଙ୍କର ପୂର୍ବରୁ ଏଡ୍‌ସରେ ମୃତ୍ୟୁ ଘଟିଥିଲା ବୋଲି ପୋଲିସ ସୂଚନା ଦେଇଛି। ପୁଅକୁ ପୂର୍ବରୁ ହରାଇଥିବା ବେଳେ ଏବେ ଏକମାତ୍ର ନାତିକୁ ହରାଇ ଜେଜେବାପା ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି।



ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ସମାଗମ ।

# ବିଜୟ ଶର୍ମା ହୋଇପାରନ୍ତି ପୋଲିସ ଡିଜି



ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ବର୍ତ୍ତମାନର ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଲୋକାୟୁକ୍ତ ସଦସ୍ୟ ଭାବେ ରାଜ୍ୟ ସରକାର ମନୋନୀତ କରିଥିବା ନେଇ ଚର୍ଚ୍ଚା ହେଉଛି। ଡା. ଶର୍ମା ଲୋକାୟୁକ୍ତ ସଦସ୍ୟ ନିଯୁକ୍ତ ହେଲେ ନୂଆ ଡିଜିପି କାହାକୁ ନିଯୁକ୍ତ କରାଯିବ ସେ ନେଇ କଳ୍ପନାଜଳ୍ପନା ଆରମ୍ଭ ହେଲାଣି। ଏଥିରେ ୧୯୮୬ ବ୍ୟାଚ୍‌ର ଆଇପିଏସ୍ ଅଫିସରଙ୍କ ନାମ ଆଗକୁ ଆସୁଛି। ଏମାନଙ୍କ ମଧ୍ୟରୁ ଆଗଧାଡ଼ିରେ ଅଛନ୍ତି ଅଗ୍ନିଶମ ସେବା ଓ ହୋମଗାର୍ଡ ଡିଜି ଥିବା ବିଜୟ କୁମାର ଶର୍ମା। କେନ୍ଦ୍ରୀୟ ଡେପୁଟେଶନରେ ଥିବା ଆଇପିଏସ୍ ଅଫିସର ଅଭୟ, ପ୍ରଦୀପ କପୁର, ଏମ୍. ନାଗେଶ୍ୱର ରାଓଙ୍କ ନାମ ମଧ୍ୟ ଏହି ପଦବୀ ଲାଗି ତାଲିକାରେ ଥିବା କୁହାଯାଉଛି। ଅନୁରୂପ ଭାବେ ସ୍ୱତନ୍ତ୍ର ଡିଜିପି ସୁନୀଲ ରୟ, ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଏବଂ ଏମ୍.କେ. ଛାବ୍ରାଙ୍କ ନାମ ମଧ୍ୟ ଆଲୋଚନା ପରିସରକୁ ଆସୁଛି।

ପୂର୍ବରୁ ରାଜ୍ୟ ସରକାର ଜଣଙ୍କୁ ପୋଲିସ ଡିଜି ଭାବେ ମନୋନୀତ କରୁଥିଲେ। ଏବେ ଡିଜି ବଦଳିବା ନିୟମରେ ପରିବର୍ତ୍ତନ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଡିଜି ପାହ୍ୟାରେ ଥିବା ଅଧିକାରୀଙ୍କ ନାମ ଚୟନ କରି ରାଜ୍ୟ ସରକାର କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ନିକଟକୁ ନାମ ତାଲିକା ପଠାଇବେ। ଭିଜିଲାନ୍ସ ମାମଲା ରହିଛି କି ନାହିଁ ଏବଂ କାର୍ଯ୍ୟକାଳ ଅନ୍ତତଃ ଦୁଇବର୍ଷ ରହିଥିବା ଆଦି ଦିଗକୁ ଦେଖି ୟୁପିଏସ୍‌ସି ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ଭାବ୍ୟ ତାଲିକାରୁ ୩ଜଣଙ୍କ ନାମ ଚୟନ କରିବେ। ସେଥିରୁ ରାଜ୍ୟ ସରକାର ଜଣଙ୍କୁ ଡିଜିପି ଭାବେ ମନୋନୀତ କରିବେ। ଏହିଆଧାରରେ ପ୍ରଥମଥର ରାଜ୍ୟରେ ଡିଜିପି ଚୟନ କରାଯିବ। ସୂଚନାଥାଉ କି, ଗତ ସାଧାରଣ ନିର୍ବାଚନ ସମୟରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଛୁଟିରେ ଥିବାବେଳେ ବିଜୟ କୁମାର ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଥିଲା। କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିଥିବାରୁ ସେ ସରକାରଙ୍କ ଶୁଭଦୃଷ୍ଟିରେ ଥିବା କୁହାଯାଉଛି।

# ଅଧରପଣା: ୧୨ରୁ ଏବେ ୯ ହାଣ୍ଡି

ପୁରୀ ଅଫିସ, ୧୩।୭

ନବଦିନାତ୍ମକ ଯାତ୍ରା ଶେଷ କରି ଜନ୍ମବେଦିରୁ ବାହୁଡ଼ାଯାତ୍ରାରେ ଫେରିବା ପରେ ତା’ ପରଦିନ ରଥ ଉପରେ ମହାପ୍ରଭୁଙ୍କର ଅତ୍ୟନ୍ତ ମନୋରମ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଏହା ପରଦିନ ସିଂହଦ୍ୱାରଠାରେ ତିନିରଥ ଉପରେ ଅନୁଷ୍ଠିତ ହେଉଛି ପବିତ୍ର ଅଧରପଣା ଭୋଗ। ରଥାରୂଢ ଠାକୁରମାନଙ୍କର ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ହେଉଥିବା ପଣାଭୋଗକୁ ଅଧରପଣା କୁହାଯାଏ।

ଏହି ଅଧରପଣା ଭୋଗ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନିହାଣ୍ଡି, ଏକାଦଶୀ ତିଥିରେ ତିନିହାଣ୍ଡି, ଦ୍ୱାଦଶୀ ଦିନ ତିନିହାଣ୍ଡି ଏହିପରି ୯ ହାଣ୍ଡି ଏବଂ ଶ୍ରୀବଳଭଦ୍ରଙ୍କ ରଥରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ) ଏବଂ ଶ୍ରୀଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ପାଇଁ ୧ ହାଣ୍ଡି (ସାନ) କ୍ରମରେ ସମୁଦାୟ ୧୨ହାଣ୍ଡି ଅଧରପଣା ଭୋଗ ହେଉଥିଲା। କିନ୍ତୁ ସମ୍ପ୍ରତି ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଉଛନ୍ତି।

ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ । ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ଛେନା, ସର, କଦଳୀ, ଛାଚି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଣା ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖନ୍ତି । ପ୍ରତି ଠାକୁରଙ୍କ ସମ୍ମୁଖରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ଡ୍ରମାକାର ମୃତ୍ତିକା ନିର୍ମିତ ତିନିଗୋଟି ହାଣ୍ଡି ରଖାଯାଏ। କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନ ଥାଏ। ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣି ମଠ ସମ୍ମୁଖସ୍ଥ କୂପରୁ ଗରା ମାନଙ୍କରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥାନ୍ତି। ଜଣାଯାଏ, ପୂର୍ବେ ଅଧରପଣା ପାଇଁ ଆବଶ୍ୟକ ଜଳ ରାଧାବଲ୍ଲଭ ମଠ କୂପରୁ ଆସୁଥିଲା। ପରବର୍ତ୍ତୀ ସମୟରେ ସିଂହଦ୍ୱାର ସମ୍ମୁଖ କୂପରୁ ଏହି ଜଳ ଅଣାଯାଉଛି। କୂପରୁ ଜଳ ବୋହିବା ସମୟରେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡ଼େଇଥାନ୍ତି, ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ହେବା ପୂର୍ବରୁ ମହାସୁଆରମାନେ ଥାଇ ଭିତରଚ୍ଛ, ତଳିଚ୍ଛ ଓ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏ ଧଳା କରିଆ (ଜାଲି କନା) ପକାଯାଏ। ପବିତ୍ର ଜଳକୁ ଛାଣିବା ଉଦ୍ଦେଶ୍ୟରେ ଏହା ପକାଯାଇଥାଏ। ମହାସୁଆରମାନେ ପ୍ରତି ରଥ ଉପରେ ଅଧରହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି। ଏହାକୁ ପତ୍ରୀବଡୁ, ସୁଆରବଡୁ, ଗରାବଡୁ ପାଳିଆ ସେବକ ତିନିରଥ ଉପରେ ପୂଜାର୍ଚ୍ଚନା କରନ୍ତି। ଏହାପରେ ପାଳିଆ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ଲଗାଇଥାନ୍ତି। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ଏହି ପାତ୍ରମାନଙ୍କୁ ଭାଙ୍ଗି ଦିଆଯାଏ। ଜନଶ୍ରୁତିରୁ ଜଣାଯାଏ ତିନିରଥ ଉପରେ ଠାକୁରମାନଙ୍କୁ ଅର୍ପିତ ଅଧରପଣା ଭୋଗ ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡୀ ଚାମଣ୍ଡା ଓ ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ହିତ ସାଧନ ନିମନ୍ତେ ମହାପ୍ରଭୁ ନବଦିନାତ୍ମକ ଯାତ୍ରା କରିଥାନ୍ତି। ଏହି ଚଣ୍ଡୀ ଚାମୁଣ୍ଡା ପ୍ରଭୃତିଙ୍କ ପାଇଁ ସମର୍ପଣର ପ୍ରଥା ନାହିଁ। ଏଣୁ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନ କାଳରୁ ରହିଆସିଛି। ଏଥିପାଇଁ ଅଧରପଣା ହାଣ୍ଡିମାନଙ୍କୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହି କାରଣରୁ ସାଧାରଣତଃ ଅନ୍ୟ କେହି ଏହି ଅମୃତୋପମ ପଣାକୁ ସେବନ କରି ନ ଥାନ୍ତି ବୋଲି ଡ. ଦାଶ ପ୍ରକାଶ କରିଛନ୍ତି।

**ଅଧରପଣା ନୀତି ନିର୍ଘଣ୍ଟ**

| | |
|---|---|
| ୩ ରଥରେ ମଙ୍ଗଳ ଆଳତି | ପ୍ରାତଃ ୬ଟା ରୁ ୬ଟା ୩୦ |
| ମଇଲମ-ତଡ଼ପ ଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପାଳବଲ୍ଲଭ | ୧୦ଟାରୁ ୧୦ଟା ୩୦ |
| ସକାଳଧୂପ | ୧୧ଟା ୩୦ରୁ ୧୨ଟା ୩୦ |
| ମଇଲମ | ଅପରାହ୍ନ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ୧ଟା ୩୦ |
| ବେଶ ଶେଷ | ୨ଟା |
| ମଧ୍ୟାହ୍ନ ଧୂପ | ୩ଟା ୩୦ରୁ ୪ଟା ୩୦ |
| ରଥରେ ଅଧରପଣା ନୀତି ଶେଷ | ରାତ୍ର ୮ଟା |
| ମହାସ୍ନାନ ଶେଷ | ୯ଟା |
| ମଇଲମ ଓ ବେଶ | ୧୦ଟା |
| ସନ୍ଧ୍ୟା ଆଳତି | ୧୦ଟା ୩୦ |
| ସନ୍ଧ୍ୟାଧୂପ | ୧୧ଟାରୁ ୧୨ଟା |
| ମଇଲମ ଓ ଚନ୍ଦନ ଲାଗି | ୧୨ଟା ୩୦ |
| ବଡସିଂହାର ବେଶ | ୧ଟା |
| ବଡସିଂହାର ଭୋଗ | ୧ଟା ୩୦ |
| ରାତ୍ର ପହୁଡ଼ | ୨ଟା |






## ଜିଲା ଚିଠି
### କଟକ

# କାହାଣୀ ଲାଗୁନି ନୂଆ

ଜିଲାପାଳ ନୂଆ, ସିଏମ୍‌ସି କମିଶନର ନୂଆ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୂଆ, ଏହାସାଙ୍ଗକୁ ବିଧାୟକ ମଧ୍ୟ ନୂଆ। ମୋଟାମୋଟି କଟକ ଏବେ ନବକଳେବର ରୂପ ଧାରଣ କରିଛି। କିନ୍ତୁ ପ୍ରାୟତଃ ନୂଆମାନେ ଲୋକଙ୍କୁ ଯେଉଁ କାହାଣୀ ଶୁଣାଉଛନ୍ତି ତାହା ପୁରୁଣା। ଯେମିତି ବିଧାୟକ, ଏମ୍‌ପି ଓ ମନ୍ତ୍ରୀମାନେ ପଦ ଓ ଗୋପନୀୟତାର ଶପଥ ନେବା ସମୟରେ ଗୋଟିଏ ଶପଥକୁ ସମସ୍ତେ ପଢ଼ନ୍ତି, ଠିକ୍ ସେମିତି ଏହି ନୂଆମାନଙ୍କ ମୁହଁରୁ ସମାନ କଥା ଶୁଣିବାକୁ ମିଳୁଛି। ସହରରେ ଜଳବନ୍ଦୀ ସମସ୍ୟା ରହିବ ନାହିଁ, ଜାଇକା କାମ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯିବ, ସହରରେ ଟ୍ରାଫିକ ସମସ୍ୟାରେ ସୁଧାର ଆସିବ, ଜବରଦଖଲ ହଟିବ, ଲୋକେ ସରକାରୀ ଯୋଜନା ସହଜରେ ପାଇବେ ଇତ୍ୟାଦି ନୂଆମାନେ ବୁଲିବୁଲି ଲୋକଙ୍କୁ ଶୁଣାଉଛନ୍ତି। କିନ୍ତୁ ଏମାନଙ୍କର ଏହି କାହାଣୀ ସହିତ ଜିଲା ଓ ସହରବାସୀ ବହୁ ପୂର୍ବରୁ ଅଭ୍ୟସ୍ତ। କାରଣ ଯେଉଁମାନେ ଏଠିକି ନୂଆ ହୋଇ ଆସନ୍ତି ସେମାନେ ଠିକ୍ ଏହିଭଳି ଢଙ୍ଗରେ ଲୋକଙ୍କୁ କାହାଣୀ ଶୁଣାଇଥାନ୍ତି। କିନ୍ତୁ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନ ଥାଏ। ଖାସ୍‌କରି କଟକ ସହରକୁ ଦେଖିଲେ ଅସରାଏ ବର୍ଷାରେ ଲୋକଙ୍କ ଘରେ ବର୍ଷାପାଣି ଓ ଡ୍ରେନ ପାଣିର ମହାମିଳନ ଘଟିଥାଏ। ଦିନ ଦିନ ଧରି ଲୋକେ ଭୋକ ଉପାସରେ କାଟିଥାନ୍ତି। ଏପରି କି ଆବଶ୍ୟକସ୍ଥଳେ ଲୋକେ ଭିଟାମାଟି ଛାଡ଼ି ସରକାରଙ୍କ ଅସ୍ଥାୟୀ ଆଶ୍ରୟସ୍ଥଳରେ ଦିନ କାଟିଥାନ୍ତି। ଟ୍ରାଫିକ କଥା ନ କହିବା ଭଲ। ସେହିପରି ବିଧିବିଧାନ ଅନୁଯାୟୀ ଯେପରି ପର୍ବପର୍ବାଣି ଅନୁଷ୍ଠିତ ହୋଇଥାଏ ଠିକ୍ ସେହିପରି କଟକ ସହରକୁ ଡେଙ୍ଗୁ, ଡାଇରିଆ ଓ ଜଣ୍ଡିସ ପ୍ରତିବର୍ଷ ନିର୍ଦ୍ଧାରିତ ସମୟରେ ଆସିଥାନ୍ତି ଓ ମୁଣ୍ଡ ନେଇ ଯାଇଥାନ୍ତି। ତେଣୁ ଏଭଳି ଦୁଃଖଦ ପରିସ୍ଥିତିକୁ ଦୀର୍ଘଦିନରୁ ବାରମ୍ବାର ସାମ୍ନା କରୁଥିବା ସହରବାସୀଙ୍କର ନୂଆମାନଙ୍କ କଥା ଉପରେ ଭରସା ପାଉନାହିଁ। ଦ୍ୱିତୀୟରେ ପ୍ରକୃତ କାରଣ ଖୋଜିବାରେ ପୁରୁଣାମାନେ ଯେପରି ଆଗ୍ରହ ଦେଖାଉ ନ ଥିଲେ ନୂଆମାନେ ମଧ୍ୟ ଠିକ୍ ସେହିପରି ସେ ଆଡକୁ ଧ୍ୟାନ ଦେଉନାହାନ୍ତି। ପ୍ରକୃତ କାରଣକୁ ଯଦି ଏମାନେ ଧରିବେ, ତେବେ ୨୪ ଘଣ୍ଟା ମଧ୍ୟରେ ବଦଳି ଆଦେଶ ଏମାନଙ୍କ ଘରେ ପହଞ୍ଚିଯିବ ବୋଲି ଲୋକେ ଆଲୋଚନା କରୁଛନ୍ତି। ତାହା ହେଉଛି ଜଳ ନିଷ୍କାସନଠାରୁ ଆରମ୍ଭ କରି ଟ୍ରାଫିକ ପରିସ୍ଥିତି ଉପୁଜିବା ପଛର ରହସ୍ୟ। ଜଳ ନିଷ୍କାସନ ପଥକୁ ବଡ଼ବଡ଼ିଆମାନେ ମାଡ଼ି ବସି ଘର ତିଆରି କରିଛନ୍ତି। ଏମାନଙ୍କ ପାଇଁ ସହରବାସୀ ଦୁଃଖଯନ୍ତ୍ରଣା ଭୋଗୁଥିବାବେଳେ ଏମାନେ ଲୋକଙ୍କ ଆଗରେ ଡାହାଣୀ ହୋଇ ଲାଗୁଛନ୍ତି ଓ ଗୁଣିଆ ହୋଇ ଝାଡୁଛନ୍ତି। ସେହିପରି ଲିଙ୍କ୍‌ରୋଡରୁ ବାଦାମବାଡି ରାସ୍ତାର ଉଭୟ ପାର୍ଶ୍ୱ ବସ ଟର୍ମିନାଲ ପାଲଟିଛି, ଯାହା ରାସ୍ତାକୁ ସଂକୀର୍ଣ୍ଣ କରିବା ସହିତ ଟ୍ରାଫିକ ଅବସ୍ଥା ସୃଷ୍ଟି କରୁଛି। ହେଲେ ଯେଉଁମାନେ ଏହି ରାସ୍ତାରେ ବସ୍ ରଖୁଛନ୍ତି, ସେମାନଙ୍କ ପାଖକୁ ଚେଷ୍ଟା କରି ପୁରୁଣାମାନେ ଯାଇପାରି ନ ଥିଲେ କି ନୂଆମାନେ ମଧ୍ୟ ଯାଇପାରିବେ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। କାରଣ ଏମାନଙ୍କ ମଧ୍ୟରୁ ଅନେକ ଭାଇ ଲୋକ। ଅର୍ଥ, ବାହୁବଳ, ପାୱାର କଳ ସବୁ ଏମାନଙ୍କ ହାତମୁଠାରେ। ପୋଲିସ ଏମାନଙ୍କୁ ଦିନ ଭିତରେ ଯଦି ୭ଥର ଦେଖୁଛି ୧୪ଥର ସାଲ୍ୟୁଟ ମାରୁଛି। ତେଣୁ ଏମାନେ ସର୍ବଶକ୍ତିମାନ। ଏଭଳି ଅବସ୍ଥା ଓ ବ୍ୟବସ୍ଥାକୁ ଦେଖି ଲୋକେ ଏବେ ସିଧା କହୁଛନ୍ତି ଯଦି କିଛି କରିବାର ଅଛି କାମରେ କରିକି ଦେଖାଅ। ଆଉ ଏଭଳି କାହାଣୀ ଶୁଣାଅନା, ଯାହା ଆମ ପାଇଁ ନୂଆ ନୁହେଁ।

– ନିର୍ମଳ ପଣ୍ଡା

# ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

■ ବିଜ୍ଞାନରେ ୮୯.୨%, କଳାରେ ୭୦.୪%, ବାଣିଜ୍ୟରେ ୭୫.୮୩%

■ ୧୫ରୁ ୧୭ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଯୁକ୍ତ୨ ପ୍ରଥମ ବର୍ଷ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ଶନିବାର ପ୍ରକାଶ ପାଇଛି। ସାମ୍ସ ପକ୍ଷରୁ ପ୍ରକାଶିତ ତାଲିକା ଅନୁସାରେ, ବିଜ୍ଞାନରେ ୮୯.୨% କଟ୍ ଅଫ୍ ମାର୍କ ସହ ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ ଆଗରେ ରହିଥିବାବେଳେ ୮୭.୬୭% ସହ ଦ୍ୱିତୀୟରେ ଭୁବନେଶ୍ୱରର ବିଜେବି ହାୟର ସେକେଣ୍ଡାରୀ ସ୍କୁଲ ଓ ୮୭.୧୭% ସହ ତୃତୀୟରେ ବ୍ରହ୍ମପୁରର ସରସ୍ୱତୀ ବିଦ୍ୟାମନ୍ଦିର ରହିଛି। ସେହିପରି କଳାରେ ୭୦.୪% ସହ ବିଜେବି ହାୟର ସେକେଣ୍ଡାରୀ ସ୍କୁଲ ଆଗରେ ରହିଛି। ୭୦% କଟ୍ ଅଫ୍ ମାର୍କ ସହ ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟରେ ରହିଥିବାବେଳେ ନରସିଂହପୁର ହାୟର ସେକେଣ୍ଡାରୀ ସ୍କୁଲ ୬୮.୧୭% ସହ ତୃତୀୟରେ ରହିଛି। ବାଣିଜ୍ୟରେ ୭୫.୮୩% ସହ ତାଳଚେର ହାୟର ସେକେଣ୍ଡାରୀ ସ୍କୁଲ ପ୍ରଥମରେ ରହିଛି। ୭୫.୫% କଟ୍ ଅଫ୍ ମାର୍କ ସହ ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟରେ ଓ ୭୪.୪% ସହ ଶୈଳବାଳା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ ତୃତୀୟରେ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ଯୋଗ୍ୟ ଛାତ୍ରୀଛାତ୍ରମାନେ ଆସନ୍ତା ୧୫ରୁ ୧୭ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ନାମ ଲେଖାଇବେ। ୧୭ ତାରିଖରେ ନାମଲେଖା ସମ୍ପର୍କିତ ଚୂଡ଼ାନ୍ତ ତଥ୍ୟ ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ଜୁଲାଇ ୨୦ରେ ସ୍ପଟ୍ ସିଲେକ୍ସନ ମେରିଟ୍ ଲିଷ୍ଟ ପ୍ରକାଶ ପାଇବା ସହ ୨୫ରୁ ୨୭ ତାରିଖ ମଧ୍ୟରେ ନାମଲେଖା ହେବ। ତେବେ ଜୁଲାଇ ୨୯ରୁ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଶିକ୍ଷାବର୍ଷ ପାଇଁ ୩ ଲକ୍ଷ ୭୫ ହଜାର ୯୫୮ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୩୩ ହଜାର ୫୭୩ ଜଣ ଛାତ୍ରୀଛାତ୍ରଙ୍କୁ ନାମଲେଖା ଲାଗି ଚୟନ କରାଯାଇଥିଲା। ସେଥିମଧ୍ୟରୁ କଳା ବିଭାଗରେ ୨ ଲକ୍ଷ ୧୯ ହଜାର ୧୦ଜଣଙ୍କୁ ନାମଲେଖା ପାଇଁ ଡକାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୯୩ ହଜାର ୮୪ଜଣ ନାମ ଲେଖାଇଛନ୍ତି। ବିଜ୍ଞାନ ବିଭାଗରେ ୮୧ ହଜାର ୧୯୭ ଜଣଙ୍କ ମଧ୍ୟରୁ ୭୫ ହଜାର ୨୫୮, ବାଣିଜ୍ୟ ବିଭାଗରେ ୨୨ ହଜାର ୩୭୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ ହଜାର ୬୧୭, ସଂସ୍କୃତରେ ୬ ହଜାର ୩୧୯ଜଣଙ୍କ ମଧ୍ୟରୁ ୫ ହଜାର ୨୯୯ ଓ ଧନ୍ଦାମୂଳକରେ ଡକାଯାଇଥିବା ୪ ହଜାର ୬୯୦ ଜଣଙ୍କ ମଧ୍ୟରୁ ୪ହଜାର ୩୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ରାଜ୍ୟର ୧୯୮୪ କଲେଜର ୫ଟି ବିଭାଗରେ ମୋଟ ୪ ଲକ୍ଷ ୪୮ ହଜାର ୧୯୫ ସିଟ୍ ରହିଛି।

ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟ ନାମଲେଖାରେ ୨ଲକ୍ଷ ୯୮ ହଜାର ୨୯୩ ସିଟ୍ ପୂରଣ ହୋଇଛି। ଆହୁରି ୧ ଲକ୍ଷ ୪୯ ହଜାର ୯୦୨ ସିଟ୍ ଖାଲି ରହିଥିବା ଜଣାପଡ଼ିଛି।



ଧରିତ୍ରୀ
DHARITRI
ରବିବାର, ୧୪ ଜୁଲାଇ, ୨୦୧୯

ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ।
–ଶ୍ରୀଅରବିନ୍ଦ



# ଦଳୀୟ ଗଣତନ୍ତ୍ରର ଅଭାବ



ଆକାର ପଟେଲ

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି ଏବଂ ଆସନ୍ତା ସପ୍ତାହରେ ଦଳ ନୂଆ ନେତା ବାଛିବ। ରାହୁଲଙ୍କ ଇସ୍ତଫା ପରେ ବର୍ତ୍ତମାନ କଂଗ୍ରେସରେ ନେତୃତ୍ୱ ସଂକଟ ଦେଖାଦେଇଛି ଏବଂ ଗୋଆ ଓ କର୍ନାଟକ ପରି ରାଜ୍ୟରେ ଆମେ ବର୍ତ୍ତମାନ ଯାହା ଦେଖିବାକୁ ପାଉଛୁ, ତାହା ସେହି ନେତୃତ୍ୱ ସଂକଟର ପରିଣାମ। ନୂଆ ନେତା କାର୍ଯ୍ୟଭାର ଗ୍ରହଣ କରିବା ପରେ କିଛି ସମସ୍ୟା ଦୂର ହୋଇଯିବ ମାତ୍ର ଅନ୍ୟ ସମସ୍ୟାଗୁଡ଼ିକ ସେମିତି ରହିଯିବ। କଂଗ୍ରେସର ପରବର୍ତ୍ତୀ ଅଧ୍ୟକ୍ଷଙ୍କ ପାଇଁ ଆଗାମୀ ଅନେକ ବର୍ଷ ଆହ୍ୱାନ ସୃଷ୍ଟି କରିବ। ନୂଆ ନେତା କିପରି ବଛାଯିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ଦଳ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦଳର ବରିଷ୍ଠ ନେତା ଏବଂ କଂଗ୍ରେସ ମୁଖ୍ୟମନ୍ତ୍ରୀମାନେ ତାଙ୍କ ସହକର୍ମୀମାନଙ୍କୁ ବନ୍ଦ ଲଫାପାରେ ନିଜ ମନପସନ୍ଦର ନେତାଙ୍କ ନାମ ଲେଖି ପଠାଇବାକୁ କହିଛନ୍ତି। ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ବିଚାରବିମର୍ଶ କରି ସବୁଠୁ ଲୋକପ୍ରିୟ ନାମଗୁଡ଼ିକୁ ପୁଣି ଶର୍ଟଲିଷ୍ଟ କରାଯିବ। ତା'ପରେ ଏହି ସଂକ୍ଷିପ୍ତୀକୃତ ତାଲିକାକୁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)କୁ ପଠାଯିବ। ଏହି କମିଟି ନୂଆ ନେତା ବାଛିବ ବୋଲି ଜଣାପଡ଼ିଛି। ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, କୁମାରୀ ସେଲ୍‌ଜା ଓ ଅମ୍ବିକା ସୋନି– ଏହି ଚାରିଜଣ ମହିଳାଙ୍କ ସମେତ ସିଡବ୍ଲ୍ୟୁସିରେ ମୋଟ ୨୪ ଜଣ ସଦସ୍ୟ ଅଛନ୍ତି। ୨୦ ଜଣ ପୁରୁଷଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଅହମଦ ପଟେଲ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ଓମେନ୍ ଚାଣ୍ଡି ଓ ତରୁଣ ଗୋଗୋଇ ପ୍ରମୁଖ।

ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ ନୂଆ ନେତା ବାଛିବା ଦଳ ପାଇଁ ଏକ ଭଲ ଖବର। କାରଣ ଏହାଦ୍ୱାରା ଦଳ ୨୦୧୯ ପରାଜୟ ପରେ ଆଗକୁ ବଢ଼ିପାରିବ ଏବଂ ଦଳ ଗୋଟିଏ ପରିବାର ଦ୍ୱାରା ପରିଚାଳିତ ବୋଲି ଯେଉଁ ଅଭିଯୋଗ ହୋଇଆସୁଛି, ସେ ଅଭିଯୋଗରୁ ମୁକ୍ତ ହେବ। ଅନ୍ୟ ଦୃଷ୍ଟିରୁ ଦେଖିଲେ ଯେଉଁପରି ଭାବରେ ଦେଶରେ ରାଜନୈତିକ ଦଳଗୁଡ଼ିକ ପରିଚାଳିତ ହେଉଛନ୍ତି, ତା'ର ଏକ ପୁନଃ ସଂଜ୍ଞା ନିରୂପଣ କରିବା ଲାଗି କଂଗ୍ରେସ ସୁଯୋଗ ପାଇବ। ଏହାର ଅର୍ଥ କ'ଣ ବୁଝିବାକୁ ହେଲେ ଅନ୍ୟ ଗଣତନ୍ତ୍ରଗୁଡ଼ିକରେ କିପରି ବ୍ୟବସ୍ଥା ଚାଲିଛି ଦେଖିବା ଦରକାର। ଇଂଲଣ୍ଡର ଶାସକ ଦଳ ହେଉଛି କଞ୍ଜର୍ଭେଟିଭ୍ ପାର୍ଟି। ୟୁରୋପୀୟ ସଂଘ ସହ ତାଙ୍କ ଦେଶ ରହିବ କି ନା ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହେବାରୁ ଏହାର ପ୍ରଧାନମନ୍ତ୍ରୀ ନିଜର ପଦତ୍ୟାଗ କରିଛନ୍ତି। ଏବେ କଞ୍ଜର୍ଭେଟିଭ୍ ସରକାର ବଳବତ୍ତର ଅଛି ଏବଂ ଦଳକୁ ଏକ ନୂଆ ନେତା ବାଛିବାକୁ ପଡ଼ିବ, ଯିଏ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ। ନେତା ବାଛିବା ପାଇଁ ଦଳର ସଦସ୍ୟମାନେ ଭୋଟ ଦେଉଛନ୍ତି। ଅନେକ ପ୍ରାର୍ଥୀ ପ୍ରଧାନମନ୍ତ୍ରୀ ଦୌଡ଼ରେ ଅଛନ୍ତି। ପାର୍ଲାମେଣ୍ଟାରିଆନ୍‌ମାନେ ପ୍ରଥମ ଓ ଦ୍ୱିତୀୟ ପସନ୍ଦର ବ୍ୟକ୍ତିଙ୍କୁ ଭୋଟ ଦେଇଛନ୍ତି ଏବଂ ତାହା ମାଧ୍ୟମରେ ୧୦ ଜଣଙ୍କ ମଧ୍ୟରୁ ବଛାହୋଇ ଶେଷକୁ ଦୁଇଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଉଛନ୍ତି ବୋରିସ୍ ଜନ୍‌ସନ ଏବଂ ଜେରେମି ହଣ୍ଟ। ସେମାନେ ଏବେ ଦେଶ ସାରା ଦଳୀୟ ସଦସ୍ୟମାନଙ୍କୁ ନିଜ ସପକ୍ଷରେ ଭୋଟ ଦେବା ପାଇଁ ପ୍ରଚାର କରୁଛନ୍ତି। ୧.୨ ଲକ୍ଷ କଞ୍ଜର୍ଭେଟିଭ୍ ପାର୍ଟି ସଦସ୍ୟ ଯାହାଙ୍କୁ ଅଧିକ ଭୋଟ ଦେବେ ସେ ହେବେ ଇଂଲଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ।

ଆମେରିକାରେ ଡେମୋକ୍ରାଟ୍‌ମାନେ ବିରୋଧୀ ଦଳରେ ଅଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପାଳି ଆସନ୍ତାବର୍ଷ ଶେଷ ହେବ ଏବଂ ଡେମୋକ୍ରାଟ୍‌ମାନେ ସ୍ଥିର କରିବେ ସେମାନଙ୍କ ମଧ୍ୟରୁ କିଏ ଟ୍ରମ୍ପଙ୍କ ବିରୋଧରେ ଲଢ଼ିବେ। ଏପର୍ଯ୍ୟନ୍ତ ୨୫ ଜଣ ଡେମୋକ୍ରାଟ୍ ପ୍ରାର୍ଥୀ ହେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ୍, ଭାରତୀୟ ବଂଶୋଦ୍ଭବ ଦୁଇଜଣ ମହିଳା ତୁଲ୍‌ସୀ ଗାବାର୍ଡ ଓ କମଳା ହାରିସ୍, ଏକ ଛୋଟ ସହରର ମେୟର, ନ୍ୟୁୟର୍କର ମେୟର ଏବଂ କେତେକ ସିନେଟର। ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ଲଢ଼ିବା ପାଇଁ ନିଜ ଦଳରୁ ଯୋଗ୍ୟ ପ୍ରାର୍ଥୀ ଚୟନ କରିବା ଲାଗି ପ୍ରତ୍ୟେକ ପଞ୍ଜୀକୃତ ଡେମୋକ୍ରାଟିକ୍ ପାର୍ଟି ସଦସ୍ୟଙ୍କୁ ସୁଯୋଗ ମିଳିବ। ଆସନ୍ତାବର୍ଷ ଫେବୃୟାରୀ ୩ ତାରିଖରେ ଆୟୋୱା ରାଜ୍ୟରୁ ଡେମୋକ୍ରାଟ୍‌ମାନଙ୍କର ଏହି ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇ ଜୁନ୍ ମାସ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପ୍ରାର୍ଥୀମାନେ ଦେଶ ସାରା ବୁଲି ନିଜର ନୀତି ଏବଂ ବିଭିନ୍ନ ପ୍ରସଙ୍ଗରେ ନିଜର ସ୍ଥିତି ସମ୍ପର୍କରେ ଲୋକଙ୍କୁ ବୁଝାଇବେ। ଆମେରିକାରେ ୧୨ କୋଟି ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୪.୫ କୋଟି ହେଉଛନ୍ତି ପଞ୍ଜୀକୃତ ଡେମୋକ୍ରାଟ୍, ୩.୨ କୋଟି ହେଉଛନ୍ତି ପଞ୍ଜୀକୃତ ରିପବ୍ଲିକାନ୍ ଏବଂ ଅବଶିଷ୍ଟ ସ୍ୱାଧୀନ। ସୁତରାଂ ପ୍ରାର୍ଥୀ ବାଛିବା ପ୍ରକ୍ରିୟାରେ ଇଂଲଣ୍ଡ ଅପେକ୍ଷା ଆମେରିକାରେ ଅଧିକ ଲୋକ ଅଂଶଗ୍ରହଣ କରିଥାନ୍ତି। କିନ୍ତୁ ଆମକୁ ସ୍ୱୀକାର କରିବାକୁ ହେବ ଯେ ଏ ଦୁଇ ଦେଶରେ ଏହି ପ୍ରକ୍ରିୟା ହେଉଛି ଉନ୍ମୁକ୍ତ ଓ ଗଣତାନ୍ତ୍ରିକ।

ଭାରତରେ ଦଳୀୟ ରାଜନୈତିକ ବ୍ୟବସ୍ଥା ଇଂଲଣ୍ଡ ଓ ଆମେରିକା ପରି ଗଣତାନ୍ତ୍ରିକ ନୁହେଁ। ଗୋଟିଏ ମୁଖ୍ୟ ସମସ୍ୟା ହେଉଛି ପରିବାର–ଚାଳିତ ଦଳ, ଯାହା ପ୍ରାୟ ସବୁ ରାଜ୍ୟରେ ଅଛି। ଏପରି କୌଣସି ଦଳ ନାହିଁ, ଯେଉଁଥିରେ ସ୍ୱଜନ ପକ୍ଷପାତ ନାହିଁ। ତା'ଠୁ ବଡ଼ ସମସ୍ୟା ହେଉଛି କୌଣସି ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ବ୍ୟବସ୍ଥା ନାହିଁ। ତେବେ ଇଂଲଣ୍ଡ ଓ ଆମେରିକା ପରି ଦେଶରେ ପରିବାରର ସମ୍ପୃକ୍ତି ଯେ ଆଦୌ ନାହିଁ, ତାହା ନୁହେଁ– କେନେଡି ଓ କ୍ଲିଣ୍ଟନମାନେ ହେଉଛନ୍ତି ତା'ର ଦୃଷ୍ଟାନ୍ତ। କିନ୍ତୁ ସେମାନେ ଦଳ ଦ୍ୱାରା ଭୋଟ ମାଧ୍ୟମରେ ନିର୍ବାଚିତ ହୁଅନ୍ତି। ଭାରତରେ ବିନା ଭୋଟିଂ ପ୍ରକ୍ରିୟାରେ ପ୍ରାର୍ଥୀମାନଙ୍କୁ ଲୋକ ସଭା ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦିଆଯାଏ। ବିଧାନସଭା ଓ ନିଗମ ନିର୍ବାଚନଗୁଡ଼ିକରେ ସେଇ ଏକା ଅବସ୍ଥା। କୌଣସି ଦଳରେ ରାଜ୍ୟ ସଭା ଟିକେଟ ଦେବା ବ୍ୟବସ୍ଥାରେ ଆଦୌ ସ୍ୱଚ୍ଛତା ନ ଥାଏ। ଦଳର ମୁଖିଆ ଯାହାକୁ ଚାହିଁବେ ତାକୁ ଟିକେଟ ଦେଇପାରିବେ। ତାଙ୍କୁ ଏଥିପାଇଁ ଦଳର ସଦସ୍ୟମାନଙ୍କୁ ବା ସାଧାରଣ ଜନତାଙ୍କୁ କୈଫିୟତ୍ ଦେବାକୁ ପଡ଼େ ନାହିଁ। ନିଜକୁ ବଦଳାଇବା ପାଇଁ କଂଗେସ ହାତରେ ଏବେ ଦୁଇଟି ସୁଯୋଗ ଅଛି। ପ୍ରଥମଟି ହେଉଛି ଗଣତାନ୍ତ୍ରିକ ପ୍ରକ୍ରିୟାରେ ନୂଆ ନେତା ବାଛିବା ଏବଂ ଦ୍ୱିତୀୟଟି ହେଉଛି ନୂଆ ନେତା ଦଳକୁ ଆଗେଇ ନେବା ପାଇଁ ଦଳରେ କିଛି ସଂସ୍କାର ଆଣିବା।

Email: aakar.patel@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 4 | | | | | | 3 | | | | E |
| | | | 6 | 8 | 7 | | | 1 | | | 9 | | 2 | |
| 3 | 1 | A | | E | | | | | | | | 8 | | |
| 4 | | | | | | | | 6 | | | C | D | 7 | |
| 0 | 7 | D | B | 1 | | | 5 | | | | 8 | | 6 | A |
| | | | 4 | | | 0 | | E | | | 6 | | | C |
| 2 | 3 | | 8 | | | 9 | | | | 7 | 1 | | | 5 |
| | | | | 0 | | | 2 | | A | E | | | | 7 |
| | 8 | | 1 | 3 | | | | | | | | | A | 6 |
| | | | | B | A | | | 3 | | 9 | | | | |
| | | 1 | 2 | | | B | | | | | | | 5 | |
| 5 | 4 | | 3 | | | | | | | B | | | | |
| | C | | D | | | | 6 | | 2 | A | | | 3 | 9 |
| | 9 | | | | | | 4 | A | | | 0 | | 8 | B |
| E | | 7 | | | 6 | | | | | 5 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | B | 5 | A | D | C | 8 | 1 | 0 | 6 | 4 | 9 | 3 | E |
| E | D | 9 | B | 3 | 0 | 2 | 4 | A | 7 | C | 5 | 6 | 8 | 1 |
| A | 6 | 0 | 8 | 2 | 9 | 7 | B | 3 | 1 | D | E | 5 | 4 | C |
| C | 3 | 4 | 1 | E | 6 | 5 | 0 | 9 | 2 | 8 | B | 7 | A | D |
| 1 | 5 | 8 | 7 | 4 | C | E | 6 | D | 3 | A | 9 | B | 2 | 0 |
| 5 | 1 | 2 | 4 | 8 | E | 6 | C | B | 9 | 3 | A | 0 | D | 7 |
| B | C | 6 | D | 9 | 1 | 8 | 3 | 7 | 5 | 0 | 2 | A | E | 4 |
| 4 | A | 3 | 2 | C | B | 1 | E | 0 | 6 | 7 | D | 8 | 5 | 9 |
| 8 | E | D | 6 | 0 | 7 | A | 9 | 5 | 4 | B | C | 3 | 1 | 2 |
| 0 | 9 | 7 | 3 | 5 | A | D | 2 | 4 | E | 1 | 8 | C | 6 | B |
| 6 | 4 | A | 9 | B | 3 | 0 | 5 | 2 | C | E | 1 | D | 7 | 8 |
| 3 | B | C | A | 6 | 2 | 9 | D | E | 8 | 4 | 7 | 1 | 0 | 5 |
| 7 | 2 | 1 | C | D | 4 | 3 | A | 8 | B | 5 | 0 | E | 9 | 6 |
| D | 0 | 5 | E | 7 | 8 | 4 | 1 | C | A | 9 | 6 | 2 | B | 3 |
| 9 | 8 | E | 0 | 1 | 5 | B | 7 | 6 | D | 2 | 3 | 4 | C | A |

ଗତକାଲି ପ୍ରକାଶିତ ଉତ୍ତର

# ଭାଲେରିଆ, କୁର୍ଦ୍ଦି ଓ ନିଷ୍ଠୁର ବିଶ୍ୱ



ପ୍ରକାଶ ତ୍ରିପାଠୀ

ଗତ ଜୁନ୍ ୨୫ ତାରିଖ ସକାଳେ ଆମେରିକାବାସୀ ଯେତେବେଳେ ସେ ଦିନର ଖବରକାଗଜକୁ ଖୋଲିଥିବେ ପ୍ରଥମ ପୃଷ୍ଠାରେ ଫଟୋ ସହ ପ୍ରକାଶ ପାଇଥିବା ଏକ ଦୁଃଖଦ ଖବର ନିଶ୍ଚିତ ସେମାନଙ୍କ ଦୃଷ୍ଟିଆକର୍ଷଣ କରିଥିବ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଇମିଗ୍ରେଶନ ନୀତିକୁ ନେଇ କିଛି ସମୟ ଭାବିବାକୁ ବାଧ୍ୟ ହୋଇଥିବେ। କେବଳ ଆମେରିକା ନୁହେଁ, ଏହି ଖବରଟି ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେବା ସହ ଆଧୁନିକ ମଣିଷର ସମ୍ବେଦନଶୀଳତା ପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଜୁନ୍ ୨୪ ତାରିଖ ସକାଳେ ମେକ୍ସିକୋର ରିଓଗ୍ରାଣ୍ଡ ନଦୀ କୂଳରେ ଲାଗିଥିଲା ଦୁଇଟି ମୃତଦେହ। ଏହା ହେଉଛି ଆମେରିକାର ପଡ଼ୋଶୀ ତଥା ଏକ କ୍ଷୁଦ୍ର ରାଷ୍ଟ୍ର ଆଲ–ସାଲଭାଡୋରାନର ୨୬ ବର୍ଷୀୟ ନାଗରିକ ଓସ୍କାର ଆଲବର୍ଟ ରାମିରେଜ ଓ ତାଙ୍କର ମାତ୍ର ୨୩ ମାସର କନ୍ୟା ଭାଲେରିଆଙ୍କର।

ବେରୋଜଗାର ଓ ଦାରିଦ୍ର୍ୟରୁ ମୁକୁଳିବାକୁ ଆଶା ରଖି ସେଦିନ ରାମିରେଜ ନିଜ କନ୍ୟାକୁ ପିଠିରେ ବାନ୍ଧି ରିଓଗ୍ରାଣ୍ଡ ନଦୀରେ ପଶିଥିଲେ। ଆମେରିକାକୁ ଅନେକ ଦିନ ଧରି ଶରଣାର୍ଥୀ ଭାବେ ପ୍ରବେଶ କରିବାକୁ ଦରଖାସ୍ତ କରିଥିଲେ ମଧ୍ୟ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ କଠୋର ଆଇନ ବଳରେ ଅନୁମତି ମିଳିବାରେ ଡେରି ହୋଇଥିଲା। ସୀମାନ୍ତରେ କିଛି ଲାଞ୍ଚ ଦେଲେ ଶରଣାର୍ଥୀ ପାଇଁ ଅନୁମତି ମିଳିଯିବାର ଆଶା ଜନ୍ମାଇଥିଲା ରାମିରେଜଙ୍କ ଜଣେ ବନ୍ଧୁ। ସେହି ଆଶାରେ ରିଓ ଗ୍ରାଣ୍ଡନଦୀକୁ ପହଁରି ପହଁରି ପାରି ହେବାକୁ ବସିଥିଲେ ରାମିରେଜ। ମାତ୍ର ବିଧିର ବିଧାନ ବିଚିତ୍ର। ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ ବାପ ଓ ଝିଅ। ମେକ୍ସିକୋ କୂଳରେ ମୃତଦେହ ଦୁଇଟି ଲାଗିବା ବେଳେ ଝିଅ ଭାଲେରିଆର ଗୋଟିଏ ହାତ ବାପା ରାମିରେଜଙ୍କ ବେକକୁ ଜାବୁଡ଼ି ଧରିଥିଲା। ଅତି ବୀଭତ୍ସ ଓ ହୃଦୟବିଦାରକ ଥିଲା ସେ ଦୃଶ୍ୟ। ସେ ଦୃଶ୍ୟ ଯେତିକି ମାର୍ମିକ, କାରୁଣିକ ଥିଲା, ସେତିକି ଇଙ୍ଗିତ କରୁଥିଲା ସାମ୍ପ୍ରତିକ ଦୁନିଆର ଅମାନବୀୟ, କ୍ରୂର ଓ ସ୍ୱାର୍ଥୀ ଚରିତ୍ରକୁ। ଆର୍ଥିକ ଓ ସାମରିକ ଦୃଷ୍ଟିକୋଣରୁ ବଳିଷ୍ଠ ଓ ସଂଭ୍ରାନ୍ତ ରାଷ୍ଟ୍ରର ଅନୁଦାର ଓ ନିଷ୍ଠୁର ଚରିତ୍ରକୁ।

୨୦୧୫ ମସିହା ସେପ୍ଟେମ୍ବର ଦୁଇ ତାରିଖରେ ସିରିଆର ୩ ବର୍ଷର ବାଳକ ଆଲାନ କୁର୍ଦ୍ଦିର ମୃତଦେହ ଭୂମଧ୍ୟସାଗର କୂଳରେ ଠାବ କରାଯିବା ପରେ ବିଶ୍ୱବ୍ୟାପୀ ଏହିଭଳି ଆଲୋଡ଼ନ ସୃଷ୍ଟି ହେବା ସହ ଅନ୍ତର୍ଜାତୀୟ ସ୍ତରରେ ଶରଣାର୍ଥୀ ସମସ୍ୟାର ଗୁରୁତ୍ୱ ଓ ଜଟିଳତାର ପ୍ରମାଣ ମିଳିଥିଲା। ପରିସ୍ଥିତି ଆଜି ବି ସମାନ ଅଛି ଓ ପ୍ରତିବର୍ଷ ହଜାର ହଜାର ଶରଣାର୍ଥୀ ଆଲାନ କୁର୍ଦ୍ଦି ଓ ଭାଲେରିଆଙ୍କ ପରି ଭୟାନକ ମୃତ୍ୟୁର ସାମନା କରୁଛନ୍ତି। ହେଲେ ଅବଶିଷ୍ଟ ବିଶ୍ୱ ଅବିଚଳିତ ଓ ନିର୍ବାକ୍ ଭଳି ଅଭିନୟ କରିଚାଲିଛି। ଆର୍ଥିକ ସ୍ଥିତିରେ ମଜଭୁତ ଥିବା ଦେଶଗୁଡ଼ିକ ଯେବେଠାରୁ ଆର୍ଥିକ ଉଦାରୀକରଣ ଓ ଜଗତୀକରଣ ନାମରେ ନିଜର ସ୍ଥିତିକୁ ସ୍ୱାର୍ଥପୂର୍ଣ୍ଣ ଭାବେ ଅଧିକ ମଜଭୁତ କରିଚାଲିଲେ ଓ ଅନେକ ଅନ୍ତର୍ଜାତୀୟ ସଂଗଠନ ସେମାନଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସମର୍ଥନ ଦେଇ ଚାଲିଲେ, ସେବେଠାରୁ ଧନୀ ଓ ଗରିବ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଦୂରତା ବଢ଼ି ବଢ଼ି ଚାଲିଲା। ସତେ ଯେମିତି ଶୋଷଣ ନୀତିକୁ ଅନ୍ତର୍ଜାତୀୟକରଣ କରିଦିଆଗଲା। ଗରିବ ଦେଶଗୁଡ଼ିକ ଗରିବରୁ ଗରିବତର ହେବାରେ ଲାଗିଲେ।

ଏକବିଂଶ ଶତାବ୍ଦୀରେ ଏବେ ବି ବିଶ୍ୱରେ ଏପରି ୫୦ ପାଖାପାଖି ଦେଶ ଅଛନ୍ତି, ଯେଉଁ ଦେଶର ନାଗରିକମାନେ ନିଜ ପରିବାର ଲୋକଙ୍କୁ ଦୁଇଓଳି ପେଟପୂରା ଖାଇବାକୁ ଦେଇପାରୁନାହାନ୍ତି। ଦୈନିକ ଦୁଇପଟ ରୁଟି ବି ସେମାନଙ୍କ ଭାଗ୍ୟରେ ଜୁଟୁନାହିଁ। ବିଡ଼ମ୍ବନାର ବିଷୟ ଯେ, ଆର୍ଥିକ ଉନ୍ନତିର ଶିଖରରେ ପହଞ୍ଚିଥିବା ଆମେରିକାର ପଡ଼ୋଶୀ ମେକ୍ସିକୋ, କିଛି ଲାଟିନ ଆମେରିକୀୟ ଦେଶ, କିଛି ଦକ୍ଷିଣ ୟୁରୋପୀୟ ରାଷ୍ଟ୍ର ତଥା ଆମେରିକାର ଯୁଦ୍ଧପିପାସୁ ନୀତିରେ ନିଷ୍ପେଷିତ କିଛି ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଆଜି ଗରିବୀ, ଗୃହଯୁଦ୍ଧ, ଖାଦ୍ୟାଭାବ, ବେରୋଜଗାର ଆଦି ସଙ୍କଟରେ ଜର୍ଜରିତ। ହଜାର ହଜାର ନାଗରିକ ପେଟକୁ ମୁଠାଏ ଦାନା, ଶରୀରକୁ ଢାଙ୍କିବା ପାଇଁ ଟିକିଏ କନା ପାଇବା ପାଇଁ ବିଶ୍ୱ ସମ୍ମୁଖରେ ଆଜି ଶରଣାର୍ଥୀ ଭାବେ ଉପସ୍ଥିତ। ଜୀବନ ବିକଳରେ ଲୁଚି ଲୁଚି ଦେଶାନ୍ତର ହୋଇ ମୃତ୍ୟୁକୁ ସାମନା କରୁଥିବା ବେଳେ ଉଦାରୀକରଣ ଓ ଜଗତୀକରଣର ସ୍ଲୋଗାନ ଦେଉଥିବା ସମୃଦ୍ଧିଶାଳୀ ଦେଶ ଓ ସଂଗଠନଗୁଡ଼ିକ ଏତେ ନିଷ୍ଠୁର ଓ ନୀରବ କାହିଁକି?

ଶରଣାର୍ଥୀ ସମସ୍ୟା ଓ ଏହାକୁ ସହୃଦୟତାର ସହ ଗ୍ରହଣ କରିବାର ମାନସିକତା ବୋଧହୁଏ ସମଗ୍ର ବିଶ୍ୱ ପାଇଁ ଭାରତ ଏକ ଉଦାହରଣ ହୋଇପାରେ। କାରଣ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟରେ ଶରଣାର୍ଥୀଙ୍କୁ ଆଶ୍ରୟ ଦେବାରେ ଭାରତର ଉଦାରତାକୁ ଏବେବି ଅନ୍ତର୍ଜାତୀୟ ସ୍ତରରେ ଗୁରୁତ୍ୱ ପ୍ରଦାନ କରାଯାଏ। ତିବ୍ବତ, ବାଂଲାଦେଶ, ପାକିସ୍ତାନ, ଆଫଗାନ, ଶ୍ରୀଲଙ୍କା ଓ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଭାରତ କେବଳ ଆଶ୍ରୟ ଦେଇନାହିଁ, ବରଂ ନିଜ ଦେଶର ଲୋକଙ୍କୁ ଦିଆଯାଉଥିବା ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ମଧ୍ୟ ସେମାନଙ୍କୁ ପ୍ରଦାନ କରିଛି। ବିଶ୍ୱକୁ ଏକ ପରିବାର ଭଳି ଗ୍ରହଣ କରିବାର ମାନସିକତା ପ୍ରଦର୍ଶନ କରିଛି। ଏହି ପ୍ରସଙ୍ଗରେ ସ୍ୱାଧୀନତା ପୂର୍ବବର୍ତ୍ତୀ ଏକ ଶରଣାର୍ଥୀ ସମ୍ପର୍କିତ ଘଟଣା ଏଠାରେ ସ୍ଥାନିତ କରିବା ଉଚିତ ହେବ। ଗତ ଚାଳିଶ ଦଶକର ଘଟଣା। ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ସମଗ୍ର ବିଶ୍ୱକୁ ଆଚ୍ଛାଦିତ କରି ରହିଥାଏ। ୧୯୪୧ରେ ସୋଭିଏତ ରୁଷିଆ ଉପରେ ହିଟଲରଙ୍କ ସେନା ଆକ୍ରମଣ କରିବାରୁ ରୁଷିଆରେ ଶ୍ରମିକ ଭାବେ ବିଭିନ୍ନ କ୍ୟାମ୍ପରେ ରହି କାର୍ଯ୍ୟ କରୁଥିବା ହଜାର ହଜାର ନିର୍ବାସିତ ପୋଲାଣ୍ଡ ନାଗରିକଙ୍କୁ ରୁଷିଆ ହଠାତ୍ ସର୍ବକ୍ଷମା ପ୍ରଦାନ କରି ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଲା। ରୁଷିଆର ଏପରି ଅତର୍କିତ ନିଷ୍ପତ୍ତି ପଛରେ ଉଦ୍ଦେଶ୍ୟ ଥିଲା ଯେ ହିଟଲରଙ୍କ ବିରୋଧୀ ଗୋଷ୍ଠୀରେ ପୋଲାଣ୍ଡ ଯୋଗ ଦେଉ। ସେତେବେଳେ ହଜାର ହଜାର ପୋଲାଣ୍ଡ ନାଗରିକଙ୍କ ଗଣପଳାୟନ ଖୁବ୍ ଯନ୍ତ୍ରଣା ତଥା କଷ୍ଟଦାୟକ ଥିଲା, କାରଣ ଶୀତପ୍ରଧାନ ରୁଷ ଅଞ୍ଚଳରୁ ସେମାନେ ଗ୍ରୀଷ୍ମପ୍ରଧାନ ଏସୀୟ ଅଞ୍ଚଳକୁ ଯାତ୍ରା କରିଥିଲେ। ତାପମାତ୍ରାର ତାରତମ୍ୟ, ଖାଦ୍ୟାଭାବ ଯୋଗୁ ବାଟରେ ଅନେକ ନିର୍ବାସିତ ପୋଲାଣ୍ଡ ନାଗରିକ ମୃତ୍ୟୁବରଣ କଲେ। ଦିନକୁ ଦିନ ଯୁଦ୍ଧର ବିଭୀଷିକା ବୃଦ୍ଧି ପାଉଥିବାରୁ ପୁନର୍ବାର ନିଜ ଜନ୍ମସ୍ଥାନ ପୋଲାଣ୍ଡ ଫେରିଯିବାର ସମସ୍ତ ଆଶା କ୍ଷୀଣ ହେବାକୁ ଲାଗୁଥାଏ। ପ୍ରଥମେ ବିଭିନ୍ନ ୟୁରୋପୀୟ ରାଷ୍ଟ୍ର ଓ ପରେ ତୁର୍କମେନିସ୍ତାନ, ଇରାନ, ଆଫଗାନିସ୍ତାନ, କ୍ୱେଟା ଓ କରାଚୀ ଆଦିରେ ପୋଲାଣ୍ଡ ଶରଣାର୍ଥୀମାନଙ୍କୁ ଆଶ୍ରୟ ନ ମିଳିବା ପରେ ପରେ ୫୦୦ ଶରଣାର୍ଥୀଙ୍କୁ ନେଇ ଗୋଟିଏ ବଡ଼ ପୋତ ବମ୍ବେ ବନ୍ଦରରେ ପହଞ୍ଚିଥିଲା।

ତତ୍କାଳୀନ ଇଂରେଜ ସରକାର ଅମଙ୍ଗ ହୋଇଥିଲେ ପୋଲାଣ୍ଡ ଶରଣାର୍ଥୀଙ୍କୁ ବମ୍ବେରେ ଆଶ୍ରୟ ଦେବାକୁ। ଖବର ପହଞ୍ଚିଲା ଜାମନଗର ମହାରାଜା ଦିଗ୍‌ବିଜୟ ସିଂ ଜାଦେଜାଙ୍କ ପାଖରେ। ସେତେବେଳେ ଦିଗ୍‌ବିଜୟ ସିଂ ଥିଲେ କାଉନସିଲ ଅଫ୍ ପ୍ରିନସେସ୍‌ର ଚାନସେଲର ତଥା ଇମ୍ପେରିଆଲ ୱାର୍ କ୍ୟାବିନେଟ୍ ଇନ୍ ବ୍ରିଟିଶ୍ ଇଣ୍ଡିଆର ଜଣେ ସକ୍ରିୟ ସଭ୍ୟ। ନିଜ ପଦବୀ ଓ ଦାୟିତ୍ୱକୁ ଭ୍ରୂକ୍ଷେପ ନ କରି ସେ ଶରଣାର୍ଥୀମାନଙ୍କୁ ସହାୟତାର ହାତ ବଢ଼ାଇଲେ। ୫୦୦ ଜଣିଆ ପୋଲାଣ୍ଡ ଶରଣାର୍ଥୀମାନଙ୍କୁ ନିଜ ରାଜ୍ୟର ନୱାନଗରରେ ଆଶ୍ରୟ ଦେବାକୁ ଘୋଷଣା କଲେ। ରହିବା ପାଇଁ ଘର, ସେମାନଙ୍କ ପିଲାଙ୍କ ପଢ଼ିବା ପାଇଁ ସ୍କୁଲ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଖାନା ଓ ରୋଜଗାର ପାଇଁ କାମଧନ୍ଦା ବି ଯୋଗାଇଦେଲେ। ଶରଣାର୍ଥୀମାନଙ୍କ ପାଇଁ ମହାରାଜା ପାଲଟିଗଲେ ଦେବଦୂତ ଓ ଶ୍ରଦ୍ଧାରେ ଶରଣାର୍ଥୀମାନେ ତାଙ୍କୁ ବାପୁ ବି ଡାକିବାକୁ ଆରମ୍ଭ କଲେ। ମହାରାଜା ଦିଗ୍‌ବିଜୟ ସିଂଙ୍କୁ ପରେ ସହଯୋଗ କରିଥିଲେ ପଟିଆଲା ଓ ବରୋଦାର ରାଜା। ପ୍ରସିଦ୍ଧ ବ୍ୟବସାୟିକ ପ୍ରତିଷ୍ଠାନ ଟାଟା ଗ୍ରୁପ୍ ବି ଶରଣାର୍ଥୀଙ୍କ ନିମନ୍ତେ ସେତେବେଳେ ଛଅ ଲକ୍ଷ ଟଙ୍କା ରାଜାଙ୍କୁ ପ୍ରଦାନ କରିଥିଲା। ନିଜେ ରାଜା ଦିଗ୍‌ବିଜୟ ଶରଣାର୍ଥୀ ଶିବିରକୁ ନିୟମିତ ବୁଲିଯିବା ସହ ସମସ୍ତ ସୁବିଧା ଅସୁବିଧା ବୁଝୁଥିଲେ ଓ ନିଜ ରାଜ୍ୟର ଲୋକଙ୍କ ଭଳି ସେମାନଙ୍କୁ ଗୁରୁତ୍ୱ ଦେଉଥିଲେ।

୧୯୪୨ରୁ ୧୯୪୮ ମଧ୍ୟରେ ପ୍ରାୟ ୨୦ ହଜାର ଶରଣାର୍ଥୀ ଭାରତରେ ରହିଥିଲେ, ଯେଉଁମାନେ କି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମହାରାଜା ଦିଗ୍‌ବିଜୟ ସିଂଙ୍କ ମହାନୁଭବତାକୁ ପୋଲାଣ୍ଡବାସୀ ଏବେ ବି ଭୁଲିନାହାନ୍ତି। ପୋଲାଣ୍ଡର ଅନେକ ସ୍କୁଲ, ରାଜପଥର ନାମ ମହାରାଜାଙ୍କ ନାମରେ ନାମିତ ହୋଇଛି ଓ ପୋଲାଣ୍ଡ ଇତିହାସରେ ଭାରତର ଆତିଥେୟତା ଓ ବିଶ୍ୱକୁ ଏକ ପରିବାର ଭାବେ ଗ୍ରହଣ କରିବାର ମାନସିକତା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। ଭାରତରୁ ଶିକ୍ଷା ଲାଭ କରିଥିବା ବସୁଧୈବ କୁଟୁମ୍ବକମ୍ ନୀତିକୁ ଗ୍ରହଣ କରି ଆଜି ଚେଚେନ୍ୟା, ଭିଏତନାମ, ଶ୍ରୀଲଙ୍କା, ତିବ୍ବତ ଓ ଅନେକ ଆଫ୍ରିକୀୟ ଦେଶର ଅନେକ ଶରଣାର୍ଥୀଙ୍କୁ ପୋଲାଣ୍ଡ ନିଜ ଦେଶରେ ଆଶ୍ରୟ ଦେଇଛି। ପୋଲାଣ୍ଡ ଭଳି ବିଶ୍ୱର ସମୃଦ୍ଧିଶାଳୀ ରାଷ୍ଟ୍ରମାନେ ଭାରତର ଶରଣାର୍ଥୀ ନୀତି ତଥା ବିଶାଳ ହୃଦୟତାକୁ ଆପଣେଇ ନେଲେ କ୍ରମବର୍ଦ୍ଧିଷ୍ଣୁ ଶରଣାର୍ଥୀ ସମସ୍ୟା ଦୂର ହୋଇପାରନ୍ତା। ଆଲାନ କୁର୍ଦ୍ଦି ଓ ଭାଲେରିଆଙ୍କ ଭଳି ନିଷ୍ପାପ ଶିଶୁଙ୍କ ମର୍ମନ୍ତୁଦ ମୃତ୍ୟୁ ଦେଖିବାକୁ ପଡ଼ନ୍ତା ନାହିଁ।

ମୋ–୯୪୩୭୨୩୨୪୬୩

# ବିଶ୍ୱବ୍ୟାଙ୍କର ପ୍ରଥମ ମହିଳା ଏମ୍‌ଡି

## ବ୍ୟକ୍ତିତ୍ୱ



ଅଂଶୁଲା କାନ୍ତ

ଅନ୍ତର୍ଜାତୀୟ ଆର୍ଥିକ ସଂସ୍ଥା ଭାବେ ବିଶ୍ୱ ବ୍ୟାଙ୍କ ଗରିବ ରାଷ୍ଟ୍ରଗୁଡ଼ିକୁ ସୁଧମୁକ୍ତ ଋଣ ଓ ଅନୁଦାନ ଦେଇ ବିକାଶମୂଳକ ପ୍ରକଳ୍ପ ତ୍ୱରାନ୍ୱିତ କରୁଛି। ଇଣ୍ଟରନ୍ୟାଶନାଲ ବ୍ୟାଙ୍କ ଫର୍ ରିକନ୍‌ଷ୍ଟ୍ରକ୍ସନ ଆଣ୍ଡ୍ ଡେଭଲପ୍‌ମେଣ୍ଟ (ଆଇବିଆରଡି) ଏବଂ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ ଆସୋସିଏଶନ (ଆଇଡିଏ)କୁ ନେଇ ବିଶ୍ୱ ବ୍ୟାଙ୍କ ଗଠିତ। ଏବେ ଏହାର ମୁଖ୍ୟ ଲକ୍ଷ୍ୟ ଦାରିଦ୍ର୍ୟ ଦୂରୀକରଣ। ଏଭଳି ଅନ୍ତର୍ଜାତୀୟ ସଂସ୍ଥାରେ ଅନ୍ୟତମ ପ୍ରମୁଖ ପଦବୀରେ ଆସୀନ ହେବାରେ ବର୍ତ୍ତମାନ ଜଣେ ଭାରତୀୟ ମହିଳାଙ୍କୁ ସୁଯୋଗ ମିଳିଛି। ସେ ହେଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଏମ୍‌ଡି ଅଂଶୁଲା କାନ୍ତ। ଅଂଶୁଲାଙ୍କୁ ବିଶ୍ୱ ବ୍ୟାଙ୍କର ଏମ୍‌ଡି ତଥା ଚିଫ୍ ଫାଇନାନ୍‌ସିଆଲ୍ ଅଫିସର (ସିଏଫ୍‌ଓ) ଭାବେ ୧୨ ଜୁଲାଇରେ ନିଯୁକ୍ତ କରାଯାଇଥିବା ବିଶ୍ୱ ବ୍ୟାଙ୍କ ପ୍ରେସିଡେଣ୍ଟ ଡେଭିଡ୍ ମାଲପସ୍ ଘୋଷଣା କରିଛନ୍ତି। ସେ ଅନ୍ତର୍ଜାତୀୟ ବ୍ୟାଙ୍କର ଫାଇନାନ୍‌ସିଆଲ୍ ଏବଂ ରିସ୍କ ମ୍ୟାନେଜମେଣ୍ଟ ଦାୟିତ୍ୱ ସମ୍ଭାଳିବେ। ଅଂଶୁଲା ବିଶ୍ୱବ୍ୟାଙ୍କର ପ୍ରଥମ ମହିଳା ଏମ୍‌ଡି ତଥା ସିଏଫ୍‌ଓ ହେବାର ଗୌରବ ଅର୍ଜନ କରିଛନ୍ତି।

ଅଂଶୁଲା ବିହାରର ଜାମ୍‌ସେଦପୁର (ଏବେ ଝାଡ଼ଖଣ୍ଡ)ରେ ୭ ସେପ୍ଟେମ୍ବର ୧୯୬୦ରେ ଜନ୍ମଗ୍ରହଣ କରିଥିଲେ। ଲେଡି ଶ୍ରୀରାମ କଲେଜରୁ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ଦିଲ୍ଲୀ ସ୍କୁଲ ଅଫ୍ ଇକନମିକ୍ସରୁ ସେହି ବିଷୟରେ ସ୍ନାତକୋତ୍ତର କରିଥିଲେ। ଭାରତୀୟ ବ୍ୟାଙ୍କିଙ୍ଗ୍ ପ୍ରତିଷ୍ଠାନରୁ ସାର୍ଟିଫାଏଡ୍ ଆସୋସିଏଟ୍ ହୋଇଥିବା ଅଂଶୁଲାଙ୍କ କର୍ମମୟ ଜୀବନ ୧୯୮୩ରେ ଏସ୍‌ବିଆଇର ପ୍ରୋବେଶନାରି ଅଫିସର ଚାକିରି ପାଇବାଠାରୁ ଆରମ୍ଭ ହୋଇଥିଲା। କାର୍ଯ୍ୟ ପ୍ରତି ନିଷ୍ଠା ତାଙ୍କୁ ଉଚ୍ଚକୁ ଯିବା ପାଇଁ ରାସ୍ତା ଦେଖାଇଥିଲା। ମହାରାଷ୍ଟ୍ର ଓ ଗୋଆର ଏସ୍‌ବିଆଇ ଚିଫ୍ ଜେନେରାଲ ମ୍ୟାନେଜର, ଅପରେଶନ୍ସ ଫର୍ ନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଗ୍ରୁପ୍‌ର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଙ୍ଗାପୁରଠାରେ ଏସ୍‌ବିଆଇର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ରହିବା ପରେ ଅଂଶୁଲାଙ୍କୁ ଏହି ସର୍ବବୃହତ୍ ବାଣିଜ୍ୟିକ ବ୍ୟାଙ୍କ ଦୁଇ ବର୍ଷ ପାଇଁ ଏମ୍‌ଡି ଆସନରେ ବସାଇବା ସହ ବ୍ୟାଙ୍କ ବୋର୍ଡରେ ସଦସ୍ୟ ଭାବେ ନେଇଥିଲା। ରିଟେଲ୍ ବ୍ୟାଙ୍କିଙ୍ଗ୍, କର୍ପୋରେଟ୍ କ୍ରେଡିଟ୍, କ୍ରସ୍–ବର୍ଡର ଟ୍ରେଡ୍ ଏବଂ ବ୍ୟାଙ୍କିଙ୍ଗ୍ ଇନ୍ ଡେଭଲପ୍‌ମେଣ୍ଟ (ଉଭୟ ପାଇକାରି ଓ ଖୁଚୁରା) ଆଦି ଜଟିଳ ଆର୍ଥିକ ଦିଗ ଉପରେ ଦୀର୍ଘବର୍ଷର ଅଭିଜ୍ଞତା ବର୍ତ୍ତମାନ ତାଙ୍କୁ ବିଶ୍ୱ ବ୍ୟାଙ୍କ ଭଳି ସଂସ୍ଥାରେ କାର୍ଯ୍ୟ କରିବା ଲାଗି ସୁଯୋଗ ଦେଇଛି ବୋଲି ଖୋଦ୍ ଡେଭିଡ୍ ମାଲପସ୍ କହିଛନ୍ତି। ଜଣେ ଭାରତୀୟ ମହିଳାଙ୍କ କାର୍ଯ୍ୟଦକ୍ଷତା ଉପରେ ବିଶ୍ୱ ବ୍ୟାଙ୍କ ସଭାପତିଙ୍କ ଏଭଳି ମନ୍ତବ୍ୟ ନିଶ୍ଚିତ ଭାବେ ସମ୍ମାନଜନକ।

କର୍ମମୟ ଜୀବନର ଆରମ୍ଭ ବେଳର କଥାକୁ ମନେପକାଇ ଅଂଶୁଲା କହନ୍ତି, ଯେତେବେଳେ ସେ ଏସ୍‌ବିଆଇରେ ଯୋଗ ଦେଇଥିଲେ ସେତେବେଳେ ତାଙ୍କୁ କୁହାଯାଇଥିଲା ଯେ ବ୍ୟାଙ୍କିଙ୍ଗ୍ ପରୀକ୍ଷାରେ ପାର୍ଟ ୧, ପାର୍ଟ ୨ ଛଡ଼ା ଆଉ ପାର୍ଟ ୩ ରହିଛି। ଏହି ପାର୍ଟ ୩ରେ ବ୍ୟାଙ୍କ ସଂଘ ସହ ଉତ୍ତମ ସମ୍ପର୍କ ଏବଂ ପଦୋନ୍ନତି ଓ ବଦଳି ଲାଗି ବରିଷ୍ଠ ଅଧିକାରୀଙ୍କୁ ଖୁସି କରିବା ବିଷୟ ସନ୍ନିବେସିତ ବୋଲି କୁହାଯାଇଥିଲା। କିନ୍ତୁ ଚାକିରି ଅଭିଜ୍ଞତା ଭିତରେ ସେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିଲେ ଓ ଏସବୁ ମନଗଢ଼ା ଥିଲା ବୋଲି ଅଂଶୁଲା କହିଛନ୍ତି। ପରନ୍ତୁ ଏସ୍‌ବିଆଇର ଆବାସିକ କଲୋନୀ ତାଙ୍କୁ ଉପରକୁ ଉଠିବା ସହ ପାରିବାରିକ ଜୀବନ ସୁଖକର କରିବାରେ ସହାୟକ ହୋଇଥିଲା ବୋଲି କହିଛନ୍ତି। ସ୍ୱାମୀ, ଗୋଟିଏ ଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ସଂସାର। ସ୍ୱାମୀ ସଞ୍ଜୟ ବାରାଣସୀଠାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ। ଝିଅ ନୂପୁର ତାଙ୍କ ସ୍ୱାମୀଙ୍କ ସହ ସିଙ୍ଗାପୁରରେ ରହୁଥିବା ବେଳେ ପୁଅ ସିଦ୍ଧାର୍ଥ ନ୍ୟୁୟର୍କରେ ବସବାସ କରୁଛନ୍ତି। ସଂସାର ଓ ବ୍ୟାଙ୍ଗିଙ୍ଗ୍ ଭଳି ଆର୍ଥିକ ଜଟିଳ ଦୁନିଆକୁ ପରିଚାଳନା କରି ଯିଏ ଅନ୍ତର୍ଜାତୀୟ ସଂସ୍ଥାରେ ଅବସ୍ଥାପିତ ହୋଇପାରିଛନ୍ତି, ବିଶ୍ୱବାସୀ ନିଶ୍ଚିତ ଭାବେ ତାଙ୍କଠାରୁ ଆହୁରି ଅଧିକ ଆଶା ରଖିବା ସ୍ୱାଭାବିକ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମଧ୍ୟପ୍ରଦେଶର ମଣ୍ଡଳା ଜିଲାର ଏକ ଗାଁରେ ରହିଛି ଏକ ଅଦ୍ଭୁତ ପରମ୍ପରା। ଏଠାରେ ବସବାସ କରୁଥିବା ଗୋଣ୍ଡ ଜନଜାତିରେ କୌଣସି ମହିଳା ଜୀବନକାଳ ମଧ୍ୟରେ ବିଧବା ହୁଅନ୍ତି ନାହିଁ। କାରଣ ଏଠାରେ କୌଣସି ମହିଳାଙ୍କ ସ୍ୱାମୀ ମୃତ୍ୟୁବରଣ କଲେ ସମ୍ପୃକ୍ତ ମହିଳା ଘରେ ଥିବା ଅବିବାହିତ ପୁରୁଷଙ୍କୁ ବିବାହ କରିଥାଆନ୍ତି। ବିଶେଷକରି ଦିଅରକୁ ଉକ୍ତ ବିଧବା ମହିଳାଙ୍କ ସହ ବିବାହ କରିଦିଆଯାଏ। କେତେକ ସ୍ଥଳେ ଘରେ ବିବାହ ଉପଯୁକ୍ତ ନାତି ଥିଲେ ତାଙ୍କ ସହ ଉକ୍ତ ବିଧବା ମହିଳାଙ୍କର ବିବାହ କରାଯାଇଥାଏ। ଏହା ସମ୍ଭବ ନ ହେଲେ ଏହାର ବିକଳ୍ପ ମଧ୍ୟ ରହିଛି। ଉକ୍ତ ମହିଳାଙ୍କ ସ୍ୱାମୀ ଯେବେ ଦେହତ୍ୟାଗ କରିଥାଆନ୍ତି ତା'ର ୧୦ ଦିନ ପୂରଣ ହେବା ପରେ ଗାଁର ଜଣେ ବ୍ୟକ୍ତି ଉକ୍ତ ମହିଳାଙ୍କୁ ରୁପା ଲାଗିଥିବା ଏକ ପାଟ ଉପହାର ଦେଇଥାଆନ୍ତି। ଯେଉଁ ବ୍ୟକ୍ତି ଏହି ପାଟ ଉପହାର ଦେଇଥାଆନ୍ତି, ସେହି ବ୍ୟକ୍ତିଙ୍କ ଘରକୁ ଉକ୍ତ ବିଧବା ମହିଳାଙ୍କୁ ପଠାଇ ଦିଆଯାଇଥାଏ। ଗାଁରେ ମହିଳାଙ୍କୁ ବିଧବା ବେଶରେ ଦେଖିବା ଅଶୁଭ ବୋଲି କହି ଗାଁ ଲୋକେ ଆଜି ବି ଏହି ପରମ୍ପରାକୁ ପାଳନ କରି ଆସୁଛନ୍ତି।

## ଚିରନ୍ତନୀ

ନୁହଇ ଧରମ ସେ ତ ଧରମର ଚର୍ମ ଆବରଣ
ବାହ୍ୟ ପରିଧାନ ଏକ, ନାହିଁ ତା'ର ଅପର କାରଣ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜୁଲାଇ ୧୯୯୪

- ଫ୍ରାନ୍ସ ମହାକାଶ ଏଜେନ୍ସିର ଜାକ୍ସ୍ ଇ ବ୍ଲେମଣ୍ଟଙ୍କୁ ୧୯୯୪ ମସିହାର ବିକ୍ରମ ସରାଭାଇ ପୁରସ୍କାର।
- ଦେଶର ଉତ୍ତର–ପୂର୍ବ ଅଞ୍ଚଳରେ ବନ୍ୟା ଯୋଗୁ ୪୪ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶା ଜଳସେଚନରେ ପଛୁଆ

ମହାଶୟ,

ଓଡ଼ିଶା ଜଳସେଚନ କ୍ଷେତ୍ରରେ ଏକ ପଛୁଆ ରାଜ୍ୟ। ଜାତୀୟ ସ୍ତରରେ ୪୫ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ଥିବା ବେଳେ ଓଡ଼ିଶାର ସବୁ ବ୍ଲକକୁ ଏପର୍ଯ୍ୟନ୍ତ ୩୫ ପ୍ରତିଶତ ଜଳସେଚନ ସୁବିଧା ମିଳିପାରି ନାହିଁ। ଗତ ୨୦ ବର୍ଷର ବିଜେଡି ଶାସନ ସମୟରେ ରାଜ୍ୟର ଗୋଟିଏ ହେଲେ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହା ରାଜ୍ୟ ସରକାରଙ୍କର ଏକ ବଡ଼ ବିଫଳତା। ସରକାରୀ ତଥ୍ୟ ଅନୁସାରେ ଏବେ ସମଗ୍ର ରାଜ୍ୟରେ ୩୦୦୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଛି। ଜମି ଅଧିଗ୍ରହଣ, ବିସ୍ଥାପନ ଓ ଆଇନଶୃଙ୍ଖଳା ସମସ୍ୟା ଯୋଗୁ ରାଜ୍ୟ ସରକାର ଜଳସେଚନ ପାଇଁ କ୍ଷୁଦ୍ର, ଅଣୁ ଓ ଉଠା ଜଳସେଚନ ପ୍ରକଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଗଣମାଧ୍ୟମର ରିପୋର୍ଟ ଅନୁସାରେ ଜଗତ୍‌ସିଂହପୁର ଜିଲାରେ ଗୋଟିଏ ବି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନାହିଁ। ଜଳ ସମ୍ପଦ ମନ୍ତ୍ରୀ ଜଗତ୍‌ସିଂହପୁର ଜିଲାକୁ ପ୍ରତିନିଧିତ୍ୱ କରୁଥିବାରୁ ଏହି ଜିଲା ପ୍ରତି ତାଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି। ସେ ଯୁଦ୍ଧକାଳୀନ ଭିତ୍ତିରେ ଜିଲାର ପ୍ରତ୍ୟେକ ବ୍ଲକରେ ଅନ୍ତତଃ ଗୋଟିଏ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ପାସ୍ ଫେଲ୍ ବ୍ୟବସ୍ଥା

ଧରିତ୍ରୀ(୨।୭।୬)ର ୫ମ ପୃଷ୍ଠାରେ ପ୍ରକାଶିତ ଖବର ଅନୁଯାୟୀ ୫ମ ଓ ୮ମ ଶ୍ରେଣୀରେ ପାସ ଫେଲ ବ୍ୟବସ୍ଥା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଶୀଘ୍ର କାର୍ଯ୍ୟକାରୀ କରାଯାଉ ଏବଂ ତା' ସହିତ ମଧ୍ୟାହ୍ନଭୋଜନ ଉଠାଇ ଦିଆଯାଉ, ଯଦି ବାସ୍ତବରେ ଆନ୍ତରିକତା ଥାଏ ଶିକ୍ଷା ପ୍ରତି। ଏହାଦ୍ୱାରା ଶିକ୍ଷକମାନେ ସମୟ ପାଇବେ ପଢ଼ାଇବା ପାଇଁ। ମଧ୍ୟାହ୍ନଭୋଜନ ଦ୍ୱାରା ଅନେକ ସମୟ ନଷ୍ଟ ହେଉଛି। କିନ୍ତୁ ସରସ୍ୱତୀ ଶିଶୁ ମନ୍ଦିର ଏବଂ ଇଂଲିଶ ମାଧ୍ୟମ ସ୍କୁଲର ପିଲାମାନେ ଭଲ ଫଳ କରୁଛନ୍ତି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ।

-ଗୁରୁ ନାନକ

## ସଂକ୍ଷେପରେ

### ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ ଅଫିସ, ୧୩।୭- ରାଜ୍ୟର ବିଭିନ୍ନ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୬୮୩ଟି ମାମଲାର ଫଇସଲା ହୋଇଛି। ମାମଲାଗୁଡିକ ସମ୍ପର୍କରେ ମୋଟ୍ ୫୯ କୋଟି ୧୫ ଲକ୍ଷ ୭୧ ହଜାର ୪୫୧ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ପ୍ରି-ଲିଟେଗେଶନ୍ ମାମଲା ମଧ୍ୟରେ ବ୍ୟାଙ୍କ ରିକଭରି ସମ୍ପର୍କିତ ୪୮,୭୮୫ ମାମଲା ବିଚାର ପାଇଁ ଆସିଥିଲାବେଳେ ସେଥିମଧ୍ୟରୁ ୨୭୭୯ଟିର ଫଇସଲା କରାଯାଇଛି। ପାଣି ବିଲ୍ ସଂକ୍ରାନ୍ତୀୟ ୧୯୫ ମାମଲା ବିଚାର ପାଇଁ ଆସିଥିଲାବେଳେ ୩୧ଟିର ସମାଧାନ କରାଯାଇଛି।

### ଚଳନ୍ତା ଟ୍ରେନରୁ ଖସି ଯୁବକ ଗୁରୁତର

ଭୁବନେଶ୍ୱର, ୧୩।୭(ବ୍ୟୁରୋ)- ରାଜମହଲ ଓଭରବ୍ରିଜ୍ ତଳେ ଜଣେ ଯୁବକ ଚଳନ୍ତା ଟ୍ରେନରୁ ଖସି ଗୁରୁତର ଆହତ ହୋଇଛି। ତାଙ୍କର ମୁଣ୍ଡ, ହାତ ଓ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡିଛି। ଆହତ ଯୁବକ ଜଣକ ହେଲେ କଟକ ଜିଲା ନିଆଳି ଅଞ୍ଚଳର ରଞ୍ଜନ ବସ୍ତିଆ(୨୮)। ରଞ୍ଜନ ପୁରୀରୁ ଏକ ପାସେଞ୍ଜର ଟ୍ରେନରେ ଭୁବନେଶ୍ୱର ଆସୁଥିଲେ। ଟ୍ରେନର ପ୍ରବେଶ ଦ୍ୱାର ନିକଟରେ ଛିଡା ହୋଇଥିବାବେଳେ ଅସାବଧାନତାବଶତଃ ଖସିପଡ଼ିଥିଲେ। ଟ୍ରେନ୍ ଲାଇନ୍‌ରେ ଜଣେ ଯୁବକ ଆହତ ଅବସ୍ଥାରେ ପଡିଥିବାଦେଖି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ବାହୁଡା ଯାତ୍ରାରେ ଚୋରି, ୪ ମହିଳା ଗିରଫ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)- ଇସ୍କନ ମନ୍ଦିରର ବାହୁଡା ଯାତ୍ରା ଚାଲିଥିବାବେଳେ ବହୁ ଭକ୍ତଙ୍କଠାରୁ ଚୋରି ହୋଇଥିବା ଜଣାପଡିଛି। ତେବେ ଚୋରି କରୁଥିବାବେଳେ ଜଣେ ମହିଳା ଭକ୍ତ ଜଣଙ୍କୁ କାବୁ କରିବା ପରେ ନୟାପଲ୍ଲୀ ଥାନା ପୋଲିସ ଏଥିରେ ସମ୍ପୃକ୍ତ ୪ଜଣ ମହିଳାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ ଚୋରି ମୋବାଇଲ୍ ଫୋନ୍ ଓ ପର୍ସ ସହ ଟଙ୍କା ମିଳିଛି। ଗିରଫ ମହିଳାମାନେ ହେଲେ ଖଡ଼ଗପୁରର ସାନ୍ତା ଦେବୀ(୨୦), ରେଖା କୁମାରୀ(୧୯), ଜଟଣୀରେ ରହୁଥିବା ଫାସାଲି ଶବର(୩୧) ଓ ମଞ୍ଜୁ ଶବର(୨୮)। ଏନେଇ ପୋଲିସ କେସ୍ ନଂ.୩୧୫/୧୯ ଆଇପିସି ଦଫା ୩୭୯ ଓ ୩୪ ଲଗାଇ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଇସ୍କନ ମନ୍ଦିରର ମହାପ୍ରଭୁଙ୍କ ତିନି ରଥକୁ ୟୁନିଟ୍-୮ସ୍ଥିତ ମାଉସୀମା ମନ୍ଦିରରୁ ଭକ୍ତମାନେ ଟାଣିଟାଣି ଇସ୍କନ ମନ୍ଦିର ନିକଟକୁ ଆଣୁଥିଲେ। ଏହି ସମୟରେ ଭିଡ଼ର ସୁଯୋଗ ନେଇ ସିଆରପିଏଫ୍ ଛକ ନିକଟରେ ୪ଜଣ ମହିଳା ଭକ୍ତଙ୍କଠାରୁ ମୋବାଇଲ୍ ଓ ପର୍ସ ଚୋରି କରୁଥିଲେ। ୟୁନିଟ୍-୮ର ସୁଷମା ଡାକୁଆ ନାମ୍ନୀ ଜଣେ ମହିଳାଙ୍କଠାରୁ ପର୍ସ ଚୋରି କରିବା ସମୟରେ ସେ ଜଣଙ୍କୁ କାବୁ କରି ନେଇଥିଲେ। ଏହାପରେ ପୋଲିସ ତାଙ୍କୁ ପଚରାଉଚରା କରି ଗ୍ୟାଙ୍ଗର ଅନ୍ୟମାନଙ୍କୁ ଗିରଫ କରି ନେଇଥିଲା। ସେମାନେ ରାଜଧାନୀରେ ବୁଲା ବିକାଳି ଭାବେ କାମ କରନ୍ତି। ସମୟ ସୁଯୋଗ ଦେଖି ଲୋକଙ୍କଠାରୁ ଲୁଟ୍ ଓ ଚୋରି କରନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୪।୭।୨୦୧୯(ରବିବାର)**

**ଭୁବନେଶ୍ୱର**

- ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଭଜନ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ଗୀତଗୋବିନ୍ଦ ସଦନ, ସକାଳ ୯ଟା।
- ସାମାଜିକ ଅନୁଷ୍ଠାନ କସ୍ତୁରୀ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଦକ୍ଷତା ଭିତ୍ତିକ ପ୍ରତିଯୋଗିତା, ସୂଚନା ଭବନ, ସକାଳ ୯ଟା।
- କୋଣାର୍କ ଓଡ଼ିଶା ପରିବାର ପକ୍ଷରୁ ମୌସୁମୀ ସାହିତ୍ୟ ଆସର, ଭାରତ ସ୍କାଉଟ୍ ଆଣ୍ଡ ଗାଇଡ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।
- ଇନଷ୍ଟିଚ୍ୟୁଟ ଅଫ କୋଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ-ଭୁବନେଶ୍ୱର ପକ୍ଷରୁ ସେମିନାର, ସିଏମ୍ଏ ଭବନ, ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ ଯୁବ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର ବିତରଣ ଉତ୍ସବ, ଓଡ଼ିଶା ପ୍ରେସ କ୍ଲବ, ମାଷ୍ଟରକ୍ୟାଣ୍ଟିନ, ଅପରାହ୍ନ ୫ଟା।
- ନୃତ୍ୟାୟନା ଓଡ଼ିଶୀ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୦୫।



**କଟକ**

- କବି ନାରାୟଣ ମୁଦୁଲି ଫାଉଣ୍ଡେଶନ ପକ୍ଷରୁ କବି ନାରାୟଣ ମୁଦୁଲିଙ୍କ ୫୪ତମ ଜୟନ୍ତୀ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ପ୍ରଦାନ, କୋଠପଦା, କୁଆଁପାଳ, ପୂର୍ବାହ୍ନ ୧୦ଟା।

**୧୫।୭।୨୦୧୯(ସୋମବାର)**

**ଭୁବନେଶ୍ୱର**

- ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧିତ ପ୍ରଦର୍ଶନୀ ଓ ଆଲୋଚନାଚକ୍ର, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଅପରାହ୍ନ ୪ଟା।
- ମମତା ଅନୁଷ୍ଠାନ ପକ୍ଷରୁ ବକ୍ତୃତା କାର୍ଯ୍ୟକ୍ରମ, ଭାରତୀୟ ବିଦ୍ୟା ଭବନ, ୟୁନିଟ-୩, ଅପରାହ୍ନ ୫ଟା।

**ଜଟଣୀ**

- ଆଇଆଇଟି ଅନୁଷ୍ଠାନର ଗଙ୍ଗା ଓ ବ୍ରହ୍ମପୁତ୍ର ହଲ ଉଦ୍‌ଘାଟନ, ଅରଗୁଳ, ପୂର୍ବାହ୍ନ ୧୦ଟା ୩୦।

**୧୯।୭।୨୦୧୯(ଶୁକ୍ରବାର)**

**ଭୁବନେଶ୍ୱର**

- ଇଣ୍ଡିଆନ କାଉନସିଲ ଫର କଲଚରଲ ରିଲେସନ୍ସ ଓ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶୀ ଡ୍ୟାନ୍ସ ଡ୍ରାମା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।




■ ସୂଚନା କେନ୍ଦ୍ରକୁ ଯୋଡ଼ିଲା ହ୍ୱାଟ୍‌ସ ଆପ୍ ଗ୍ରୁପ୍

# ହଜିଲା ଲୋକଙ୍କ ସୂଚନା ପାଇଲେ ପରିଜନ

ପୁରୀ ଅଫିସ,୧୩।୭

ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିବା ଲାଗି ଦେଶର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ପୁରୀକୁ ଆସିଥାନ୍ତି। ରଥଯାତ୍ରାଠୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ଗହଳି ଚହଳି ଲାଗିଥାଏ। ଏହି ଭିଡ଼ ଭିତରେ ବେଳେବେଳେ ଅନେକେ ନିଜ ସମ୍ପର୍କୀୟଙ୍କଠାରୁ ହାତଛଡ଼ା ହୋଇଯାନ୍ତି। ଗହଳି ଭିତରେ ସେମାନଙ୍କୁ ପୁଣି ପରିଜନଙ୍କ ସହ ମିଶାଇବା ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ହୋଇଥାଏ। ପ୍ରତିବର୍ଷ ଏହି ସମୟରେ ଶହ ଶହ ସଂଖ୍ୟାରେ ଲୋକ ଶ୍ରୀକ୍ଷେତ୍ରରେ ହଜନ୍ତି ଏବଂ ପୁଣି ପରିବାର ସହ ମିଶିଥାନ୍ତି। ଏଥିପାଇଁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସ୍ଥାନରେ ସୂଚନା କେନ୍ଦ୍ରମାନ ଖୋଲାଯାଇଥାଏ। ଏମିତି ବି ଅନେକ ଲୋକ ଦୀର୍ଘଦିନ ଧରି ପରିବାରଠୁ ଅଲଗା ହେବାର ନଜିର ରହିଛି। ଚଳିତବର୍ଷ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏକ ହ୍ୱାଟ୍‌ସ ଆପ୍ ଗ୍ରୁପ୍ କରାଯାଇଛି । ଫଳରେ ବିଭିନ୍ନ ସ୍ଥାନରୁ ହଜିଯାଇଥିବା ଲୋକଙ୍କୁ ଖୁବ୍‌ଶୀଘ୍ର ସେମାନଙ୍କ ସମ୍ପର୍କୀୟଙ୍କ ପାଖରେ ପହଞ୍ଚାଇବା ସମ୍ଭବ ହୋଇପାରୁଛି। ରଥଯାତ୍ରାଠାରୁ ସୁନାବେଶ ଏହି ୧୦ଦିନ ମଧ୍ୟରେ ପ୍ରାୟ ୧ ହଜାରରୁ ଅଧିକ ଲୋକଙ୍କୁ ସେମାନଙ୍କ ସମ୍ପର୍କୀୟଙ୍କ ଜିମା ଦିଆଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ କହିଛନ୍ତି।



ପରିବାରବର୍ଗଙ୍କ ସହ ଉଦ୍ଧାର ହୋଇଥିବା ନିଖୋଜ ବୃଦ୍ଧା।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସୂଚନା ମୁତାବକ, ଚଳିତ ବର୍ଷ ରଥଯାତ୍ରା ପାଇଁ ୧୧ଟି ସ୍ଥାନ ସିଂହଦ୍ୱାର, ଜଗନ୍ନାଥ ବଲ୍ଲଭ, ବଳଗଣ୍ଡି, ବଡ଼ଶଙ୍ଖ, ମୁକ୍ତାକାଶ ରଙ୍ଗମଞ୍ଚ, ସୁଭାଷ ବୋଷ ଛକ, ଦିଗବାରେଣୀ, ପାନ୍ଥ ଭବନ, ତାଳବଣିଆ ଏବଂ ରେଳଷ୍ଟେଶନରେ ସୂଚନା କେନ୍ଦ୍ର ଖୋଲାଯାଇଛି। ସବୁ କେନ୍ଦ୍ରକୁ ଏକାଠି ଯୋଡ଼ିବା ଲାଗି ଆଇ ଆଣ୍ଡ ପିଆର୍ ଇନଫର୍ମେଶନ ସେଣ୍ଟର ନାମରେ ଏକ ହ୍ୱାଟ୍‌ସ ଆପ୍ ଗ୍ରୁପ୍ କରାଯାଇଛି। ଅର୍ଥାତ୍ କୌଣସି ଗୋଟିଏ କେନ୍ଦ୍ରରେ କେହି ହଜିଥିବା ବ୍ୟକ୍ତି ପହଞ୍ଚିଲେ କିମ୍ବା ତାଙ୍କୁ ପହଞ୍ଚାଗଲେ ସଙ୍ଗେ ସଙ୍ଗେ ଏହି ଗ୍ରୁପ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଫଟୋ ଏବଂ ଠିକଣା ପୋଷ୍ଟ କରାଯାଏ। ଫଳରେ ସବୁ କେନ୍ଦ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଘୋଷଣା କରାଯିବା ସହ ତାଙ୍କ ଫଟୋ ପ୍ରଦର୍ଶନ କରାଯାଏ। ଯଦି କେହି ବ୍ୟକ୍ତି ବା ଶିଶୁ ପରିବାରଠୁ ଅଲଗା ହୋଇ କୌଣସି କେନ୍ଦ୍ରରେ ପହଞ୍ଚନ୍ତି ଏବଂ ତାଙ୍କ ସମ୍ପର୍କୀୟ ଅନ୍ୟ ଯେ କୌଣସି କେନ୍ଦ୍ରରେ ଯାଇ ପଚାରନ୍ତି ତେବେ ତୁରନ୍ତ ଉଭୟଙ୍କ ମଧ୍ୟରେ ଯୋଗାଯୋଗ ହୋଇପାରୁଛି।

ଚଳିତବର୍ଷ ଶିଶୁ ଓ ବରିଷ୍ଠ ନାଗରିକ ଅଧିକ ସଂଖ୍ୟାରେ ହଜୁଥିବା ବିଭିନ୍ନ କେନ୍ଦ୍ରରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏ ସମ୍ପର୍କରେ ସିଂ କହିଛନ୍ତି, ପ୍ରତିଦିନ ଗୋଟିଏ କେନ୍ଦ୍ରରେ ୨୫ରୁ ୩୦ ଏହିଭଳି ବର୍ତ୍ତମାନ ସୁଦ୍ଧା ପ୍ରାୟ ୧ ହଜାରରୁ ଅଧିକ ହଜିବା ଲୋକଙ୍କ ପଞ୍ଜୀକରଣ ହୋଇଛି। ସମସ୍ତେ ତାଙ୍କ ସମ୍ପର୍କୀୟଙ୍କୁ ପାଇପାରୁଛନ୍ତି। ଏମିତିକି ବୟସ୍କ ବ୍ୟକ୍ତି ହୋଇ ଥିଲେ ନିଜେ ଆସୁଛନ୍ତି ନଚେତ୍ ଛୋଟପିଲା ହୋଇଥିଲେ ତାଙ୍କୁ ଗହଳି ଭିତରୁ କେହି ଆଣି କେନ୍ଦ୍ରରେ ପହଞ୍ଚାଉଛନ୍ତି। ସେହିପରି ଅଧିକାଂଶ ବରିଷ୍ଠ ନାଗରିକ ବି ଆସୁଛନ୍ତି। ଅନେକ ଛୋଟ ପିଲା ତାଙ୍କ ଠିକଣା ସମ୍ପର୍କରେ କହିପାରୁନାହାନ୍ତି। କିନ୍ତୁ ଏହି ଗ୍ରୁପ୍ ମାଧ୍ୟମରେ ସଙ୍ଗେସଙ୍ଗେ ବିଭିନ୍ନ କେନ୍ଦ୍ରକୁ ସୂଚନା ଦିଆଯିବା ସହ ସେମାନଙ୍କ ଫଟୋ ପ୍ରଦର୍ଶନ କରାଯାଉଛି। ଏହିଭଳି ଅନେକ ଶିଶୁ, ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ସମ୍ପର୍କୀୟଙ୍କ ଜିମା ଦିଆଯାଇଛି। ଏମିତି କି ଜଣେ ନବବଧୂ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଥିଲେ। ତାଙ୍କ ସ୍ୱାମୀ ସିଂହଦ୍ୱାର ସୂଚନାକେନ୍ଦ୍ରରେ ବିବାହ ସମୟର ଏକ ଫଟୋ ଦାଖଲ କରିଥିଲେ। ଏହି ଫଟୋ ଅନ୍ୟାନ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ସବୁ କେନ୍ଦ୍ରରୁ ଘୋଷଣା କରାଯାଇଥିଲା। ପ୍ରାୟ ୨ଘଣ୍ଟା ପରେ ତାଙ୍କ ସ୍ତ୍ରୀ ସିଂହଦ୍ୱାର ସୂଚନା କେନ୍ଦ୍ରରେ ପହଞ୍ଚିଥିଲେ । ସେହିପରି ଛୋଟ ପିଲାଙ୍କ ହସ୍ତାନ୍ତର ପାଇଁ କେତେକ ନିର୍ଦ୍ଦିଷ୍ଟ ନିୟମ ରହିଛି। ହଜି ଯାଇଥିବା ପିଲାର ଅଭିଭାବକ ପହଞ୍ଚିଲେ ବି ଚାଇଲ୍ଡ ଲାଇନ ପକ୍ଷରୁ ଆବଶ୍ୟକ କାଗଜପତ୍ର କାମ କରାଯାଇ ପିଲାଙ୍କୁ ହସ୍ତାନ୍ତର କରାଯାଉଛି । ଏଥିପାଇଁ ପ୍ରତି କେନ୍ଦ୍ରରେ ଚାଇଲ୍ଡ ଲାଇନ ସଦସ୍ୟ ରହିଛନ୍ତି। ଏମିତି ବି ଅନେକ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି, କାହାର ପକେଟମାର ହୋଇଛି ତ ପୁଣି କେହି ଘର ଲୋକଙ୍କଠାରୁ ଅଲଗା ହୋଇଯିବା ପରେ ବେସାହାରା ହୋଇପଡ଼ିଛନ୍ତି। ଏହିଭଳି କେତେକ ଲୋକଙ୍କ ଖାଇବା ପିଇବା ବ୍ୟବସ୍ଥା କରାଯିବା ସହ ଟିକେଟ କାଟି ବସ୍ ଯୋଗେ ତାଙ୍କ ଗାଁକୁ ପଠାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସିଂ ପ୍ରକାଶ କରିଛନ୍ତି।



ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ଶନିବାର ଅନୁଷ୍ଠିତ 'ଅଣ୍ଡର ସିକ୍ସଟିନ୍'ରେ ଯୁବ ଶିଳ୍ପୀଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

# ମନ୍ତ୍ରମୁଗ୍ଧ କଲା ଏକକ ଓଡ଼ିଶୀ

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ଓଡ଼ିଶୀ ଡ୍ୟାନ୍ସ କାଉନସିଲ ପକ୍ଷରୁ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଆନୁକୂଲ୍ୟରେ ଶନିବାର ଭଞ୍ଜକଳା ମଣ୍ଡପଠାରେ ଏକକ ନୃତ୍ୟ କାର୍ଯ୍ୟକ୍ରମ ପୁଷ୍ପାଞ୍ଜଳି 'ଅଣ୍ଡର ସିକ୍ସଟିନ୍' ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଜଣ ଶିଳ୍ପୀ ଏକକ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ମଙ୍ଗଳାଚରଣରୁ ଆରମ୍ଭ ହୋଇଥିଲା ପ୍ରଥମ ପ୍ରସ୍ତୁତି। ଶିଳ୍ପୀ ଭାନିଶା ଦଣ୍ଡାପଟ 'ଶ୍ରୀତ କମଳ...' ପରିବେଷଣ କରିଥିଲେ। ଏହାପରେ ସତ୍ୟପ୍ରକାଶ ମଲ୍ଲିକଙ୍କ ପରିବେଷଣରେ ଥିଲା ପଲ୍ଲବୀ। ଏହା ରାଗ ବଜ୍ରକାନ୍ତି ଏବଂ ତାଳ ଏକତାଳି ଉପରେ ନିବଦ୍ଧ ଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ମଞ୍ଚର ଶୋଭା ବଢାଇଥିଲେ ଶିଳ୍ପୀ ଅନିଶା ଅଭିସିକ୍ତା ରାଉତ। ସେ ରାଜ କିରବାଣୀ ଏବଂ ତାଳ ଯତି ଉପରେ ନୃତ୍ୟାଭିନୟ 'ମୋହନେ ଦେଲି ଚାହିଁ...' ପରଷି ଦେଇଥିଲେ। ଏହାପରେ ଶିଳ୍ପୀ ଦିବ୍ୟା ମିଶ୍ରଙ୍କ ପ୍ରସ୍ତୁତିରେ ଥିଲା 'କିଏଲୋ ସଜନି କେଳି...'। ସେହିପରି ଅନ୍ୱେଷା ପାଢୀଙ୍କ ପ୍ରସ୍ତୁତିରେ ଥିଲା ପଲ୍ଲବୀ। ଏହାପରେ 'ଶ୍ୟାମ ଛବି ଛଟକ...'କୁ ପରିବେଷଣ କରିଥିଲେ ମୟୂରୀ କ୍ରିଷ୍ଣା ସାହୁ। ଅନୁଶ୍ରୀ ଦାସ, ୱାମିକା ସ୍ୱାଇଁ, ଶୁଭଙ୍କର ମାଧବୀ ଏବଂ କ୍ରିତିକା ମହାନ୍ତି ପ୍ରମୁଖ ଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅତିଥିଭାବେ ଅନୁଷ୍ଠାନର ସଭାପତି ସ୍ନେହପ୍ରଭା ସାମନ୍ତରାୟ, ସମ୍ପାଦିକା ଇଲିଆନା ସିତାରିଷ୍ଟି ଏବଂ ଗୁରୁ ସଚ୍ଚିଦାନନ୍ଦ ଦାସ ଯୋଗଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଶ୍ରୀବାତ୍ସ



ମୋହନ



ଅମିତ୍



ଆର୍. ଲେଙ୍କା



ଦେବଜିତ୍



ଶ୍ରେୟା



ଶନିବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଓଡ଼ିଶା ଫ୍ୟାଶନ ଭିଲାର ୬ ପ୍ରତିଭା ।



ଭୁବନେଶ୍ୱର ଜେଡିସିଏଠାରେ ଅନୁଷ୍ଠିତ 'ମିଟ୍ ଦି ଆର୍ଟିଷ୍ଟ'ରେ ଅତିଥି ଓ ଅନ୍ୟମାନେ।

# ଓଡ଼ିଶାରେ ଅଗ୍ରଗତି କରିପାରିନି ସେରାମିକ୍ କଳା

ଭୁବନେଶ୍ୱର,୧୩।୭(ବ୍ୟୁରୋ)

**୨୩୦ତମ ମିଟ୍ ଦ ଆର୍ଟିଷ୍ଟ କାର୍ଯ୍ୟକ୍ରମ**

ଜେଡିସିଏ ଭୁବନେଶ୍ୱର ତରଫରୁ ପ୍ରତ୍ୟେକ ମାସ ଦ୍ୱିତୀୟ ଶନିବାର ଆୟୋଜନ ହେଉଥିବା 'ମିଟ୍ ଦ ଆର୍ଟିଷ୍ଟ'ର ୨୩୦ତମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଡିସିଏ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଏଥରର ବିଷୟବସ୍ତୁ ଥିଲା 'ଓଡ଼ିଶାରେ ସେରାମିକ କଳା'। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶ୍ୱଜିତା ମହାରଣା ଯୋଗଦେଇ ଓଡ଼ିଶାରେ ସେରାମିକ କଳା ଓ ନିଜ କଳାକୃତି ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ, ଯଦିଓ ସେରାମିକ୍ କଳା ଆମ ଦେଶରେ ବହୁ ପ୍ରାଚୀନ ଏବଂ ମହେଞ୍ଜୋଦାରେ ଓ ହରପ୍ପା ସଭ୍ୟତାରେ ଏହି କଳାର ପରିସ୍ଫୁଟନ ହୋଇଥିଲା। ପରବର୍ତ୍ତୀ ସମୟରେ ଦକ୍ଷ ଶିକ୍ଷକ ଓ ଶିକ୍ଷାର ଅଭାବ ଯୋଗୁ ଏହି କଳା ଓଡ଼ିଶାରେ ବିଶେଷ ଅଗ୍ରଗତି କରିପାରି ନାହିଁ ଏବଂ ସାଧାରଣ ଲୋକେ ଏହି କଳା ବିଷୟରେ ଅବଗତ ନୁହନ୍ତି ବୋଲି ସେ କହିଥିଲେ। ଉଲ୍ଲେଖ ଥାଉକି, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନରେ ଅଧ୍ୟୟନ ସମୟରେ ବିଶ୍ୱଜିତା ସେରାମିକ୍ କଳା ପ୍ରତି ବିଶେଷ ଧ୍ୟାନ ଦେଇ ୨୦ ବର୍ଷ ଧରି ସେରାମିକ୍‌ରେ ବିଭିନ୍ନ କଳାକୃତି ନିର୍ମାଣ କରିଛନ୍ତି। ସର୍ବଦା ପ୍ରକୃତି ଓ ସାମାଜିକ ସମସ୍ୟା ତାଙ୍କ କଳାକୃତିରେ ସ୍ଥାନ ପାଇଛି। ଶିଶୁକନ୍ୟା ଭ୍ରୁଣହତ୍ୟା, ଜଙ୍ଗଲ ଓ ବୃକ୍ଷରାଜି ଆଦିର ଧ୍ୱଂସ ତନ୍ମଧ୍ୟରୁ ପ୍ରମୁଖ ଅଟେ। ଅନ୍ୟପକ୍ଷେ ଆଲୋଚନାରେ ବରିଷ୍ଠ ସେରାମିକ୍ କଳାକାର ପୃଥ୍ୱୀରାଜ ସିଂହଦେଓ ଅଂଶଗ୍ରହଣ କରି କହିଥିଲେ, ଓଡ଼ିଶାରେ ଏକଦା ଟେରାକୋଟାର ବ୍ୟାପକ ପ୍ରଚଳନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ସବୁର ଅବକ୍ଷୟ ଘଟିଛି। ଓଡ଼ିଶାରେ ଏଥି ନିମନ୍ତେ ଉଦ୍ଦିଷ୍ଟ କଞ୍ଚାମାଲ ତଥା ଉଦୀୟମାନ ଶିଳ୍ପୀଙ୍କର ଅଭାବ ନାହିଁ। କିନ୍ତୁ ଭିତ୍ତିଭୂମି ଅଭାବରୁ ଏହାର ପ୍ରଚଳନ ଦିନକୁ ଦିନ କମିବାରେ ଲାଗିଛି। ଅନ୍ୟମାନଙ୍କ ମଧ୍ୟରେ ଚିତ୍ରଶିଳ୍ପୀ ରାମହରି ଜେନା, ବିଥୀ ଦାସ, ଚୈତାବସୁ ଜେନା, ଏଲ୍.ଏନ୍.ସାହୁ, ରତ୍ନମାଳା ମିଶ୍ର, ଧିରେନ୍ ଦାସ, ବୀରେନ୍ ଦାସ, ଶ୍ରୀପ୍ରକାଶ ପାଣି, ମିନୁ ପାଣି, ଦିଗମ୍ବର ମହାଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଶ୍ୱଜିତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନୂଆଦିଲ୍ଲୀର ଝିଲ୍‌ମିଲ୍ ଶିଳ୍ପାଞ୍ଚଳରେ ଥିବା ଦୁଇ ମହଲାବିଶିଷ୍ଟ ଏକ ହାର୍ଡୱାୟାର କାରଖାନାରେ ଶନିବାର ଅଗ୍ନିକାଣ୍ଡ ଘଟିବାରୁ ଦୁଇ ମହିଳାଙ୍କ ସହ ୩ ପ୍ରାଣ ହରାଇଛନ୍ତି। ସକାଳ ୯ଟାରେ ନିଆଁ ଲାଗିବା ପରେ ୩୧ ଦମକଳ ଗାଡ଼ିନେଇ ଅଗ୍ନିଶମ ବାହିନୀର କର୍ମଚାରୀ ସେଠାରେ ପହଞ୍ଚି ଏହାକୁ ଆୟତ୍ତ କରିଥିଲେ। ପ୍ରବଳ ଧୂଆଁଯୋଗୁ ଉପର ମହଲାରେ ଥିବା ୩ଜଣ ପ୍ରାଣ ହରାଇଥିଲେ। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଦିଲ୍ଲୀ ଶିଳ୍ପମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଘଟଣାସ୍ଥଳ ପରିଦର୍ଶନ କରି ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନେଇ ଘୋଷଣା କରିଛନ୍ତି।

# ପାଟକୁରା: ବୁଝାମଣାରୁ ଲଢ଼େଇ ଦୁର୍ବଳ



- ଆସିବେନି ମୋଦି-ଶାହ, ଭାଜପାକୁ କେବଳ ରାଜ୍ୟ ନେତୃତ୍ୱ ଭରସା
- ପାଟକୁରା ଫଳାଫଳ ପ୍ରଭାବ ବିଜେପୁର ଉପନିର୍ବାଚନ ଉପରେ ପଡିବା ନେଇ ଚର୍ଚ୍ଚା
- ରାଜ୍ୟ ସଭା କଥା ଉଠାଇଲାଣି କଂଗ୍ରେସ

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ରାଜ୍ୟ ରାଜନୀତି ବର୍ତ୍ତମାନ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ କେନ୍ଦ୍ରିତ। ୨୦୧୯ ସାଧାରଣ ନିର୍ବାଚନରେ ୧୪୬ ଆସନ ପାଇଁ ଭୋଟ ହୋଇଥିବାବେଳେ କେବଳ ପାଟକୁରା ଆସନ ଏଥିରୁ ବାଦ୍ ପଡିଥିଲା। ଏହି ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ କାରଣରୁ ଏଠାରେ ନିର୍ବାଚନ ଆସନ୍ତା ୨୦ରେ ହେବାକୁ ଯାଉଛି। ଏହି ଗୋଟିଏ ଆସନ ହାତେଇବା ସକାଶେ ଯେମିତି ରାଜ୍ୟ ଯାକର ନେତା ପାଟକୁରାରେ ଏକତ୍ରିତ ହୋଇଯାଇଛନ୍ତି। ବିଜେଡିର ଗଣ୍ଡାଗଣ୍ଡା ନେତା ପଞ୍ଚାୟତୱାରି ଦାୟିତ୍ୱ ପାଇ ସେଠାରେ କିଛିଦିନ ହେବ ଡେରା ପକାଇଥିବାବେଳେ ଭାଜପା ନେତାମାନେ ଏବେ ସେହି ଦିଗକୁ ଗଡିବା ଆରମ୍ଭ କରିଛନ୍ତି। ଭାଜପା ଟିକେଟରେ ନିର୍ବାଚନ ଲଢି ପ୍ରଥମଥର ଲାଗି ଏମ୍‌ପି ହୋଇଥିବା ନେତାମାନେ ହିଁ ଦଳର ପ୍ରମୁଖ ଚେହେରା ଭାବେ ସେଠାରେ ପ୍ରଚାର ଚଳାଇଛନ୍ତି। ହେଲେ କଳେବଳେ ଏହି ଆସନ ହାତେଇବା ଲାଗି ବିଜେଡି ପୂରା ଦମ୍‌ରେ ଲାଗିପଡିଛି। ଶାସକ ଦଳର ଜଣେ ଜଣେ ବିଧାୟକ ଏବଂ ମନ୍ତ୍ରୀ ଗୋଟିଏ ଲେଖା ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ(ବେଦ ପ୍ରକାଶଙ୍କ ସ୍ତ୍ରୀ) ପାଇଁ ଦୁଇଦିନ ପ୍ରଚାର କରିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଏହି ନିର୍ବାଚନ ପୂର୍ବରୁ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପ୍ରଚାର କରିବାକୁ ଆସିବାର କୌଣସି କାର୍ଯ୍ୟକ୍ରମ ରଖାଯାଇନାହିଁ। ଫଳରେ ଦୁଇନେତାଙ୍କ ଓଡିଶା ଗସ୍ତ ନ ହେବା ପଛରେ କିଛି ନିର୍ଦ୍ଦିଷ୍ଟ କାରଣ ରହିଥିବା ଚର୍ଚ୍ଚା ଜୋର୍ ଧରିବାକୁ ଲାଗିଲାଣି। ଯଦି ପ୍ରଧାନମନ୍ତ୍ରୀ ଏବଂ ଶାହଙ୍କ ମଧ୍ୟରୁ କେହି ହେଲେ ଜଣେ ନ ଆସନ୍ତି ତେବେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ହେବା କଥା ଆହୁରି ଜୋର୍ ଧରିବ ବୋଲି ଦଳର ଗୋଟିଏ ଗୋଷ୍ଠୀ କହିବା ଆରମ୍ଭ କରିଦେଲେଣି। ସେହିପରି ଏହି ଦୁଇ ନେତାଙ୍କ ଗସ୍ତ କାର୍ଯ୍ୟକ୍ରମ ନ ଥିବା ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମାଲୋଚନା କରିଛନ୍ତି। ନିରଞ୍ଜନ କହିଛନ୍ତି, ଭାଜପା ପାଟକୁରାରେ ସମ୍ପୂର୍ଣ୍ଣଭାବେ ବିଜେଡି ନିକଟରେ ଆତ୍ମସମର୍ପଣ କରିଛି। ରାଜ୍ୟ ସଭା ଆସନ ବୁଝାମଣା ଏହାର ଉଦାହରଣ। ରାଜ୍ୟ ସଭା ଆସନ ବୁଝାମଣା କଥାକୁ ଏ ପର୍ଯ୍ୟନ୍ତ ଭାଜପା ନେତାମାନେ ବୁଝିପାରି ନାହାନ୍ତି। ଏତେସବୁ ପରେ ପ୍ରଧାନମନ୍ତ୍ରୀ ଏବଂ ଶାହଙ୍କ ଆସିବା କଥା କାହିଁକି ଆଲୋଚନା ହେବ ବୋଲି ସେ କହିଛନ୍ତି।

ପାଟକୁରା ନିର୍ବାଚନ ଲାଗି ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ସରିଛି ନା ଲଢ଼େଇ ହେଉଛି ସେକଥା ବୁଝିବା କଷ୍ଟକର ବ୍ୟାପାର ବୋଲି ରାଜନୈତିକ ମହଲରେ ଆଲୋଚନା ହେବାରେ ଲାଗିଛି। ସମୀକ୍ଷକଙ୍କ ମତରେ ବୁଝାମଣାରୁ ଲଢ଼େଇ ଦୁର୍ବଳ ସ୍ତରକୁ ଚାଲିଗଲାଣି।

ଅନ୍ୟପଟେ ପାଟକୁରା ଦାୟିତ୍ୱ ବଣ୍ଟନ କଥା ଆସିଲେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ହୋଇଥିବା ବୁଝାମଣା କଥା ଉଠାଇ ଗୈରିକ ଦଳର କେତେଜଣ ନେତା ଛିଗୁଲେଇବା ଆରମ୍ଭ କରିଦେଇଛନ୍ତି। ସେପଟେ ବିଜେଡିର କେତେଜଣ ନେତା ମଧ୍ୟ ରାଜ୍ୟ ସଭା ଆସନ ବୁଝାମଣା କଥାକୁ ନେଇ ଭିତରେ ଭିତରେ ପ୍ରବଳ ଅସନ୍ତୁଷ୍ଟ ଅଛନ୍ତି। ତେବେ ବିଜେଡି ପକ୍ଷରୁ ଯେପରି ନେତାମାନଙ୍କ ମଧ୍ୟରେ ପାଟକୁରାର ସମସ୍ତ ପଞ୍ଚାୟତ ବାଣ୍ଟି ଦିଆଯାଇଛି, ଭାଜପା କ୍ଷେତ୍ରରେ ସେପରି ଦେଖିବାକୁ ମିଳୁନାହିଁ। ଭାଜପାର କେତେଜଣ ବିଧାୟକ ପ୍ରଚାର କରିବା ପାଇଁ ଯାଉଥିଲେ ସୁଦ୍ଧା ବିଜେଡି ଭଳି ଏହି ଆସନକୁ ଗୁରୁତ୍ୱ ସହ ନେଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁନାହିଁ। ରାଜ୍ୟରେ ପ୍ରଥମ ଥର ପାଇଁ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇବା ପରେ ଭାଜପା ନେତାମାନଙ୍କ ଲାଗି ପାଟକୁରା ଆସନ ହାତେଇବା ଏକ ସ୍ୱାଭିମାନର ପ୍ରସଙ୍ଗ ପାଲଟିଛି। ସେପଟେ ହିଞ୍ଜିଳି ଏବଂ ବିଜେପୁର ବିଧାନସଭା ଆସନରୁ ଲଢି ମୁଖ୍ୟମନ୍ତ୍ରୀ ଉଭୟ ନିର୍ବାଚନମଣ୍ଡଳୀରେ ବିଜୟ ହୋଇଥିଲେ। ନିକଟରେ ବିଜେପୁର ଆସନରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାପରେ ଏହି ଆସନରେ ଖୁବ୍‌ଶୀଘ୍ର ଉପନିର୍ବାଚନ ହେବ। ତେଣୁ ପାଟକୁରା ନିର୍ବାଚନ ଫଳାଫଳର ପ୍ରଭାବ ନିଶ୍ଚିତଭାବେ ବିଜେପୁର ଉପନିର୍ବାଚନ ଉପରେ ପଡିବ ବୋଲି ଚର୍ଚ୍ଚା ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ଓ ଶାହଙ୍କ ଗସ୍ତ ନେଇ ପଚାରିବାରୁ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଏହି ଆସନ ଲାଗି ଉଭୟେ ଆସିବାଭଳି କାର୍ଯ୍ୟକ୍ରମ ନାହିଁ। ଏଠି ଓଡିଶାର କର୍ମୀ ଓ ନେତାମାନେ ମିଶିକି ନିର୍ବାଚନ ଲଢିବୁ ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ପାଟକୁରା ଗସ୍ତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଧର୍ମେନ୍ଦ୍ର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ୧୮ଟି ସ୍ଥାନରେ ରୋଡ୍ ଶୋ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଦୁଇ ଦଳର ଲଢେଇ ମଧ୍ୟରେ କଂଗ୍ରେସର କାର୍ଯ୍ୟଧାରା ନେଇ ସେମିତି କିଛି ଜଣାପଡୁନାହିଁ। ଅନ୍ୟପଟେ ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ବିଧାୟକ ଏବଂ ନେତାମାନଙ୍କ ମଧ୍ୟରେ ବ୍ଲକୱାରି ଦାୟିତ୍ୱ ବଣ୍ଟନ ହୋଇଥିବା କହିଛନ୍ତି।

## ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

- ଡାକ୍ତରଖାନା ନେବାବେଳେ ଦୁର୍ଘଟଣାରେ ୨ ମହିଳା ଗୁରୁତର

ହାଟଡିହୀ/ ଆନନ୍ଦପୁର, ୧୩।୭ (ଡି.ଏନ.ଏ./ସ୍ୱ.ପ୍ର.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଥାନା ମଧୁବନ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ୨ ନାବାଳିକା ପୋଖରୀରେ ଗାଧୋଉଥିବା ସମୟରେ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ସେମାନେ ହେଲେ ସୁରେଶ ମହାକୁଡ଼ଙ୍କ ଝିଅ ଅନିତା(୮) ଏବଂ ଅଭିମନ୍ୟୁ ନାୟକଙ୍କ ଝିଅ ଅନିଷା(୯)। ଏହି ନାବାଳିକା ଦ୍ୱୟ ସ୍କୁଲରୁ ଫେରି ନିଜ ଗାଁ ପୋଖରୀକୁ ଗାଧୋଇବାକୁ ସାଙ୍ଗ ହୋଇ ଯାଇଥିଲେ। ଗୋଡ଼ ଖସିଯିବାରୁ ଦୁହେଁ ପାଣିରେ ବୁଡ଼ିଯାଇଥିଲେ। ପାଖରେ ଥିବା ଲୋକେ ଉଭୟଙ୍କୁ ପାଣି ଭିତରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନା ଆଣିବାକୁ ବ୍ୟବସ୍ଥା କରିଥିଲେ। ଏକ ଅଟୋରିକ୍ସାରେ ଉଭୟଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଉଥିଲା। ହେଲେ ପୁରୁଣାପାଣି ନିକଟରେ ଅଟୋରିକ୍ସାଟି ଦୁର୍ଘଟଣାଗ୍ରସ୍ତ ହୋଇ ହଠାତ୍ ଓଲଟି ପଡ଼ିଥିଲା। ସେଥିରେ ଥିବା ୫ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନିତାଙ୍କ ମା' ପଦ୍ମିନୀ ଓ ଅନିଷାଙ୍କ ମା' ନନ୍ଦିନୀଙ୍କ ଅବସ୍ଥା ଗୁରୁତର ରହିଛି। ହାଟଡିହୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ୨ ମହିଳା ଓ ଦୁଇ ନାବାଳିକାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ। ଡାକ୍ତର ଦୁଇ ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ସୋସୋ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାକୁଡ଼ି ପରାଏ ପୀରତି ଦେଖ।**
**ବାହାରକୁ ତୁଳ ଭିତର ଫାଙ୍କ।**

କିଛି ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ଭିତରର ସ୍ୱରୂପ ବାହାରକୁ ଆଦୌ ଜଣାପଡ଼ି ନ ଥାଏ। ଉପରେ ଉପରେ ମିଠାକଥା କହି ଆପଣାର ଭାବ ଦେଖାଇଥାନ୍ତି, ଅଥଚ ଭିତରେ ଭିତରେ ନିଜ ମନ୍ଦ ଅଭିଳାଷକୁ ପୂରଣ କରାଇ ନେଇଥାନ୍ତି। କାକୁଡ଼ିର ଉପରିଭାଗ ବେଶ୍ ଚିକ୍କଣ ପରନ୍ତୁ ତା'ର ଭିତର ଫାଙ୍କ ରହିଥିବା ଭଳି ଉପରକୁ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତିର ଭିତରର କପଟାଚରଣ ବା ମନ୍ଦ ଆଚରଣ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କି ବୁଦ୍ଧି କଲି ?**
**କଉଡ଼ି ପଣକ ପାଇଁ ମହତ ସରେଇ ଦେଲି।**

ମନୁଷ୍ୟତ୍ୱର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନସମ୍ମାନ ବା ଇଜ୍ଜତ। ମର୍ଯ୍ୟାଦା ଥରେ ଚାଲିଗଲେ ଆଉ ଯେତେ ଚେଷ୍ଟା କଲେ ମଧ୍ୟ ଫେରି ଆସି ନ ଥାଏ। ତେଣୁ ବ୍ୟକ୍ତି ନିଜ କର୍ମ ପ୍ରତି ସଜାଗ ବା ସଚେତନ ରହିବା ବିଧେୟ। ସାମାନ୍ୟ ପଇସା କେତେଟା ପାଇଁ ମାନସମ୍ମାନ ବା ଇଜ୍ଜତ ହରାଇ ବସିଥିବା ବ୍ୟକ୍ତି ପଶ୍ଚାତ୍ତାପ କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

- ନିର୍ବାଚନୀ ଶତ୍ରୁତାରୁ ଗୋଷ୍ଠୀସଂଘର୍ଷ, ଲାଠିଚାର୍ଜ

## ଆନ୍ଦୋଳନକାରୀଙ୍କ ଆକ୍ରମଣରେ ଏସ୍‌ପିଙ୍କ ସମେତ ୫ ଯବାନ ଆହତ

ରାୟଗଡା ଅଫିସ୍, ୧୩।୭

ନିର୍ବାଚନ ସମୟର ଶତ୍ରୁତାକୁ ନେଇ ଶୁକ୍ରବାର ରାୟଗଡା ସହରରେ ଘଟିଛି ସଂଘର୍ଷ। ଏଥିରେ ଉଭୟ ପକ୍ଷରୁ ୨ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ କଂଗ୍ରେସ ସପକ୍ଷବାଦୀ ହରିଶ ପଟ୍ଟନାୟକ ଓ ସ୍ୱାଧୀନ ସପକ୍ଷବାଦୀ ଉମେଶ ଚନ୍ଦ୍ର ହିଆଲ। ଏହାକୁ ନେଇ ଶନିବାର ଥାନା ଘେରାଉ କରାଯିବା ସହ ଉତ୍ତେଜନା ଦେଖାଦେଇଛି। ଏପରିକି ଆନ୍ଦୋଳନକାରୀମାନେ ପୋଲିସ ଉପରକୁ ଆକ୍ରମଣ କରିବାରୁ ଏସପିଙ୍କ ସମେତ ୫ ଯବାନ ଆହତ ହୋଇଛନ୍ତି। ଫଳରେ ପୋଲିସ ବାଧ୍ୟ ହୋଇ ଲାଠିଚାର୍ଜ କରିଛି। ପୋଲିସ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ସମେତ ୫ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଶୁକ୍ରବାର ରାତିରେ ରାୟଗଡା ସହରର ନୂଆସାହି ଓ ଆଞ୍ଜିୟାପେଟା ମଧ୍ୟରେ ସଂଘର୍ଷ ଘଟିଥିଲା। ଫଳରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ପରେ ଉଭୟ ପକ୍ଷରୁ ରାୟଗଡା ଥାନାରେ ୨ଟି ମାମଲା ରୁଜୁ କରାଯାଇଥିଲା। ଶନିବାର ସକାଳେ ନୂଆସାହିର ଶତାଧିକ ପୁରୁଷ ଓ ମହିଳା ଉମେଶଙ୍କ ସପକ୍ଷରେ ବାହାରି ରାୟଗଡା ଥାନା ଘେରାଉ କରିଥିଲେ। କଂଗ୍ରେସ ବିଧାୟକ ପ୍ରାର୍ଥୀ ଓ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ଏଥିସହ ପୋଲିସକୁ ଗାଳିଗୁଲଜ କରିବା ସହ ଥାନା ଭିତରକୁ ଧସେଇ ପଶିଥିଲେ। ଏହାର କିଛି ସମୟ ପରେ ଥାନା ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଖବରପାଇ ଏସ୍‌ପି ଡା. ଶର୍ବଣା ବିବେକ ଏମ୍, ଅତିରିକ୍ତ ଏସ୍‌ପି ଭି.ଆର୍ ରାଓ ଏବଂ ଏସ୍‌ଡିପିଓ ତପନ ନାରାୟଣ ରଥ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଆନ୍ଦୋଳନକାରୀମାନେ ନିଜ ଜିଦ୍‌ରେ ଅଟଳ ରହିବାରୁ ଯବାନ ପହଞ୍ଚି ଘଉଡାଇବାରୁ ସେମାନେ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଏସ୍‌ପି ଏବଂ ମହିଳା କନଷ୍ଟେବଳ ସସ୍ମିତା ପାଣିଗ୍ରାହୀଙ୍କ ସମେତ ୫ ଯବାନ ଆହତ ହୋଇଥିଲେ। ପରେ ପୋଲିସ ବାଧ ହୋଇ ଲାଠିଚାର୍ଜ କରିବାରୁ ରାସ୍ତାରୋକୋ ହଟିବା ସହ ସ୍ଥିତି ଶାନ୍ତ ପଡିଥିଲା। କଂଗ୍ରେସ ବିଧାୟକ ପ୍ରାର୍ଥୀ ଆପ୍ପୁଲସ୍ୱାମୀ କାଡ୍ରାକାଙ୍କ ସମେତ ୫ ଜଣଙ୍କୁ ପୋଲିସ ଅଟକ ରଖିଛି। ଏହାର ପ୍ରତିବାଦରେ ଆଞ୍ଜିୟାପେଟା, ଆମ୍ବାଗୁଡା ଓ ଜୟରାମଗୁଡାର ଲୋକେ ୩୨୬ ନମ୍ବର ଜାତୀୟ ରାଜପଥର ଆମ୍ବାଗୁଡା ଛକରେ ରାସ୍ତାରୋକୋ କରିଥିଲେ। ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଘଟିଥିବା ଆକ୍ରମଣ ପ୍ରତିଆକ୍ରମଣରେ ୩୦ରୁ ଅଧିକ ବାଇକ୍ ଭାଙ୍ଗି ଚୂର୍‌ମାର ହୋଇଛି। ଏନେଇ ଘଟଣା ସମ୍ପର୍କରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁଲାଲଙ୍କ ସହିତ ଆଲୋଚନା କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ଏମ୍ସରେ ମିଳିବ ଡାଏଲିସିସ୍ ସୁବିଧା

ଭୁବନେଶ୍ୱର, ୧୩।୭(ବ୍ୟୁରୋ) /ପାତ୍ରପଡ଼ା(ଡି.ଏନ୍.ଏ.)

ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ କିଡ଼ନୀ ରୋଗୀ ଏବେ ଡାଇଲିସିସ୍ ସୁବିଧା ପାଇପାରିବେ। ଆସନ୍ତା ୧୫ ତାରିଖରେ ଏମ୍ସର ସପ୍ତମ ଭିତ୍ତିପ୍ରସ୍ତର ସ୍ଥାପନ ଦିବସ ସମାରୋହ ଅନୁଷ୍ଠିତ ହେବ। ଏହି ଅବସରରେ ଅତ୍ୟାଧୁନିକ ଡାଏଲିସିସ ୟୁନିଟ୍ ଓ ୧୫ଟି ମଡ୍ୟୁଲାର ଓଟି ଉଦ୍‌ଘାଟନ ହେବ। ଏଥିସହ ଏମ୍‌ଆର୍‌ଆଇ ପାଇଁ ଅତ୍ୟାଧୁନିକ ଟେସଲା ମେଶିନ ମଧ୍ୟ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମେଶିନ ଲାଗିଲେ ରୋଗୀ ଅତ୍ୟାଧୁନିକ ସେବା ସହ ଅଧିକ ରୋଗୀ ଏମ୍‌ଆର୍‌ଆଇ ସେବା ପାଇପାରିବେ। ତେବେ ଏଠାରେ ସମସ୍ତ ସୁପରସ୍ପେସିଆଲିଟି ସେବା ଆରମ୍ଭ ହୋଇଥିଲେ ମଧ୍ୟ ନେଫ୍ରୋଲୋଜି ବିଭାଗ ଖୋଲି ପାରି ନ ଥିଲା। କିନ୍ତୁ ଏବେ ଏସବୁ ସମସ୍ୟାର ସମାଧାନ ହେବ। ଯଦି ଓଟି କାର୍ଯ୍ୟ ୧୫ ତାରିଖ ସୁଦ୍ଧା ସମ୍ପୂର୍ଣ ହୁଏ ତେବେ ଶୁଭାରମ୍ଭ ହେବ। ନଚେତ୍ ୨୧ରେ ଏହା ଖୋଲିବ ବୋଲି ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶିକା ଗୀତାଞ୍ଜଳୀ ବାଟମାନବେନ୍ ସୂଚନା ଦେଇଛନ୍ତି। ଶନିବାର ଏମ୍ସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇ କହିଛନ୍ତି, ଏହି ଉତ୍ସବ ଅବସରରେ ଦୁଇଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ମୁଖ୍ୟତଃ ବାଲେଶ୍ୱର ଓ ମେଣ୍ଢାଶାଳଠାରେ ଏକ ମେଗା ହେଲ୍‌ଥ କ୍ୟାମ୍ପ ଆୟୋଜନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ରହିଛି। ପ୍ରତିଷ୍ଠା ଦିବସ ଉପଲକ୍ଷେ ରବିବାର ବାଲେଶ୍ୱର ସାଟେଲାଇଟ ସେଣ୍ଟରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ସ୍ପେଶିଆଲିଟି ଓ ସୁପର ସ୍ପେଶିଆଲିଟି ବିଭାଗରେ ମାଗଣା ରୋଗୀସେବା ଯୋଗାଇ ଦିଆଯିବ। ୧୫ ତାରିଖରେ ଭୁବନେଶ୍ୱର ଏମ୍‌ସ ପରିସରରେ ଚାରା ରୋପଣ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ରୁରାଲ ହେଲ୍‌ଥ ଟ୍ରେନିଂ ସେଣ୍ଟରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶିକା କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ବର୍ଷ ଏନ୍‌ଟିପିସି ସହଯୋଗରେ ଏମ୍‌ସରେ ଏକ ବର୍ନ ୟୁନିଟ୍ କାର୍ଯ୍ୟକ୍ଷମ ହେବ। ସେହିପରି ନାଲ୍‌କୋ ସହାୟତାରେ ୫୦୬ ଶଯ୍ୟା ବିଶିଷ୍ଟ ଏକ ଧର୍ମାଶାଳା କାର୍ଯ୍ୟ ଚାଲୁଥିବାବେଳେ ଖୁବ୍‌ଶୀଘ୍ର ଏହା ଲୋକଙ୍କ ସେବାରେ ଲାଗିପାରିବ ବୋଲି ଜଣାପଡ଼ିଛି।

## ଗୁଳିମାଡ଼ରେ ବାବୁଲି ଗୁରୁତର

କେନ୍ଦ୍ରାପଡା ଅଫିସ, ୧୩।୭

ସଦର ଥାନା ଅନ୍ତର୍ଗତ କେନ୍ଦ୍ରାପଡା ସହରର ଚଟିପୋଲ ନିକଟରେ ଧର୍ମରକ୍ଷା ସେନାର ଜିଲା ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ଶନିବାର ରାତିରେ ଗୁଳିମାଡ଼ ହୋଇଛି। ତାଙ୍କ ତଳିପେଟରେ ଆଘାତ ଲାଗିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

**କେନ୍ଦ୍ରାପଡ଼ାରେ ଚାଞ୍ଚଲ୍ୟ**



କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିବେକାନନ୍ଦ ମହାରଣା ଓରଫ ବାବୁଲି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟା ୪୫ ମିନିଟରେ ବାବୁଲି ସହରର ତିନିମୁହାଣୀସ୍ଥିତ ରାମମନ୍ଦିରରୁ ବାଇକ୍‌ରେ ନିଜ ଘର ରାମନଗର ପାଟଣା ଗ୍ରାମକୁ ଫେରୁଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ବୁଲେଟ୍‌ରେ ଆସି ବାବୁଲିଙ୍କ ଉପରକୁ ୨ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳି ତାଙ୍କ ତଳି ପେଟରେ ବାଜିଥିଲା। ଆକ୍ରମଣ ପରେ ଧର୍ମରକ୍ଷା ସେନାର ସଦସ୍ୟମାନେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଗୁଲନଗରଠାରେ ରାସ୍ତାରୋକୋ କରିଛନ୍ତି। ଏନେଇ ତିନି ମୁହାଣୀ ବଜାର ବନ୍ଦ ହେବା ସହ ରାମମନ୍ଦିର ସମ୍ମୁଖ ରାସ୍ତାରେ ବହୁ ଲୋକ ଟାୟାର ଜାଳି ବିରୋଧ ପ୍ରଦର୍ଶନ କରିଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଖବରପାଇ ଜିଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ବାବୁଲି ଧର୍ମରକ୍ଷା ସେନାର ଆବାହକ ଥିବାବେଳେ ତିନିମୁହାଣୀ ରାମମନ୍ଦିର ଓ ବଜାର କମିଟିର ସଭାପତି ଅଛନ୍ତି। ସେ ବିଭିନ୍ନ ସମୟରେ ହିନ୍ଦୁ ସୁରକ୍ଷା ନେଇ ଶୋଭାଯାତ୍ରା ଓ ଧର୍ମ ସଚେତନତା ଆଦି କାର୍ଯ୍ୟ କରନ୍ତି। ଏଥିସହ ତାଙ୍କର ଦଣ୍ଡାମୁଣ୍ଡ ଛକ ନିକଟରେ ଏକ ବ୍ୟବସାୟିକ ଅନୁଷ୍ଠାନ ରହିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସେ ୨ ଦିନ ହେବ ପାଟକୁରା ନିର୍ବାଚନରେ ବିଜୟ ମହାପାତ୍ରଙ୍କୁ ସମର୍ଥନ କରି ବିଭିନ୍ନ ସ୍ଥାନରେ ପ୍ରଚାର କରୁଥିଲେ। ଏଥିଯୋଗୁ ଏହା ଏକ ରାଜନୈତିକ ହିଂସାକାଣ୍ଡ ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣାକୁ ନେଇ ସହରରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

ମା'ଙ୍କୁ ଜାଳିଦେବା ଘଟଣା

## ସ୍ତ୍ରୀଙ୍କ ଶୁଦ୍ଧିକ୍ରିୟା ପାଇଁ ଟଙ୍କା ନାହିଁ

ବଲାଙ୍ଗୀର ଅଫିସ/ ପାଟଣାଗଡ଼, ୧୩।୭ (ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ବ୍ଲକ ରାଡବାହାଲ ଗାଁରେ ଗତ ୬ ତାରିଖ ଦିନ ଜଣେ ଯୁବକ ତାଙ୍କ ବୃଦ୍ଧ ପିତାଙ୍କୁ ମାଡମାରିବା ସହ ରୋଗଣା ମା' ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଜିଅନ୍ତା ପୋଡ଼ି ଦେଇଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁତ୍ର ସନ୍ତୋଷ ଖର୍ସେଲ(୪୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ଏବେ ଜେଲରେ ଅଛନ୍ତି। ଏହି ଘଟଣାର ୭ ଦିନ ପରେ ମୃତା ମହିଳା ଆଶାମତୀ(୭୫)ଙ୍କ ସ୍ୱାମୀ ରୂପି ଖର୍ସେଲ (୮୦)ଙ୍କ ଦାରିଦ୍ର୍ୟ ଓ ଅସହାୟତା ଚର୍ଚ୍ଚାର ବିଷୟ ହୋଇଛି। ଏବେ ତାଙ୍କ ପାଖରେ କେହି ନାହାନ୍ତି। ପୁଅ ସନ୍ତୋଷ ଏବେ ଜେଲରେ। ବୋହୂ ତାଙ୍କ ବାପାଘରେ। ଏଭଳି ସମୟରେ ରୂପି ଏକାକୀ ହୋଇଯାଇଛନ୍ତି। ତାଙ୍କ ପାଖରେ ଖାଇବାକୁ କିଛି ନାହିଁ। ଆଶାମତୀ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ କରାଯାଇଥିବା ମୃତଦେହକୁ ରୂପି ସତ୍କାର କରିଥିବାରୁ ଜାତି ସମାଜ ତାଙ୍କୁ ଅଟକ ରଖିଥିଲେ। ଏହାପରେ ସେ ସଞ୍ଚୟ କରିଥିବା ଭତ୍ତା ଟଙ୍କାରେ କୁକୁଡା ଓ ବିପିଏଲ ଚାଉଳ ଦେଇ ରବିବାର ରୂପି ଜାତିଶୁଦ୍ଧି ହୋଇଛନ୍ତି। ଏଭଳି ସମୟରେ ରୂପି ଜାତିସମାଜଙ୍କ କଥାରେ ପଡି ଜାତି ମଧ୍ୟ ହୋଇଥିଲେ। ଏବେ ସ୍ତ୍ରୀର ଶୁଦ୍ଧିକ୍ରିୟା କରିବାକୁ ତାଙ୍କ ପାଖରେ ଟଙ୍କା ନାହିଁ। ଏଣୁ ଗାଁ ଲୋକଙ୍କଠାରୁ ଭିକ ମାଗିଲେ ଯାଇ ଶୁଦ୍ଧିକ୍ରିୟା କରିପାରିବେ ବୋଲି ରୂପି ଖର୍ସେଲ କହିଛନ୍ତି। ଏ ନେଇ ପ୍ରଶାସନର ନଜର ନାହିଁ। ବଲାଙ୍ଗୀରରୁ ୟୁଥ୍ ଆକ୍ସନ କମିଟିର ଏକ ଟିମ୍ ବିନୋଦ କାଲସାଏଙ୍କ ନେତୃତ୍ୱରେ ରାଡବାହାଲ ଯାଇ କିଛି ସହାୟତା ଦେବା ପରେ ଘଟଣାଟି ଲୋକଲୋଚନକୁ ଆସିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବାହୁଡ଼ିଲେ ଶ୍ରୀପତିତପାବନ ଜୀଉ

**ବାଲିଅନ୍ତା,୧୩।୭(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ଅଞ୍ଚଳର ଆରାଧ ଠାକୁର ଶ୍ରୀ ପତିତପାବନ ଜୀଉଙ୍କ ବାହୁଡ଼ା ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ଶେଷ ହୋଇ ଏହି ପ୍ରାଚୀନ ମନ୍ଦିରର ବାହୁଡାଯାତ୍ରା। ଓଡ଼ିଶାର ପୁରପଲ୍ଲୀରେ ଦଶମୀ ତିଥିରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ପତିତପାବନ ଜୀଉଙ୍କ ଦ୍ୱାଦଶୀ ତିଥିରେ ଆୟୋଜିତ ହୋଇଥାଏ। ଅପରାହ୍ନ ୪ଟା ୧୫ରୁ ପତିତପାବନ ଜୀଉଙ୍କ ଏକମାତ୍ର ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ରଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଫେରିବା ବାଟରେ ଦୋଳବେଦୀସ୍ଥିତ ମା' ଚାଟଖାଇ ପାଖକୁ ଆଜ୍ଞାମାଳ ଯିବାସହ ପୋଡ଼ପିଠା ଲାଗି ହୋଇଥାଏ। ଆଜିର ଏହି ବାହୁଡ଼ା ଯାତ୍ରାରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସନ୍ଧ୍ୟାରେ ରଥ ସମ୍ମୁଖରେ ଭଜନ ସମାରୋହ ପରିବେଷିତ ହୋଇଥିଲା। ଶୁକ୍ରବାର ଏକାଦଶୀ ତିଥିରେ ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପତିତପାବନ ଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା।

### ହସ୍ତଶିଳ୍ପ କାରିଗରଙ୍କୁ ରିଲିଫ୍ ବଣ୍ଟନ

**ଭୁବନେଶ୍ୱର,୧୩।୭(ବ୍ୟୁରୋ):** ଫନୀରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ହସ୍ତଶିଳ୍ପୀ କାରିଗରଙ୍କୁ 'ସ୍ମାଇଲ' ଫାଉଣ୍ଡେଶନ ପକ୍ଷରୁ ରିଲିଫ ବଣ୍ଟାଯାଇଛି। ଭୁବନେଶ୍ୱରର 'ଅରୁପା' ଫାଉଣ୍ଡେଶନର ସହଯୋଗରେ ପୁରୀ ଜିଲା ନାୟକପାଟଣାସ୍ଥିତ କ୍ରିଷ୍ଣା ଆର୍ଟ ଆଣ୍ଡ କ୍ରାଫ୍ଟ ପରିସରରେ ଶୁକ୍ରବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ଜଣ ହସ୍ତଶିଳ୍ପୀ କାରିଗରଙ୍କୁ ରିଲିଫ ଦିଆଯାଇଛି। ଏଥିରେ ସୋଲାର ଲାଇଟ, ପାଲ, ଲୁଗା, ମଶୁରି, ମହମବତୀ, ସାନିଟାରୀ ନାପ୍‌କିନ୍ ଓ କିଛି ଖାଦ୍ୟ ସାମଗ୍ରୀ ଦିଆଯାଇଥିଲା। ଆଗାମୀ ଦିନରେ ସେମାନଙ୍କୁ ୱାର୍କଶେଡ, କଞ୍ଚାମାଲ ସହ କିଛି ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ସୁପାରିସ କରାଯାଇଥିଲା। ଉଲ୍ଲେଖଥାଉ କି, ଏଠାରେ ରହୁଥିବା ଅଧିବାସୀ ଅଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ପେଟ ପାଟଣା ପାଇଁ କରୁଥିବା ହସ୍ତଶିଳ୍ପ କାର୍ଯ୍ୟର ସାମଗ୍ରୀଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ସେଗୁଡିକର ମରାମତି କରିବା ତଥା ପୁନରୁଦ୍ଧାର କରିବାରେ ସେମାନେ ଅସମର୍ଥ ଥିବା କଥା ଅରୁପା ଫାଉଣ୍ଡେଶନକୁ ଜଣାଇଥିଲେ। ତେବେ ଫାଉଣ୍ଡେଶନ ପକ୍ଷରୁ ଦିଲ୍ଲୀର ସ୍ମାଇଲ ଫାଉଣ୍ଡେଶନକୁ ଏ ବିଷୟରେ ସମସ୍ତ କଥା ଅବଗତ କରାଯାଇଥିଲା।

### ୨୮ରୁ 'ରଙ୍ଗଭାରତୀ-୧୨'

ଭୁବନେଶ୍ୱର,୧୩।୭(ବ୍ୟୁରୋ): ଭୁବନେଶ୍ୱରର ଅନ୍ୟତମ ପୁରାତନ ନାଟ୍ୟସଂସ୍ଥା 'ଉତ୍ତରପୁରୁଷ' ପକ୍ଷରୁ ଆୟୋଜିତ ହେବାକୁଯାଉଛି ୨୧ ଦିନିଆ ନାଟ୍ୟ କର୍ମଶାଳା 'ରଙ୍ଗଭାରତୀ-୧୨'। ଆସନ୍ତା ୨୮ ତାରିଖରୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଏହି କର୍ମଶାଳା ଭୁବନେଶ୍ୱରରେ ଆୟୋଜିତ ହେବ। ଏହି କର୍ମଶାଳାକୁ ପରିଚାଳନା ଓ ନିର୍ଦ୍ଦେଶନା ଦେବେ ଖ୍ୟାତନାମା ନାଟ୍ୟବିତ୍, ନାଟ୍ୟ ନିର୍ଦ୍ଦେଶକ ଓ ନାଟ୍ୟଗୁରୁ ଚୌଧୁରୀ ଜୟପ୍ରକାଶ ଦାସ। ମଞ୍ଚ ନାଟକରେ ଆଗ୍ରହ ରଖିଥିବା ଯୁବପିଢି ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ସହାୟତା ତାଲିକା ସାର୍ବଜନୀନ ହେଉ

**ବାଲିପାଟଣା,୧୩।୭(ଡି.ଏନ୍.ଏ.):** ବାତ୍ୟା 'ଫନୀ'ରେ ଖୋର୍ଦ୍ଧା ଜିଲା ଜୟଦେବ ନିର୍ବାଚନମଣ୍ଡଳୀରେ ବ୍ୟାପକ କ୍ଷତି ହୋଇଛି। ଜିଲା ପ୍ରଶାସନ ଏହି ନିର୍ବାଚନମଣ୍ଡଳୀକୁ ଅଣଦେଖା କରୁଛି ବୋଲି ଭାଜପା ଅନୁସୂଚିତ ଜାତୀୟ ରାଜ୍ୟ ଉପସଭାପତି ନରେନ୍ଦ୍ର ନାଥ ନାୟକ ଶୁକ୍ରବାର ବାଲିପାଟଣାସ୍ଥିତ ଭାଜପା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଘରଭଙ୍ଗା କ୍ଷତିପୂରଣ ହିତାଧିକାରୀଙ୍କ ତାଲିକା ସାର୍ବଜନୀନ ହେଉ। ବାସ୍ତବ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ କଟାଯାଉ। ପାନ, ନଡ଼ିଆ ଓ ରବି ଫସଲ ଚାଷୀଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ଦିଆଯାଉ। ଚିହ୍ନଟ ପ୍ରକ୍ରିୟାରେ ଦଲାଲ ଓ ରାଜନୈତିକ ହସ୍ତକ୍ଷେପକୁ ପ୍ରଶ୍ରୟ ଦିଆ ନ ଯାଉ। ଏ ସମ୍ପର୍କରେ ଜୁଲାଇ ୧୫ ଓ ୧୭ ରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବାଲିପାଟଣା ଏବଂ ବାଲିଅନ୍ତା ତହସିଲଦାରଙ୍କୁ ପ୍ରଦାନ କରାଯିବ। ଏଥିରୁ ସୁଫଳ ନ ମିଳିଲେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ଦିଲୀପ କୁମାର ସ୍ୱାଇଁ, ଜୟନ୍ତ ଶିଶୁ ଗୋସ୍ୱାମୀ, ଯଶବନ୍ତ ପଟ୍ଟନାୟକ, କାଳିନ୍ଦୀ ବେହେରା ଓ ସନ୍ତୋଷ କୁଣ୍ଡ ଉପସ୍ଥିତ ଥିଲେ।

## ■ ପାଳନ ହେଉନି କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶନାମା

# ପୋଲିସ ହେପାଜତରୁ ଖସି ଯାଉଛନ୍ତି ଅଭିଯୁକ୍ତ

**କଟକ ଅଫିସ,୧୩।୭**

ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ଦୁର୍ଦ୍ଦାନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁଛି। ହେଲେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜେଲ ହାଜତ ପର୍ଯ୍ୟନ୍ତ ନେଇପାରୁନାହିଁ। କାରଣ ପୋଲିସକୁ ସେମାନେ ଚ୍ୟାଲେଞ୍ଜ ଦେଇ ଖସି ଯିବାରେ ସଫଳ ହେଉଛନ୍ତି। ଗତ ଦିନରେ ଘଟିଥିବା ଏଭଳି କେତେକ ଘଟଣା ପୋଲିସର ଚିନ୍ତା ବଢାଇଥିଲା। ଏହାକୁ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଜିଲାର ଏସ୍‌ପି ଏବଂ କମିଶନରେଟ୍ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ହେଲେ ସବୁ ପରେ ମଧ୍ୟ ବ୍ୟବସ୍ଥାର କୌଣସି ସୁଧାର ଆସିପାରିଲା ନାହିଁ। ପୋଲିସ ବାବୁଙ୍କ ଖାମଖିଆଲି ନୀତି ଯୋଗୁ ଅଭିଯୁକ୍ତମାନେ ଖସିଯାଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

୨୦୧୮ରେ ବିଭିନ୍ନ ଅପରାଧରେ ଗିରଫ ହୋଇଥିବା ୯ ଜଣ ଅଭିଯୁକ୍ତ ପୋଲିସ ହେପାଜତରୁ ଫେରାର ହୋଇଯାଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଦୁର୍ଦ୍ଦାନ୍ତ ମାଓବାଦୀ ମନୋଜ ମନ୍ଦାକିନି। ତାଙ୍କୁ ନୂଆପଡା ପୋଲିସ ଗିରଫ କରି କୋର୍ଟରୁ ଜେଲ ନେବା ବାଟରେ ସେ ଫେରାର ହୋଇଯାଇଥିଲେ। ବିଶେଷକରି ପୋଲିସ ହେପାଜତରେ ଥିବା ଅଭିଯୁକ୍ତମାନଙ୍କୁ ମେଡିକାଲ, କୋର୍ଟ ନିଆଯିବାବେଳେ ସେମାନେ ପୋଲିସ ହାତରୁ ଖସିଯାଉଛନ୍ତି। ମାଓବାଦୀ କାର୍ଯ୍ୟକଳାପ, ହତ୍ୟା, ବଳାତ୍କାର, ଅପହରଣ ଭଳି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ କୋର୍ଟ, ଜେଲ ଅବା ମେଡିକାଲ ନେବାବେଳେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଗତ ଜୁନ୍ ମାସରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜିଲାର ସମସ୍ତ ଏସ୍‌ପି ଓ କମିଶନରେଟ୍ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଆବଶ୍ୟକ ସ୍ଥଳେ ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ କୋର୍ଟ ନେବା ପରିବର୍ତ୍ତେ ଭିଡିଓ କନ୍‌ଫରେନ୍ସିଂ ଯୋଗେ କୋର୍ଟରେ ହାଜର କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାପରେ ମଧ୍ୟ ଜୁଲାଇରେ ଦୁଇ ଅଭିଯୁକ୍ତ ପୋଲିସ ହେପାଜତରୁ ଖସିଯିବାରେ ସଫଳ ହୋଇଛନ୍ତି।

ଗତ ୬ ତାରିଖରେ ଜଗତ୍‌ସିଂହପୁର କୋର୍ଟ ପରିସରରୁ ଅଭିଯୁକ୍ତ ସୂର୍ଯ୍ୟ ସିଂହ ଖସିଯିବାରେ ସକ୍ଷମ ହୋଇଥିଲେ। ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଜଗତ୍‌ସିଂହପୁର ପୋଲିସ ସୂର୍ଯ୍ୟଙ୍କୁ ଗିରଫ କରି ଗତ ୬ ତାରିଖରେ ସ୍ଥାନୀୟ କୋର୍ଟକୁ ନେଇଥିଲା। ତାଙ୍କର ଜାମିନ ନାମଞ୍ଜୁର କରି ବିଚାରପତି ତାଙ୍କୁ ଜେଲ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୋର୍ଟରୁ ପୋଲିସ ସୂର୍ଯ୍ୟଙ୍କୁ ଗାଡିପାଖକୁ ନେଉଥିବା ବେଳେ ସେ ଖସି ପଳାଇଥିଲେ।

ସେହିପରି ଗତ ୯ରେ କମିଶନରେଟ୍ ପୋଲିସ ଅଞ୍ଚଳରୁ ଚନ୍ଦନ ନାୟକ ନାମକ ଜଣେ ଦୁର୍ଦ୍ଦାନ୍ତ ଅଭିଯୁକ୍ତ ପୋଲିସ ଭ୍ୟାନ୍‌ରୁ ଖସି ପଳାଇଥିଲେ। ଚୋରି, ବୋମାମାଡ, ବେଆଇନ ବନ୍ଧୁକ କାରବାର ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଚନ୍ଦନଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଝାରପଡା ଜେଲ୍‌କୁ ପଠାଇ ଦିଆଯାଇଥିଲା। ଗତ ୬ରେ ଡିସିପିଙ୍କ କୋର୍ଟରେ ହାଜର କରିବା ପାଇଁ ପୋଲିସ ତାଙ୍କୁ ଝାରପଡା ଜେଲରୁ ଆଣିଥିଲା। କୋର୍ଟରେ ହାଜର ହେବା ପରେ ପୋଲିସ ଚନ୍ଦନଙ୍କୁ ପୁଣି ଜେଲକୁ ନେଉଥିଲା। ହେଲେ ମହର୍ଷି କଲେଜ ଛକ ନିକଟରେ ଚନ୍ଦନ ପୋଲିସ ଭ୍ୟାନରୁ ଡେଇଁ ଫେରାର ହେବାରେ ସକ୍ଷମ ହୋଇଥିଲେ।

ବିଶେଷକରି ଅଭିଯୁକ୍ତଙ୍କୁ କୋର୍ଟ କିମ୍ବା ଜେଲକୁ ନେବାବେଳେ କଡାସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ନିର୍ଦ୍ଦେଶ ରହିଥିବାବେଳେ ଥାନା ଅଧିକାରୀମାନେ ତାହାକୁ ପାଳନ କରୁନାହାନ୍ତି। ଦୁର୍ଦ୍ଦାନ୍ତ ଅଭିଯୁକ୍ତମାନଙ୍କୁ ଭିଡିଓ କନ୍‌ଫରେନ୍ସିଂରେ ହାଜର କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ପୋଲିସ ତାହା କରୁନି। ଭିଡିଓ କନ୍‌ଫରେନ୍ସିଂରେ ହାଜର କରିବାକୁ ହେଲେ ଥାନା ଅଧିକାରୀଙ୍କୁ ଏହା ପୂର୍ବରୁ କୋର୍ଟଙ୍କ ଅନୁମତି ନେବାକୁ ପଡିବ। ହେଲେ ଥାନାବାବୁ ଏଥିପାଇଁ କୋର୍ଟ ଯିବାକୁ ଚାହୁଁନାହାନ୍ତି। ଫଳରେ ଅଭିଯୁକ୍ତମାନଙ୍କୁ ନେବା ଆଣିବାବେଳେ ପୋଲିସ ହେପାଜତରୁ ସେମାନେ ଫେରାର ହୋଇଯାଉଛନ୍ତି।

ଏ ନେଇ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ କୁହନ୍ତି, ଆଇନ ଅନୁଯାୟୀ ଅଭିଯୁକ୍ତଙ୍କୁ ପ୍ରଥମଥର କୋର୍ଟକୁ ନେବା ପାଇଁ ନିୟମ ଅଛି। ହେଲେ ଦ୍ୱିତୀୟଥର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ହାଜର କରାଯାଉଛି। ଯେଉଁ ଅଫିସରମାନେ କ୍ରାଇମବ୍ରାଞ୍ଚର ନିର୍ଦ୍ଦେଶନାମା ପାଳନ କରୁନାହାନ୍ତି ଅବା ଅଭିଯୁକ୍ତ ଖସିଯିବାରେ ଯେଉଁ ପୋଲିସ କର୍ମଚାରୀ ଏବଂ ଅଫିସରଙ୍କ ଭୁଲ ରହୁଛି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଏସ୍‌ପି ଓ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଆଧ୍ୟାତ୍ମିକ ସଙ୍ଗୀତରେ ମଜ୍ଜିଲେ ଶ୍ରୋତା

**ପୁରୁଣା ଭୁବନେଶ୍ୱର,୧୩।୭(ଡି.ଏନ୍.ଏ.)**

ଗାୟକଙ୍କ କଣ୍ଠରୁ ଝରୁଥିଲା ଶନିବାର ଅରୁଣ ସ୍ତମ୍ଭ ପାଶେ ଥାଇରେ, କି ହେବ ଶୁଆ ପୋଶିଲେ, ବୋହୂ ଚାଲି ନ ଜାଣଇ ଲୋ, କିଛି ମାଗୁନାହିଁ ତୋତେ ଆଦି ଆଧ୍ୟାତ୍ମିକ ଭକ୍ତି ସଙ୍ଗୀତରେ ମଜିଯାଇଥିଲେ ଉପସ୍ଥିତ ଶ୍ରୋତା। ଆସର ଥିଲା ବାଣୀକଣ୍ଠ ପଦ୍ମଶ୍ରୀ ନିମାଇଁ ହରିଚନ୍ଦନଙ୍କ ସ୍ମୃତିରେ ସ୍ଥାନୀୟ ନୂଆଗାଁସ୍ଥିତ ଇନ୍ଦିରା କଲୋନୀର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଭଜନ ସନ୍ଧ୍ୟା। ଏହି ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ଶିବାଶିଷ ସାମଲ ପ୍ରମୁଖ କଣ୍ଠଦାନ କରିଥିଲେ। କଳିଙ୍ଗ ସଂସ୍କୃତ ଓ ଐତିହ ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମଞ୍ଚ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଦିଲୀପ ନାୟକ, ଲଲାଟ ସାହୁ, ସବ୍ୟସାଚୀ ପାଇକରାୟ, ସଂଘମିତ୍ରା ଦାସ, ଅଭିଷେକ ଖଟୁଆ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

## ରାଜ୍ୟ ଜଳ ଓ ପରିମଳ କର୍ମଚାରୀଙ୍କ ଛଟେଇ ପ୍ରତିବାଦରେ ଧାରଣା




**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ଭାରତକୁ ବାହ୍ୟ ମଳମୁକ୍ତ କରିବା ପାଇଁ ସରକାର ସମସ୍ତ ଜିଲାରେ ସ୍ୱଚ୍ଛ ଭାରତ ମିଶନ କର୍ମଚାରୀ ନିୟୋଜିତ କରିଛନ୍ତି। ଓଡ଼ିଶାରେ ମଧ୍ୟ ଏନେଇ ୭୪୪ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଲୋକଙ୍କୁ ସ୍ୱଚ୍ଛତା ଶିକ୍ଷା ଦେବା ସହ ଜଳର ଉଚିତ ବ୍ୟବହାର ଓ ବାହାରେ ମଳତ୍ୟାଗ ନ କରିବାକୁ ସଚେତନ କରାଉଥିଲେ। ଗତ ମାର୍ଚ୍ଚରେ ସେମାନଙ୍କୁ ସରକାର ଛଟେଇ କରିଦେଇଛନ୍ତି। ଓଡ଼ିଶାରେ ବାହ୍ୟ ମଳମୁକ୍ତ ଅଞ୍ଚଳ ବୃଦ୍ଧି ପାଉଥିବା ଦେଖି କେନ୍ଦ୍ର ସରକାର ପ୍ରଶଂସା କରୁଛନ୍ତି। ଏହା କେତେଦୂର ଠିକ୍ ବୋଲି ରାଜ୍ୟ ଜଳ ଓ ପରିମଳ କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। ଏହାର ପ୍ରତିବାଦରେ ଗତ ୮ତାରିଖରୁ କର୍ମଚାରୀମାନେ ସ୍ଥାନୀୟ ଲୋୟର ପିଏମ୍‌ଜିଠାରେ ଧାରଣାରେ ବସିଛନ୍ତି। ଏମାନଙ୍କ ବଦଳରେ ଏକ ଠିକା ସଂସ୍ଥା ଦ୍ୱାରା ସ୍ୱଳ୍ପ ଅଭିଜ୍ଞତାର କର୍ମଚାରୀଙ୍କୁ ଅଧିକ ଦରମା ଦେଇ ଉକ୍ତ ପଦବୀରେ ରଖିବାକୁ ସରକାର ସ୍ଥିର କରିଛନ୍ତି। କିନ୍ତୁ ଗତ ୧୫ ବର୍ଷ ଧରି ଏହି କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସରକାର ଅଣଦେଖା କରୁଛନ୍ତି ବୋଲି ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

## ■ ୧୨୮ତମ ଐତିହ୍ୟ ପଦଯାତ୍ରା

# ମୁକ୍ତେଶ୍ୱର ମନ୍ଦିର କଳାକୃତି ଦେଖିଲେ ପର୍ଯ୍ୟଟକ

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**



ମୁକ୍ତେଶ୍ୱର ମନ୍ଦିର କାନ୍ଥରେ ହୋଇଥିବା କଳାକୃତି ପର୍ଯ୍ୟଟକଙ୍କୁ ପ୍ରଭାବିତ କରିଛି। କଳିଙ୍ଗ ସ୍ଥପତିଙ୍କ ଦ୍ୱାରା ନିର୍ମିତ ଏହି କଳାକୃତିକୁ ୧୨୮ତମ ଐତିହ୍ୟ ପଦଯାତ୍ରାରେ ଆସିଥିବା ପର୍ଯ୍ୟଟକମାନେ ପସନ୍ଦ କରିଛନ୍ତି। ଶନିବାର ପୁରୁଣା ଭୁବନେଶ୍ୱରରେ ସ୍ୱତନ୍ତ୍ର ଭାବେ ଆୟୋଜିତ ହୋଇଥିବା ଏହି ପଦଯାତ୍ରାରେ ୟଙ୍ଗ ଇଣ୍ଡିଆନସ୍ (ୱାଇଆଇ) ଓ କନ୍‌ଫେଡେରେଶନ୍ ଅଫ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ (ସିଆଇଆଇ)ର ଯୁବବର୍ଗ ଓ ତାଙ୍କ ପରିବାର ସାମିଲ ହୋଇ ମନ୍ଦିର ଓ କଳାକୃତିର ମଜାନେବା ସହ ପୌରାଣିକ ମନ୍ଦିରର ଗାଥା ଓ କୀର୍ତ୍ତି ବିଷୟରେ ଜାଣିଥିଲେ। ପୁରୁଣା ଭୁବନେଶ୍ୱର ଖ୍ରୀଷ୍ଟପୂର୍ବ ୧୦ମ ଶତାବ୍ଦୀରେ ନିର୍ମିତ ମୁକ୍ତେଶ୍ୱର ମନ୍ଦିରରୁ ୧୨୭ତମ ଐତିହ୍ୟ ପଦଯାତ୍ରା ଆରମ୍ଭ ହୋଇଥିଲା। ପୁରୁଣା ଭୁବନେଶ୍ୱରର ପରମ୍ପରା ଦେଖି ଉପସ୍ଥିତ ପର୍ଯ୍ୟଟକ ଆକର୍ଷିତ ହୋଇଥିଲେ।

ଏ ନେଇ ୱାଇଆଇ ଭୁବନେଶ୍ୱର ଚାପ୍ଟରର କୋ-ଚେୟାରମ୍ୟାନ ରଶ୍ମି ଗୁପ୍ତା ଦେଖି କହିଛନ୍ତି, ପଦଯାତ୍ରାରୁ ବହୁତ କିଛି ଶିଖିବାକୁ ମିଳିଲା। ବିଶେଷକରି ମନ୍ଦିରରେ ଖୋଦେଇ ହୋଇଥିବା କିଛି ପ୍ରତିମୂର୍ତ୍ତି ବିଷୟରେ ପଥପ୍ରଦର୍ଶକଙ୍କ କାହାଣୀଗୁଡିକୁ ବେଶ ଭଲ ଢଙ୍ଗୀରେ କହିଥିଲେ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏହି ପଦଯାତ୍ରା କରାଯାଉଛି।

### ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପ୍ରଶିକ୍ଷଣ କର୍ମଶାଳା

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ଏବଂ ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଡୁନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ମିଳିତ ଅନୁକୁଲ୍ୟରେ ଡୁନ୍ ସ୍କୁଲ ପରିସରରେ ଆୟୋଜିତ ଏହି କର୍ମଶାଳାରେ ଓଡିଶାର ୩୦ଟି ଜିଲାର ସଂଯୋଜକ, ବିଜ୍ଞାନ ସୁପରଭାଇଜର ଏବଂ ଭୁବନେଶ୍ୱର-କଟକର ବିଭିନ୍ନ ବିଦ୍ୟାଳୟରୁ ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଶିଶୁ ବିଜ୍ଞାନ କଂଗ୍ରେସର ଅଧ୍ୟକ୍ଷ ତଥା ବିଶିଷ୍ଟ ବୈଜ୍ଞାନିକ ଡ. ରଣସିଂହ ନିର୍ମଳେନ୍ଦୁ ରାୟ ମୁଖ୍ୟଅତିଥିଭାବେ ଯୋଗଦେଇ କହିଥିଲେ, 'ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ରାଷ୍ଟ୍ର ଗଠନ ନିମନ୍ତେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ନବ ଅନ୍ୱେଷନ୍ତ ଶୀର୍ଷକ ମୁଖ୍ୟ ବିଷୟବସ୍ତୁ ସମ୍ବଳିତ ବିଜ୍ଞାନ ପ୍ରକଳ୍ପମାନ ଭାରତବର୍ଷର ୬୪୦ଟି ଜିଲାର ୧୦ରୁ ୧୭ବୟସର ପିଲାମାନେ ଡିସେମ୍ବର ୨୭ରୁ ୩୧ ମଧ୍ୟରେ କେରଳରେ ହେବାକୁଥିବା ଜାତୀୟ ବିଜ୍ଞାନ କଂଗ୍ରେସରେ ଉପସ୍ଥାପନା କରିବେ ବୋଲି ଅଂଶଗ୍ରହଣକାରୀମାନଙ୍କୁ ସେ ସୂଚନା ଦେଇଥିଲେ। ଡୁନ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଅଧ୍ୟକ୍ଷ ତଥା ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟ ଶୈକ୍ଷିକ ସଂଯୋଜକ ଅରୁଣ କୁମାର ପତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଆସିଥିବା ଜିଲା ସଂଯୋଜକ ଏବଂ ବିଜ୍ଞାନ ଶିକ୍ଷକମାନଙ୍କୁ ପ୍ରଫେସର ଆଶିଷ୍ କୁମାର ମହାନ୍ତି ଏବଂ ଗୋକୁଳ କୃଷ୍ଣ ପଣ୍ଡା ପ୍ରଶିକ୍ଷଣ ଦେଇଥିଲେ। ଶିଶୁ ବିଜ୍ଞାନ କଂଗ୍ରେସର ସମ୍ପାଦକ ସତ୍ୟବ୍ରତ ସ୍ୱାଇଁ ଏବଂ ଡୁନ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଉପାଧ୍ୟକ୍ଷ ଆଶିଷ କୁମାର ଶୁକ୍ଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ କର୍ମଶାଳାଟି ଅନୁଷ୍ଠିତ ହୋଇଥିଲା।

## ରାଜ୍ୟପାଳଙ୍କୁ ଭେଟିଲେ ଅଖିଳ ଭାରତୀୟ ସନ୍ଥ ସମିତି ସଦସ୍ୟ



**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ଅଖିଳ ଭାରତୀୟ ସନ୍ଥ ସମିତିର କେତେକ ସଦସ୍ୟ ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିଛନ୍ତି। 'ଫନୀରେ ଉପୁଡି ଯାଇଥିବା ଓଡ଼ିଶା ମଠ ଓ ଆଶ୍ରମଗୁଡିକର ସ୍ଥାପନା, ପୁନରୁଦ୍ଧାର, ଗୋବଧ ନିରୋଧ, ସର୍ବଧର୍ମ ସମନ୍ୱୟ, ରାଷ୍ଟ୍ରରକ୍ଷା କିପରି କରାଯାଇପାରିବ ତାହା ରାଜ୍ୟପାଳଙ୍କ ସହ ଆଲୋଚନା କରିଛନ୍ତି। ଅଖିଳ ଭାରତ ସନ୍ଥ ସମିତି ଭାରତୀୟ ସାଧାରଣ ସମ୍ପାଦକ ସ୍ୱାମୀ ଜିତେନ୍ଦ୍ର ନନ୍ଦ ସରସ୍ୱତୀ, ଓଡ଼ିଶା ପ୍ରଦେଶ ସଭାପତି ସ୍ୱାମୀ ଶଙ୍କରାନନ୍ଦ ଗିରି, ଆନ୍ଧ୍ର ପ୍ରଦେଶ ସମ୍ପାଦକ ସ୍ୱାମୀ ଭାସ୍କର ତୀର୍ଥ, ବିଶ୍ୱ ହିନ୍ଦୁ ପରିଷଦର ପରିଚାଳନା ସମ୍ପାଦକ ଆନନ୍ଦ ପାଣ୍ଡେ ଓ ମଳୟ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ସାଧୁସନ୍ଥମାନ ଏକତ୍ରିତ ହୋଇ, ଦେଶର ଘଡିସନ୍ଧି ମୁହୂର୍ତ୍ତରେ ଦିଗଦ୍ରଷ୍ଟା ରୂପେ ଦେଶ ତଥା ସମାଜ ପାଇଁ କାମ କରିବାକୁ ମନସ୍ଥ କରିଥିଲେ। ଏ ପରିପ୍ରେକ୍ଷୀରେ ଏବେ ସେମାନେ ଓଡ଼ିଶାରେ ଥିବା ମଠ ମନ୍ଦିରର ପୁନରୁଦ୍ଧାର ପାଇଁ ରାଜ୍ୟପାଳଙ୍କୁ ଭେଟିଛନ୍ତି।

## ୩୪ଜଣ ବ୍ରାଉନସୁଗାର ବେପାରୀ ଗିରଫ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

**ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ**

ନିଶା ବେପାରୀଙ୍କୁ ସାବାଡ କରିବା ପାଇଁ କମିଶନରେଟ ପୋଲିସ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଛି। ଦ୍ୱିତୀୟ ଦିନରେ ୨୯ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଶନିବାର ପୁଣି ୪ଜଣଙ୍କୁ ଗିରଫ କରାଯାଇଛି। ମଞ୍ଚେଶ୍ୱର ଥାନା ପୋଲିସ,ଲକ୍ଷ୍ମୀସାଗୀର ଥାନା ପୋଲିସ ଓ ଏୟାରପୋର୍ଟ ଥାନା ପୋଲିସ ଗିରଫ କରିଛି। କଳାରାହାଙ୍ଗ ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା କୃଷ୍ଣଚନ୍ଦ୍ର ନାଥଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୧୩ ଗ୍ରାମର ବ୍ରାଉନ ସୁଗାର,୧୬ ହଜାର ଟଙ୍କା ଓ ଗୋଟିଏ ବାଇକ ଜବତ କରାଯାଇଛି। ଲକ୍ଷ୍ମୀସାଗର ପୋଲିସ ହଳଦୀପଡିଆରେ ଚଢାଉ କରି ଗଞ୍ଜାମ ଜିଲା ରାଇପଲ୍ଲୀର ପ୍ରଦୀପ ପ୍ରଧାନଙ୍କୁ ଗିରଫ କରି ତାଙ୍କ ନିକଟରୁ ୭ ଗ୍ରାମର ଜବତ ହୋଇଛି। ଏୟାରପୋର୍ଟ ପୋଲିସ ପଳାସପଲ୍ଲୀ ଓଭରବ୍ରିଜ୍ ତଳେ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରିଛି। କେଳାବସ୍ତିର ସାଗର ନାୟକ ଓ ଗୋଡିପୋଖରୀ ସାହିର ଦୀପକ କୁମାର ମହାପାତ୍ର। ସେମାନଙ୍କ ଠାରୁ ପୋଲିସ ୫.୧୧ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଛି।

## ଷ୍ଟେଶନବଜାର ବିଦ୍ୟାଳୟରେ ଚାରା ରୋପଣ




ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକମାନେ ଚାରା ରୋପଣ କରୁଛନ୍ତି।

**କଟକ ରୋଡ,୧୩।୭(ଡି.ଏନ୍.ଏ.)**

ବୁଦ୍ଧେଶ୍ୱରୀ କଲୋନିସ୍ଥିତ ପୁରୁଣା ଷ୍ଟେଶନ ବଜାର ଉ.ପ୍ରା. ବିଦ୍ୟାଳୟ ପରିସରରେ ଶନିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ସାହୁ, ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲ, ଟି. ତିରୁପତି ରାଓଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଯୋଗଦେଇ ଆଗାମୀ ଦିନରେ ବିଭିନ୍ନ ବିଦ୍ୟାଳୟରେ ଏହି ଚାରା ରୋପଣ କାର୍ଯ୍ୟକ୍ରମ ହାତକୁ ନେବାକୁ ଆହ୍ୱାନ ଦେଇଥିଲେ।

## ■ ରାଜଧାନୀରେ ଅଭିନବ ଲୁଟ୍

# ଅଧାଦାମ୍ ଲୋଭ ଦେଖାଇ ଟଙ୍କା ନେଇ ଛୁ'

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ରାଜଧାନୀରେ ପ୍ରତିଦିନ ନୂଆ ନୂଆ ତରିକାରେ ଠକେଇ ହେଉଛି। ଏବେ ଆଉଏକ ନୂଆ ଗ୍ୟାଙ୍ଗ୍ ଲୋକଙ୍କୁ ଅଭିନବ ଉପାୟରେ ଲୁଟ୍ କରିବା ଘଟଣା ସାମ୍ନାକୁ ଆସିଛି। ଗ୍ୟାଙ୍ଗ୍ ସଦସ୍ୟମାନେ ଲୋକଙ୍କୁ ଅଧା ଦାମ୍‌ରେ ଆସବାବପତ୍ର ବିକ୍ରିର ଲୋଭ ଦେଖାଇ ଟଙ୍କା ଲୁଟି ନେଉଛନ୍ତି। ଏଭଳି ଲୁଟ୍ ଓ ଠକେଇରେ ସହରର ବହୁ ଲୋକ ଶିକାର ହୋଇଛନ୍ତି। ଶୁକ୍ରବାର ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଡି ମାର୍କେଟରେ ଦୋକାନ କରିଥିବା ରାଜେଶ କୁମାର ଦାଶ(୩୦) ନୟାପଲୀ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ ପୋଲିସ ଗୁରୁତର ନେବା ସହ ଏଭଳି ନୂଆ ତରିକାରେ ଲୁଟ୍ ର୍‍ୟାକେଟର ଖୁବ୍‌ଶୀଘ୍ର ପର୍ଦ୍ଦାଫାସ୍ କରାଯିବ ବୋଲି ପୋଲିସ କହିଛି।

ଅଭିଯୋଗ ଅନୁସାରେ, ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତି ତାଙ୍କ ଦୋକାନ ନିକଟକୁ ଆସିଥିଲେ। ରାଜେଶଙ୍କୁ କେମିତି ଅଛ ବୋଲି ପଚାରି ନାନା କଥା କହି ସମ୍ପର୍କ ଯୋଡ଼ିଥିଲେ। ପରେ ଲୋଭ ଦେଖାଇ ଠକେଇ ପାଇଁ ଯୋଜନା କରିଥିଲେ। ଚନ୍ଦ୍ରଶେଖରପୁର ଅଞ୍ଚଳରେ ଜଣେ ସରକାରୀ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ହେଉଥିବାରୁ ସେ ତାଙ୍କ ଗ୍ୟାସ୍ ଓ ଚୁଲା ସହ ଅନ୍ୟ ସାମଗ୍ରୀ କମ୍ ଦାମରେ ବିକ୍ରି କରୁଛନ୍ତି ବୋଲି କହିଥିଲେ। ଲୋଭରେ ପଡି ରାଜେଶ କିଣିବେ ବୋଲି କହିବାରୁ ସେ ତାଙ୍କୁ ବାଇକରେ ବସାଇ ଚନ୍ଦ୍ରଶେଖରପୁର ବିଡିଏ କଲୋନୀକୁ ଯାଇଥିଲେ। ସେଠାରେ ଥିବା ଏକ ସରକାରୀ କ୍ୱାର୍ଟର୍ସ ଆଗରେ ଛିଡା କରି ୪ ହଜାର ଟଙ୍କା ନେଇ ସାମଗ୍ରୀ ଆଣିବାକୁ ସିଡିରେ ଉଠିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଫେରି ନ ଥିଲେ। ସନ୍ଦେହ ହେବାରୁ ରାଜେଶ ଘର ଭିତରକୁ ଯିବା ପରେ ଘର ମାଲିକଙ୍କୁ ଗ୍ୟାସ୍ ଓ ସାମଗ୍ରୀ ବିକ୍ରି କଥା କହିଥିଲେ। ହେଲେ ସେମାନେ କାହାକୁ ଜାଣି ନ ଥିବା ଓ ତାଙ୍କର କୌଣସି ସାମଗ୍ରୀ ବିକ୍ରି କରିବାର ନ ଥିବା କହିଥିଲେ। ଏପରିକି ପ୍ରତିଦିନ ଏହିଭଳି ୩ଜଣ ବ୍ୟକ୍ତି ଆସି ଘରର ସାମଗ୍ରୀ ବିକ୍ରି କରିବା ନାଁରେ ତାଙ୍କଠାରୁ କେହି ଟଙ୍କା ନେଉଥିବା କହୁଛନ୍ତି। ଏହାଶୁଣି ରାଜେଶ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ରାଜେଶ ଉକ୍ତ ଘର ଚାରିପଟ ବୁଲି ଦେଖିବା ପରେ ଜଣାପଡିଥିଲା ଯେ, ଅଭିଯୁକ୍ତ ଟଙ୍କା ନେଇ ସିଡିରେ ଘର ଭିତରକୁ ଯିବା ପରିବର୍ତ୍ତେ ଛାତ ଉପର ଦେଇ ତଳକୁ ଡେଇଁ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନାନୁସାରେ, ସହରର ବହୁ ବ୍ୟକ୍ତି ଏଭଳି ଠକେଇର ଶିକାର ହୋଇଛନ୍ତି। ସମ୍ପୃକ୍ତ ଠକ ଗ୍ୟାଙ୍ଗ୍‌କୁ ଧରିବାକୁ ଲୋକେ ପୋଲିସ ନିକଟରେ ଦାବି କରିଛନ୍ତି।

### ୨୩୩ ବିଦ୍ୟାଳୟରେ ଚାରାରୋପଣ

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ରାଜ୍ୟର ୨୩୩ ବିଦ୍ୟାଳୟରେ ଚାରାରୋପଣ କରାଯାଇଛି। ଏହି ଅବସରରେ ଚଳିତ ବର୍ଷାଋତୁରେ ୨ଲକ୍ଷ ଚାରା ରୋପଣ କରାଯିବ ବୋଲି ପ୍ରକାଶ ପାଇଛି। ଭୁବନେଶ୍ୱର ଉନ୍ନୟନ ପରିଷଦ, ରୋଟାରୀ କ୍ଲବ ଓ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପରିଷଦ ସଭାପତି ବାସୁଦେବ ଭଟ୍ଟ, ଉପଦେଷ୍ଟା ମନୋଜ ଜେନା, ଉପେନ୍ଦ୍ର ପାଢ଼ୀ, ଦୁର୍ଗା ରଥ, ମଙ୍ଗଳା ମହାନ୍ତି, ସଞ୍ଜୀବ ପାଇକରାୟ, ପରେଶ୍ ନାୟକ, ସମରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ଚାରାରୋପଣ କାର୍ଯ୍ୟକ୍ରମ କରାଯାଉଛି। ଏ ପରିପ୍ରେକ୍ଷୀରେ ଶନିବାର ୧୦ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିବା ବେଳେ କେବଳ ବିଦ୍ୟାଳୟ ନୁହେଁ ବରଂ ଅନ୍ୟ ସ୍ଥାନରେ ମଧ୍ୟ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ବ୍ୟକ୍ତି ଚାରାରୋପଣ କରିଥିଲେ।

# ସୁନା ଅଳଙ୍କାରରେ ଝଲସିଲେ ତିନିଠାକୁର



ପୁରୀ ବଡ଼ଦାଣ୍ଡରେ ଜନସମୁଦ୍ର ମଧ୍ୟରେ ତିନି ରଥ।

(ଫଟୋ: ଅନିଲ କୁମାର ସାହୁ)



ରଥ ସମ୍ମୁଖରେ ଠାକୁରଙ୍କ ଉଦ୍ଦେଶ୍ୟରେ ଚୁଡ଼ାଘଷା ଭୋଗ ଲାଗି କରାଯାଉଛି।



**ଭୁବନେଶ୍ୱର** ଇସ୍କନ ମନ୍ଦିର ପରିସରରେ ସୁନାବେଶରେ ସଜ୍ଜିତ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ।



ଶ୍ରୀକ୍ଷେତ୍ରରେ ସୁନାବେଶ ପାଇଁ ରତ୍ନଭଣ୍ଡାରରୁ ଶ୍ରୀଜଗନ୍ନାଥଙ୍କ କିରୀଟ ଅଣାଯାଉଛି।



**କଟକ** ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ତିନିଠାକୁରଙ୍କ ସୁନାବେଶ।



ଶ୍ରୀବଳଭଦ୍ରଙ୍କ ସୁବର୍ଣ୍ଣ ହଳ ଓ ଲଙ୍ଗଳ ରଥ ଉପରକୁ ନିଆଯାଉଛି।




ରଥାରୂଢ଼ ଠାକୁରଙ୍କ ନିକଟରେ ଶ୍ରଦ୍ଧାଳୁ ଭୋଗ ଲଗାଉଛନ୍ତି।



ଫୁଲରେ ସଜ୍ଜିତ ଶ୍ରୀମନ୍ଦିର ସିଂହଦ୍ୱାର।



ରଥ ଉପରକୁ ସୁନାବେଶ ଲାଗି ଶ୍ରୀଭୁଜ ନେଉଛନ୍ତି ଜଣେ ସେବାୟତ।

## ସୁନାବେଶ ଏପାଖ ସେପାଖ...

### ଲୁଟିଗଲା ଶ୍ରୀପୟର

ସୁନାବେଶ ଦର୍ଶନ ଲାଗି ଜନସମୁଦ୍ରରେ ପରିଣତ ହୋଇଥିଲା ବଡ଼ଦାଣ୍ଡ। କାହିଁ କେତେ ଦୂରରୁ ମହାପ୍ରଭୁଙ୍କ ଏହି ଅପୂର୍ବ ବେଶ ଦର୍ଶନ ଲାଗି ଛୁଟି ଆସିଥିଲେ ଭକ୍ତ। ହାତଗୋଡ଼ ନ ଥିବା ଠାକୁର ଏହି ବେଶରେ ଶ୍ରୀପୟର ଓ ଶ୍ରୀଭୁଜ ଧାରଣ କରିଥାନ୍ତି। ଠାକୁରଙ୍କ ପାଦକୁ ଶ୍ରୀପୟର ଏବଂ ହାତକୁ ଶ୍ରୀଭୁଜ କୁହାଯାଏ। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଗରେ କେତେଜଣ ଦଇତା ସେବକ ବସି ରହିଥିଲେ। ଶ୍ରୀମନ୍ଦିର ସୂଚନା କେନ୍ଦ୍ରରୁ ବାରମ୍ବାର ଡାକବାଜି ଯନ୍ତ୍ର ଯୋଗେ ସେବାୟତଙ୍କୁ ଠାକୁରଙ୍କ ସାମ୍ନାରୁ ଉଠିଯିବାକୁ ଅନୁରୋଧ କରାଯାଉଥିଲା। କିନ୍ତୁ କେହି ଶୁଣି ନ ଥିଲେ। ଫଳରେ ମହାପ୍ରଭୁଙ୍କ ଶ୍ରୀପୟର ଅଧିକାଂଶ ସମୟ ଲୁଚି ଯାଉଥିଲା। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଚୁଡ଼ାଘଷା ଭୋଗ

ସକାଳୁ ତିନିରଥ ନିକଟରେ ଭିଡ଼ ଜମିଥିଲା। କେତେଜଣ ଶ୍ରଦ୍ଧାଳୁ ରଥ ପଛପାର୍ଶ୍ୱ ବଡ଼ଦାଣ୍ଡରେ ବସି ଚୁଡ଼ାଘଷା ପ୍ରସ୍ତୁତ କରୁଥିଲେ। ନଡ଼ିଆ ଭାଙ୍ଗି ଚୁଡାଘଷା ପ୍ରସ୍ତୁତ କରି ତାଳପତ୍ର ଭୋଗେଇରେ ଠାକୁରଙ୍କୁ ଭୋଗ କରୁଥିଲେ। ଏହି ଭୋଗ କରୁଥିବା ପ୍ରଦୀପ ସାହୁ କହିଛନ୍ତି, ସୁନାବେଶ ଦିନ ଠାକୁରଙ୍କ ପାଖରେ କିଛିବର୍ଷ ହେଲା ଚୁଡ଼ାଘଷା ଭୋଗ କରିଆସୁଛି। ତେଣୁ ଏଥର ବି ଭୋଗ କରି ଠାକୁରଙ୍କୁ ସମର୍ପଣ କରିଛି।

### ସ୍ୱେଚ୍ଛାସେବୀଙ୍କ ବିଞ୍ଚଣା ସେବା

ସୁନାବେଶ ଦର୍ଶନ ଲାଗି ସନ୍ଧ୍ୟା ପରଠାରୁ ବଡ଼ଦାଣ୍ଡ ହୋଇପଡ଼ିଥିଲା ଲୋକାରଣ୍ୟ। ବ୍ୟାରିକେଡ ମଧ୍ୟ ଦେଇ ଏକାମୁହାଁ ହୋଇ ଭକ୍ତ ଚାଲିଥିଲେ ସିଂହଦ୍ୱାର ଅଭିମୁଖେ। ତେବେ ବ୍ୟାରିକେଡ ମଧ୍ୟରେ ପ୍ରବଳ ଗହଳି ହେଉଥିଲା। ଏମିତିକି ଠେଲାପେଲା ହୋଇ ଆଗକୁ ବଢୁଥିଲେ ସମସ୍ତେ। ଗହଳି ଯୋଗୁ ଅନେକ ଭକ୍ତ ବେଳେବେଳେ ଅସ୍ତବ୍ୟସ୍ତ ହୋଇପଡୁଥିଲେ। ତେଣୁ ମଝିରେ ମଝିରେ ବିଭିନ୍ନ ସ୍ୱେଚ୍ଛାସେବୀ ପାଣି ସ୍ପ୍ରେ କରୁଥିଲେ। ଏପରି କି ଆଉ କେତେଜଣ ସ୍ୱେଚ୍ଛାସେବୀ ଭିଡ଼ ସ୍ଥାନରେ ରହି ବିଞ୍ଚଣାରେ ବିଞ୍ଚି ଦେଉଥିଲେ। ଏହି ବିଞ୍ଚଣା ସେବାକୁ ଦେଖି ଶ୍ରଦ୍ଧାଳୁମାନେ ସ୍ୱେଚ୍ଛାସେବୀଙ୍କୁ ବେଶ୍ ପ୍ରଶଂସା କରୁଥିଲେ।

### ଦୀପ ପାଇଁ ଉତ୍ତେଜନା

ରଥଠାରୁ କିଛି ଦୂର ଏମାର ମଠ ସମ୍ମୁଖରେ ଭକ୍ତମାନେ ଦୀପ ଜାଳୁଥିଲେ। ତେବେ ଦୀପରୁ ନିଆଁ ଲାଗିଯିବା ଆଶଙ୍କା କରି ପୋଲିସ କର୍ମଚାରୀମାନେ ଦୀପ ଜଳାକୁ ବନ୍ଦ କରିଥିଲେ। ଏହାକୁ ନେଇ ଭକ୍ତ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। କିଛି ସମୟ ପାଇଁ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଶରଧାବାଲିରେ ତିନିରଥକୁ ଛୁଇଁ ଠାକୁରଙ୍କୁ ଦର୍ଶନ କରିବାକୁ ବନ୍ଦ କରାଗଲା। ଏବେ ଦୀପ ଜଳାଇବାକୁ ବାରଣ କରାଯାଉଛି ବୋଲି କହି ଅନେକ ଭକ୍ତ ଅସନ୍ତୋଷ ପ୍ରକାଶ କରିଥିଲେ।

### ଫଟୋ ଟିକିଏ ଉଠାଇ ଦେଉନାହାନ୍ତି

ତିନିରଥ ସମ୍ମୁଖ ଭାଗରେ ବ୍ୟାପକ ପୋଲିସ କର୍ମଚାରୀ ମୁତୟନ ରହିଥିଲେ। ଦର୍ଶନାର୍ଥୀଙ୍କୁ ଶୀଘ୍ର ଖାଲି କରୁଥିଲେ। ଏମିତି କି ଠେଲାପେଲାରେ ଅନେକ ଠିକ୍ ଭାବେ ଦର୍ଶନ କରି ନ ଥିବାବେଳେ ସେମାନଙ୍କୁ ଆଗକୁ ଚାଲ ଆଗକୁ ଚାଲ କହି ପୋଲିସ ଘଉଡ଼ାଉ ଥିଲେ। ଏହି ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ମହାପ୍ରଭୁଙ୍କ ଫଟୋ ଉଠାଇବା ପାଇଁ ଚେଷ୍ଟା କରୁଥିଲେ। କିଏ ଉଠାଇ ପାରୁଥିଲେ ତ ଆଉ କେହି ଉଠାଇବା ପୂର୍ବରୁ ପୋଲିସ ସେମାନଙ୍କୁ ଆଗକୁ ଯିବାକୁ ଠେଲୁଥିଲା। ଫଟୋ ଉଠାଇ ପାରୁ ନ ଥିବା ଶ୍ରଦ୍ଧାଳୁ କହୁଥିଲେ ଫଟୋ ଟିକିଏ ଉଠାଇ ଦଉନାହାନ୍ତି ଏ ପୋଲିସ।

### ରଥ ପଛରେ ତୁଳସୀ, ଫୁଲ ବିକ୍ରି

ମହାପ୍ରଭୁଙ୍କ ଲାଗିହୋଇଥିବା ତୁଳସୀ ଓ ଫୁଲ ପାଇବା ପାଇଁ ଭକ୍ତଙ୍କ ବ୍ୟାକୁଳତାକୁ ଦେଖି ତିନିରଥ ପଛରେ କେତେଜଣ ବ୍ୟକ୍ତି ତୁଳସୀ ବିକ୍ରି କରୁଥିଲେ। କର୍ଡନ ଭିତରେ ଥାଇ ସେମାନେ ଆଗ ଟଙ୍କା ମାଗୁଥିଲେ। ଟଙ୍କା ପାଇବା ପରେ ତୁଳସୀ ଓ ଫୁଲ ଦେଉଥିଲେ। ଜଣେ ଭକ୍ତ ଧାଡ଼ିରେ ଯାଉଥିବାବେଳେ ୧୦ଟଙ୍କା ଖଣ୍ଡିଏ ବଢାଇ ଦେବାରୁ ତାଙ୍କୁ ଗୋଟିଏ ତୁଳସୀ ପତ୍ର ଓ ଦୁଇଟି ଫୁଲ ମିଳିଥିଲା। ହେଲେ ଏଥିରେ ଭକ୍ତ ଜଣଙ୍କ କୌଣସି ଅସନ୍ତୋଷ ପ୍ରକାଶ କରି ନ ଥିଲେ। ବରଂ ଯାହାହେଉ ମହାପ୍ରଭୁଙ୍କ ତୁଳସୀ ଓ ଫୁଲ ଭାଗ୍ୟରେ ଥିଲା ବୋଲି କହି ସେ ଧାଡ଼ିରେ ଆଗକୁ ମାଡ଼ିଚାଲିଥିଲେ। ସେହିପରି ଠାକୁରଙ୍କ ଶିରି କପଡ଼ା କହି ଖଣ୍ଡକୁ ୧୫ରୁ ୨୦ ଟଙ୍କା ବିକ୍ରି କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଥିଲା।

ଐତିହ୍ୟ ପୃଷ୍ଠାରୁ...



## ଅହଲ୍ୟାବାଈଙ୍କର ଜଗନ୍ନାଥ ସଡ଼କ ନିର୍ମାଣ

ମହାରାଣୀ ଅହଲ୍ୟାବାଈ ଥିଲେ ମହାରାଜା କଣ୍ଡିରାଓଙ୍କର ଧର୍ମପତ୍ନୀ। ମହାରାଜା ମହାରାଷ୍ଟ୍ରରେ ଯେମିତି ପ୍ରସିଦ୍ଧ ଥିଲେ ତାଙ୍କ ମହାରାଣୀ ମଧ୍ୟ ସେତିକି ପ୍ରସିଦ୍ଧ ଥିଲେ। ନିଜର ଜ୍ଞାନ ଓ ପ୍ରଶାସନିକ ଦକ୍ଷତା ଯୋଗୁ ମହାରାଜାଙ୍କ ଶାସନ ସମୟରେ ସେ ବି ଦରବାର କରୁଥିଲେ। ମହାରାଜାଙ୍କ ଦେହାନ୍ତ ପରେ ସେ ସମ୍ପୂର୍ଣ୍ଣ ଶାସନ ଭାର ଗ୍ରହଣ କରିଥିଲେ।

ରାଜକୋଷ ତାଙ୍କ ସମୃଦ୍ଧ ଥିଲା। ସୁନା, ରୁପା, ହୀରା, ମୋତି ଭରପୂର ଥିଲା ତାଙ୍କ ପାଖରେ। ତୀର୍ଥ କରିବାକୁ ଗୟା ଆସିଥିଲାବେଳେ ସେ ଗୟାରେ ଶ୍ରୀଗଦାଧରଙ୍କ ମନ୍ଦିର ନିର୍ମାଣ କରିଥିଲେ। କାଶୀ ପଦାର୍ପଣ ପରେ ଶ୍ରୀବିଶ୍ୱନାଥଙ୍କୁ ଦର୍ଶନ କରି ତାଙ୍କ ମନ୍ଦିର ସୁନା ଛାଉଣି କରାଇଥିଲେ, ତଥାପି ସୁନାର ଭଣ୍ଡାର ତାଙ୍କର ଖାଲି ହୋଇ ନ ଥିଲା। ଐତିହ୍ୟ ଅଛି, କାଶୀରେ ଜଣେ ସାଧୁ ତାଙ୍କୁ କହିଥିଲେ– ବାଈ! ମନ୍ଦିର ସୁନାଛାଉଣି କରିବା ପରେ ବି ଆଉ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ତୁମ ପାଇଁ ବାକି ଅଛି। ତାହା ତୁମେ କରିପାରିବ। ଗଙ୍ଗାଠାରୁ ମହୋଦଧି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ସଡ଼କ ତମେ ନିର୍ମାଣ କରିବ। ଏକଥା ବାରାଣସୀର ଯେଉଁଠାରେ ଘଟିଥିଲା ତାହା ଆଜି ବି ଅହଲ୍ୟାବାଈ ଘାଟ ନାମରେ ପରିଚିତ ଅଛି। ଜନଶ୍ରୁତି ରହିଛି ଯେଉଁ ସାଧୁ ତାଙ୍କୁ ଏହି ପରାମର୍ଶ ଦେଇଥିଲେ ସେ ଥିଲେ ତାଙ୍କର ଦିବଙ୍ଗତ ସ୍ୱାମୀଙ୍କ ସୂକ୍ଷ୍ମ ଶରୀରର ଏକ ରୂପ।

ଅହଲ୍ୟାବାଈ ଶ୍ରୀଜଗନ୍ନାଥଙ୍କର ପରମଭକ୍ତ ଥିଲେ। ସଂକଳ୍ପ କଲେ ଏହି ମହତ୍ କାର୍ଯ୍ୟ କରିବେ। ପ୍ରଚୁର ଧନରତ୍ନ ସେ ଏଥିପାଇଁ ଖର୍ଚ୍ଚ ବି କଲେ। କଲିକତାର ଗଙ୍ଗା (ହୁଗୁଳି) ନଦୀଠାରୁ ସଡ଼କ ନିର୍ମାଣ ଆରମ୍ଭ କରାଇଥିଲେ। ଯେଉଁଠାରୁ ଏହା ଆରମ୍ଭ ହୋଇଥିଲା ସେ ଘାଟଟି ପ୍ରସିଦ୍ଧ ହୋଇଗଲା ଶ୍ରୀଜଗନ୍ନାଥ ଘାଟ ଭାବରେ। ଶ୍ରୀଜଗନ୍ନାଥ ଘାଟଠାରୁ ସଡ଼କ ଲମ୍ବି ଆସିଥିଲା ପୁରୀର ସ୍ୱର୍ଗଦ୍ୱାର ଘାଟ ପର୍ଯ୍ୟନ୍ତ। ଯାର ପ୍ରମାଣ ସ୍ୱରୂପ ଶିଳାଲେଖ ବି ରହିଛି। ଜଗନ୍ନାଥ ସଡ଼କ ସେବେଠାରୁ ପବିତ୍ରତାର ପ୍ରତୀକ ପାଲଟି ଯାଇଥିଲା। ଯେଉଁ ଯେଉଁ ଗାଁ ମୁଣ୍ଡକୁ ଛୁଇଁ ଏହା ଲମ୍ବି ଆସିଥିଲା ସେମାନଙ୍କ ପାଇଁ ଏହା କେବଳ ଜୀବନ ଜୀବିକାର ସହାୟିକା ନ ଥିଲା, ପରମ ପବିତ୍ର ସଡ଼କର ମର୍ଯ୍ୟାଦା ପାଇଥିଲା। ୧୪ଟି ଜଗନ୍ନାଥ ସଡ଼କ ମଧ୍ୟରେ ରାଣୀ ଅହଲ୍ୟାବାଈଙ୍କ ନିର୍ମିତ ସଡ଼କ ଥିଲା ସବୁଠାରୁ ଦୀର୍ଘ। ଅନ୍ୟମାନଙ୍କୁ ସଡ଼କ ନିର୍ମାଣ କରାଇବାର ପ୍ରୋତ୍ସାହନର ସ୍ମାରକୀ ଥିଲା ଏହି ସଡ଼କ।

– ଡ. ସୁରେନ୍ଦ୍ର କୁମାର ମିଶ୍ର



ମହାପ୍ରଭୁଙ୍କ ସୁବର୍ଣ୍ଣ ପଦକ ଧରି ଯାଉଛନ୍ତି ସେବାୟତ।

# SUNDAY classifieds



## MATRIMONIAL

### BRIDE WANTED

Vegetarian Karan bride for only Son Software Engineer, Bengaluru. 9078675914. D-65667

Gudia bride wanted for 33 years / B.Tech, ETC/5'8" working in Bangalore leading Telecom company as SWE. Contact: 9437003131. D-59860

Now Matrimonial ads. only on Wednesday & Sunday Book 1 Get 1 FREE

### GROOM WANTED

ତେଲିପାତ୍ରୀ ୨୬ବର୍ଷ (ଶିକ୍ଷୟିତ୍ରୀ) ଏବଂ ୨୩ବର୍ଷ (Hindi B.Ed) ପାଇଁ ବ୍ୟବସାୟ/ ଚାକିରି କରିଥିବା ତେଲିପାତ୍ର ଆବଶ୍ୟକ। 9938668739. D-59934

Suitable match invited for a Bengali (Kayastha) girl, 1995, 5'5", B.Tech working as Civil Engineer, Bhubaneswar. Early marriage, mother teacher, father businessman. Contact: 6371220090. D-66256

Beautiful Teli girl, 1990 B.Tech Software Engineer MNC Bangalore. 9437555525. D-58099

35 ବୟସ୍କା ଛାଡ଼ପତ୍ରପ୍ରାପ୍ତ Software ଚାକିରିଆ ସୁନ୍ଦର ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460016. D-13414

Khandayat bride CA 41, Nalco 40, Lecturer 38(caste-no-bar)-7873374269. D-67012

## real estate

### SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

ଭୁବନେଶ୍ୱର ରେଡଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/- ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

**2600 sqft. corner plot sale at CET College (SUM Hospital) 100 meters from 200ft road, Bhubaneswar. Contact Deepak: 9937329999.** D-66257

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

**ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/-, housing available at Chakeisiani/ Andharua. 9853289161, 8917267426.** D-66920

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

**Commercial plot sale at IIT Bhubaneswar per sqft. 350/- Registration, boundarywall and conversion free. Installment and Bank Finance also available. Contact: 9777219533, 7008918078.** D-65666

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-67304

Puri plot sale near Lokanath Temple sthitiban patta plot sqft Rs.1000/-. Contact: 9438422888. D-67308

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft. Road ଏବଂ ବାସପୋଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948. D-13373

**4BHK duplex with gated community at Balianta (Land-1400 construction 2200 @ 55lakh and 2600 @ 65lakh) Contact: 9938219397, 9861022055.** D-13388

Develop gharabari all road 30ft plot sale Bhingarpur (Balianta). 7008492511. D-13389

**4BHK ready to move duplex independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66258

Yellowzone gharabari plots 3.166 sqft Badagada Canal road, simplex BJEM-(2), 12,80,000/-. 7735738102. D-13382

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

10,000 sqft. commercial land for sale at NH-203, Cuttack-Puri bypass Bhubaneswar 2.5 crore call: 7326084916. D-67309

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

2BHK, 3BHK ready to move flats at Hitech Heaven near Gudiapokhari Chowk, Bhubaneswar. 9861024170, 9439101498. D-13354

**ଭୁବନେଶ୍ୱର KIIT ଜଗନ୍ନାଥ ମନ୍ଦିରଠାରେ ଘରବାରୀ plot 30' ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବ। 6372824177.** D-66727

ବ୍ରହ୍ମପୁର ମେଡ଼ିକାଲ playground କାନ୍ଥକୁ ଲାଗି plot 2100 ବା 2450 sqft. Rs. 2500/- rate ଦିଆଯିବ। ଆଗକୁ cementroad, park pipe, no broker. Owner 9776757068. D-66606

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66729

Newly ready duplex with land area of 1600sqft. and construction area 2800sqft. near housing board colony Nandanvihar road, Patia, Price 95Lakhs (negotiable). Contact: 9439585947, 9937388797. D-67011

12202 sqft SC commercial plot for sale at Pahala near Cuttack - Bhubaneswar NH @ 2crore. Contact: 6371040313, 7978321918. D-59859

Urgent for immediate sale. A core house built-up area 1700sqft. Total land 10,000sqft at Nirakarpur, Khorda, may be sold partly. Only Genuine buyer may Contact No: 9777947573, 9938800102. D-13415

## construction

Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13391

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

## to-let

3BR, drawing, dining, store, pujaroom for rent, Sibnagar, Chilli Pokhari, Tankapani road, BBSR. Contact: 9437562371. D-58097

3BHK OMM NILOY Apartment levelcrossing Shahid Nagar office/ family. 9337555288, 7032925529. D-13322

**Two storied building (2600sqft) At: Chandikhol, Mahabinayak road for bank, commercial office or residential purpose. Contact: 9938218526 (Sanjay).** D-13316

Residential/commercial accomodation near DAV Chandrasekharpur mainroad, available. Contact: 9338089477. D-67007

ସମ୍ ହସ୍ପିଟାଲ ପଛପଟେ ରୋଗୀମାନଙ୍କ ସହାୟକ ରହିବାପାଇଁ ଘର ଭଡାରେ ମିଳେ। ୯୩୩୮୦୮୯୪୭୭. D-67008

1200 sqft fully furnished office space available at Bapuji Nagar near Federal Bank, Bhubaneswar, Contact: 7008485542 / 7008482464. D-62192

**Three bedroom, two bath, kitchen, drawing cum dining, big balcony at Sahid Nagar. Contact: 9937444411.** D-66259

## ACCOMMODATION

Furnished accomodation for working lady, students, near Amber showroom, Chandrasekharpur. 9938377066, 9337464616. D-67306

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Ayurvedic full body massage ladies/gents smart experts therapist. 9114697517. D-66917

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ୩୦୧ ପ୍ରସ୍ତାବରୁ ସମ୍ପୂର୍ଣ୍ଣ ହୋଇନି ୫୧ ଶିଳ୍ପ

**ଭୁବନେଶ୍ୱର,୧୩।୭(ବ୍ୟୁରୋ):** ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ନିବେଶକ ସମ୍ମିଳନୀ କରାଯାଇଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରୋଡ୍ ଶୋ ଏବଂ ନିବେଶକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଅକ୍ଟୋବର ୨୦୧୫ଠାରୁ ୨୦୧୮ ନଭେମ୍ବର ୧୫ ମଧ୍ୟରେ ଦେଶ ବାହାରେ ଏବଂ ଭିତରେ ପ୍ରାୟ ୨୦ ସ୍ଥାନରେ ସରକାର ରୋଡ୍ ଶୋ ଏବଂ ଇନଭେଷ୍ଟର ମିଟ୍ କରିଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ରାଜ୍ୟ ଏକକ ବାତାୟନ ପ୍ରଣାଳୀ(ଏମ୍‌ଓୟୁ) ମାଧ୍ୟମରେ ୩୦୧ ଶିଳ୍ପ ପ୍ରସ୍ତାବ, ଶିଳ୍ପ ସ୍ଥାପନ ପାଇଁ ଅନୁମୋଦନ କରାଯାଇଛି। ଏହାଦ୍ୱାରା ୫,୫୦,୧୪୯.୧୪ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ରହିଥିବା ସରକାର ଦର୍ଶାଇଛନ୍ତି। ୨୦୦୯ରୁ ୨୦୧୯ ମଧ୍ୟରେ ୩୦୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ଏଥିପାଇଁ ସରକାରଙ୍କ ଅଧିକାରୀମାନେ ବାହାରକୁ ଗସ୍ତ କରି ବ୍ୟାପକ ଅର୍ଥ ମଧ୍ୟ ଖର୍ଚ୍ଚ କରିଥିଲେ ହେଁ ଫଳ ସେପରି ଆସିଲା ନାହିଁ। ମାତ୍ର ପ୍ରସ୍ତାବ ଅନୁଯାୟୀ ରାଜ୍ୟରେ ଶିଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଉପରୋକ୍ତ ୩୦୧ ଅନୁମୋଦିତ ଶିଳ୍ପ ପ୍ରସ୍ତାବ ମଧ୍ୟରୁ ମାତ୍ର ୫୧ଟି ଶିଳ୍ପ ରାଜ୍ୟରେ ସ୍ଥାପନ ହୋଇଛି। କିନ୍ତୁ ଏହି ୫୧ ଶିଳ୍ପ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ଏଥିରୁ କେତୋଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ଆଉ କିଛି ଆଂଶିକ କାମ ହୋଇଛି ବୋଲି ବିଧାୟକ ମୋହନ ମାଝୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଉତ୍ତର ରଖିଛନ୍ତି।

## CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 M. Pradeep Kumar Patra, Mob: 8270703878

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA. COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674-2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674-2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

## ମନେ ପଡ଼ନ୍ତି

### ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଶ୍ରୀମତୀ ପୂର୍ଣ୍ଣଶଶୀ ବେହୁରା**
ତିରୋଧାନ: ୧୯ ଜୁଲାଇ ୨୦୦୫
"ପୂର୍ଣ୍ୟତୋୟା",ଇ-୭, ବି.ଜେ.ବି ନଗର, ଭୁବନେଶ୍ୱର

ସମୟ କୁଆଡ଼େ ହୃଦୟର ଦୁଃଖକୁ ଲିଭେଇ ଦିଏ, ଅପୂର୍ଣ୍ଣ ସ୍ଥାନକୁ ପୂର୍ଣ୍ଣ କରେ। କାହିଁ ଏତେ ବର୍ଷ ବିତିଗଲା ପରେ ଆମେ ଅପୂର୍ଣ୍ଣ- ଦୁଃଖି, ତୁମ ଅନୁପସ୍ଥିତିରେ। ଯେଉଁଠି ଥାଅ, ତୁମ ଆଶୀର୍ବାଦ ଆମ ଉପରେ ବରଷୁ ଥାଉ।

**ଶ୍ରଦ୍ଧାଞ୍ଜଳି ସହ:**
କନ୍ୟା, ପୁତ୍ର ଏବଂ ପରିବାରବର୍ଗ।

ଧ-୧୩୪୦୦

### ୪ର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ହରପ୍ରିୟା ମହାନ୍ତି**
ସ୍ଥାନ: ଝାରପଡ଼ା (ଭୁବନେଶ୍ୱର)

ମା' ଆମକୁ (ଆଷାଢ଼ ମାସ ତ୍ରୟୋଦଶୀ ତିଥିରେ) ଶୋକସାଗରରେ ଭସାଇଦେଇ ଅସମୟରେ ଚାଲିଗଲୁ। ସ୍ନେହ, ପ୍ରେମର ଅବତାର ଥିଲୁ। ତୋର ଶୂନ୍ୟତା ଅପୂରଣୀୟ ରହିବ।

**ଇତି ତୋର ଶୋକସନ୍ତପ୍ତ:**
ପରିବାରବର୍ଗ।

ଧ-୧୩୩୮୩

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାବିତ୍ରୀ ରାୟ**
ସ୍ୱାମୀ: ବେଣୁଧର ରାୟ
ବାଗଲପୁର, ଜଗତ୍‌ସିଂହପୁର
ଆବିର୍ଭାବ: ୧୮।୦୧।୧୯୩୦
ତିରୋଧାନ: ୦୩।୦୭।୨୦୧୯

ନିୟତିର ନିୟମ ବିଧିର ବିଧାନକୁ ପାଥେୟକରି ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଚାଲିଗଲ, ହେଲେ ଆପଣଙ୍କର ସ୍ନେହ, ଶ୍ରଦ୍ଧା, ନିଷ୍ଠା, ପରୋପକାରିତା ଓ "କୋଟି ପରମାୟୁ" ଆଶୀର୍ବାଦ ଶବ୍ଦଟି ସମସ୍ତଙ୍କୁ ପ୍ରେରଣା ପରି ସର୍ବଦା ମନେ ରହିଥିବ। ଠାକୁର ଘର, ଗୀତା ଭାଗବତ ପାଠ ଆଜି ନିସ୍ତବ୍ଧ ହୋଇଯାଇଛି। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ଝିଅ,ଜ୍ୱାଇଁ- ଚିନୁ, ସଞ୍ଜୟ, ନାତି- ଟିଟନ୍, ଚିକନ୍, ପରିବାର, ଆତ୍ମୀୟସ୍ୱଜନ ଓ ପ୍ରିୟଜନ ବୃନ୍ଦ।

ଧ-୧୩୩୩୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଡେବିଟ କାର୍ଡ କମିଛି, କ୍ରେଡିଟ କାର୍ଡ ସଂଖ୍ୟା ବଢ଼ିଛି



**ନୂଆଦିଲ୍ଲୀ, ୧୩-୭:** ଡେବିଟ କାର୍ଡ ବ୍ୟବହାର ମାର୍ଚ୍ଚରୁ ମେ' ମଧ୍ୟରେ ୧୦ ପ୍ରତିଶତ ଅର୍ଥାତ ୧୦ କୋଟି ହ୍ରାସ ପାଇଥିବା ଦେଖାଯାଉଛି। ଏବେ ଏହି କାର୍ଡ ସଂଖ୍ୟା ୯୨.୪ କୋଟିରୁ ହ୍ରାସ ପାଇ ୮୨.୪ କୋଟିରେ ପହଞ୍ଚିଛି। ଅଧିକାଂଶ ବ୍ୟାଙ୍କ ମ୍ୟାଗ୍ନେଟିକ ଷ୍ଟ୍ରିପ୍ କାର୍ଡ ବଦଳରେ ଚିପ୍ ଲାଗିଥିବା କାର୍ଡ ବ୍ୟବହାର କରିବା ଆରମ୍ଭ କରିଦେବା ହ୍ରାସର ମୁଖ୍ୟ କାରଣ କୁହାଯାଉଛି। ତେବେ ଆଲୋଚ୍ୟ ସମୟରେ ଡେବିଟ କାର୍ଡର ଠିକ୍ ଓଲଟା କ୍ରେଡିଟ କାର୍ଡ ସଂଖ୍ୟା ବୃଦ୍ଧି ପାଇଥିବା ଦେଖାଯାଉଛି। ଉକ୍ତ ଅବଧିରେ କ୍ରେଡିଟ କାର୍ଡ ସଂଖ୍ୟା ୧୦ ଲକ୍ଷ ବୃଦ୍ଧି ପାଇ ୫ କୋଟିରେ ପହଞ୍ଚିଯାଇଛି। ବର୍ଷକୁ ବର୍ଷ ଆଧାରରେ ମେ'ରେ କ୍ରେଡିଟ କାର୍ଡ ସଂଖ୍ୟା ୩.୮୬ କୋଟିରୁ ବୃଦ୍ଧି ପାଇ ୪.୮୯ କୋଟିରେ ପହଞ୍ଚିଯାଇଛି। ଆର୍‌ବିଆଇ ଅନୁଯାୟୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସର୍ବାଧିକ ୧.୨୬ କ୍ରେଡିଟ କାର୍ଡ ଜାରି କରିଛି। ଏହାପରେ ଏସ୍‌ବିଆଇ ୮୭ ଲକ୍ଷ, ଆକ୍ସିସ୍ ବ୍ୟାଙ୍କ ୬୨ ଲକ୍ଷ କ୍ରେଡିଟ କାର୍ଡ ଜାରି କରିଛି। ଡେବିଟ କାର୍ଡ ହ୍ରାସ ଦୃଷ୍ଟିରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସର୍ବାଧିକ ୫.୨ କୋଟି କାର୍ଡ କ୍ଷତିଗ୍ରସ୍ତ ହୋଇଛି।

### ଫେସବୁକ୍ ଉପରେ ଲାଗିବ ୩୪ ହଜାର କୋଟି ଜରିମାନା




**ୱାଶିଂଟନ, ୧୩-୭:** ଆମେରିକା ରେଗୁଲେଟର ଫେଡେରାଲ ଟ୍ରେଡ କମିଶନ(ଏଫ୍‌ଟିସି) ଡାଟା ଲିକ୍ ମାମଲାରେ ଫେସବୁକ୍‌ଠାରୁ ୫ ବିଲିୟନ ଡଲାର( ପ୍ରାୟ ୩୪ ହଜାର କୋଟି ଟଙ୍କା) ଜରିମାନା ଆଦାୟ କରିବାକୁ ସୁପାରିଶ୍ କରିଛନ୍ତି। କୌଣସି ଟେକ୍ କମ୍ପାନୀ ବିରୋଧରେ ଏହା ଅଦ୍ୟାବଧି ସର୍ବାଧିକ ପେନାଲ୍ଟି ଆଦାୟ ବୋଲି କୁହାଯାଉଛି। ଏଥିପୂର୍ବରୁ ୨୦୧୨ରେ ଗୁଗଲ ଠାରୁ ୨୨ ମିଲିୟନ ଡଲାର(୧୫୪ କୋଟି ଟଙ୍କା) ଜରିମାନା ଆଦାୟ କରାଯାଇଥିଲା। ତେବେ ଫେସ୍‌ବୁକ ଏହି ଜରିମାନା ଦେବା ଲାଗି ପୂର୍ବରୁ ପ୍ରସ୍ତୁତ। କମ୍ପାନୀ ଉପରେ ଏହାର ଅଧିକ ପ୍ରଭାବ ପଡିବ ନାହିଁ ବୋଲି କୁହାଯାଉଛି। ବ୍ୟକ୍ତିଗତ ଡାଟା ଗୋପନୀୟତା ଏବଂ ଗ୍ରାହକଙ୍କ ଡାଟାର ଅପବ୍ୟବହାର କରିବା ଯୋଗୁ ଏଫ୍‌ଟିସି ପକ୍ଷରୁ ଫେସ୍‌ବୁକ୍ ବିରୋଧରେ ଏହି ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ମାମଲାରେ ଉଭୟ କମ୍ପାନୀ ଓ ଏଫ୍‌ଟିସି କୌଣସି ମନ୍ତବ୍ୟ ଦେଇନାହାନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ୩-୨ ଭୋଟରେ ଏହି ଜରିମାନାକୁ ମଞ୍ଜୁରି ପ୍ରଦାନ କରାଯାଇଛି। ବର୍ତ୍ତମାନ ଏହି ମାମଲାକୁ ଜଷ୍ଟିସ୍ ଡିପାର୍ଟମେଣ୍ଟର ସିଭିଲ ଡିଭିଜନ ନିକଟକୁ ସମୀକ୍ଷା ପାଇଁ ପଠାଯାଇଛି। ଏହି ପ୍ରକ୍ରିୟା ପାଇଁ କେତେଦିନ ଲାଗିବ, ବର୍ତ୍ତମାନ କହିବା ଅସମ୍ଭବ। ତେବେ ଜରିମାନା ଆଦାୟ ନିର୍ଦ୍ଦେଶକୁ ଅନୁମୋଦନ ମିଳିଯିବାର ଯଥେଷ୍ଟ ସମ୍ଭାବନା ରହିଛି।

### ନିଜ ଉତ୍ତରାଧିକାରୀଙ୍କୁ ଆଦିତ୍ୟ ପୁରୀଙ୍କ ୧୫ ଦିନିଆ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧୩-୭:** ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏମ୍‌ଡି ଆଦିତ୍ୟ ପୁରୀଙ୍କ ଉତ୍ତରାଧିକାରୀ ଖୋଜା ଆରମ୍ଭ ହୋଇଛି। ତେବେ ନୂଆ ଏମ୍‌ଡିଙ୍କୁ ୨ ସପ୍ତାହ ଭିତରେ ତାଙ୍କର ସମସ୍ତ କାମ ଶିଖିବାକୁ ହେବ ବୋଲି ପୁରୀ ଚାହୁଁଛନ୍ତି। ନିଯୁକ୍ତି ପାଇବାକୁ ଥିବା ବ୍ୟକ୍ତି ଜଣକ ସବୁ ଦୃଷ୍ଟିରୁ ତାଙ୍କଠାରୁ ଅଧିକ ପାରଙ୍ଗମ ହେବା ଉଚିତ ବୋଲି ସେ ମତପ୍ରକାଶ କରିଛନ୍ତି। ଗତବର୍ଷ ବ୍ୟାଙ୍କର ଏକ ବୋର୍ଡ ବୈଠକରେ ସେ କହିଥିଲେ, ଏକ ବର୍ଷ ସମୟ ନେଇ ସବୁକିଛି ଶିଖିବାକୁ ଚାହୁଁଥିବା ଉତ୍ତରାଧିକାରୀଙ୍କୁ ସେ ତାଙ୍କ ପଦ ଦେବେନି। ତାଙ୍କ ସ୍ଥାନ ନେଉଥିବା ବ୍ୟକ୍ତିଙ୍କୁ ୧୮ ମାସ ହାତଧରି ଶିଖାଇବାର ଆବଶ୍ୟକତା ହେବା ଅନୁଚିତ। ଆସନ୍ତାବର୍ଷ ଅକ୍ଟୋବରରେ ପୁରୀ ଅବସର ନେବେ।

### ସିଣ୍ଡିକେଟ ବ୍ୟାଙ୍କର ନୂଆ ହାଉସିଂ ଲୋନ୍ ସ୍କିମ୍

**ଭୁବନେଶ୍ୱର, ୧୩-୭:** ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ନୂଆ ହାଉସିଂ ଲୋନ ସ୍କିମ୍ 'ସିଣ୍ଡନିବାସ ଟେକ୍ ଓଭର ଧମାକା' ଶୁଭାରମ୍ଭ ହୋଇଛି। ଏହା ଗ୍ରାହକଙ୍କୁ ବିଶେଷ ସୁବିଧା ପ୍ରଦାନ କରିବ। ଚଳିତ ବର୍ଷ ଜୁଲାଇ ପହିଲାରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହାର ଲାଭ ଗ୍ରାହକମାନେ ନେଇ ପାରିବେ। ଗ୍ରାହକ ସିଣ୍ଡିକେଟ ବ୍ୟାଙ୍କର ନିକଟସ୍ଥ ଶାଖା ଏବଂ ଆଞ୍ଚଳିକ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ଲାଭ କରିପାରିବେ। ଏହି ସ୍କିମର ଲାଭ ଉଠାଇବାକୁ ଗ୍ରାହକଙ୍କୁ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ମୂରଲୀଧର ବେହେରା ସୂଚନା ଦେଇଛନ୍ତି।

---



> ଆମେରିକା ପ୍ରତିନିଧି ଦଳଙ୍କ ସହ ବାଣିଜ୍ୟ କାରବାର ନେଇ ଭାରତର ଆଲୋଚନା ହୋଇଛି। ଏଥିରୁ ବର୍ତ୍ତମାନ ସୁଫଳ ମିଳି ନ ଥିଲେ ହେଁ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିବ।
> – ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



> ପଣ୍ୟଦ୍ରବ୍ୟ ବଜାରରେ ଭାରତ ମୂଲ୍ୟ ନିର୍ଦ୍ଧାରକ ଭାବେ ଉଭା ହୋଇପାରିବ। ଏହି ବଜାରକୁ ଶକ୍ତିଶାଳୀ କରାଗଲେ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ।
> – ଅନୁରାଗ ସିଂ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ

---

### ବଜେଟ ଘୋଷଣାକୁ ନେଇ ରାଜନଙ୍କ ଆଶଙ୍କା

# ବିଦେଶରେ ସରକାରୀ ବଣ୍ଡ ବିକିବା ବିପଦପୂର୍ଣ୍ଣ

**ନୂଆଦିଲ୍ଲୀ, ୧୩-୭**

- ବଣ୍ଡ ବିକ୍ରିରୁ ଫାଇଦା ମିଳିବ ନାହିଁ
- ୭ ଲକ୍ଷ କୋଟି ଋଣ କରିବାକୁ ସରକାରଙ୍କ ପ୍ରୟାସ
- ଏଫ୍‌ପିଆଇ ପଞ୍ଜୀକରଣ ନିୟମ କୋହଳ ହେଉ



କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର ବିଦେଶ ବଜାରରେ ସରକାରୀ ବଣ୍ଡ ବିକ୍ରି କରି ଅର୍ଥ ଯୋଗାଡ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ଏହାକୁ ନେଇ ଆଶଙ୍କାବ୍ୟକ୍ତ କରିଛନ୍ତି। ସରକାରଙ୍କ ଏହି ଯୋଜନାରୁ ଦେଶକୁ ସେପରି କିଛି ଫାଇଦା ମିଳିବ ନାହିଁ। ବରଂ ଏହା ଅଧିକ ବିପଦପୂର୍ଣ୍ଣ ବୋଲି ସେ କହିଛନ୍ତି।

ପୂର୍ବତନ ଗଭର୍ନର ରାଜନ କହିଛନ୍ତି ଯେ, ବିଦେଶରେ ବଣ୍ଡ ବିକ୍ରି କରିବା ଯୋଗୁ ସ୍ଥାନୀୟ ବଜାରରେ ବିକ୍ରି ହେବାକୁ ଥିବା ଘରୋଇ ସରକାରୀ ବଣ୍ଡ ମାତ୍ରା କମ ହେବ ନାହିଁ। ଦେଶର ଅର୍ଥନୀତି ଦ୍ରୁତଗତିରେ ଆଗେଇଥିବା ବେଳେ ନିବେଶକ ଅଧିକ ନିବେଶ କରୁଥିବାରୁ ଏଥିପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ ବୋଲି ରାଜନ କହିଛନ୍ତି। ତାଙ୍କ ମତରେ ଅର୍ଥନୀତି ଧିମା ହେବା ମାତ୍ରେ ନିବେଶକ ଦୂରେଇଯିବା ଆରମ୍ଭ କରନ୍ତି। ସୂଚନାଥାଉ କି, ବିଦେଶରେ ସରକାରୀ ବଣ୍ଡ ବିକ୍ରି କରି ଅର୍ଥ ଯୋଗାଡ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ କରି ଘୋଷଣା କରିଥିଲେ। ବିରୋଧୀ ଦଳଗୁଡ଼ିକ ମଧ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଅର୍ଥନୀତି ଧିମା ହେବା କାରଣରୁ ପାଣ୍ଠି ଯୋଗାଡ କରିବା ଲାଗି ମୋଦି ସରକାରଙ୍କ ନିକଟରେ ସ୍ୱଳ୍ପ ବିକଳ୍ପ ରହିଛି। ଏହି କାରଣରୁ ବିଦେଶରୁ ବଣ୍ଡ ଜାରି ମାଧ୍ୟମରେ ଅର୍ଥ ଯୋଗାଡ କରିବାକୁ ସରକାର ବାହାରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ସରକାର ରେକର୍ଡ ୭ ଲକ୍ଷ କୋଟି ଟଙ୍କା(୧୦୩ ବିଲିୟନ ଡଲାର) ଋଣ ନେବାକୁ ଯୋଜନା କରିଥିବାରୁ ଏହାକୁ ନେଇ ନିବେଶକମାନେ ବେଶ୍ ଚିନ୍ତିତ। ବିଦେଶୀ ଷ୍ଟକ୍ ଏକ୍ସଚେଞ୍ଜରେ ଭାରତୀୟ ବଣ୍ଡ କାରବାରରେ ଅସ୍ଥିରତା ଆସିଲେ ଏହା ଘରୋଇ ସିକ୍ୟୁରିଟିଜ୍ ବଜାରକୁ ପ୍ରଭାବିତ କରିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ତାଙ୍କ ମତରେ ଏହି ଯୋଜନା ବଦଳରେ ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ପଞ୍ଜୀକରଣ ନିୟମକୁ ଆହୁରି କୋହଳ କରିବା ସହ ସରକାରୀ ବଣ୍ଡରେ ନିବେଶର ସୀମା ବଢ଼ାଇବାକୁ ହେବ। ଆର୍‌ବିଆଇର ୩ ଜଣ ପୂର୍ବତନ ଅଧିକାରୀ ମଧ୍ୟ ଏହି ଯୋଜନାକୁ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏହି ଯୋଜନାକୁ କ୍ରିୟାନ୍ୱୟନ କରିବା ଲାଗି ଏବେ ସମୟ ଆସିନାହିଁ। କାରଣ ଭାରତ ବଡ଼ ବଜେଟ ନିଅଣ୍ଟ ସମସ୍ୟାର ସମ୍ମୁଖୀନ ହେଉଛି। ରାଜନଙ୍କ କହିବାନୁଯାୟୀ, ଛୋଟ ପରିମାଣ ବଣ୍ଡ ଜାରି କରାଗଲେ, ସେଭଳି ବିଶେଷ ଫରକ ପଡିବ ନାହିଁ। କିନ୍ତୁ ନିୟମ ଥରେ ଲାଗୁ ହେବା ପରେ ଅଧିକ ବଣ୍ଡ ଜାରି କରିବାର ଲୋଭ ବଢ଼ିଯିବ। ଏହା ହିଁ ବିପଦର କାରଣ ହେବ ବୋଲି ସେ କହିଛନ୍ତି।



## ସୁପର ୩୦ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ ଜିନ୍ଦେଗୀ ଫାଉଣ୍ଡେଶନ

**ଭୁବନେଶ୍ୱର, ୧୩-୭**

ଗଣିତଜ୍ଞ ଆନନ୍ଦ କୁମାରଙ୍କ ଚରିତ୍ର ଉପରେ ପର୍ଯ୍ୟବସିତ 'ସୁପର ୩୦' ଚଳଚ୍ଚିତ୍ର ରିଲିଜ ହୋଇଥିବା ବେଳେ ଏଥିରେ ପ୍ରମୁଖ ଭୂମିକାରେ ହ୍ରିତିକ ରୋଶନ ଏବଂ ମୃଣାଳ ଠାକୁର ଅଭିନୟ କରିଛନ୍ତି। ଅନଗ୍ରସର ଏବଂ ଗରିବ ମେଧାବୀ ପିଲାମାନଙ୍କୁ ଠିକ୍ ଭାବେ ପ୍ରଶିକ୍ଷଣ ଦେଇ ଆଇଆଇଟି ଏବଂ ସଫଳତା ପ୍ରଦାନରେ ଆନନ୍ଦ କୁମାରଙ୍କ ଭୂମିକା ସଂକ୍ରାନ୍ତ ବିଭିନ୍ନ କାହାଣୀକୁ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ମୁମ୍ବାଇର ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଚଳଚ୍ଚିତ୍ରକୁ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଆନନ୍ଦ କୁମାର ଏବଂ ସିନେମାର ସବୁ କଳାକାର ଉପସ୍ଥିତ ଥିଲେ। ଏହି ଅବସରରେ ଅଜୟ ବାହାଦୁର ସିଂ କହିଛନ୍ତି, ଆନନ୍ଦ କୁମାର ତାଙ୍କର ବାଲ୍ୟବନ୍ଧୁ। ଆନନ୍ଦଙ୍କ ପ୍ରେରଣାରେ ଶିକ୍ଷାକୁ ବୃତ୍ତି ଭାବେ ଗ୍ରହଣ କରି ଆନନ୍ଦିତ ବୋଲି ସିଂ କହିଛନ୍ତି।

ସିଂ ବର୍ତ୍ତମାନ ଜିନ୍ଦେଗୀ ଫାଉଣ୍ଡେଶନ ଦ୍ୱାରା ଗରିବ ବର୍ଗର ପିଲାମାନଙ୍କୁ ମାଗଣାରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରଶିକ୍ଷଣ ଏବଂ ରହିବାର ସୁବିଧା କରିଛନ୍ତି। ଜିନ୍ଦେଗୀ ଫାଉଣ୍ଡେଶନ ଭୁବନେଶ୍ୱରରେ 'ସୁପର ୩୦' ଉପରେ ପର୍ଯ୍ୟବସିତ ଫିଲ୍ମ ପ୍ରଦର୍ଶନକରି ସ୍କୁଲରେ ପଢୁଥିବା ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବେ। ଏହି ଫିଲ୍ମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମାନସିକତାରେ ପରିବର୍ତ୍ତନ ଆସିବ ବୋଲି ଆନନ୍ଦ କୁମାର ଏବଂ ହ୍ରିତିକ ରୋଶନ ଆଶାବ୍ୟକ୍ତ କରିଛନ୍ତି। ଜିନ୍ଦେଗୀ ଫାଉଣ୍ଡେଶନ ଦ୍ୱାରା ଉପକୃତ କ୍ରୀଷ୍ଣା ମହାନ୍ତି କୁହନ୍ତି, ବାପା ଚାଲିଗଲା ପରେ ମା ଭୁବନେଶ୍ୱର ଇସ୍କନ ମନ୍ଦିରରେ ଫୁଲ ଏବଂ କେକ ବିକି ଗୁଜୁରାଣ ମେଣ୍ଟାଉଥିଲେ। ଜିନ୍ଦେଗୀ ଫାଉଣ୍ଡେଶନ ଦ୍ୱାରା ମେଡିକାଲ ପ୍ରବେଶିକାରେ ସଫଳ ହେବା ସମ୍ଭବ ହୋଇଛି ବୋଲି ସେ କହିଛନ୍ତି।

## ନୂଆ ଗାଡ଼ି ପାଇଁ ନେବାକୁ ହେବ ଦୀର୍ଘ ଅବଧିର ବୀମା ପଲିସି: ଆଇଆର୍‌ଡିଏ

**ନୂଆଦିଲ୍ଲୀ, ୧୩-୭**



ନୂଆ ଗାଡ଼ି କିଣୁଥିବା ବ୍ୟକ୍ତିବିଶେଷଙ୍କୁ ଦୀର୍ଘ ଅବଧିର ବୀମା ପଲିସି କିଣିବାକୁ ହେବ। ଏହା ବାଧ୍ୟତାମୂଳକ ହୋଇଛି। ତେବେ ପୂର୍ବରୁ ଗାଡ଼ି ପଲିସି ଥିବା ବ୍ୟକ୍ତିମାନେ ପ୍ରତିବର୍ଷ ଏହାର ନବୀକରଣ କରିବାକୁ ହେବ ବୋଲି ଭାରତୀୟ ବୀମା ନିୟାମକ ପ୍ରାଧିକରଣ(ଆଇଆର୍‌ଡିଏ) ସ୍ପଷ୍ଟ କରିଛି। ଜାରି ନୂଆ ନିୟମ ଅନୁଯାୟୀ, ଦୁଇଚକିଆ ଗାଡି କିଣୁଥିବା ବ୍ୟକ୍ତିଙ୍କୁ ୫ ବର୍ଷ ଲାଗି ବୀମା ନେବାକୁ ହେବ। ସେହିପରି ନୂଆ କାର୍ ପାଇଁ ୩ ବର୍ଷ ସୀମା ଅପରିହାର୍ଯ୍ୟ ହୋଇଛି। ସମସ୍ତ ନୂଆ ଗାଡ଼ି କିଣୁଥିବା ବ୍ୟକ୍ତିବିଶେଷଙ୍କୁ ଥାର୍ଡ ପାର୍ଟି ବୀମା ନେବା ବାଧ୍ୟତାମୂଳକ ହୋଇଛି। ଏହି ନୂଆ ନିୟମ ୨ ବର୍ଷ ଅଥବା ଏହାପୂର୍ବରୁ କିଣାଯାଇଥିବା ଗାଡ଼ି ପାଇଁ ଲାଗୁ ହେବ ନାହିଁ ବୋଲି ଆଇଆର୍‌ଡିଏ ପକ୍ଷରୁ ଗତ ୧୧ରେ ପ୍ରକାଶ କରାଯାଇଥିବା ସ୍ପଷ୍ଟୀକରଣରେ କୁହାଯାଇଛି। ପୁରୁଣା ଗାଡ଼ି ମାଲିକଙ୍କୁ ପୂର୍ବଭଳି କେବଳ ୧ ବର୍ଷ ବୀମା କରିବାକୁ ହେବ। ତେବେ ଚାର୍ଜ ବଢ଼ିଯିବ। ଏଣିକି ୧୦୦୦ ସିସିର ବାଇକ କିଣିବା ଉପରେ ଗାଡି ମାଲିକଙ୍କୁ ବୀମା ନେବା ଲାଗି ୪୫ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଓନ୍ ଡ୍ୟାମେଜ୍ ବୀମା ୧ ବର୍ଷ ପାଇଁ ନେଇ ହେବ। ଏହାଦ୍ୱାରା ଗାଡ଼ିର ଏକ୍ସ ଶୋରୁମ୍ ମୂଲ୍ୟ ଅଧିକ ହୋଇଯିବ। ଏହାଦ୍ୱାରା ଗାଡ଼ି ମାଲିକଙ୍କ ଖର୍ଚ୍ଚ ୧୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ିବ। ଏଥିସହିତ ବ୍ୟକ୍ତିଗତ ବୀମା କଭରର କ୍ଲେମ୍ ରାଶିକୁ ଆଇଆର୍‌ଡିଏ ୨ ଲକ୍ଷରୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ୨ ଚକିଆ ଗାଡ଼ି ପାଇଁ କ୍ଲେମ୍ ରାଶି ୧ ଲକ୍ଷ ଟଙ୍କା ଏବଂ ଚାରିଚକିଆ ଗାଡ଼ି ପାଇଁ ୨ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏଥିଲାଗି ଗ୍ରାହକଙ୍କଠାରୁ ପ୍ରିମିୟମ ବାବଦରେ ୫୦ ଅଥବା ୧୦୦ ଟଙ୍କା(ଟିକସ ସହ) ନିଆଯାଉଥିଲା। ଏବେ ସମସ୍ତ ଗାଡ଼ି ମାଲିକଙ୍କୁ ବ୍ୟକ୍ତିଗତ ବୀମା କଭର ନେବାକୁ ହେବ ଏବଂ ଏଥିପାଇଁ ବାର୍ଷିକ ୭୫୦ ଟଙ୍କା ଦେବାକୁ ପଡିବ।

### ବିଜୁଳି ବିଲ୍ ବକେୟା

## ବିଏସ୍‌ଏନ୍‌ଏଲ୍‌ର ୧୦୦୦ ମୋବାଇଲ ଟାୱାର ଅଚଳ




**ନୂଆଦିଲ୍ଲୀ, ୧୩-୭**

ବକେୟା ବିଜୁଳି ବିଲ୍ ପ୍ରଦାନ କରାଯାଇ ନ ଥିବାରୁ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍)ର ୧୦୦୦ ମୋବାଇଲ ଟାୱାର ଏବଂ ୫୦୦ରୁ ଊର୍ଦ୍ଧ୍ୱ ଟେଲିଫୋନ୍ ଏକ୍ସଚେଞ୍ଜ ଏବେ ଅଚଳ ହୋଇପଡିଛି। ଏ ସମ୍ପର୍କରେ ଟେଲିକମ ମନ୍ତ୍ରୀ ରବିଶଙ୍କର ପ୍ରସାଦ ନିକଟରେ ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଦୁଇଟି ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଓ ମହାନଗର ଟେଲିଫୋନ ନିଗମ ଲିମିଟେଡ (ଏମ୍‌ଟିଏନ୍‌ଏଲ୍)ର ପୁନରୁଜ୍ଜୀବନ ଯୋଜନାକୁ କାର୍ଯ୍ୟକାରୀ କରାଯିବ। ଏଦିଗରେ ପଦକ୍ଷେପ ନେବା ଆରମ୍ଭ ହୋଇଛି। ତାଙ୍କର କହିବାନୁଯାୟୀ, ବିଜୁଳି ବିଲ୍ ପ୍ରଦାନ କରା ନ ଯିବାରୁ ଦେଶର ବିଭିନ୍ନ ସ୍ଥାନରେ ଏବେ ସୁଦ୍ଧା ୧୦୮୩ ମୋବାଇଲ ଟାୱାର ଏବଂ ୫୨୪ ଟେଲିଫୋନ ଏକ୍ସଚେଞ୍ଜ ବନ୍ଦ ହୋଇଯାଇଛି। ସେହିଭଳି ଜମି ମାଲିକଙ୍କ ଭଡା ବାବଦରେ ବକେୟା ପ୍ରଦାନ କରା ନ ଯିବାରୁ ସାରା ଦେଶରେ ୨୫୮ ମୋବାଇଲ ଟାୱାରକୁ ବନ୍ଦ କରିବାକୁ କମ୍ପାନୀ ବାଧ୍ୟ ହୋଇଛି।

## ନାଲ୍‌କୋକୁ ଗୋଲ୍‌ଡେନ ପିକକ ପୁରସ୍କାର




**ଭୁବନେଶ୍ୱର, ୧୩-୭(ବ୍ୟୁରୋ)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ)କୁ ଗୋଲଡେନ ପିକକ ପରିବେଶ ପରିଚାଳନା ପୁରସ୍କାର ମିଳିଛି। ପରିବେଶ ପରିଚାଳନାରେ ବିଶ୍ୱସ୍ତରୀୟ ମାନ୍ୟତା, ଔଦ୍ୟୋଗିକ ବିକାଶ ସହ ନିରନ୍ତର ପ୍ରଗତିକୁ ସୁନିଶ୍ଚିତ କରିବା କ୍ଷେତ୍ରରେ ୨୦୧୯ ବର୍ଷ ଲାଗି ନାଲ୍‌କୋକୁ ଏଭଳି ପୁରସ୍କାର ମିଳିଛି। ଏକବିଂଶତମ ପରିବେଶ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ ବିଶ୍ୱ କଂଗ୍ରେସ ଅବସରରେ କମ୍ପାନୀ ଏହି ଆୱାର୍ଡ ଲାଭ କରିଥିବା ସୂଚନା ଦେଇଛି। କୋରାପୁଟ ଜିଲାର ପଞ୍ଚପଟମାଳି ବକ୍ସାଇଟ ଖଣି ପରିବେଶ ପରିଚାଳନା ଓ ସଂରକ୍ଷଣ କ୍ଷେତ୍ରରେ ଏହାର କାର୍ଯ୍ୟ ସହ ଗୋଷ୍ଠୀ ବିକାଶ ଓ ଅଂଶୀଦାରଙ୍କ ଉନ୍ନତି ଦିଗରେ କମ୍ପାନୀ ନିରନ୍ତର ଭାବେ କାର୍ଯ୍ୟ କରୁଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଗଠିତ ବିଚାରକ ମଣ୍ଡଳୀ ନାଲ୍‌କୋକୁ ଉକ୍ତ ପୁରସ୍କାର ପ୍ରଦାନ ଲାଗି ଚୟନ କରିଛନ୍ତି। ୟୁଏଇ ସରକାରଙ୍କ କ୍ୟାବିନେଟ ସଦସ୍ୟ ତଥା ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ମନ୍ତ୍ରୀ ଡ.ଥାନି ବିନ ମହମ୍ମଦଙ୍କଠାରୁ ନାଲ୍‌କୋ ଏହି ପୁରସ୍କାର ଗ୍ରହଣ କରିଛି। ପରିବେଶ ପରିଚାଳନା କ୍ଷେତ୍ରରେ ନିରନ୍ତରତା ବଜାୟ ରଖିବା ଲାଗି ନାଲ୍‌କୋ ପରିବାରକୁ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## 'ଅସହିଷ୍ଣୁତା ବୃଦ୍ଧି ଯୋଗୁ ବିକାଶ ବାଧାପ୍ରାପ୍ତ ହେବ'

**ନୂଆଦିଲ୍ଲୀ, ୧୩-୭**

ଦେଶରେ ବୃଦ୍ଧି ପାଉଥିବା ଅସହିଷ୍ଣୁତା, ଘୃଣାଜନିତ ଅପରାଧ ଓ ମୋରାଲ ପୋଲିସିଂ ବୃଦ୍ଧି ପାଉଥିବାରୁ ଏହା ଆର୍ଥିକ ବିକାଶକୁ କ୍ଷତି ପହଞ୍ଚାଇବ ବୋଲି ଗୋଦ୍‌ରେଜ ଗ୍ରୁପ୍ ଅଧ୍ୟକ୍ଷ ଆଦି ଗୋଦ୍‌ରେଜ ଶନିବାର କହିଛନ୍ତି। ମୁମ୍ବାଇର ସେଣ୍ଟ ଜାଭିଏର୍ସ କଲେଜର ୧୫୦ତମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ନିର୍ମାଣ ଓ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ନେଇ ବିଶାଳ ଦୃଷ୍ଟିଭଙ୍ଗି ପ୍ରଦର୍ଶନ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବଧେଇ ଜଣାଇଛନ୍ତି। ତେବେ ଦେଶରେ ସବୁକିଛି ଠିକ୍ ଚାଲୁନାହିଁ ବୋଲି ସେ କହିଛନ୍ତି। ସାମାଜିକ ପରିବେଶକୁ ନେଇ ଗୋଦ୍‌ରେଜ ଚିନ୍ତାବ୍ୟକ୍ତ କରିବା ସହ ଏହାର ପ୍ରଭାବ ଆର୍ଥିକ ବିକାଶ ଉପରେ ପଡିବ ବୋଲି ଚେତାଇ ଦେଇଛନ୍ତି। ବର୍ତ୍ତମାନର ପରିସ୍ଥିତି ଉପରେ ମନ୍ତବ୍ୟ ଦେଇ ଆଦି ଗୋଦ୍‌ରେଜ କହିଛନ୍ତି ଯେ, ଦେଶର ଅଧିକାଂଶ ଜନସଂଖ୍ୟା ଏବେ ମଧ୍ୟ ଗରିବ, ଏହା ଭାରତ ଭୁଲିବା ଅନୁଚିତ। ଏହି ସ୍ଥିତି ଦେଶର ବିକାଶ ଗତିକୁ ଭାରି କ୍ଷତିଗ୍ରସ୍ତ କରିବ। ଏହାଦ୍ୱାରା ଆମେ ଆମର ବାସ୍ତବ କ୍ଷମତାକୁ ଚିହ୍ନିପାରିବୁ ନାହିଁ ବୋଲି ସେ କହିଛନ୍ତି।

## ଯଥାର୍ଥ ଟିକସ ଯୋଜନା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୩-୭**

### ଫିକି ପକ୍ଷରୁ ବଜେଟ ଆଲୋଚନା

ଦେଶର ଟିକସଦାତାଙ୍କ ଲାଗି ଯଥାର୍ଥ ଟିକସ ଯୋଜନାର ଆବଶ୍ୟକତା ରହିଛି। ଅର୍ଥକୁ ଠିକ୍ ଭାବେ ପରିଚାଳନା, ନୂଆ ନୀତିକୁ ଧ୍ୟାନରେ ରଖି ଆଡଭାନ୍ସ ଟିକସ ପ୍ଲାନିଂ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଏଠାରେ ଶିଳ୍ପ ସଂଘ ଫିକି ପକ୍ଷରୁ ବଜେଟ ଆଲୋଚନାରେ ମତପ୍ରକାଶ ପାଇଛି। ଟିକସ ଚୋରି କରିବା ଏକ ଗୁରୁତର ଅପରାଧ ଭାବେ ବର୍ତ୍ତମାନ ବିବେଚନା କରାଯାଉଥିବା ବେଳେ ଏଭଳି ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଆୟକର ବିଭାଗର ପ୍ରିନ୍ସିପାଲ ଚିଫ୍ କମିଶନର ପ୍ରଣବ କୁମାର ଦାସ ଏଥିରେ କହିଛନ୍ତି। ଟିକସ ଚୋରିକୁ ରୋକିବା ଲାଗି ଏକ କେନ୍ଦ୍ରୀକୃତ ମନିଟରିଂ ବ୍ୟବସ୍ଥାକୁ ଆହୁରି ଉନ୍ନତ କରାଯାଇଛି। ବଜେଟରେ ରାଜସ୍ୱ ସଂଗ୍ରହକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଆୟକର ଏଥିରେ ପ୍ରମୁଖ ଭାଗିଦାରି ରଖୁଛି। କଳାଟଙ୍କା କାରବାର ଉପରେ ସରକାର ରୋକ ଲଗାଇବା ପାଇଁ ଫୋକସ କରିଥିବା ଦାସ ସୂଚନା ଦେଇଛନ୍ତି।

ଠିକ୍ ସମୟରେ ରିଟର୍ନ ଏବଂ ଟିକସଦାତାଙ୍କୁ ଉତ୍ସାହିତ କରିବା ଲାଗି ସରକାର କିଛି ପ୍ରୋତ୍ସାହନ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ଫାଇନାନ୍ସ ଆନାଲିଷ୍ଟ ଏ.କେ. ସାବତ କହିଛନ୍ତି। ଗୋପାଳ ଅଗ୍ରୱାଲ, ପିଡ୍ଲୁସି ଟିକସ ବିଶେଷଜ୍ଞ ସୌରଭ କେଡିଆ, ଫିକି ଏନର୍ଜି କମିଟି ଅଧ୍ୟକ୍ଷ ଅଶୋକ ବେହେରା ପ୍ରମୁଖ ବଜେଟର ବିଭିନ୍ନ ଦିଗ ଉପରେ ମତ ପ୍ରକାଶ କରିଥିଲେ। ସେହିଭଳି ଶିଳ୍ପ ଏବଂ ବଜେଟ ପ୍ରଭାବ ସଂକ୍ରାନ୍ତ ଏକ ପ୍ୟାନେଲ ଆଲୋଚନାରେ ବିଶେଷଜ୍ଞ ଭାବେ ଦିଲିପ ବିଶୋଇ, ମ୍ୟାକେମ ନିର୍ଦ୍ଦେଶକ ଜେ.କେ. ରଥ, ୱାନ ବିଜନେସ ନିର୍ଦ୍ଦେଶକ ରାଜେନ ପାଢୀ ପ୍ରମୁଖ ଯୋଗଦେଇଥିଲେ।

# ଏମ୍‌ଏସ୍‌ଏମ୍‌ଇର ସଶକ୍ତୀକରଣ ଜରୁରୀ

**ଭୁବନେଶ୍ୱର, ୧୩-୭(ବ୍ୟୁରୋ)**

ଦେଶର ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ଅଣୁକ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡିକ ପ୍ରମୁଖ ଅଂଶୀଦାର ହୋଇପାରିବେ। ବର୍ତ୍ତମାନ ସ୍ଥିତିରେ ଏହି ଶିଳ୍ପଗୁଡିକର ଜିଡିପିକୁ ଯୋଗଦାନ ନଗଣ୍ୟ ରହିଛି। ଏଭଳି ସ୍ଥିତିକୁ ଧ୍ୟାନରେ ରଖି ଏମ୍‌ଏସ୍‌ଏମ୍‌ଇଗୁଡିକର ସଶକ୍ତୀକରଣ ଜରୁରୀ ବୋଲି ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ଭିଜନ ଓଡ଼ିଶା ସଂକ୍ରାନ୍ତ କାର୍ଯ୍ୟକ୍ରମରେ ଏହା ମତ ପ୍ରକାଶ ପାଇଛି। ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ଏମ୍‌ଏସ୍‌ଏମ୍‌ଇଗୁଡିକୁ ବିକାଶ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ସିଏସ୍‌ଆଇଆର୍ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟରେ କ୍ଷୁଦ୍ରଶିଳ୍ପର ଉନ୍ନତି ପାଇଁ ସିଏସ୍‌ଆଇଆର୍ ଲାବରୋଟୋରୀ, ଓଡ଼ିଶା ସରକାର ଏବଂ ୟୁଏନ୍‌ଆଇଡିଓ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ପେଟେଣ୍ଟ ଦୃଢ଼ୀକରଣ, ନୂତନ ଜ୍ଞାନକୌଶଳ ବ୍ୟବହାର, ଦକ୍ଷତା ବିକାଶ, ଏମ୍‌ଏସ୍‌ଏମ୍‌ଇ ଉତ୍ପାଦଗୁଡିକର ସିଏସ୍‌ଆଇଆର ଅଧୀନରେ ବ୍ରାଣ୍ଡିଂ, ପରୀକ୍ଷା ପ୍ରମାଣପତ୍ର ପ୍ରଦାନ ଉପରେ ଏଠାରେ ଆଲୋଚନା କରାଯାଇଥିଲା। ସିଏସ୍‌ଆଇଆର୍ ଲ୍ୟାବ ସହାୟତାରେ ୟୁଏନ୍‌ଆଇଡିଓ କ୍ଷୁଦ୍ରଶିଳ୍ପ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ ଉପରେ ଏଠାରେ ମତ ପ୍ରକାଶ ପାଇଛି। ସେହିଭଳି ଭିଜନ ପେପରକୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଭିଜନ ପେପରରେ ଜଳ ସଂରକ୍ଷଣ, ଭୂତଳ ଜଳ ପରିଚାଳନା, ଶିଳ୍ପ ସଂସ୍ଥାଗୁଡିକର ବର୍ଜ୍ୟ ପରିଚାଳନା, ପରିବେଶ ଉପଯୋଗୀ ଡାଉନଷ୍ଟ୍ରିମ ଶିଳ୍ପ, ପରିବେଶ ଉପଯୋଗୀ ଶକ୍ତି ପରିଚାଳନା ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଉପରେ ଗୁରୁତ୍ୱାରୋପ କରାଯାଇଛି। ସିଏସ୍‌ଆଇଆର୍ ମହାନିର୍ଦ୍ଦେଶକଙ୍କ ପରାମର୍ଶଦାତା ଡ.ଡି. ସେନଗୁପ୍ତା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପ୍ରଫେସର ନିର୍ଦ୍ଦେଶକ ଏସ୍. ବାସୁଙ୍କ ସମେତ ୧୨ ସିଏସ୍‌ଆଇଆର୍ ଲାବୋରୋଟୋରୀର ବରିଷ୍ଠ ବୈଜ୍ଞାନିକ ଏବଂ ନିର୍ଦ୍ଦେଶକମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଏଠାରେ ଉପସ୍ଥିତ ଥିଲେ।



ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ଭିଜନ ଓଡ଼ିଶା କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସି ଯୋଗ ଦେଇଥିବା ପ୍ରତିନିଧି।




# ପ୍ରଥମ ଟାଇଟଲ ଲକ୍ଷ୍ୟରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ

**ଲଣ୍ଡନ,୧୩।୭(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଅନ୍ତିମ ସୋପାନରେ ପହଞ୍ଚିଛି। ରବିବାର ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲରେ ପ୍ରବେଶ କରିଥିବା ଆୟୋଜକ ଇଂଲଣ୍ଡ ଓ ଗତଥରର ରନର୍ସଅପ୍ ନ୍ୟୁଜିଲଣ୍ଡ ଟାଇଟଲ ପାଇଁ ମୁକାବିଲାରେ ଅବତୀର୍ଣ୍ଣ ହେବେ। କ୍ରିକେଟର ଜନକ ହୋଇଥିଲେ ମଧ୍ୟ ଇଂଲଣ୍ଡ ଏପର୍ଯ୍ୟନ୍ତ ବିଶ୍ୱକପ୍ ଟାଇଟଲ ଜିତିବାରେ ବିଫଳ ହୋଇଛି। ସେହିପରି ନ୍ୟୁଜିଲାଣ୍ଡ ମଧ୍ୟ ବିଶ୍ୱକପ୍ ଇତିହାସରେ ଚାମ୍ପିୟନ ହୋଇପାରିନାହିଁ। ଫଳରେ ପ୍ରଥମ ଟାଇଟଲ ହାସଲ ପାଇଁ ଦୁଇଦଳ ପାଖରେ ସୁଯୋଗ ରହିଛି। ଅର୍ଥାତ୍ ଏଥର ବିଶ୍ୱକପ୍‌ରେ ଏକ ନୂଆ ଚାମ୍ପିୟନ ଦେଖିବାକୁ ମିଳିବ।

୧୯୬୬ ପରେ ସାର୍ ଅଲଫ ରାମସେଙ୍କ ଇଂଲଣ୍ଡ ଦଳ ଫିଫା ବିଶ୍ୱକପ୍ ହାସଲ କରିଥିଲା। ତେବେ ଏହାପରଠାରୁ ୫୩ ବର୍ଷ ମଧ୍ୟରେ ଇଂଲଣ୍ଡ ଗୋଟିଏ ହେଲେ ବି ବିଶ୍ୱସ୍ତରୀୟ ଇଭେଣ୍ଟ ଜିତିପାରି ନାହିଁ। ମହିଳା ଫିଫା ବିଶ୍ୱକପ୍‌ରେ ମଧ୍ୟ ଇଂଲଣ୍ଡ ସେମିଫାଇନାଲରେ ପରାସ୍ତ ହୋଇ ଟାଇଟଲ ହାସଲଠାରୁ ଦୂରରେ ରହିଯାଇଥିଲା। ଏଥର କିନ୍ତୁ ମିଳିଥିବା ସୁଯୋଗକୁ ଆୟୋଜକ ଇଂଲଣ୍ଡ ହାତଛଡ଼ା କରିବାକୁ ଚାହିଁବ ନାହିଁ। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଏଥର ଫାଇନାଲରେ ପ୍ରବେଶ କରିବା ପାଇଁ ବେଶ୍ ସଂଘର୍ଷର ସମ୍ମୁଖୀନ ହୋଇଛି। ୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ଗ୍ରୁପ୍ ପର୍ଯ୍ୟାୟରେ ପରାସ୍ତ ହୋଇ ବିଦାୟ ନେଇଥିଲା। କିନ୍ତୁ ଏହାପରଠାରୁ ଇଂଲଣ୍ଡ ନିଜର ପ୍ରସ୍ତୁତି ଜୋର୍‌ଦାର କରିବା ସହ ଉନ୍ନତ ଯୋଜନା ତଥା ରଣନୀତିକୁ ଆପଣାଇ ବିଶ୍ୱର ୧ ନମ୍ବର ଦିନିକିଆ ଦଳରେ ପରିଣତ ହୋଇଛି। କେବଳ ସେତିକି ନୁହେଁ ଇଂଲଣ୍ଡ ଏବେ ଟାଇଟଲ ଦାବିଦାର ଭାବେ ଉଭା ହୋଇଛି। ଆକ୍ରମଣାତ୍ମକ ତଥା ସାହସିକ କ୍ରିକେଟ ଖେଳି ଇଂଲଣ୍ଡ ଆଜି ଏହି ସ୍ଥାନରେ ପହଞ୍ଚିପାରିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ କେନ୍ ୱିଲିୟମସନଙ୍କ ନେତୃତ୍ୱରେ ପୂରା ଲୟରେ ଥିବା ପରି ମନେହେଉଛି। ସେ ବ୍ରେଣ୍ଡନ ମ୍ୟାକୁଲମଙ୍କ ସଫଳ ଉତ୍ତରାଧିକାରୀ ଭାବେ ନିଜକୁ ପ୍ରମାଣିତ କରିଛନ୍ତି।

ଲର୍ଡ୍ସରେ ଇଂଲଣ୍ଡ ଟାଇଟଲ ପାଇଁ ଜବରଦସ୍ତ ଫେଭରାଇଟ୍ ମନେହେଉଛି। ଜନି ବେୟାରଷ୍ଟୋ, ଜାସନ ରଏ, ଜୋ ରୁଟ୍, ଜୋସ ବଟଲର ଓ ବେନ୍ ଷ୍ଟୋକ୍ସଙ୍କୁ ନେଇ ଇଂଲଣ୍ଡର ବ୍ୟାଟିଂ ଲାଇନ୍ ୫୦ ଓଭର କ୍ରିକେଟରେ ବିସ୍ଫୋରକ ମନେହେଉଛି। ପୂର୍ବରୁ ୧୯୭୯, ୧୯୮୭ ଓ ୧୯୯୨ ବିଶ୍ୱକପ୍‌ରେ ଇଂଲଣ୍ଡ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ସବୁ ଦୃଷ୍ଟିକୋଣରୁ ଇଂଲଣ୍ଡ ବେଶ୍ ଶକ୍ତିଶାଳୀ ମନେହେଉଛି। ୧୯୭୯ରେ ସେତେବେଳର ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ୍‌ଠାରୁ ଫାଇନାଲରେ ଇଂଲଣ୍ଡ ପରାସ୍ତ ହୋଇଥିଲା। ତେବେ ଏଥର ଇଂଲଣ୍ଡ ଇତିହାସର ସବୁଠାରୁ ଶକ୍ତିଶାଳୀ ଦଳ ରୂପେ ଉଭା ହୋଇଛି। ସେତେବେଳେ ଇଂଲଣ୍ଡ ଦଳରେ ମାଇକ୍ ବ୍ରିଏରଲି (୧୩୦ ବଲରୁ ୬୪) ଓ ଜେଫ୍ରି ବୟକଟ୍ (୧୦୫ରୁ ୫୭ ବଲ) ୧୨୯ ରନର ଭାଗୀଦାରି ସ୍ଥାପନ କରି ୫୦ ଓଭରରେ ୨୮୭ ରନ ସଂଗ୍ରହ କରିଥିଲେ। ତେବେ ୱେଷ୍ଟଇଣ୍ଡିଜ ବିଜୟୀ ହୋଇ ଟାଇଟଲ ଜିତିଥିଲା। ସେହିପରି ୧୯୮୭ ବିଶ୍ୱକପ୍ ଫାଇନାଲରେ ମାଇକ୍ ଗେଟିଂଙ୍କ ନେତୃତ୍ୱରେ ଇଂଲଣ୍ଡ ଆଲାନ ବର୍ଡରଙ୍କ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ସେହିପରି ୧୯୯୨ରେ ଇଂଲଣ୍ଡ ଇମ୍ରାନ ଖାଁଙ୍କ ପାକିସ୍ତାନଠାରୁ ଫାଇନାଲରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ସେବେକାର ଦଳଠାରୁ ଇଅନ ମୋର୍ଗାନଙ୍କ ଇଂଲଣ୍ଡ ଦଳ ଭିନ୍ନ ମନେହେଉଛି।

ଦୁଇ ଇଂଲଣ୍ଡ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ରୟ ୪୨୬ ଓ ବେୟାରଷ୍ଟୋ ୪୯୬ ରନ ସଂଗ୍ରହ କରିଛନ୍ତି। ତେବେ ନ୍ୟୁଜିଲାଣ୍ଡର ତାରକା ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଓ ମ୍ୟାଟ୍ ହେନେରି ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ପରୀକ୍ଷାରେ ପକାଇବେ। ନ୍ୟୁଜିଲାଣ୍ଡ ସେମିଫାଇନାଲ ପ୍ରଦର୍ଶନକୁ ଫାଇନାଲରେ ଦୋହରାଇବାକୁ ଚାହିଁବ। ସେହିପରି ୫୪୯ ରନ ସଂଗ୍ରହ କରି ଜୋ ରୁଟ୍ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ଇଂଲଣ୍ଡର ମିଡଲଅର୍ଡର ମଧ୍ୟ ବେଶ୍ ଦୃଢ଼ ରହିଛି।

ପିଚ୍‌ର ପରିସ୍ଥିତି ଓ ପରିବେଶ ଯାହା ହେଉନା କାହିଁକି ଘରୋଇ ପରିବେଶରେ ଇଂଲଣ୍ଡ ପ୍ରଥମେ ବୋଲିଂ କରିବାକୁ ଆଦୌ କୁଣ୍ଠିତ ହେବ ନାହିଁ। ଯୁବ ପେସ୍ ସେନସେସନ ଜୋଫ୍ରା ଆର୍ଚର ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୧୯ଟି ଉଇକେଟ ହାସଲ କରିଥିବା ବେଳେ କ୍ରିସ୍ ୱକ୍ସ ୧୩ ଓ ଲିଅମ ପ୍ଲଙ୍କେଟ ୮ଟି ଉଇକେଟ ପାଇଛନ୍ତି। ସେହିପରି ମାର୍କ ଉଡ୍ ୧୭ଟି ଉଇକେଟ ଅକ୍ତିଆର କରିଛନ୍ତି। ସେମିଫାଇନାଲରେ ଭଲ ପ୍ରଦର୍ଶନ କରିଥିବା ସ୍ପିନର ଆଦିଲ ରସିଦ ମଧ୍ୟ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ।

ଗତ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପଡୋଶୀ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଦଳର ୬ ଜଣ କ୍ରିକେଟର ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟର ଫାଇନାଲ ଖେଳିବାର ଅଭିଜ୍ଞତା ହାସଲ କରିଛନ୍ତି। ତେବେ ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଇଂଲଣ୍ଡ ପାଦେ ପଛରେ ରହିବ। ଟୁର୍ନାମେଣ୍ଟରେ ୱିଲିମୟସନ ୫୪୮ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ରହିଛନ୍ତି। ସେ ଆଉ ଏକ କ୍ୱାଲିଟି ଇନିଂସ ଖେଳିବା ଆଶା କରାଯାଉଛି। ଫର୍ମରେ ନ ଥିବା ଓପନର ମାର୍ଟିନ ଗୁପ୍ଟିଲ ୧୬୭ ଓ ଅଭିଜ୍ଞ ରସ୍ ଟେଲର ୩୩୫ ରନ ସଂଗ୍ରହ କରିଛନ୍ତି। ସେହିପରି ମିଚେଲ ସାଣ୍ଟନର, ଜିମ୍ମି ନିଶାମ ଓ କଲିନ୍ ଡି ଗ୍ରାଣ୍ଡହୋମ ଭଲ ପ୍ରଦର୍ଶନ କଲେ ଇଂଲଣ୍ଡ ସମସ୍ୟାରେ ପଡିବ।

ଶେଷରେ ଇଂଲଣ୍ଡ ଜିତି ଚାମ୍ପିୟନ ହେଲେ ମଧ୍ୟ ଫୁଟବଲକୁ ପଛରେ ପକାଇପାରିବ ନାହିଁ। ସେହିପରି ନ୍ୟୁଜିଲାଣ୍ଡ ଚାମ୍ପିୟନ ହେଲେ ମଧ୍ୟ ଦେଶରେ ରଗ୍‌ବୀର ପ୍ରଭାବ ଜାରି ରହିବ। ତେବେ ଚାମ୍ପିୟନ ହେଲେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡରେ ୫୦ ଓଭର ଫର୍ମାଟ୍ ନୂଆରୂପରେ ଉଭା ହେବ। ସାରା ବିଶ୍ୱର କ୍ରୀଡ଼ାପ୍ରେମୀ ଏକ ହାଇଭୋଲ୍‌ଟେଜ ତଥା ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ପାଇବେ। ରବିବାର ଏକ କ୍ୱାଲିଟି କ୍ରିକେଟ ଦେଖିବାକୁ ମିଳିବ ବୋଲି କୁହାଯାଇପାରେ।

## ବିଶ୍ୱକପ୍ ଫାଇନାଲ ଆଜି

- ଇଂଲଣ୍ଡ ଦଳ: ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ଜୋସ ବଟଲର, ଟମ୍ କୁରାନ, ଲିଅମ ଡସନ, ଲିଅମ ପ୍ଲଙ୍କେଟ, ଆଡିଲ ରସିଦ, ଜୋ ରୁଟ୍, ଜାସନ ରୟ, ବେନ୍ ଷ୍ଟୋକ୍ସ, ଜେମ୍ସ ଭିନ୍ସ, କ୍ରିସ୍ ୱକ୍ସ ଓ ମାର୍କ ଉଡ୍
- ନ୍ୟୁଜିଲାଣ୍ଡ ଦଳ: କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, କଲିନ ମୁନ୍‌ରୋ, ରସ ଟେଲର, ଟମ୍ ଲାଥମ, ଟମ୍ ବ୍ଲୁଣ୍ଡେଲ, କଲିନ ଡି ଗ୍ରାଣ୍ଡହୋମ, ଜିମ୍ମି ନିଶାମ, ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁସନ, ମ୍ୟାଟ୍ ହେନେରି, ମିଚେଲ ସାଣ୍ଟନର, ହେନରି ନିକୋଲ୍ସ, ଟିମ୍ ସୌଦି ଓ ଇଶ୍ ସୋଧୀ



ବିଶ୍ୱକପ୍ ଟ୍ରଫି ସହ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମ୍‌ସନ୍।

## ବିଶ୍ୱକପ୍ ରେକର୍ଡ

| ଦେଶ | ଫାଇନାଲ ଖେଳିଛି | ଜିତିଛି | ହାରିଛି | ଚାମ୍ପିୟନ ବର୍ଷ | ରନର୍ସଅପ୍ ବର୍ଷ |
|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୫ | ୨ | ୧୯୮୭, ୧୯୯୯ ୨୦୦୩, ୨୦୦୭, ୨୦୧୫ | ୧୯୭୫,୧୯୯୬ |
| ଭାରତ | ୩ | ୨ | ୧ | ୧୯୮୩, ୨୦୧୧ | ୨୦୦୩ |
| ୱେଷ୍ଟଇଣ୍ଡିଜ | ୩ | ୨ | ୧ | ୧୯୭୫, ୧୯୭୯ | ୧୯୮୩ |
| ଶ୍ରୀଲଙ୍କା | ୩ | ୧ | ୨ | ୧୯୯୬ | ୨୦୦୭, ୨୦୧୧ |
| ପାକିସ୍ତାନ | ୨ | ୧ | ୧ | ୧୯୯୨ | ୧୯୯୯ |
| ଇଂଲଣ୍ଡ | ୩ | ୦ | ୩ | --- | ୧୯୭୯, ୧୯୮୭, ୧୯୯୨ |
| ନ୍ୟୁଜିଲାଣ୍ଡ | ୧ | ୦ | ୧ | --- | ୨୦୧୫ |

## ଫାଇନାଲ ପଥରେ...

### ଇଂଲଣ୍ଡ

୧– ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦୪ ରନରେ ବିଜୟୀ
୨– ପାକିସ୍ତାନଠାରୁ ୧୪ ରନରେ ପରାସ୍ତ
୩– ବାଂଲାଦେଶ ବିପକ୍ଷରେ ୧୦୬ ରନରେ ବିଜୟୀ
୪– ୱେଷ୍ଟଇଣ୍ଡିଜ ବିପକ୍ଷରେ ୮ ଉଇକେଟ୍‌ରେ ବିଜୟୀ
୫– ଆଫଗାନିସ୍ତାନ ବିପକ୍ଷରେ ୧୫୦ ରନରେ ବିଜୟୀ
୬– ଶ୍ରୀଲଙ୍କଠାରୁ ୨୦ ରନରେ ପରାସ୍ତ
୭– ଅଷ୍ଟ୍ରେଲିଆଠାରୁ ୬୪ ରନରେ ପରାସ୍ତ
୮– ଭାରତ ବିପକ୍ଷରେ ୩୧ ରନରେ ବିଜୟୀ
୯– ନ୍ୟୁଜିଲାଣ୍ଡ ବିପକ୍ଷରେ ୧୧୯ ରନରେ ବିଜୟୀ
ସେମିଫାଇନାଲ– ଅଷ୍ଟ୍ରେଲିଆ ବିପକ୍ଷରେ ୮ ଉଇକେଟ୍‌ରେ ବିଜୟୀ।

### ନ୍ୟୁଜିଲାଣ୍ଡ

୧– ଶ୍ରୀଲଙ୍କା ବିପକ୍ଷରେ ୧୦ ଉଇକେଟ୍‌ରେ ବିଜୟୀ
୨– ବାଂଲାଦେଶ ବିପକ୍ଷରେ ୨ ଉଇକେଟ୍‌ରେ ବିଜୟୀ
୩– ଆଫଗାନିସ୍ତାନ ବିପକ୍ଷରେ ୭ ଉଇକେଟ୍‌ରେ ବିଜୟୀ
୪– ବର୍ଷା ଯୋଗୁ ଭାରତ ବିପକ୍ଷ ମ୍ୟାଚ୍ ବାତିଲ୍
୫– ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪ ଉଇକେଟ୍‌ରେ ବିଜୟୀ
୬– ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ରନରେ ବିଜୟୀ
୭– ପାକିସ୍ତାନଠାରୁ ୬ ଉଇକେଟ୍‌ରେ ପରାସ୍ତ
୮– ଅଷ୍ଟ୍ରେଲିଆଠାରୁ ୮୬ ରନରେ ପରାସ୍ତ
୯– ଇଂଲଣ୍ଡଠାରୁ ୧୧୯ ରନରେ ପରାସ୍ତ
ସେମିଫାଇନାଲ– ଭାରତ ବିପକ୍ଷରେ ୧୮ ରନରେ ବିଜୟୀ



ଇଂଲଣ୍ଡର ଜୋଫ୍ରା ଆର୍ଚର ଓ କ୍ରିସ୍ ୱକ୍ସ।

# ଧୋନୀଙ୍କୁ ନଂ ୭ରେ ବ୍ୟାଟିଂ ଦଳୀୟ ନିଷ୍ପତ୍ତି ଥିଲା

**ଲର୍ଡ୍ସ,୧୩।୭:** ଅଭିଜ୍ଞ ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଚଳିତ ବିଶ୍ୱକପ୍ ସେମିଫାଇନାଲରେ ବ୍ୟାଟିଂ କ୍ରମର ୭ମ ସ୍ଥାନରେ ପଠାଇବାର କାରଣ ସ୍ପଷ୍ଟ କରିଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ। ଧୋନୀଙ୍କୁ ନିମ୍ନକ୍ରମରେ କ୍ରିଜ୍‌କୁ ପଠାଇବାର ନିଷ୍ପତ୍ତି କ୍ରିକେଟ ଜଗତକୁ ଚକିତ କରିଦେଇଥିଲା। ୨୪୦ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଦଳ ଧୋନୀଙ୍କୁ ରିଷଭ ପନ୍ତ, ଦୀନେଶ କାର୍ତ୍ତିକ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପରେ ବ୍ୟାଟିଂ କରିବାକୁ ପଠାଇଯାଇଥିଲା। ସେ ରବୀନ୍ଦ୍ର ଜାଡେଜାଙ୍କ ସହ ମିଶି ୭ମ ଉଇକେଟ ପାଇଁ ଦଳୀୟ ସ୍କୋରରେ ୧୧୬ ରନ୍ ଯୋଡ଼ିଥିଲେ। କିନ୍ତୁ ଭାରତୀୟ ଦଳକୁ ଜିତାଇ ପାରି ନ ଥିଲେ। ଏହା ସମ୍ପୂର୍ଣ୍ଣ ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତି ଥିଲା। ଏହାକୁ ସମସ୍ତ ଖେଳାଳି ସମର୍ଥନ କରିଥିଲା। ଏହା ଅତ୍ୟନ୍ତ ସରଳ ନିଷ୍ପତ୍ତି। କାରଣ ଦଳ ମ୍ୟାଚ୍‌ର ଅନ୍ତିମ ଓଭରଗୁଡ଼ିକରେ ଧୋନୀଙ୍କ ଅଭିଜ୍ଞତାର ଫାଇଦା ଉଠାଇବାକୁ ଚାହୁଁଥିଲା। ସେ ସର୍ବକାଳୀନ ଫିନିଶର। ଧୋନୀ ଶୀଘ୍ର ବ୍ୟାଟିଂକରି ଆଉଟ୍ ହୋଇଯାଇଥିଲେ, ଦଳ ପାଇଁ ମ୍ୟାଚ୍ ସେଠାରେ ଶେଷ ହୋଇଯାଇଥାନ୍ତା। ଏଣୁ ସେଭଳି ଧୋନୀଙ୍କୁ ବ୍ୟବହାର କରିବା ଅପରାଧ ହୋଇଥାନ୍ତା ବୋଲି ଶାସ୍ତ୍ରୀ କହିଛନ୍ତି। ଉଲ୍ଲେଖଥାଉ କି, ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଏକଦା ୯୨ ରନ୍‌ରେ ୬ ଉଇକେଟ ହରାଇସାରିଥିବା ଭାରତୀୟ ଦଳ ୨୦୮ରେ ୭ମ ଉଇକେଟ ହରାଇଥିଲା।

# ଭାରତୀୟ ପ୍ରଶଂସକଙ୍କୁ ନିଶାମଙ୍କ ଅନୁରୋଧ

**ଲର୍ଡ୍ସ,୧୩।୭:** ସ୍ଥାନୀୟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ନ୍ୟୁଜିଲାଣ୍ଡ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଚଳିତ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ଟିକେଟ କିଣିଥିବା ଭାରତୀୟ ପ୍ରଶଂସକଙ୍କୁ ବିକିଦେବା ପାଇଁ ଅନୁରୋଧ କରିଛନ୍ତି ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ଜିମ୍ମି ନିଶାମ। ଟୁଇଟରରେ ନିଶାମ ଲେଖିଛନ୍ତି, ଭାରତୀୟ କ୍ରିକେଟ ପ୍ରଶଂସକ ଯଦି ତୁମେ ଫାଇନାଲ ଦେଖିବାକୁ ଇଚ୍ଛୁକ ନୁହେଁ, ତେବେ ଟିକେଟ ବିକ୍ରିକରି ଦିଅନ୍ତୁ। ଏହା ଲାଭ କରିବାର ଏକ ବଡ଼ ସୁଯୋଗ। ଏହାଦ୍ୱାରା ସମସ୍ତ କ୍ରିକେଟ ପ୍ରଶଂସକଙ୍କୁ ମ୍ୟାଚ୍ ଉପଭୋଗ କରିବାର ସୁଯୋଗ ମିଳିପାରିବ। ଉଲ୍ଲେଖଥାଉ କି, ନ୍ୟୁଜିଲାଣ୍ଡ ପ୍ରଥମ ସେମିଫାଇନାଲରେ ଦୁଇ ଥର ଚାମ୍ପିୟନ ଭାରତକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରି ୯ ଲିଗ୍ ମ୍ୟାଚ୍‌ରୁ ମାତ୍ର ଗୋଟିଏ ପରାଜୟବରଣ କରିଥିଲା। କିନ୍ତୁ କେନ୍ ୱିଲିୟମସନଙ୍କ ଦଳର ବୋଲିଂ ଆଗରେ ବିଫଳ ହୋଇଥିଲା ଭାରତୀୟ ଦଳ।



ଜିମ୍ମି ନିଶାମ

# ନ୍ୟୁଜିଲାଣ୍ଡକୁ ହେୟ ମନେ କରିହେବନି

**ସୌରଭ ଗାଙ୍ଗୁଲି**

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଜୁଲାଇ ୧୪ ତାରିଖରେ ଇତିହାସ ସୃଷ୍ଟି ହେବାକୁ ଯାଉଛି। ଉଭୟ ଆୟୋଜକ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡକୁ ପ୍ରଥମଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହେବାର ସୁଯୋଗ ମିଳିଛି। ଲଣ୍ଡନରେ ସନ୍ଧ୍ୟା ୬ଟା ବେଳେ ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ଚାମ୍ପିୟନ ହେବା ସ୍ପଷ୍ଟ ହୋଇଯାଇଥିବ। ୧୯୭୫, ୧୯୮୭ ଓ ୧୯୯୨ରେ ଇଂଲଣ୍ଡ ଚାମ୍ପିୟନ ହେବାର ସୁଯୋଗ ହାତଛଡ଼ା କରିଥିଲା। ଏବେ ଦୀର୍ଘ ୨୭ ବର୍ଷ ପରେ ଇଂଲଣ୍ଡ ଆଉ ଏକ ସୁଯୋଗ ହାସଲ କରିଛି। ଇଂଲଣ୍ଡ ଏବେ ଦିନିକିଆରେ ଏକ ଶକ୍ତିଶାଳୀ ଦଳ ରୂପେ ଉଭା ହୋଇଛି। କ୍ରିକେଟର ଜନକ ଇଂଲଣ୍ଡ ଚାମ୍ପିୟନ ହେଲେ କେବଳ ଦଳ ପାଇଁ ନୁହଁ ଖେଳାଳି, ସେମାନଙ୍କ ପରିବାର ଓ ସାରା ଇଂଲଣ୍ଡର ପ୍ରଶଂସକଙ୍କ ପାଇଁ ଏକ ଅଭୁଲା ମୁହୂର୍ତ୍ତ ସୃଷ୍ଟି ହେବ। ପୂର୍ବରୁ କେବେ ବିଶ୍ୱକପ୍ ହାସଲ କରିନ ଥିବା ଇଂଲଣ୍ଡ ଏଥର ସଫଳ ହେଲେ ଏକ ଗୌରବମୟ ଇତିହାସ ସୃଷ୍ଟି ହେବ। ୪ ବର୍ଷ ତଳେ ଇଂଲଣ୍ଡ ଖରାପ ପ୍ରଦର୍ଶନ କରି ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡିଥିଲା। ତେବେ ଏହାପରେ ପରିବର୍ତ୍ତନ ଆସିଥିଲା। ତ୍ରୁଟି ସୁଧାରି ଇଂଲଣ୍ଡ ଏବେ ଟାଇଟଲ ଦାବିଦାର ଭାବେ ଉଭା ହୋଇଛି। ଲର୍ଡ୍ସ ବାଲକୋନୀରେ ଟ୍ରଫି ଧରିବା ଇଂଲଣ୍ଡ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ବନିଯିବ।

ଉଭୟ ବୋଲିଂ ଓ ବ୍ୟାଟିଂ ଦୃଷ୍ଟିକୋଣରୁ ଇଂଲଣ୍ଡ ବେଶ୍ ଦୃଢ଼ ମନେହେଉଛି। କ୍ରିସ୍ ୱକ୍ସ ଓ ଜୋଫ୍ରା ଆର୍ଚର ନୂଆ ବଲରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଦମ୍ ଦେଖାଇଥିଲେ। ଲର୍ଡ୍ସରେ ମଧ୍ୟ ଏହି ଦୁଇ ବୋଲର ତାଙ୍କ ପ୍ରଦର୍ଶନ ଦୋହରାଇବା ଆଶା କରୁଛି। ଇଂଲଣ୍ଡର ଅନ୍ୟ ଗ୍ରାଉଣ୍ଡ ଅପେକ୍ଷା ଲର୍ଡ୍ସରେ ବଲ୍ ଅଧିକ ସୁଇଙ୍ଗ୍ କରିଥାଏ। ସେହିପରି ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ସକାରାତ୍ମକ ଭାବେ ପ୍ରଭାବିତ କରିଛନ୍ତି। ସେହିପରି ଜୋ ରୁଟ, ଇଅନ ମୋର୍ଗାନ, ବେନ୍ ଷ୍ଟୋକ୍ସ, ଜୋସ ବଟଲର ମଧ୍ୟ ସ୍ଥିର ପ୍ରଦର୍ଶନ କରିଛନ୍ତି। ଗତ କିଛି ବର୍ଷ ହେବ ଦଳ ଦିନିକିଆ କ୍ରିକେଟ ବହୁବାର ୩୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛି। ଫଳରେ ବଡ଼ ଟୁର୍ନାମେଣ୍ଟ ଜିତିବା ପାଇଁ ଇଂଲଣ୍ଡ ପାଖରେ ଯଥେଷ୍ଟ ଆତ୍ମବିଶ୍ୱାସ ରହିଛି। ପୂରା ଦଳ ନିର୍ଭୀକ କ୍ରିକେଟ ପ୍ରଦର୍ଶନ କରୁଛି।

୨୦୧୫ ଅର୍ଥାତ ୪ ବର୍ଷ ପରେ ନ୍ୟୁଜିଲାଣ୍ଡ ଆଉ ଏକ ଫାଇନାଲ ଖେଳିବାକୁ ଯାଉଛି। ଗତଥର ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିବା ଫାଇନାଲରେ ଆଉ ଏକ ଘରୋଇ ଦଳକୁ ଫେରିବ। ସେମିଫାଇନାଲରେ ଭାରତକୁ ହରାଇବା ପରେ ନ୍ୟୁଜିଲାଣ୍ଡ ଯଥେଷ୍ଟ ବିଶ୍ରାମ ପାଇ ସମ୍ପୂର୍ଣ୍ଣଭାବେ ମାନସିକ ଓ ଶାରୀରିକ ଭାବେ ଫିଟ୍ ଥିବ। ଫେଭରାଇଟ ଭାରତ ଭଳି ଶକ୍ତିଶାଳୀ ଦଳକୁ ହରାଇଥିବାରୁ ନ୍ୟୁଜିଲାଣ୍ଡକୁ ଆଦୌ ହେୟ ମନେ କରିହେବ ନାହିଁ। ଶାନ୍ତ ଓ ଧୀର ସ୍ୱଭାବର କେନ୍ ୱିଲିୟମସନଙ୍କ ଭଳି ଜଣେ ଅଧିନାୟକ ଦଳରେ ରହିଛନ୍ତି। ତେବେ ଦଳ କିଭଳି ବ୍ୟାଟିଂ କରୁଛି ତାହା ଉପରେ ନ୍ୟୁଜିଲାଣ୍ଡର ସଫଳତା ନିର୍ଭର କରିବ।

–(ଗେମ୍‌ପ୍ଲାନ)




# ଆତ୍ମବିଶ୍ୱାସରେ ଭରା ଇଂଲଣ୍ଡ

**କୁମାର ସଙ୍ଗକାରା**

ପୂରା ଆତ୍ମବିଶ୍ୱାସର ସହିତ ଇଂଲଣ୍ଡ ରବିବାର ଫାଇନାଲ ଖେଳିବାକୁ ଯାଉଛି। ପୂର୍ବରୁ ଫେଭରାଇଟ ବିବେଚିତ ହୋଇଥିବା ଇଂଲଣ୍ଡ ଆଶାନୁରୂପ ପ୍ରଦର୍ଶନ କରିଛି। ଖାସ୍ କରି ଗତ ୩ଟି ମ୍ୟାଚ୍‌ରେ ଇଂଲଣ୍ଡ ଜବରଦସ୍ତ ପ୍ରଦର୍ଶନ କରିଛି। ଚାପରେ ଏହି ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ପୁଣି ଘରୋଇ ଦର୍ଶକଙ୍କ ସମର୍ଥନରେ ଦଳ ଆହୁରି ଶକ୍ତିଶାଳୀ ହୋଇପାରିଛି। ଅସାଧାରଣ ଦ୍ରୁତ ବୋଲିଂ ସହ ଭାରତ ବିପକ୍ଷ ସେମିଫାଇନାଲରେ ଦମ୍‌ଦାର ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡ ବେଶ୍ ଗର୍ବ ଅନୁଭବ କରିଥିବ। ଯଦି ଇଂଲଣ୍ଡ ତା'ର ଏବେକାର ଫର୍ମ ଅନୁସାରେ ପ୍ରଦର୍ଶନ କରେ ତାହେଲେ ନ୍ୟୁଜିଲାଣ୍ଡକୁ ବିଜୟୀ ହେବା ପାଇଁ କଷ୍ଟକର ହେବ। ପୂରା ଦଳ ଅଧିନାୟକ କେନ୍ ୱିଲିୟମସନଙ୍କଠାରୁ ପ୍ରେରଣା ନେବା ଉଚିତ୍। ଆରମ୍ଭରୁ ଭଲ ପ୍ରଦର୍ଶନ କରିଥିବା ନ୍ୟୁଜିଲାଣ୍ଡ ସେମିଫାଇନାଲକୁ ଉଠିବା ପାଇଁ ଅବଶ୍ୟ ସଂଘର୍ଷ କରିଥିଲା ଓ ଏଥିରେ ସଫଳ ମଧ୍ୟ ହୋଇଥିଲା। ୨୦୧୫ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ସାହସିକ କ୍ରିକେଟ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା। ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ନେତୃତ୍ୱରେ ଏହି ଦଳ ଦମ୍ ଦେଖାଇଥିଲା। ଏଥର କିନ୍ତୁ ନ୍ୟୁଜିଲାଣ୍ଡ ସେଭଳି ମନେହେଉନାହିଁ। ୱିଲିୟମସନଙ୍କ ନେତୃତ୍ୱକୁ ପ୍ରଶଂସା କରାଯିବା ସହିତ ଶ୍ରେୟ ଦିଆଯିବା ଉଚିତ୍। ଅଧିନାୟକ ହେବା ସହ ସେ ଦଳ ପାଇଁ ସର୍ବାଧିକ ରନ୍ ମଧ୍ୟ ସଂଗ୍ରହ କରିଛନ୍ତି। ଫାଇନାଲରେ ତାଙ୍କର ଯୋଗଦାନ ଦଳ ପାଇଁ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଇଂଲଣ୍ଡ ମଧ୍ୟ ୱିଲିୟମସନଙ୍କ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବ।

ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ଆଶାନୁରୂପ ପ୍ରଦର୍ଶନ କରିଥିଲା। ଓପନର ଜାସନ ରୟ ପ୍ରତ୍ୟାବର୍ତ୍ତନ କରିବା ପରେ ଇଂଲଣ୍ଡ ଲୟ ଫେରିପାଇଥିଲା। ରୟଙ୍କ କାରଣରୁ ବେୟାରଷ୍ଟୋ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବେ ଆତ୍ମବିଶ୍ୱାସର ସହ ଶଟ୍ ଖେଳିବାର ସାହସ ପାଇଛନ୍ତି। ମାଥ୍ୟୁ ୱେଡଙ୍କ ବଦଳରେ ଅଷ୍ଟ୍ରେଲିଆ ଫିଲିପ୍ ହ୍ୟାଣ୍ଡସ୍କମ୍ବଙ୍କୁ ଖେଳାଇବା ମୋତେ ଆଶ୍ଚର୍ଯ୍ୟ କରିଛି। ଜୋଫ୍ରା ଆର୍ଚର ଇଂଲଣ୍ଡ ପାଇଁ ଏକ ବଡ଼ ସମ୍ପତ୍ତି ସଦୃଶ ହୋଇଛନ୍ତି। ଅତିଶୀଘ୍ର ସେ ଶିକ୍ଷା କରିବା ସହ ନିଜକୁ ଜଣେ ଆଗଧାଡିର ଦ୍ରୁତ ବୋଲରଭାବେ ପ୍ରମାଣିତ କରିଛନ୍ତି। ତାଙ୍କ ପ୍ରତିଭା ଓ ପେସ୍ ନେଇ ସନ୍ଦେହ କରିବାର ଅବକାଶ ନାହିଁ। ତାଙ୍କର ଟେମ୍ପରାମେଣ୍ଟ ଓ ପରିପକ୍ୱତା ବେଶ୍ ଉଚ୍ଚକୋଟୀର। ଫାଇନାଲ ମ୍ୟାଚ୍‌ରେ ସେ ସମସ୍ତଙ୍କ ନଜରରେ ରହିବେ।

–(ଗେମ୍‌ପ୍ଲାନ)





"ଚଳିତ ଆଇସିସି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ଆମ ଦଳର ଅଧିନାୟକ ଇଅନ ମୋର୍ଗାନ ମୋ ଉପରେ ଭରସା ରଖିଥିଲେ ।
–ଅଦିଲ ରଶିଦ, ଇଂଲଣ୍ଡ ସ୍ପିନର



"ରବିବାର ଇଂଲଣ୍ଡ–ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଫାଇନାଲର ସ୍ୱତନ୍ତ୍ରତା ରହିଛି। କାରଣ ଏହି ସଂସ୍କରଣରେ ଏକ ନୂଆ ଦଳ ଚାମ୍ପିୟନ ହେବାକୁ ଯାଉଛି ।
–ଡାନିଏଲ ଭିଟୋରୀ, ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ

## ସଂକ୍ଷେପରେ

### ଓପନ୍‌ରେ ଆୟୁଷ, ବାଳିକାରେ ଜ୍ୟୋତିକା ଅଗ୍ରଣୀ

**କଟକ ଅଫିସ, ୧୩।୭:** ପୂର୍ବତଟ ରେଳପଥ ପ୍ରତିଷ୍ଠାନ ପରିସରରେ ଚାଲିଥିବା ରାଜ୍ୟ ୯ ବର୍ଷରୁ କମ୍ ଚେସ ଚାମ୍ପିୟନଶିପ୍‌ରେ ଶନିବାର ୪ ରାଉଣ୍ଡ ଖେଳ ଶେଷ ହୋଇଛି। ଓପନ୍ ବର୍ଗରେ ଆୟୁଷ ଆର୍ଯ୍ୟନ ମହାପାତ୍ର, ଆୟୁଷ୍ମାନ ମହାନ୍ତି ଓ ଶ୍ରୀୟଂଶ ଦେ ୪ ପଏଣ୍ଟ ଲେଖାଏ ହାସଲ କରି ଅଗ୍ରଣୀ ରହିଛନ୍ତି। ବିଶ୍ୱଜିତ ରାୟ, ଶ୍ରେୟାଂଶ ହୋତା, ଆଦିତ୍ୟ ବିକ୍ରମ ମିଶ୍ର, ପ୍ରତ୍ୟୁଷ ନାୟକ ୩.୫ ପଏଣ୍ଟ ଲେଖାଏ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଳିକା ବର୍ଗରେ ଜ୍ୟୋତିକା ସାହୁ ଓ ସାଇ ସମ୍ପ୍ରଦା ମହାନ୍ତି ୪ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ରହିଥିବା ବେଳେ ସନ୍ଦୀପା ପ୍ରିୟଦର୍ଶିନୀ ୩.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ। ରାଜେନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ନୀହାର ରଞ୍ଜନ ସାସମଲ ଖେଳ ପରିଚାଳନା କରୁଛନ୍ତି। ସେକ ମନସୁର ଅଲ୍ଲୀ, ସାହେବ ଅଖ୍‌ତାର ସହାୟତା କରୁଛନ୍ତି ।

### ଜୁନିୟର ଶୁଟିଂ ବିଶ୍ୱକପ୍: ଭାରତକୁ ଦୁଇ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୩।୭ (ପି.ଟି.):** ଜର୍ମାନୀର ଶୁଲ୍‌ଠାରେ ଜୁନିୟର ଶୁଟରଙ୍କ ଲାଗି ଆୟୋଜିତ କମ୍ବାଇନ୍ଡ ୱାର୍ଲ୍ଡକପ୍‌ରେ ଭାରତର ଉଦୟବୀର ସିଦ୍ଧୁ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫଳରେ ପ୍ରତିଯୋଗିତାର ପ୍ରଥମ ଦିବସରେ ଭାରତ ପୋଲ ପୋଜିଶନ ହାସଲ କରିଛି। ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଦ୍ୱାରା ରାଇଫଲ, ପିସ୍ତଲ ଏବଂ ଶଟ୍‌ଗନ୍ ଶୁଟରମାନଙ୍କ ଲାଗି ଆୟୋଜିତ ଏହି ଟୁର୍ନାମେଣ୍ଟର ଜୁନିୟର ପୁରୁଷ ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ଭାରତ କ୍ଲିନ୍ ସୁଇପ୍ ହାସଲ କରିଛି। ଉଦୟବୀର ୫୭୫ ଶଟ୍ ସହ ସ୍ୱର୍ଣ୍ଣ ଜିତିଥିବାବେଳେ ଭାରତର ଅନ୍ୟ ଦୁଇ ପ୍ରତିଯୋଗୀ ଆଦର୍ଶ ସିଂ (୫୬୮) ଏବଂ ଆନି ଭାନ୍‌ୱାଲ (୫୬୬) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ପରେ ଆଦର୍ଶ, ବିଜୟବୀର ସିଦ୍ଧୁ ଏବଂ ଉଦୟବୀରଙ୍କୁ ନେଇ ଭାରତୀୟ ଦଳ ଟିମ୍ ଇଭେଣ୍ଟରେ ୧୬୦୭ ସ୍କୋର ସହ ସ୍ୱର୍ଣ୍ଣ ପଦକ ଲାଭ କରିବା ସହ ଏକ ଜୁନିୟର ବିଶ୍ୱ ରେକର୍ଡ କରିଛି। ଇଭେଣ୍ଟର ରୌପ୍ୟ ପଦକ ଭାରତର ଦ୍ୱିତୀୟ ଟିମ୍ ହାସଲ କରିଛି। ଆନିଶ, ରାଜ କନୱ୍ରେର ସାନ୍ଧୁ ଏବଂ ଦିଲ୍‌ଶାନ୍ କେଲିଙ୍କୁ ନେଇ ଏହି ଦଳ ୧୬୬୬ ପଏଣ୍ଟ ସ୍କୋର କରିଥିଲା।

## ଆଉ ୩ ଦିନ ବାକି, ପ୍ରସ୍ତୁତି ଜୋରଦାର

# ଆସିବେନି ଉଗାଣ୍ଡା, ଜର୍ସି: ଆଶଙ୍କାରେ ପାକିସ୍ତାନ





ଜଣେ ଚିତ୍ରଶିଳ୍ପୀ କଟକ ସହରର ଏକ ପ୍ରାଚୀରରେ ଚିତ୍ର ଆଙ୍କୁଛନ୍ତି। ଶେଷ ପର୍ଯ୍ୟାୟରେ ଜବାହରଲାଲ୍ ଇନ୍‌ଡୋର ଷ୍ଟାଡ଼ିୟମ୍‌ର ପ୍ରସ୍ତୁତି କାର୍ଯ୍ୟ।

**କଟକ ଅଫିସ,୧୩।୭**

### ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ

ହଜାର ବର୍ଷର ପୁରୁଣା ସହର ଭାବେ ପରିଚିତ କଟକରେ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ାର ୨୧ତମ ସଂସ୍କରଣ। ଟେବୁଲ ଟେନିସ (ଟିଟି)ର ଏହି ମହାକୁମ୍ଭକୁ ଆଉ ମାତ୍ର ୩ ଦିନ ବାକି। ଏ ନେଇ ପ୍ରସ୍ତୁତି ସମସ୍ତ ବର୍ଗରୁ ଜୋରଦାର ଚାଲିଛି। ଭୁବନେଶ୍ୱରରେ ଖେଳାଳିଙ୍କ ସ୍ୱାଗତ ସମ୍ବର୍ଦ୍ଧନାଠାରୁ ଆରମ୍ଭ କରି ହୋଟେଲରେ ରହଣି ପର୍ଯ୍ୟନ୍ତ ନେଇ ରାଜ୍ୟ କ୍ରୀଡ଼ା ବିଭାଗ ତତ୍ପରତା ଦେଖାଇଛି। କଟକରେ ଟୁର୍ନାମେଣ୍ଟର ଭେନ୍ୟୁ ହୋଇଥିବା ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ପ୍ରସ୍ତୁତିର ଶେଷ ପାହାଚରେ। ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା କଟକ ସହରରେ ଏହି ବଡ ଟୁର୍ନାମେଣ୍ଟକୁ ସଫଳପୂର୍ଣ୍ଣ ଭାବେ ଆୟୋଜନ କରିବାକୁ ସମସ୍ତ ବ୍ୟବସ୍ଥା ଆଗେଇ ଚାଲିଛି ବୋଲି ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ପ୍ରେସ ବିବୃତିରେ ଜଣାଯାଇଛି। ଟେବୁଲ ଟେନିସ କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଏହା ହେଉଛି ୨୧ତମ ସଂସ୍କରଣ। ବିଶ୍ୱସ୍ତରୀୟ ଟେବୁଲ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରିବାରେ ଏହି ସଂସ୍କରଣ ୫୦ବର୍ଷ ଛୁଇଁବ। ୧୯୭୧ ମସିହାରେ ପ୍ରଥମଥର ନିମନ୍ତେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସିଙ୍ଗାପୁରଠାରେ ହୋଇଥିଲା। ମାତ୍ର ଏହା ପୂର୍ବରୁ ୧୯୬୯ରେ ମ୍ୟୁନିକ୍‌ରେ ଟିଟିର ବିଶ୍ୱ ଚାମ୍ପିୟନ ହୋଇଥିଲା। ଭାରତରେ ମୋଟ ୬ଥର ରାଜ୍ୟଗୋଷ୍ଠୀ ଟିଟି କ୍ରୀଡ଼ା ପୂର୍ବରୁ ହୋଇଛି। ୧୯୮୨ରେ ବମ୍ବେରେ ପ୍ରଥମଥର ହୋଇଥିବା ବେଳେ ୧୯୯୪ରେ ହାଇଦ୍ରାବାଦରେ, ୨୦୦୧ରେ ନୂଆଦିଲ୍ଲୀରେ, ୨୦୦୭ରେ ଜୟପୁରରେ, ୨୦୧୩ରେ ନୂଆଦିଲ୍ଲୀରେ ଓ ୨୦୧୫ରେ ସୁରଟରେ ଶେଷଥର ପାଇଁ ଆୟୋଜିତ ହୋଇଥିଲା। ଚଳିତ ସଂସ୍କରଣର ଆୟୋଜନ ସୁଯୋଗ ଓଡ଼ିଶାକୁ ପ୍ରଦାନ କରାଯାଇଛି। ସୁରଟରେ ହୋଇଥିବା ଚାମ୍ପିୟନଶିପରେ ଆୟୋଜକ ଭାରତ ମୋଟ ୧୬ଟି ପଦକ ଜିତିଥିଲା। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ରହିଥିଲା। ଏହା ପୂର୍ବରୁ ୨୦୧୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସଂସ୍କରଣରେ ଭାରତ ୯ଟି ପଦକ ଜିତିଥିଲା। ତେବେ କଟକରେ ମଧ୍ୟ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଭଲ ରହିବ ବୋଲି ଆଶା ରହିଛି। ଶରଥ କମଲ, ଅର୍ଚ୍ଚନା କାମଥଙ୍କ ଭଳି ନାମୀଦାମୀ ଖେଳାଳି ଚଳିତ ସଂସ୍କରଣରେ ଭାରତ ପାଇଁ ପଦକ ଆଶା ନିଶ୍ଚିତ କରିବା ଭଳି ପରିସ୍ଥିତି ସୃଷ୍ଟି କରିଛନ୍ତି ।




ଗେଟ୍ ସମ୍ମୁଖରେ ଲାଗିଥିବା ଜବାହରଲାଲ୍ ଇନ୍‌ଡୋର ଷ୍ଟାଡ଼ିୟମର ନକ୍ସା।

### ପାକିସ୍ତାନ ପାଇଁ ଭିଜା ସମସ୍ୟା

ପୂର୍ବରୁ ୧୭ଟି ଦଳ ଏହି ଟୁର୍ନାମେଣ୍ଟରେ ସାମିଲ ହେବେ ବୋଲି ଘୋଷଣା ହୋଇଥିବା ବେଳେ ଏବେ ଏଥିରୁ ଦୁଇଟି ଦଳ ବାଦ୍ ପଡ଼ିବା ସ୍ପଷ୍ଟ ହୋଇଛି। ଭାରତ ଆସିବା ନିମନ୍ତେ ଉଗାଣ୍ଡା ଓ ଜର୍ସି ସେମାନଙ୍କ ସରକାରୀସ୍ତରରୁ କ୍ଲିୟରାନ୍ସ ପାଇନାହାନ୍ତି। ଯାହାଫଳରେ ଏହି ଦୁଇ ଯୋଗଦେବେନାହିଁ। ଅନ୍ୟପକ୍ଷରେ ଅନିଶ୍ଚିତତା ଭିତରେ ରହିଛି ପାକିସ୍ତାନ ଦଳ। ପାକିସ୍ତାନ ଖେଳାଳିଙ୍କୁ ଏ ପର୍ଯ୍ୟନ୍ତ ଭିଜା ମିଳି ନ ଥିବା ଜଣାପଡ଼ିଛି। ଟୁର୍ନାମେଣ୍ଟରେ ଯୋଗଦେବାକୁ ଥିବା ଦଳଗୁଡ଼ିକ ହେଲା ଭାରତ, ଅଷ୍ଟ୍ରେଲିଆ, ବାଂଲାଦେଶ, ସାଇପ୍ରସ, ଇଂଲଣ୍ଡ, ଘାନା, ଗିନି, ମାଲେସିଆ, ନାଇଜେରିଆ, ସ୍କଟ୍‌ଲାଣ୍ଡ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଲ୍ସ।

### ଟିକେଟ ବିକ୍ରି ଜୋର୍‌ଦାର

ଟୁର୍ନାମେଣ୍ଟ ନିମନ୍ତେ ଟିକେଟ ବିକ୍ରି ଜୋର୍‌ଦାର ଭାବେ ଚାଲିଛି ବୋଲି ଜଣାପଡ଼ିଛି। ୫ହଜାର ସଂଖ୍ୟକ ସିଟ ବିଶିଷ୍ଟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଭରପୂର ଦର୍ଶକ ରହିବାର ଆଶା ରହିଛି ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର ପରିଡ଼ା କହିଛନ୍ତି। ସୂଚନାଥାଉ କି, ୫୦, ୧୦୦, ୨୦୦ ଓ ୪୦୦ ଟଙ୍କାର ଟିକେଟ ବିକ୍ରି କରାଯାଉଛି। ଧାର୍ଯ୍ୟ ୫୦ ଓ ୧୦୦ ମୂଲ୍ୟର ଟିକେଟଗୁଡ଼ିକ ଗୋଟିଏ ଦିନ ନିମନ୍ତେ ସମୟସୀମା ରହିଥିବା ବେଳେ ୨୦୦ ଓ ୪୦୦ ଟଙ୍କାବିଶିଷ୍ଟ ଟିକେଟ ଦ୍ୱାରା ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଦେଖିବାର ସୁଯୋଗ ପାଇପାରିବେ ଦର୍ଶକ। ୧୫ ତାରିଖରୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ପରିସରରେ ବକ୍ସ ଅଫିସ ଖୋଲାଯାଇ ଟିକେଟର ହାର୍ଡକପି ପ୍ରଦାନ କରାଯିବ।

### ସଜେଇ ହେଉଛି କଟକ

ଚାମ୍ପିୟନଶିପକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ସହରର ପରିମଳ ବ୍ୟବସ୍ଥା ପ୍ରତି ବିଶେଷ ଦୃଷ୍ଟି ଦେଇଛି। ଷ୍ଟାଡିୟମ ସନ୍ନିକଟ ଅଞ୍ଚଳରୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ କରାଯାଉଛି ବୋଲି ନିଗମର କମିଶନର ଅନନ୍ୟା ଦାସ ସୂଚନା ଦେଇଛନ୍ତି। ଏଥିସହିତ ସହରର ବିଭିନ୍ନ ଭାଗର କାନ୍ଥକୁ ଚିତ୍ରଣ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ କଟକର ବିଭିନ୍ନ ସ୍ଥାନରେ ୨୫ରୁ ଅଧିକ ହୋର୍ଡିଂ ମଧ୍ୟ ଲଗାଯାଇଛି।

### ମହିଳା ହକି: ଜାତୀୟ ଶିବିରରେ ଓଡ଼ିଶାରୁ ୪

**ନୂଆଦିଲ୍ଲୀ, ୧୩।୭ (ପି.ଟି.):** ଜାତୀୟ ସିନିୟର ମହିଳା ହକି ଦଳର କୋଚିଂ କ୍ୟାମ୍ପ୍ ଲାଗି ଶନିବାର ହକି ଇଣ୍ଡିଆ ପକ୍ଷରୁ ୩୩ ଜଣିଆ କୋର୍ ଗ୍ରୁପ୍ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଓଡ଼ିଶାର ୪ ଜଣ ଖେଳାଳି ଦୀପଗ୍ରେସ ଏକ୍କା, ସୁନୀତା ଲାକ୍ରା, ରଶ୍ମିତା ମିଞ୍ଜ ଓ ଲିଲିମା ମିଞ୍ଜ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ସୋମବାରଠାରୁ ଏହି ଶିବିର ଆରମ୍ଭ ହେବ। ଚାରି ସପ୍ତାହବ୍ୟାପୀ ହେବାକୁ ଥିବା ଏହି ଶିବିର ଲାଗି ସମସ୍ତ ଖେଳାଳି ମୁଖ୍ୟ ପ୍ରଶିକ୍ଷକ ଜୋର୍ଡ ମାରିଜନେଙ୍କ ନିକଟରେ ରିପୋର୍ଟିଂ କରିବା ପାଇଁ ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୧ରେ ଏହି କ୍ୟାମ୍ପ୍ ସମାପ୍ତ ହେବାପରେ ଭାରତୀୟ ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ ଲାଗି ହେବାକୁ ଥିବା ଟେଷ୍ଟ ଇଭେଣ୍ଟ ଖେଳିବା ପାଇଁ ଜାପାନ ଗସ୍ତ କରିବ। ସେଠାରେ ଅଗଷ୍ଟ ୧୭ରୁ ଏହି ଇଭେଣ୍ଟ ଆରମ୍ଭ ହେବ। ଯେଉଁଥିରେ ଆୟୋଜକ ଜାପାନ ସମେତ ଭାରତ, ଅଷ୍ଟ୍ରେଲିଆ ଓ ଚାଇନା ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଦିବସରେ ଭାରତ ଆୟୋଜକ ଜାପାନକୁ ଭେଟିବ। ଏହାପରେ ଅଗଷ୍ଟ ୧୮ରେ ଅଷ୍ଟ୍ରେଲିଆ, ଅଗଷ୍ଟ ୨୦ରେ ଚାଇନା ବିପକ୍ଷରେ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

### ପ୍ରଦୀପଙ୍କ ରେକର୍ଡ

**ଆପିଆ(ସାମୋଆ),୧୩।୭:** ପ୍ରଦୀପ ସିଂ ନୂଆ ରାଜ୍ୟଗୋଷ୍ଠୀ ରେକର୍ଡ ସୃଷ୍ଟି କରିଛନ୍ତି। ୧୦୯ କେଜି ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରଦୀପ କ୍ଲିନ୍ ଓ ଜର୍କ ଇଭେଣ୍ଟରେ ରେକର୍ଡ ଭାଙ୍ଗିଛନ୍ତି। ଏହି ଇଭେଣ୍ଟରେ ସେ ୨୦୨ କେଜି ଭାର ଉଠାଇଛନ୍ତି। ପୂର୍ବରୁ ସ୍ନାଚ୍ ଇଭେଣ୍ଟରେ ୧୪୮ କେଜି ଭାରୋତ୍ତୋଳନ କରିଥିଲେ। ମୋଟରେ ସେ ୩୫୦ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକଧାରୀ ବିକାଶ ଠାକୁର ୯୬ କେଜି ବର୍ଗରେ ରୌପ୍ୟପଦକ ଜିତିଛନ୍ତି। ଭାରତୀୟ ଭାରୋତ୍ତୋଳକମାନେ ଚଳିତ ଥର ଯୁବ, ଜୁନିୟର ଓ ସିନିୟର କାଟାଗୋରିରେ ୩୫ ପଦକ ସହ ଅଭିଯାନ ଶେଷ କରିଛନ୍ତି।

## ନିଜ ରେକର୍ଡ ଭାଙ୍ଗିଲେ ଆନସ, ହିମାଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୩।୭ (ପି.ଟି.):** ଭାରତୀୟ ଧାବକ ମହମ୍ମଦ ଆନସ ଚେକ୍ ରିପବ୍ଲିକର କ୍ଲାଡନୋଠାରେ ଅନୁଷ୍ଠିତ କ୍ଲାଡନୋ ମେମୋରିଆଲ ଆଥ୍‌ଲେଟିକ ମିଟ୍‌ର ପୁରୁଷ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଦୂରତାକୁ ଆନସ ୪୫.୨୧ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିସହ ନିଜ ନାମରେ ରହିଥିବା ଜାତୀୟ ରେକର୍ଡକୁ ଭଙ୍ଗ କରିଛନ୍ତି। ପୂର୍ବରୁ ଗତବର୍ଷ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ୨୪ ବର୍ଷୀୟ ଆନସ ୪୦୦ ମିଟର ଦୂରତାକୁ ୪୫.୨୪ ସେକେଣ୍ଡରେ ଅତିକ୍ରମ କରି ଜାତୀୟ ରେକର୍ଡର ଅଧିକାରୀ ହୋଇଥିଲେ। ଅପରପକ୍ଷରେ ମହିଳା ୨୦୦ ମିଟର ରେସ୍‌ରେ ହିମା ଦାସ ବାଜିମାତ୍ କରିନେଇଛନ୍ତି। ହିମା ୨୩.୪୩ ସେକେଣ୍ଡ ନେଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ଗତ ୨ ସପ୍ତାହ ମଧ୍ୟରେ ହିମାଙ୍କ ଏହା ୩ୟ ସ୍ୱର୍ଣ୍ଣ । ପୂର୍ବରୁ ଆସାମର




ଏହି ଧାବିକା ପୋଲାଣ୍ଡରେ ଜୁଲାଇ ୨ରେ ଅନୁଷ୍ଠିତ ପୋଜନାନ ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ୨୩.୬୫ ସେକେଣ୍ଡ ନେଇ ପୋଡିୟମ ଶୀର୍ଷରେ ରହିଥିଲେ। ସେହିଭଳି ରବିବାର ପୋଲାଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ ମିଟ୍‌ରେ ମଧ୍ୟ ସେ ୨୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିଲେ।

## ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

**ଅହମ୍ମଦାବାଦ, ୧୩।୭ (ପି.ଟି.):** ଏଠାରେ ଚାଲିଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଉତ୍ତର କୋରିଆ ନିକଟରୁ ଭାରତ ୨–୫ ଗୋଲରେ ପରାସ୍ତ ହୋଇଛି। ପ୍ରତିଯୋଗିତାରେ ଦଳର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଉତ୍ତର କୋରିଆ ତରଫରୁ ଜଙ୍ଗ୍ ଇଲ୍ ଗ୍ୱାନ (୮ମ ଓ ୨୯ତମ), ରି ଉନ୍ ଚୋଲ୍ (୬୩ତମ) ଓ ରି ଜିନ୍ (୯୦+୨) ଗୋଲ ସ୍କୋର କରିଥିବାବେଳେ ଭାରତ ପକ୍ଷରୁ ଲାଲିଆନଜୁଆଲା ଛାଙ୍ଗଟେ (୫୧ତମ) ଏବଂ ଅଧିନାୟକ ସୁନୀଲ ଛେତ୍ରୀ (୬୧ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି ପରାଜୟ ଦ୍ୱାରା ଭାରତ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିବା ସହ ଫାଇନାଲ ଖେଳିବା ଆଶା କ୍ଷୀଣ ହୋଇଯାଇଛି। ତାଜିକ୍ସ୍ତାନ ଦୁଇଟି ବିଜୟରୁ ୬ ପଏଣ୍ଟ ଲାଭ କରି ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବାବେଳେ ସିରିଆ ଓ ଉତ୍ତର କୋରିଆ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏଁ ପାଇଛନ୍ତି। ଗତଥରର ଚାମ୍ପିୟନ ଭାରତକୁ

**ଇଣ୍ଟରକଣ୍ଟିନେଣ୍ଟାଲ କପ୍**

ଫାଇନାଲ ଖେଳିବାକୁ ହେଲେ ଗୋଟିଏ ରାସ୍ତା ରହିଛି। ଜୁଲାଇ ୧୫ରେ ତାଜିକସ୍ତାନ ବିପକ୍ଷ ମ୍ୟାଚରେ ଉତ୍ତର କୋରିଆ ଯଦି ପରାଜୟ ବରଣ କରେ ଏବଂ ଘରୋଇ ଦଳ ଜୁଲାଇ ୧୬ରେ ସିରିଆ ବିପକ୍ଷ ମ୍ୟାଚ ବୃହତ୍ ବ୍ୟବଧାନରେ ବିଜୟ ଲାଭ କରେ ତେବେ ଯାଇ ସମ୍ଭବ ହେବ। କିନ୍ତୁ ଦଳର ବର୍ତ୍ତମାନ ଫର୍ମକୁ ଦେଖିଲେ ତାହା ସମ୍ଭବ ହେଲା ଭଳି ମନେ ହେଉନାହିଁ।



ମୁମ୍ବାଇ ବିମାନବନ୍ଦରରେ ପହଞ୍ଚିବା ପରେ ସ୍ତ୍ରୀ ରିତିକା ଓ ଝିଅ ସାମାରାଇଙ୍କ ସହ କ୍ରିକେଟର ରୋହିତ ଶର୍ମା।

## ହାଲେପ୍‌ଙ୍କୁ ପ୍ରଥମ ୱିମ୍ବେଲଡନ ଟାଇଟଲ

**ଲଣ୍ଡନ, ୧୩।୭:** ରୋମାନିଆର ସିମୋନା ହାଲେପ୍ ପ୍ରଥମଥର ୱିମ୍ବେଲଡନ ଟାଇଟଲ ହାସଲ କରିଛନ୍ତି। ଶନିବାର ସେଣ୍ଟର କୋର୍ଟଠାରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଆମେରିକାର ବିଶିଷ୍ଟ ଖେଳାଳି ସେରେନା ୱିଲିୟମ୍ସଙ୍କୁ ୬–୨, ୬–୨ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ମ୍ୟାଚ୍‌ଟି ମାତ୍ର ୫୬ ମିନିଟ୍‌ରେ ଶେଷ ହୋଇଯାଇଥିଲା। ଏହି ବିଜୟ ଦ୍ୱାରା ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡର ସମକକ୍ଷ ହେବା ଲାଗି ସେରେନା ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଅଧୁରା ରହିଯାଇଛି। ବର୍ଷକ ମଧ୍ୟରେ ୩୭ ବର୍ଷୀୟା ଆମେରିକୀୟ ଖେଳାଳିଙ୍କ ତୃତୀୟ ପ୍ରମୁଖ ଫାଇନାଲ ପରାଜୟ। ଅନ୍ୟପକ୍ଷରେ ପୂର୍ବତନ ବିଶ୍ୱର ନମ୍ବର ୱାନ ୨୭ ବର୍ଷୀୟା ହାଲେପ୍‌ଙ୍କର ୨୦୧୮ରେ ଫ୍ରେଞ୍ଚ ଓପନ୍ ପରେ ଏହା ଥିଲା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଠାରେ ଚାମ୍ପିୟନ ହେବାଦ୍ୱାରା ହାଲେପ୍ ଭେନସ ରୋଜୱାଟର ଡିସ୍ ସହିତ ୨.୩୫ ନିୟୁତ ପାଉଣ୍ଡ ପୁରସ୍କାର ଲାଭ କରିଛନ୍ତି।



ୱିମ୍ବେଲଡନ୍ ମହିଳା ସିଙ୍ଗଲ୍ସ ଚାମ୍ପିୟନ୍ ସିମୋନା ହାଲେପ।

## ଫେଡରର–ଜୋକୋଭିଚ୍ ଫାଇନାଲ ଆଜି

**ଲଣ୍ଡନ,୧୩।୭(ଏଏଫପି):** ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଟାଇଟଲ ପାଇଁ ଏହି ଫାଇନାଲ ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ସୁଇଜରଲାଣ୍ଡର ରୋଜର ଫେଡରର ଓ ସର୍ବିୟାର ନୋଭାକ ଜୋକୋଭିଚ୍ ପରସ୍ପରକୁ ଭେଟିବେ। ପୂର୍ବରୁ ୮ଥର ୱିମ୍ବେଲଡନ ଟାଇଟଲ ଜିତିଥିବା ଫେଡରର ଏଥର ସଫଳ ହେଲେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିବେ। ୩୭ ବର୍ଷୀୟ ଫେଡରର ଏଥିସହିତ ମୋଟ ଉପରେ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବେ। ଅନ୍ୟପଟେ ୪ଥର ୱିମ୍ବେଲଡନ ଚାମ୍ପିୟନ ଜୋକୋଭିଚ୍ ଏଥର ମଧ୍ୟ ବାଜି ମାରି ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି। କ୍ୟାରିୟରରେ ଗତ ୧୩ ବର୍ଷ ମଧ୍ୟରେ ଉଭୟ ଖେଳାଳି ୪୭ଥର ପରସ୍ପରକୁ ଭେଟିଛନ୍ତି।

## ଭାରତୀୟ ଦଳରେ ଫାଟ

**ମୁମ୍ବାଇ, ୧୩।୭:** ଚଳିତ ବିଶ୍ୱକପ୍ ସେମିଫାଇନାଲ ପରାଜୟ ପରେ ଭାରତୀୟ ଦଳରେ ଫାଟ ଦେଖାଦେଇଥିବା କିଛି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଭାରତୀୟ ଦଳର ସମସ୍ତ ସଦସ୍ୟ ୧୪ ତାରିଖରେ ମୁମ୍ବାଇରେ ପହଞ୍ଚିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଥିଲା। ହେଲେ ଦଳର ଉପଅଧିନାୟକ ରୋହିତ ଶର୍ମା ଆଗୁଆ ମୁମ୍ବାଇ ଫେରିଆସିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ମୁମ୍ବାଇ ବିମାନବନ୍ଦରଠାରେ ସ୍ତ୍ରୀ ରିତିକା ସାଜଦେ ଓ ଝିଅ ସାମାଇରାଙ୍କ ସହ ଦେଖିବାକୁ ମିଳିଛି। ଏହା ଭାରତୀୟ ଦଳରେ ଥିବା ଫାଟକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଧରିତ୍ରୀ
DHARITRI



### କ୍ୟାପିଟାଲ ହସ୍ପିଟାଲରେ ପୁଣି ତ୍ରୁଟିପୂର୍ଣ୍ଣ ଚିକିତ୍ସା

# ଆଖି ଅପରେଶନ ବେଳେ ଜୀବନ ଗଲା

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

- ଭୁଲ୍ ଇଞ୍ଜେକ୍ସନ ଦିଆଯାଇଥିବା ଅଭିଯୋଗ
- ଡାକ୍ତରଙ୍କ ଗିରଫ ଦାବି, ଉତ୍ତେଜନା
- ଚପାଇଦେବାକୁ ହୋଇଥିଲା ଉଦ୍ୟମ

ରୋଗୀଙ୍କୁ ଅବହେଳା ଓ ତ୍ରୁଟିପୂର୍ଣ୍ଣ ଚିକିତ୍ସାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥିବା କ୍ୟାପିଟାଲ ହସ୍ପିଟାଲରେ ଶନିବାର ଆଉ ଏକ ଦୁଃଖଦ ଘଟଣା ଘଟିଛି। ଆଖିରେ ମୋତିଆବିନ୍ଦୁ ଅପରେଶନ ଚାଲିଥିବାବେଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଭୁବନେଶ୍ୱର ଭୀମଟାଙ୍ଗୀ ହାଉସିଂବୋର୍ଡ କଲୋନୀର ଦୁଃଶାସନ ଦାଶ (୭୦)। ଡାକ୍ତର ଭୁଲ୍ ଇଞ୍ଜେକ୍ସନ ଦେବାରୁ ଦୁଃଶାସନଙ୍କ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ହେଲେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିବା ସହ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ଜାଣିବା ପରେ ସେମାନେ ହୋହଲ୍ଲା କରିଥିଲେ। ଘଟଣା ପଦାକୁ ଆସିବା ପରେ ହସ୍ପିଟାଲ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ଦୁଃଶାସନ ହାଉସିଂବୋର୍ଡ କଲୋନୀର ଫ୍ଲାଟ୍ ନଂ.ଏଇ-୧୧ରେ ପରିବାର ସହ ରୁହନ୍ତି। ତାଙ୍କୁ ଗତ କିଛିମାସ ହେବ ଠିକ୍ ଭାବେ ଦେଖାଯାଉ ନ ଥିଲା। ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲର ଆଖି ବିଭାଗରେ ଦେଖାଇଥିଲେ। ଆଖିରେ ମୋତିଆବିନ୍ଦୁ ହୋଇଥିବା କହି ଅପରେଶନ ହେବ ବୋଲି ଡାକ୍ତର କହିଥିଲେ। ତେଣୁ ଶନିବାର ଦୁଃଶାସନ ପରିବାର ଲୋକଙ୍କ ସହ ହସ୍ପିଟାଲକୁ ଆସିଥିଲେ। ଆବଶ୍ୟକ ପରୀକ୍ଷାନିରୀକ୍ଷା ପରେ ଡାକ୍ତର ତାଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କୁ ଅପରେଶନ ରୁମ୍‌କୁ ନିଆଯାଇଥିଲା। ସେତେବେଳକୁ ଆଖିରେ ଯନ୍ତ୍ରଣା ହେଉଥିବା ସେ ଜଣାଇଥିଲେ। ଅପରେଶନ ଚାଲିଥିବାବେଳେ ପ୍ରବଳ ଯନ୍ତ୍ରଣା ହେବାରୁ ତାଙ୍କୁ ତୁରନ୍ତ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଜଣାଇଥିଲେ। ହେଲେ ସୁସ୍ଥ ଅବସ୍ଥାରେ ଅପରେଶନ ପାଇଁ ଆସିଥିବା ଦୁଃଶାସନଙ୍କ ମୃତ୍ୟୁକୁ ସହଜରେ ବିଶ୍ୱାସ କରିପାରି ନ ଥିଲେ ତାଙ୍କ ପରିବାର ଲୋକେ। ଡାକ୍ତରଙ୍କ ଅବହେଳା ଓ ଭୁଲ୍ ଇଞ୍ଜେକ୍ସନ ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ପରିବାର ଲୋକେ ଉତ୍ତେଜିତ ହୋଇ ଆଇସିୟୁ ଆଗରେ ହୋହଲ୍ଲା କରିଥିଲେ। ଘଟଣାର ତଦନ୍ତ ସହ ଜୀବନ ନେଇଥିବା ଡାକ୍ତରଙ୍କୁ ଗିରଫ ପାଇଁ ପରିବାର ଲୋକେ ଅଡି ବସିଥିଲେ। ଖବର ପାଇ ଫାଣ୍ଡି ପୋଲିସ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ପୋଲିସ ମୃତଦେହକୁ ଜବତ କରି ହସ୍ପିଟାଲ ଶବ ସଂରକ୍ଷଣ ରୁମ୍‌କୁ ପଠାଇଥିଲା। ରବିବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ପୋଲିସ କହିଛି। ହସ୍ପିଟାଲ କର୍ତ୍ତୃପକ୍ଷ ପୋଲିସ ସହାୟତାରେ ଘଟଣାକୁ ଚାପିଦେବାକୁ ଚେଷ୍ଟା କରିଥିଲେ ବୋଲି ମୃତ ଦୁଃଶାସନଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଅବହେଳା ଯୋଗୁ ବାରମ୍ବାର ଏଭଳି ଘଟଣା ଘଟୁଛି। ଗତ ୯ ତାରିଖ ରାତିରେ କ୍ୟାପିଟାଲ ହସ୍ପିଟାଲ ଏସ୍ଏନ୍‌ସିୟୁ ବିଭାଗରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିବା ଅନୁପମା ନାୟକ ଗୁରୁତର ଅସୁସ୍ଥ ହୋଇପଡିଥିଲେ ମଧ୍ୟ ତାଙ୍କୁ ଆଇସିୟୁ ମିଳିପାରି ନ ଥିଲା। ଫଳରେ ୱାର୍ଡର ବେଡ୍ ଉପରେ ରାତିସାରା ଛଟପଟ ହୋଇ ପରଦିନ ସକାଳେ ଆଖି ବୁଜିଥିଲେ। ଏହାକୁ ନେଇ ହସ୍ପିଟାଲ କର୍ମଚାରୀମାନେ ସୁପରିଣ୍ଟେଣ୍ଡେଣ୍ଟଙ୍କ ପ୍ରକୋଷ୍ଠ ଆଗରେ ଧାରଣା ଦେଇଥିଲେ।

### ହସ୍ପିଟାଲ କର୍ତ୍ତୃପକ୍ଷ ଚୁପ୍ କାହିଁକି?

କ୍ୟାପିଟାଲ ହସ୍ପିଟାଲର ତ୍ରୁଟିପୂର୍ଣ୍ଣ ଚିକିତ୍ସା, ଅବହେଳା ଓ ନାନା ଅବ୍ୟବସ୍ଥାକୁ ନେଇ ବାରମ୍ବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଚୁପ୍ ରହୁଛନ୍ତି। ଦୋଷୀ ଡାକ୍ତର କିମ୍ବା କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ରାଜ୍ୟର ଏହି ପ୍ରମୁଖ ସରକାରୀ ହସ୍ପିଟାଲ ବିବାଦ ମୁଣ୍ଡାଉଛି। ହସ୍ପିଟାଲର ଜଣେ କର୍ମଚାରୀ ରୋଗୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ କିଛି ଦିନ ପୂର୍ବରୁ ଭିଜିଲାନ୍ସ ହାତରେ ଧରାପଡିଥିଲେ। ନର୍ସଙ୍କଠାରୁ ଆରମ୍ଭ କରି ଡ୍ରେସିଂ କରୁଥିବା କର୍ମଚାରୀ ରୋଗୀଙ୍କୁ ଟଙ୍କା ମାଗୁଥିବା ଅଭିଯୋଗ ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ କିଛି ବି ପଦକ୍ଷେପ ନେଉନାହାନ୍ତି।

## ପଞ୍ଚାୟତିରାଜ ସଚିବଙ୍କୁ ତଦନ୍ତ ନିର୍ଦ୍ଦେଶ

### ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତିକୁ ନେଇ ହାଇକୋର୍ଟରେ ମାମଲା

**କଟକ ଅଫିସ, ୧୩।୭**

ପଞ୍ଚାୟତ ସମିତି ପରିଚାଳନା ପାଇଁ ଓଡ଼ିଶା ପଞ୍ଚାୟତ ସମିତି ନିୟମାବଳୀ ପ୍ରସ୍ତୁତ ହୋଇଛି। ନିୟମାବଳୀର ନିୟମ ୪ ଅନୁଯାୟୀ ସମିତିର ବୈଠକ ପ୍ରତି ୨ ମାସରେ ଥରେ ବସିବା କଥା। ସମସ୍ତ ଖର୍ଚ୍ଚ ଓ କାର୍ଯ୍ୟକ୍ରମର ଅନୁମୋଦନ ଏହି ବୈଠକ ମାଧ୍ୟମରେ କରାଯିବାର ବ୍ୟବସ୍ଥା ରହିଛି। ସମିତି ବୈଠକ ନିୟମ ଅନୁଯାୟୀ ଅଦ୍ୟାବଧି ୧୪ଥର ବସିବା କଥା। କିନ୍ତୁ ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତିରେ ଘୋର ବ୍ୟତିକ୍ରମ ଦେଖାଦେଇଛି। ଜୁନ୍ ୬ ସୁଦ୍ଧା ଏହି ସମିତିରେ ମାତ୍ର ୬ଟି ବୈଠକ ଅନୁଷ୍ଠିତ ହୋଇଛି। ଏପରି କି ଫନୀ ସମୟରେ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ପାଇଁ ବୈଠକ ବସି ପାରିଲାନାହିଁ। ଏଠାରେ ସରକାରୀ ଅଧିକାରୀମାନେ ରାଜନୈତିକ ବ୍ୟକ୍ତିମାନଙ୍କ କଥାରେ ପରିଚାଳିତ ହେଉଛନ୍ତି। ଏହାକୁ ବିରୋଧ କରି ସମିତିସଭ୍ୟ ରମେଶ ବେହେରା ପଞ୍ଚାୟତିରାଜ ସଚିବ, ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ଫଳ ମିଳି ନ ଥିଲା। ଫଳରେ ଅଭିଯୋଗକାରୀ ବେହେରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଇଜଲାସରେ ଉକ୍ତ ମାମଲାର ଶୁଣାଣି ଗତ ଗୁରୁବାର ହୋଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ଏହାର ତଦନ୍ତ ପାଇଁ ପଞ୍ଚାୟତିରାଜ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୩ ସପ୍ତାହ ମଧ୍ୟରେ ତଦନ୍ତ କରି ଆଇନ ସମ୍ମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ସମିତିର କୌଣସି ନୂଆ କାର୍ଯ୍ୟାଦେଶ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଦୀପକ ମହାପାତ୍ର ମାମଲା ପରିଚାଳନା କରୁଥିଲେ।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ହନୁମାନ ମନ୍ଦିରରୁ ଚୋରି

**ସାଲେପୁର,୧୩।୭(ଡି.ଏନ.ଏ.):** ସାଲେପୁର ଥାନା ବାଲିସାହି ପଞ୍ଚାୟତ ରାଘବପୁରସ୍ଥିତ ମାରୁତିଭବନ ପରିସରରେ ଥିବା ହନୁମାନ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତ୍ରିରେ କେହି ଦୁର୍ବୃତ୍ତ ମନ୍ଦିରର ସମ୍ମୁଖ ଗ୍ରିଲ୍ ଚାବିଭାଙ୍ଗି ହନୁମାନଜୀଉଙ୍କ ଚାନ୍ଦିମୁକୁଟ, ପିତ୍ତଳ ବାସନ, ଘଣ୍ଟ, ଘଣ୍ଟି, ରୂପା ମୁକୁଟ, ଗିନି ସମେତ ବିଭିନ୍ନ ମୂଲ୍ୟବାନ୍ ସାମଗ୍ରୀ ଲୁଟି ନେଇଛନ୍ତି। ଏଥିସହ ଦୁର୍ବୃତ୍ତ ମନ୍ଦିର ପରିସରରେ ଥିବା ହୁଣ୍ଡିବାକ୍ସକୁ ଭାଙ୍ଗି ସେଥିରେ ଥିବା ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ମାରୁତି ଭବନର କର୍ମକର୍ତ୍ତାଙ୍କ ପକ୍ଷରୁ ଶନିବାର ଥାନାରେ ଅଭିଯୋଗ ହୋଇଛି। ସାଲେପୁର ଥାନା ଏଏସ୍‌ଆଇ ନିମାଇଁ ଚରଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେହିପରି ଶିଶୁଆ ବଜାରର ଏକ ଜଳଖିଆ ଦୋକାନର କ୍ୟାବିନ୍ ତାଡ଼ି ଦୁର୍ବୃତ୍ତ ଗ୍ୟାସ୍ ସିଲିଣ୍ଡର ସହ ଅନ୍ୟ ସାମଗ୍ରୀ ଲୁଟିନେଇଥିବା ଜଣାପଡ଼ିଛି।

### ନାବାଳକଙ୍କୁ ଆକ୍ରମଣ ଘଟଣାରେ ୩ କୋର୍ଟଚାଲାଣ

**ସାଲେପୁର,୧୩।୭(ଡି.ଏନ.ଏ.):** ଜଣେ ନାବାଳକଙ୍କୁ ଆକ୍ରମଣ ଘଟଣାରେ ସାଲେପୁର ଥାନା ପୋଲିସ ଶନିବାର ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପିକୋଲ ଗ୍ରାମର ଯଶୋବନ୍ତ ବେହେରା(ଟୁଙ୍ଗା), ବୋଦାମୁଣ୍ଡାଇର ରାମଚନ୍ଦ୍ର ସେଠୀ (ଚଗା) ଏବଂ କାର୍ତ୍ତିକ ସେଠୀ (ବୁଲୁ) ବୋଲି ଏଏସ୍‌ଆଇ ନିମାଇଁ ଚରଣ ମହାପାତ୍ର କହିଛନ୍ତି। ସୂଚନା ଅନୁଯାୟୀ ପିକୋଲ ଗ୍ରାମର ସୁଦର୍ଶନ ବେହେରାଙ୍କ ପୁଅ ତ୍ରିଲୋଚନ (୧୭) ଏବଂ ତାଙ୍କ ସାଥି ଉକ୍ତ ଗ୍ରାମର ବିଳାସ ବାରିକ୍ ଉଭୟ ଶୁକ୍ରବାର କଟରପାକୁ ରଥଯାତ୍ରା ଦେଖିବା ପାଇଁ ଯାଇଥିଲେ। ସେଠାରୁ ଉଭୟ ଫେରୁଥିବା ସମୟରେ ଛାଣିପୁର ଛକ ନିକଟରେ କୌଣସି କାରଣ ନ ଥାଇ ପିକୋଲ ପଞ୍ଚାୟତର ୩ଜଣ ଯୁବକ ତ୍ରିଲୋଚନଙ୍କ ଏକ ରଡ଼୍‌ରେ ଆକ୍ରମଣ କରିଥିଲେ। ବିଳାସ ମଧ ଆକ୍ରମଣର ଶିକାର ହୋଇଥିଲେ। ଘଟଣା ସମ୍ପର୍କରେ ତ୍ରିଲୋଚନଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ୍ ମାମଲା ନଂ.୧୬୮/୧୯ରେ ଏକ ରୁଜୁ କରି ତଦନ୍ତ ଚଳାଇଥିଲା।

### ବିଦ୍ୟାପୀଠରେ ଚାରାରୋପଣ

**ବାଙ୍କୀ,୧୩।୭(ସ୍ୱ.ପ୍ର.):** ବାଙ୍କୀ ପ୍ରଗତି ପରିଷଦ ଆନୁକୂଲ୍ୟରେ ପାଟପୁର ସିଂହନାଥ ଦେବ ବିଦ୍ୟାପୀଠ ପରିସରରେ ଶନିବାର ଚାରାରୋପଣ ସହ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ପରିଷଦ ସଭାପତି ନୀଳମୋହନ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ନିମାଇଁ ଚରଣ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସଂଗ୍ରାମ ବିଭୂତି ରାୟ, ଗୁଣନିଧି ମହାନ୍ତି, ରଞ୍ଜନ ସାମନ୍ତରାୟ, ଅବସରପ୍ରାପ୍ତ ଶିକ୍ଷକ ଶରତ ରଥ ଓ ଚନ୍ଦ୍ର ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ସାମାଜିକ କର୍ମୀ କୃତ୍ତିବାସ ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଦାସରଥି ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ପଣ୍ଡିତ ଗୋବିନ୍ଦ ରଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶିଶୁ ଯତ୍ନ ଅନୁଷ୍ଠାନ ପରିସର ମଧରେ ଚାରାରୋପଣ କରାଯାଇଥିଲା।

■ ନିମ୍ନମାନର ଖାଦ୍ୟ ପରିବେଷଣକୁ ବିରୋଧ କରିବାରୁ

# ଅଧ୍ୟାପକଙ୍କ ମାଡ଼ରେ ୧୦ ଛାତ୍ର ଗୁରୁତର

**ସାଲେପୁର,୧୩।୭(ଡି.ଏନ.ଏ.)**

■ଅଭିଭାବକ ମହଲରେ ଅସନ୍ତୋଷ ତୀବ୍ର

■ଅଭିଯୋଗକୁ କଲେଜ କର୍ତ୍ତୃପକ୍ଷଙ୍କ ଖଣ୍ଡନ

■କଲେଜକୁ ବି ଯାଇ ନ ଥିଲେ ଛାତ୍ର



ମାଡ଼ ଖାଇଥିବା ଦୁଇ ଛାତ୍ର।

ନିମ୍ନମାନର ଖାଦ୍ୟ ପରିବକ୍ଷେଣକୁ ବିରୋଧ କରିବାରୁ ସାଲେପୁର ଥାନା ଛକରେ ଥିବା ଶ୍ରୀକ୍ଷେତ୍ର ଯୁକ୍ତ ଦୁଇ କଲେଜ ହଷ୍ଟେଲ ଛାତ୍ରଙ୍କୁ ଅଧ୍ୟାପକ ମାଡ଼ ମାରିଛନ୍ତି। ଏଥିରେ ୧୦ଜଣ ଛାତ୍ର ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଅନ୍ୟ ଛାତ୍ରମାନେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବାବେଳକୁ ଥାନାରେ ଅଭିଯୋଗ ହୋଇ ନ ଥିଲା। ଅନ୍ୟପକ୍ଷରେ ଏହି ଘଟଣାକୁ କଲେଜ ମୁଖ୍ୟ ଖଣ୍ଡନ କରିଛନ୍ତି। ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ତୀବ୍ର ହୋଇଛି। ଏହାର ତଦନ୍ତ କରାଯିବାକୁ ଅଭିଭାବକ ଦାବି କରିଛନ୍ତି।

ସୂଚନା ଅନୁସାରେ, ଶ୍ରୀକ୍ଷେତ୍ର ଯୁକ୍ତ ଦୁଇ ବିଜ୍ଞାନ କଲେଜର କେତେଜଣ ଛାତ୍ର ରୋଧପୁରଠାରେ କଲେଜ ହଷ୍ଟେଲରେ ରହୁଛନ୍ତି। ସେମାନଙ୍କୁ ହଷ୍ଟେଲ ପକ୍ଷରୁ ଖାଦ୍ୟ ପରିବେଷଣ କରାଯାଉଛି। ତେବେ ଶୁକ୍ରବାର ରାତିରେ ଦିଆଯାଇଥିବା ଖାଦ୍ୟ ନିମ୍ନମାନର ହୋଇଥିବାରୁ ଛାତ୍ରମାନେ ଖାଇ ନ ଥିଲେ। ଏପରି କି ଏହାର ପ୍ରତିବାଦରେ କେତେଜଣ ଛାତ୍ର ଶନିବାର କଲେଜକୁ ପାଠ ପଢ଼ିବାକୁ ଯାଇ ନ ଥିଲେ। ଏକଥା ଜାଣିବା ପରେ ଦୁଇ ଅଧ୍ୟାପକ ହଷ୍ଟେଲ୍‌କୁ ଯାଇ କାହିଁକି କଲେଜକୁ ତୁମେମାନେ ଯାଇ ନ ଥିଲ ତାହା ପଚାରିବା ସହ ରାଗିଯାଇ ମାଡ଼ ମାରିଥିଲେ। ଏଥିରେରଞ୍ଜନ ପଣ୍ଡା, ଗୌରବ ଦାସ, ପ୍ରଦୀପ ପଣ୍ଡା, ରୁଦ୍ରନାରାୟଣ କାଣ୍ଡି, ସୁବାଶିଷ ସେଠୀ, ସନ୍ଦୀପ୍ ଛତ୍ର, ପ୍ରଶାନ୍ତ କାଣ୍ଡି, ସତ୍ୟଜିତ୍ ଜେନା, ଶ୍ରୀନିବାସ ବିଶ୍ୱାଳ ଓ ଅଭିଷେକ୍ ମହାରଣାଙ୍କ ସମେତ ବହୁଛାତ୍ର ଗୁରୁତର ହୋଇଥିଲେ। ଜଣେ ଛାତ୍ର ସଙ୍କଟାପନ୍ନ ହୋଇଛନ୍ତି। ଘଟଣା ସମ୍ପର୍କରେ କଲେଜ ମୁଖ୍ୟ ରମେଶ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ହଷ୍ଟେଲ୍‌ରେ ଖାଦ୍ୟ ସକାସେ କୌଣସି ଗଣ୍ଡଗୋଳ ହୋଇନାହିଁ। କଲେଜରେ ପାଠପଢ଼ା ଠିକ୍ କରି ନ ଥିବାରୁ ଜଣେ ଛାତ୍ରଙ୍କୁ ଅଧ୍ୟାପକ ମାଡ଼ ମାରିଥିଲେ। ଆଉ କାହାକୁ ମାଡ଼ ହୋଇନାହିଁ। ଅପରପକ୍ଷରେ ହଷ୍ଟେଲ୍‌ରେ ଛାତ୍ରଙ୍କୁ ମାଡ଼ ଘଟଣା ନେଇ ସେ କିଛି ଜାଣି ନ ଥିବା କହିଛନ୍ତି। କଲେଜ ପକ୍ଷରୁ ପିଲାଙ୍କୁ ମନେଇବାକୁ ଉଦ୍ୟମ ଚାଲିଛି। ହେଲେ ତାହା ଅଦ୍ୟାବଧି ସଫଳ ହୋଇ ନ ଥିବା ଜଣାଯାଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲିଟିଛି।



ଦଧିବାମନଜୀଉଙ୍କ ବାହୁଡ଼ା ଉତ୍ସବରେ ଯୋଗଦେଇଥିବା କଣ୍ଠଶିଳ୍ପୀ ଓ ଅନ୍ୟମାନେ।

## ଭଜନ ସମାରୋହ, ଅଡିଓ ସିଡୀ ଉନ୍ମୋଚନ

**ଟିଗିରିଆ,୧୩।୭(ଡି.ଏନ.ଏ.)**

ଟିଗିରିଆ ବ୍ଲକ ସଦର ମହକୁମା ପାଞ୍ଚଗାଁସ୍ଥିତ ଦଧିବାମନଜୀଉଙ୍କ ବାହୁଡ଼ା ଉତ୍ସବ ଅବସରରେ ସାଇକ୍ଲୋନ ଗ୍ରୁପ ଆନୁକୂଲ୍ୟରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ସୃଜନିକା ମ୍ୟୁଜିକ ଦ୍ୱାରା ପ୍ରସ୍ତୁତ କାଳିଆ ରସିକ ରଜା ଅଡିଓ ସିଡୀ ଉନ୍ମୋଚିତ ହୋଇଛି। ଯୋଗଦେଇଥିବା ଅତିଥି ଏବଂ କଣ୍ଠଶିଳ୍ପୀମାନେ ଏହି ସିଡି ଉନ୍ମୋଚନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଶୈଳେନ୍ଦ୍ର ପାତ୍ରଙ୍କ ସହିତ କଣ୍ଠଶିଳ୍ପୀ ମାନସୀ ପାତ୍ର, ସଞ୍ଜୟ ଦାଶ, ଅରୁଣ କୁମାର, ପୂର୍ଣ୍ଣଚନ୍ଦ୍ର ଦାଶ, ସୌମ୍ୟରଞ୍ଜନ, ଦୀପା ଓ ଶୁଭଶ୍ରୀ ପ୍ରମୁଖ ଚିତାକର୍ଷକ ଭଜନ ପରିବେଷଣ କରିଥିଲେ। ଅତିଥି ଭାବେ ଟିଗିରିଆ ଆମ କଳା ଆମ ସଂସ୍କୃତି ପରିଷଦ ସଭାପତି ମାନସ ରଞ୍ଜନ ମହାନ୍ତି, ପାଞ୍ଚଗାଁ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର ସମ୍ପାଦକ ସରୋଜ ଦାଶ, ସାମାଜିକ କର୍ମୀ ସନ୍ତୋଷ ସିଂହସାମନ୍ତ ଯୋଗ ଦେଇଥିଲେ। ଉନ୍ମୋଚିତ ଅଡିଓ ସିଡିରେ ଶୈଳେନ୍ଦ୍ର ପାତ୍ର ସଙ୍ଗୀତ ପରିଚାଳନା କରିଛନ୍ତି।

## ଦେବଗିରି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଦେବଗିରି ସାହିତ୍ୟ ସଂସଦର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ବାଙ୍କୀ,୧୩।୭(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ ପଞ୍ଚାୟତ ବାଣିଆ ଦେବଗିରି ସାହିତ୍ୟ ସଂସଦର ୪ର୍ଥ ବାର୍ଷିକ ଉତ୍ସବ ଦେବଗିରି ପୀଠ ପଥୁରୀପଡ଼ାଠାରେ ଶନିବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇ ଉତ୍ସବକୁ ସ୍ୱାଗତ କରିବା ସହିତ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ପଣ୍ଡିତ ପ୍ରଫୁଲ୍ଲ ମହାନ୍ତି, ସମ୍ମାନିତ ଅତିଥି ସୁଧାକର ସାମନ୍ତରାୟ, କବି କୌଶିକ ନାୟକ, ପ୍ରାଧ୍ୟାପକ ମନୋଜ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂସଦ ପକ୍ଷରୁ ସାମାଜିକ କର୍ମୀ ଶରତ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସଂସଦ ସଭାପତି ରବିନାରାୟଣ ମଙ୍ଗରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୀତାକାନ୍ତ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଦିଲୀପ ପାଣିଗ୍ରାହୀ ଏବଂ ସାଥୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଏହି ଅବସରରେ ବାଙ୍କୀର ବିଶିଷ୍ଟ ଶିକ୍ଷାବିତ୍ ପବନି ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ସ୍ମରଣିକା ଦେବଗିରି ଉନ୍ମୋଚିତ ହୋଇଥିଲା। କବି ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। କବୟିତ୍ରୀ ଚନ୍ଦ୍ରକାନ୍ତୀ ସିଂହ, ବିଦ୍ୟୁତ୍‌ଲତା ଭୂୟାଁ, ସରୋଜିନୀ ଦାଶ, ସନ୍ଧ୍ୟା ସାମନ୍ତରାୟ, ପୁଷ୍ପଲତା ମହାପାତ୍ର ଓ ଗଙ୍ଗାଧର ଓଝା ପ୍ରମୁଖ ୩୦ଜଣ କବି ଯୋଗଦେଇ କବିତା ପାଠ କରିଥିଲେ। ଶେଷରେ ଶିକ୍ଷାବିତ୍ ସୁନୀଲ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅବକାରୀ ଚଢ଼ାଉ: ୨ଶହ ଲିଟର ମଦ, କାର୍ ଜବତ

**ଆଠଗଡ଼,୧୩।୭(ସ୍ୱ.ପ୍ର.)**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନିଙ୍କ ନିର୍ଦ୍ଦେଶକ୍ରମେ ଚୋରାମଦ ପ୍ରସ୍ତୁତି ଓ ଚାଲାଣ ଉପରେ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଜୋରଦାର ହୋଇଛି। ଏହି କ୍ରମରେ ଶୁକ୍ରବାର ରାତି ୯ଟା୩୦ରେ ଏକ କାରରେ ୨ଶହ ଲିଟର ଚୋରା ଦେଶୀମଦ ଚାଲାଣ ହେଉଥିବା ବେଳେ ରାଧାଗୋବିନ୍ଦପୁର ଛକଠାରେ ବିଭାଗ ଚଢ଼ାଉ କରି ଜବତ କରିଛି। ବେଷ୍ଟପଦା ଗ୍ରାମର ଶ୍ରୀକାନ୍ତ ବେହେରାଙ୍କ ପରାମର୍ଶକ୍ରମେ ଚାଳକ ଅପର୍ତ୍ତି ପ୍ରଧାନ କୋରଙ୍ଗାଠାରୁ ବାରଙ୍ଗର ବାବୁ ଜେନାଙ୍କ ନିକଟକୁ ଏହି ମଦ ଚାଲାଣ କରୁଥିବା ବେଳେ ଧରା ପଡିଥିଲେ। ଚାଳକ ପ୍ରଧାନଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲାଙ୍କ ନେତୃତ୍ୱରେ ଉପନିରୀକ୍ଷକ ବିଜୟ ଭଞ୍ଜ, ସହ ଉପନିରୀକ୍ଷକ ଦେବାନନ୍ଦ ଭୂୟାଁ, ନିରଞ୍ଜନ ସାହୁ ଓ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

# କୋରିୟର କର୍ମଚାରୀଙ୍କ ହାତଗୋଡ଼ ବାନ୍ଧି ଲୁଟ୍

**ମାହାଙ୍ଗା,୧୩।୭(ସ୍ୱ.ପ୍ର.)**

ଜଣେ କୋରିୟର କର୍ମଚାରୀଙ୍କ ହାତଗୋଡ଼ ବାନ୍ଧି ଶୁକ୍ରବାର ୩ ଦୁର୍ବୃତ୍ତ ଗାଡ଼ି, ମୋବାଇଲ ଓ କିଛି ଟଙ୍କା ଲୁଟ୍ କରିଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଧର୍ମଶାଳା ଥାନା ଅଞ୍ଚଳର ଦୀପକ ବେହେରା(୨୦)। ଏହି ଘଟଣା ମାହାଙ୍ଗା ଥାନା ଜୟପୁର ଫାଣ୍ଡି ଅଧୀନ ହରିପୁର–ରାମହରିପୁର ରାସ୍ତାରେ ଘଟିଛି। ଏ ନେଇ ମାହାଙ୍ଗା ଥାନାରେ ରାତିରେ ଅଭିଯାଗ ହୋଇଛି। ପୋଲିସ ମାମଲା ନଂ–୧୧୯/୧୯ରୁଜୁ କରି ତଦନ୍ତ ଜାରି ରଖିଛି। ହେଲେ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରି ପାରିନାହିଁ।

ସୂଚନା ଅନୁସାରେ, ଦୀପକ ଚଣ୍ଡିଖୋଲର ଏକ କୋରିୟର କମ୍ପାନୀରେ କାର୍ଯ୍ୟ କରନ୍ତି। ଶୁକ୍ରବାର ଏକ ଅର୍ଡର ନେଇ ମାହାଙ୍ଗା ଥାନା ହରିପୁର ଅଞ୍ଚଳକୁ ଆସିଥିଲେ। ହରିପୁର–ରାମହରିପୁର ରାସ୍ତାର ଏକ ନିଛାଟିଆ ସ୍ଥାନରେ ତିନି ଜଣ ଯୁବକ ତାଙ୍କୁ ଅଟକାଇ ଥିଲେ। ସେ ଅଟକିବା ମାତ୍ରେ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ପିନ୍ଧା ପ୍ୟାଣ୍ଟ ସାର୍ଟରେ ହାତଗୋଡ଼ ବାନ୍ଧି ବଣ ଭିତରେ ପକାଇ ଦେଇଥିଲେ। ଏହାପରେ ତାଙ୍କ ନିକଟରେ ଥିବା ମୋବାଇଲ, ଟଙ୍କା ଓ ବାଇକ୍ ନେଇ ପଳାଇଥିଲେ। କିଛି ସମୟ ବଣ ଭିତରେ ପଡିବା ପରେ ସେ ନିଜେ ଚେଷ୍ଟା କରି ହାତଗୋଡ ଫିଟାଇ ବଣରୁ ରାସ୍ତା ଉପରକୁ ଆସିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ରାତିରେ ସେ ଥାନାକୁ ଯାଇ ଅଭିଯୋଗ କରିଥିଲେ।

# ଟିଗିରିଆରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଟିଗିରିଆ,୧୩।୭(ଡି.ଏନ.ଏ.)**

ଟିଗିରିଆ ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ତାଲୁକ ଆଇନସେବା କମିଟି ଅଧକ୍ଷା ତଥା ବିଚାରପତି ସୌଦାମିନୀ ସିଂହ ଅଧକ୍ଷତା କରିଥିଲେ। ଏଥିରେ ୫୭ଟି ଫୌଜଦାରୀ ମାମଲା ଫଇସଲା କରାଯାଇ ୫,୧୧୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ଟିଗିରିଆ ତହସିଲ ଅଫିସ ତରଫରୁ ୨୧୮ଟି ରାଜସ୍ୱ ମାମଲ ଫଇସଲା କରାଯାଇ ୩୩,୪୭୧.୫୦ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ସ୍ଥାନୀୟ ୟୁକୋ ବ୍ୟାଙ୍କ, ଟିଗିରିଆ ଶାଖା ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନୂଆପାଟଣା ଶାଖାର ୫ ଅନାଦେୟ ଋଣ ମାମଲାର ଫଇସଲା କରାଯାଇ ୫୭,୮୦୦ଟଙ୍କା ଋଣ ପରିଶୋଧ ହୋଇଛି। କାର୍ଯ୍ୟକ୍ରମରେ ଟିଗିରିଆ ଓକିଲ ସଂଘ ସଭାପତି ସୂର୍ଯ୍ୟନାରାୟଣ ମହାନ୍ତି, ସମ୍ପାଦକ ଶାନ୍ତନୁ ଦାଶ, ଲିଗାଲଏଡ୍ ରିଟେନର ରଞ୍ଜନ ମହାରଣା, ବିକ୍ରମ କେଶରୀ ଦାଶ, ରମେଶ ଚନ୍ଦ୍ର ମାଝି, ସରୋଜ ସାହୁ, ଆଇନଜୀବୀ ମଙ୍ଗଳକୃଷ୍ଣ ଦାଶ (ଏପିପି) ଓ ରଶ୍ମିପ୍ରଭା ମହାପାତ୍ର (ଏପିପି କ୍ୟାଡର) ଉପସ୍ଥିତ ଥିଲେ। ଅଦାଲତ ଓ ତହସିଲ ଅଫିସର ସମସ୍ତ କର୍ମଚାରୀ ଯୋଗଦେଇ ସହଯୋଗ କରିଥିଲେ।

## ବିବାଦୀୟ ଜମିରେ ଗୃହ ନିର୍ମାଣକୁ କେନ୍ଦ୍ରକରି ଗଣ୍ଡଗୋଳ

**ନିଶ୍ଚିନ୍ତକୋଇଲ,୧୩।୭(ସ୍ୱ.ପ୍ର.)**

**ମଝିଆ ଭାଇ କୋର୍ଟଚାଲାଣ**

ବିବାଦୀୟ ଜମିରେ ଗୃହ ନିର୍ମାଣକୁ କେନ୍ଦ୍ରକରି ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ସୁକରପଡ଼ା ପଞ୍ଚାୟତ ବନମାଳୀପୁର ଗ୍ରାମରେ ଭାଇଭାଇ ମଧରେ ଗଣ୍ଡଗୋଳ ଘଟିଛି। ଏ ନେଇ ଥାନାରେ ଶନିବାର ପୃଥକ ମାମଲା ନଂ– ୭୧, ୭୨/୧୯ ରୁଜୁ ହୋଇଛି। ଘଟଣାରେ ପୋଲିସ ମଝିଆ ଭାଇ ବିଜୟ ବାରିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ବନମାଳୀପୁର ଗ୍ରାମରେ ସଞ୍ଜୟ ବାରିକଙ୍କ ସହ ମଝିଆ ଭାଇ ବିଜୟ ଓ ବଡ଼ଭାଇ ଅଜୟଙ୍କ ମଧରେ ଜମି ବିବାଦ ଲାଗି ରହିଥିଲା। ଏହାକୁ ନେଇ ସାଲେପୁର ସିଭିଲ ଜଜ୍‌ଙ୍କ କୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ବିଚାରପତି ବିବାଦୀୟ ସ୍ଥାନରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଚାରପତିଙ୍କ ନିର୍ଦ୍ଦେଶକୁ ଅବମାନନା କରି ଗତ ବୁଧବାର ବିଜୟଙ୍କ ସାନଭାଇ ସଞ୍ଜୟ ବିବାଦୀୟ ଜମିରେ ଗୃହନିର୍ମାଣ କରୁଥିଲେ। ଏହି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ମଝିଆ ଭାଇ ବିଜୟ ଓ ବଡ଼ଭାଇ ଭାଇ ଅଜୟ ସଞ୍ଜୟଙ୍କୁ କହିଥିଲେ। କିନ୍ତୁ ସଞ୍ଜୟ ଏହାକୁ ମାନି ନ ଥିଲେ। ଏପରି କି ଦୁଇ ଭାଇଙ୍କୁ ଗାଳିଗୁଲଜ କରିବା ସହ ମରାଧରା କରିବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ବିଜୟ ଓ ଅଜୟ ଶୁକ୍ରବାର ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଆଇଆଇସି ସୁଭ୍ରାଂଶୁ ସେଖର ପରିଡା ବିବାଦୀୟ ଜମିରେ କାର୍ଯ୍ୟ ବନ୍ଦ କରିବାକୁ ସଞ୍ଜୟଙ୍କୁ କହିଥିଲେ। କିନ୍ତୁ ସଞ୍ଜୟ ପୁନଶ୍ଚ କାର୍ଯ୍ୟ କରିଥିଲେ। ଫଳରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଉକ୍ତ ଜମିରେ କାମ କରୁଥବା ସମୟରେ ବିଜୟଙ୍କ ପୁଅ ଜୀବନଜ୍ୟୋତି ମୋବାଇରେ ଫଟୋ ଉଠାଉଥିଲେ। ଏହାକୁ ସଞ୍ଜୟ ବାରଣ କରିବା ସହ ତାଙ୍କୁ ମାଡ ମାରିଥିଲା। ଜୀବନଜ୍ୟୋତିଙ୍କ ବାମ ହାତ ଭାଙ୍ଗି ଯାଇଥିଲା। ଏହାକୁ ନେଇ ଦୁଇପକ୍ଷ ମଧରେ ଗଣ୍ଡଗୋଳ ହୋଇଥିଲା।

# ମୋହନସୁବୁଦ୍ଧି କଲେଜର ପ୍ରତିଷ୍ଠା ଦିବସ

**ବଡ଼ମ୍ବା,୧୩।୭(ଡି.ଏନ.ଏ.)**

ବଡ଼ମ୍ବା ମୋହନସୁବୁଦ୍ଧି କଲେଜର ୫୬ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଛି। ଏହିଉପଲକ୍ଷେ କଲେଜ ପରିସରରେ ଅଧକ୍ଷ ପ୍ରାଧ୍ୟାପକ କୁମାରେଶ ରଥଙ୍କ ପୌରୋହିତ୍ୟରେ ଅଧ୍ୟାପନାମଣ୍ଡଳୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଗହଣରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କଲେଜ ପ୍ରାଣପ୍ରତିଷ୍ଠାତା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ରତାପଚନ୍ଦ୍ର ପଟ୍ଟନାୟକ ଏବଂ ରାୟବାହାଦୁର ମୋହନସୁବୁଦ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ଏକ ସଭା ଆୟୋଜନ କରାଯାଇ କଲେଜ୍ ଗୌରବମୟ ଇତିହାସ ଏବଂ ଅଭୁଲା ଅତୀତର ସ୍ମୃତିଚାରଣ କରାଯାଇଥିଲା। ଅଧ୍ୟାପକ ମାୟାଧର ରଥ, ପ୍ରଭାକର ବେହେରା, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗ ଦେଇଥିଲେ। ଚଳିତବର୍ଷ ଯୁକ୍ତ ଦୁଇ ଓ ଯୁକ୍ତ ୩ ବାର୍ଷିକ କଳା, ବିଜ୍ଞାନ ଏବଂ ବାଣିଜ୍ୟ ପରୀକ୍ଷାରେ କଲେଜରେ ପ୍ରଥମସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ କଲେଜ୍ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସେହିପରି କଲେଜ୍ ପରିସରରେ ଛାତ୍ରୀଛାତ୍ରଙ୍କ ଗହଣରେ ଚାରାରୋପଣ କରାଯାଇଥିଲା।




କଲେଜ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥି।

# ସୁନାରେ ଝଟକିଲେ ଶ୍ରୀଜୀଉ

**ବାଙ୍କୀ,୧୩।୭(ସ୍ୱ.ପ୍ର.)**

ନବଦିନ ଯାତ୍ରା ସାରି ଫେରିବା ପରେ ଶ୍ରୀଜୀଉମାନେ ଶନିବାର ସୁନାରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହିଅବସରରେ ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠସ୍ଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଏହି ବେଶରେ ତ୍ରିମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଶହଶହ ଭକ୍ତଙ୍କ ସମାଗମ ହୋଇଥିଲା। ପୂଜକ ଗନ୍ଧର୍ବ ପଣ୍ଡା ସେବାୟତାଙ୍କ ସହାୟତାରେ ସୁନାବେଶ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରଥ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରି ସଭାପତି ସନ୍ତୋଷ ରଣା, ସମ୍ପାଦକ ଯୁଗୋଳ କିଶୋର ଭୂତ୍, କୋଷାଧକ୍ଷ ଶରତ ଚନ୍ଦ୍ର ବାରିକ, ସଭ୍ୟ ଶରତଚନ୍ଦ୍ର ମହାପାତ୍ର ଓ ପ୍ରଶାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଜଗନ୍ନଥଙ୍କ ରଥ ସମ୍ମୁଖରେ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ପ୍ରବଚକ ମାନସ ରଞ୍ଜନ ମହାପାତ୍ର ପ୍ରବଚନ ଦେଇଥିଲେ। ସେହିପରି ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।



ଆଠଗଡ଼ ଅଟାଳି ଶ୍ରୀଜଗନ୍ନାଥଙ୍କ ସୁନାବେଶ।



ବାଙ୍କୀ ଚର୍ଚ୍ଚିକା ପୀଠସ୍ଥ ଶ୍ରୀଜୀଉଙ୍କ ସୁନାବେଶ।

**ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ଼ର ଆରାଧଦେବତା ପ୍ରଭୁ ଶ୍ରୀଅଟାଳୀ ଜଗନ୍ନାଥଦେବଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦେଖିବା ପାଇଁ ହଜାରହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଆଠଗଡ଼ ଉପକୋଷାଗାରରୁ ଅଟାଳୀ ଜଗନ୍ନାଥ ଦେବ ଏବଂ ଜଗନ୍ନାଥ ବଲ୍ଲଭ ମଠ ରଥର ତିନି ଠାକୁରଙ୍କ ସୁନା ଅଳଙ୍କାର ଆସିଥିଲା। ଅଟାଳୀଜଗନ୍ନାଥ ଦେବଙ୍କୁ ୬୬୧.୭୦୦ଗ୍ରାମ ଏବଂ ଜଗନ୍ନାଥ ବଲ୍ଲଭ ମଠରଥର ୩ଦିଅଁଙ୍କୁ ୫୩୧.୫୨୦ଗ୍ରାମ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ରାଜପୁରୋହିତ ସୁଶାନ୍ତ ମିଶ୍ର ସୁବର୍ଣ୍ଣ ମଣ୍ଡିତ ଅଟାଳି ଜଗନ୍ନାଥଙ୍କ ରଥରେ ସନ୍ଧ୍ୟା ଆଳତୀ ନୀତି ସମ୍ପନ୍ନ କରିବା ପରେ ସର୍ବସାଧାରଣ ଦର୍ଶନ କରିଥିଲେ। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଅମୀୟ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ ମାଜିଷ୍ଟ୍ରେଟ ଦାୟିତ୍ୱ ନିର୍ବାହ କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆଲୋକ ରଞ୍ଜନ ରାୟ, ଆଇଆଇସି ପଦାରବିନ୍ଦ ତ୍ରିପାଠୀ ଫୋର୍ସ ସହ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା, ସହାୟକ ଭବାନୀ ଶଙ୍କର ପଣ୍ଡା, ଅନ୍ୟ କର୍ମଚାରୀ ଓ ଦେବୋତ୍ତର ଉପଦେଷ୍ଟା ମଣ୍ଡଳି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ



■ ପାଳନ ହେଉନି କ୍ରାଇମ୍‌ବ୍ରାଞ୍ଚ ନିର୍ଦ୍ଦେଶନାମା

# ପୋଲିସ ହେପାଜତରୁ ଖସିଯାଉଛନ୍ତି ଅଭିଯୁକ୍ତ

**କଟକ ଅଫିସ, ୧୩।୭**

ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ଦୁର୍ଦ୍ଧାନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁଛି। ହେଲେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜେଲ ହାଜତ ପର୍ଯ୍ୟନ୍ତ ନେଇପାରୁନାହିଁ। କାରଣ ପୋଲିସକୁ ସେମାନେ ଚ୍ୟାଲେଞ୍ଜ ଦେଇ ଖସି ଯିବାରେ ସଫଳ ହେଉଛନ୍ତି। ଗତ ଦିନରେ ଘଟିଥିବା ଏଭଳି କେତେକ ଘଟଣା ପୋଲିସର ଚିନ୍ତା ବଢାଇଥିଲା। ଏହାକୁ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଜିଲାର ଏସ୍‌ପି ଏବଂ କମିଶନରେଟ୍ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ହେଲେ ସବୁ ପରେ ମଧ୍ୟ ବ୍ୟବସ୍ଥାର କୌଣସି ସୁଧାର ଆସିପାରିଲା ନାହିଁ। ପୋଲିସ ବାବୁଙ୍କ ଖାମଖିଆଲି ନୀତି ଯୋଗୁ ଅଭିଯୁକ୍ତମାନେ ଖସିଯାଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

୨୦୧୮ରେ ବିଭିନ୍ନ ଅପରାଧରେ ଗିରଫ ହୋଇଥିବା ୯ ଜଣ ଅଭିଯୁକ୍ତ ପୋଲିସ ହେପାଜତରୁ ଫେରାର ହୋଇଯାଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଦୁର୍ଦ୍ଧାନ୍ତ ମାଓବାଦୀ ମନୋଜ ମନ୍ଦାକିନି। ତାଙ୍କୁ ନୂଆପଡା ପୋଲିସ ଗିରଫ କରି କୋର୍ଟରୁ ଜେଲ ନେବା ବାଟରେ ସେ ଫେରାର ହୋଇଯାଇଥିଲେ। ବିଶେଷକରି ପୋଲିସ ହେପାଜତରେ ଥିବା ଅଭିଯୁକ୍ତମାନଙ୍କୁ ମେଡିକାଲ, କୋର୍ଟ ନିଆଯିବାବେଳେ ସେମାନେ ପୋଲିସ ହାତରୁ ଖସିଯାଉଛନ୍ତି। ମାଓବାଦୀ କାର୍ଯ୍ୟକଳାପ, ହତ୍ୟା, ବଳତ୍କାର, ଅପହରଣ ଭଳି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ କୋର୍ଟ, ଜେଲ ଅବା ମେଡିକାଲ ନେବାବେଳେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଗତ ଜୁନ୍ ମାସରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜିଲାର ସମସ୍ତ ଏସ୍‌ପି ଓ କମିଶନରେଟ୍ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଆବଶ୍ୟକ ସ୍ଥଳେ ଦୁର୍ଦ୍ଧାନ୍ତ ଅପରାଧୀମାନଙ୍କୁ କୋର୍ଟ ନେବା ପରିବର୍ତ୍ତେ ଭିଡିଓ କନ୍‌ଫରେନ୍ସିଂ ଯୋଗେ କୋର୍ଟରେ ହାଜର କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାପରେ ମଧ୍ୟ ଜୁଲାଇରେ ଦୁଇ ଅଭିଯୁକ୍ତ ପୋଲିସ ହେପାଜତରୁ ଖସିଯିବାରେ ସଫଳ ହୋଇଛନ୍ତି।

ଗତ ୬ ତାରିଖରେ ଜଗତ୍‌ସିଂହପୁର କୋର୍ଟ ପରିସରରୁ ଅଭିଯୁକ୍ତ ସୂର୍ଯ୍ୟ ସିଂହ ଖସିଯିବାରେ ସକ୍ଷମ ହୋଇଥିଲେ। ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଜଗତ୍‌ସିଂହପୁର ପୋଲିସ ସୂର୍ଯ୍ୟଙ୍କୁ ଗିରଫ କରି ଗତ ୬ ତାରିଖରେ ସ୍ଥାନୀୟ କୋର୍ଟକୁ ନେଇଥିଲା। ତାଙ୍କର ଜାମିନ ନାମଞ୍ଜୁର କରି ବିଚାରପତି ତାଙ୍କୁ ଜେଲ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୋର୍ଟରୁ ପୋଲିସ ସୂର୍ଯ୍ୟଙ୍କୁ ଗାଡି ପାଖକୁ ନେଉଥିବା ବେଳେ ସେ ଖସି ପଳାଇଥିଲେ।

ସେହିପରି ଗତ ୯ରେ କମିଶନରେଟ୍ ପୋଲିସ ଅଞ୍ଚଳରୁ ଚନ୍ଦନ ନାୟକ ନାମକ ଜଣେ ଦୁର୍ଦ୍ଧାନ୍ତ ଅଭିଯୁକ୍ତ ପୋଲିସ ଭ୍ୟାନ୍‌ରୁ ଖସି ପଳାଇଥିଲେ। ଚୋରି, ବୋମାମାଡ, ବେଆଇନ ବନ୍ଧୁକ କାରବାର ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଚନ୍ଦନଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଝାରପଡା ଜେଲ୍‌କୁ ପଠାଇ ଦିଆଯାଇଥିଲା। ଗତ ୬ରେ ଡିସିପିଙ୍କ କୋର୍ଟରେ ହାଜର କରିବା ପାଇଁ ପୋଲିସ ତାଙ୍କୁ ଝାରପଡା ଜେଲରୁ ଆଣିଥିଲା। କୋର୍ଟରେ ହାଜର ହେବା ପରେ ପୋଲିସ ଚନ୍ଦନଙ୍କୁ ପୁଣି ଜେଲକୁ ନେଉଥିଲା। ହେଲେ ମହର୍ଷି କଲେଜ ଛକ ନିକଟରେ ଚନ୍ଦନ ପୋଲିସ ଭ୍ୟାନରୁ ଡେଇଁ ଫେରାର ହେବାରେ ସକ୍ଷମ ହୋଇଥିଲେ।

ବିଶେଷକରି ଅଭିଯୁକ୍ତଙ୍କୁ କୋର୍ଟ କିମ୍ବା ଜେଲକୁ ନେବାବେଳେ କଡାସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ନିର୍ଦ୍ଦେଶ ରହିଥିବାବେଳେ ଥାନା ଅଧିକାରୀମାନେ ତାହାକୁ ପାଳନ କରୁନାହାନ୍ତି। ଦୁର୍ଦ୍ଧାନ୍ତ ଅଭିଯୁକ୍ତମାନଙ୍କୁ ଭିଡିଓ କନ୍‌ଫରେନ୍ସିଂରେ ହାଜର କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ପୋଲିସ ତାହା କରୁନି। ଭିଡିଓ କନ୍‌ଫରେନ୍ସିଂରେ ହାଜର କରିବାକୁ ହେଲେ ଥାନା ଅଧିକାରୀଙ୍କୁ ଏହା ପୂର୍ବରୁ କୋର୍ଟଙ୍କ ଅନୁମତି ନେବାକୁ ପଡିବ। ହେଲେ ଥାନାବାବୁ ଏଥିପାଇଁ କୋର୍ଟ ଯିବାକୁ ଚାହୁଁନାହାନ୍ତି। ଫଳରେ ଅଭିଯୁକ୍ତମାନଙ୍କୁ ନେବା ଆଣିବାବେଳେ ପୋଲିସ ହେପାଜତରୁ ସେମାନେ ଫେରାର ହୋଇଯାଉଛନ୍ତି। ଏ ନେଇ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ କୁହନ୍ତି, ଆଇନ ଅନୁଯାୟୀ ଅଭିଯୁକ୍ତଙ୍କୁ ପ୍ରଥମଥର କୋର୍ଟକୁ ନେବା ପାଇଁ ନିୟମ ଅଛି। ହେଲେ ଦ୍ୱିତୀୟଥର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ହାଜର କରାଯାଉଛି। ଯେଉଁ ଅଫିସରମାନେ କ୍ରାଇମବ୍ରାଞ୍ଚର ନିର୍ଦ୍ଦେଶନାମା ପାଳନ କରୁନାହାନ୍ତି ଅବା ଅଭିଯୁକ୍ତ ଖସିଯିବାରେ ଯେଉଁ ପୋଲିସ କର୍ମଚାରୀ ଏବଂ ଅଫିସରଙ୍କ ଭୁଲ ରହୁଛି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଏସ୍‌ପି ଓ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ପାଳନ ଅବସରରେ ଶନିବାର କଟକ ଗୌରୀଶଙ୍କର ପାର୍କ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ବ୍ୟକ୍ତିବୃନ୍ଦ ଓ ଅନ୍ୟମାନେ।

## ଓଡ଼ିଆ ଭାଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କ ଅବଦାନ ଅତୁଳନୀୟ

**କଟକ ଅଫିସ, ୧୩।୭**

ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନ ଠାରେ କର୍ମବୀର ଗୌରୀଶଙ୍କର ରାୟଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦ, ଓଡ଼ିଶା ପ୍ରଦେଶସ୍ଥ କାୟାସ୍ଥସଭା, ଉତ୍କଳ ସାହିତ୍ୟ ସମାଜ ଓ କଟକ ମହାନଗର ନିଗମ ମିଳିତ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦୟ ଶଙ୍କର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. କ୍ଷୀରୋଦ ଚନ୍ଦ୍ର ବେହେରା କହିଥିଲେ, କର୍ମବୀର ଗୌରୀଶଙ୍କର ରାୟ ଜଣେ ଜନସେବକ ତଥା ନିର୍ଭୀକ ସାମ୍ବାଦିକ ଥିଲେ। ସେ ନିର୍ଭୀକ ସାମ୍ବାଦିକତା ଉପରେ ବିଶ୍ୱାସ କରୁଥିଲେ। ତାଙ୍କର ନିର୍ଭୀକ ସାମ୍ବାଦିକତା ଆଜିର କାମଳ ସାମ୍ବାଦିକତା ଠାରୁ ବହୁ ଊର୍ଦ୍ଧ୍ୱରେ। ସେହିପରି ସମ୍ମାନିତ ବକ୍ତା ଡ. ସୋମା ଚାନ୍ଦ କହିଥିଲେ, ଓଡ଼ିଆ ଭାଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କ ଅବଦାନ ଅତୁଳନୀୟ ଥିଲା। ଏହି ଅବସରରେ ବରିଷ୍ଠ ଫଟୋ ଖବରଦାତା ହୃଦୟନାଥ ଦାସ, ଉମାପ୍ରସାଦ ମିଶ୍ର, ବରିଷ୍ଠ ଫୁଟବଲ୍ ଖେଳାଳି କୃଷ୍ଣଚନ୍ଦ୍ର ରାଉତରାୟ ଓ ବିଶିଷ୍ଟ ସାମାଜିକ କର୍ମୀ ପ୍ରଭାତ ପାଳିତଙ୍କୁ ଗୌରୀଶଙ୍କର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀନାରାୟଣ ଘୋଷ, ଇନ୍ଦ୍ରଜିତ ଘୋଷଙ୍କ ସମେତ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଏଫଏସ୍‌ଓ ପକ୍ଷରୁ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**କଟକ ଅଫିସ, ୧୩।୭:** ସ୍ଥାନୀୟ ପ୍ରେସ୍‌ଛକ ଠାରେ ଫ୍ରେଣ୍ଡସ୍ ସୋସିଆଲ ଅର୍ଗାନାଇଜେଶନ (ଏଫଏସଓ) ପକ୍ଷରୁ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ମାନବାଧିକାର ଆୟୋଗ ଅଧିକାରୀ ଏସ.ପି. ଗୁପ୍ତେଶ୍ୱର ମହାକୁଡ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦ୍ୟୁମ୍ନ ବରାଳ ଆଗାମୀ ଦିନରେ ଶିଶୁମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି କାମ କରିବା ସହ ସାମାଜିକ କାର୍ଯ୍ୟ ହାତକୁ ନିଆଯିବ ବୋଲି କହିଥିଲେ। ଏଥିରେ ସଭାପତି ସୁରେନ୍ଦ୍ର ନାଥ ବେହେରା, ଉପସଭାପତି ଜ୍ୟୋତିର୍ମୟ ମହାନ୍ତି, ରତ୍ନାକର ସାହୁ, ଶିବାନୀ ଭୌମିକ, ବିପ୍ଳବ ସାହୁ, ଆଲୋକ ଦାସ ଓ କବି ପ୍ରସାଦ ସ୍ୱାଇଁ ଉପସ୍ଥିତ ଥିଲେ।

## ବିଦ୍ୟାପୀଠରେ ପ୍ରତିଷ୍ଠା ଉତ୍ସବ

**ଚୌଦ୍ୱାର, ୧୩।୭(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ ଗୋଡିପାଟଣାସ୍ଥିତ ନିଗମାନନ୍ଦ ବିଦ୍ୟାପୀଠର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସବିତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସ୍ତମ୍ଭକାର ପ୍ରମୋଦ ମହାପାତ୍ର ମୁଖ୍ୟଅତିଥି, ଖବରଦାତା ଶ୍ୱେତକାନ୍ତ ବେହେରା, ତ୍ରିବିକ୍ରମ ବେହେରା, ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ସ୍ୱାଇଁ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ସ୍ୱାଇଁ ଓ ଜଲି ଦେଈଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ସାୱନ ମେଳା

**କଟକ ଅଫିସ, ୧୩।୭:** ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ କଟକ ଶାଖା ପକ୍ଷରୁ ସାୱନ ମେଳା ଶନିବାର ସ୍ଥାନୀୟ ବାଙ୍କାବଜାର ସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ତେରାପନ୍ଥ ମହାସଭାର ସଦସ୍ୟ ମୋହନ ଲାଲ ସିନ୍ଧି ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ପ୍ରତିଭା ସିଂଘିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ତେରାପନ୍ଥ ସମାଜର ସଦସ୍ୟ ମୁକେଶ ସେଠିୟା, ଡ. ପ୍ରଭାସ ଆଚାର୍ଯ୍ୟ, ଯୋଗ ଶିକ୍ଷୟିତ୍ରୀ ସାରିକା ଜେନା ପ୍ରମୁଖ ଯୋଗଦେଇଥିଲେ। ଶାଖା ସମ୍ପାଦକ ଅର୍ଚ୍ଚନା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଚାରା ରୋପଣ ଓ ପରିବେଶ ସୁରକ୍ଷା ନେଇ ଶନିବାର କଟକ ତୁଳସୀପୁର ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ଶୋଭାଯାତ୍ରା।

## ବଡ଼ଭାଇ ଆକ୍ରମଣରେ ସାନଭାଇ ଗୁରୁତର

**ଫୁଲନଖରା, ୧୩।୭(ଡି.ଏନ୍.ଏ.)**

ଜମିଜମା ବିବାଦକୁ କେନ୍ଦ୍ରକରି ବଡଭାଇର କଟୁରି ଚୋଟରେ ସାନଭାଇ ଗୁରୁତର ହୋଇଛନ୍ତି। ଏହି ଘଟଣାରେ କଟକ ସଦର ପୋଲିସ ଆକ୍ରମଣକାରୀ ବଡଭାଇ ସ୍ଥାନୀୟ ଭାଣପୁର ପୀରବଜାର ଗ୍ରାମର ସୟଦ ସଫିକ ଉଦ୍ଦିନଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏଥିସହ ଉକ୍ତ କଟୁରିକୁ ଜବତ କରିଛି। ଅଭିଯୋଗ ଅନୁଯାୟୀ, ସାନଭାଇ ସୟଦ ରଫିକ ଉଦ୍ଦିନ ଓ ସଫିକଙ୍କ ମଧ୍ୟରେ ଜମିଜମାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ସଫିକ ଉତ୍କ୍ଷିପ୍ତ ହୋଇ ଘରୁ ଏକ କଟୁରି ଆଣି ରଫିକଙ୍କୁ ଆକ୍ରମଣ କରିଥିଲେ। ଫଳରେ ରଫିକଙ୍କ ବାମହାତରେ ଆଘାତ ଲାଗିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୯୬/୧୯) ରୁଜୁ ହୋଇଛି।

■ ନିମ୍ନମାନର ଖାଦ୍ୟକୁ ନେଇ ରେଷ୍ଟୁରାଣ୍ଟ, ଜମାଟୋ କର୍ମଚାରୀ ମାର୍‌ପିଟ୍

## ଉଭୟ ପକ୍ଷରୁ ଥାନାରେ ଅଭିଯୋଗ: ୩ ଅଟକ

**କଟକ ଅଫିସ, ୧୩।୭**

ନିମ୍ନମାନର ଖାଦ୍ୟ ଯୋଗାଣକୁ ନେଇ ଅନ୍‌ଲାଇନ୍‌ରେ ଖାଦ୍ୟ ଯୋଗାଉଥିବା ସଂସ୍ଥା ଜମାଟୋ କର୍ମଚାରୀ ଏବଂ ରେଷ୍ଟୁରାଣ୍ଟ କର୍ମଚାରୀ ଶନିବାର ହାତାହାତି ହୋଇଛନ୍ତି। ମାଲଗୋଦାମ ଥାନା ଅନ୍ତର୍ଗତ କଲେଜ ଛକ ନିକଟରେ ଥିବା ଏକ ରେଷ୍ଟୁରାଣ୍ଟରେ ଶନିବାର ସକାଳେ ଉଭୟ ପକ୍ଷ ମଧ୍ୟରେ ମାରପିଟ୍ ହୋଇଥିଲା। ଏ ନେଇ ଜମାଟୋ କର୍ମଚାରୀମାନେ ଥାନାରେ ଅଭିଯୋଗ କରିବା ସହ ଉକ୍ତ ରେଷ୍ଟୁରାଣ୍ଟର ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ରେଷ୍ଟୁରାଣ୍ଟ କର୍ମଚାରୀ ଥାନାରେ ପହଞ୍ଚି ଜମାଟୋ କର୍ମଚାରୀ ତାଙ୍କୁ ମାଡ ମାରିଥିବା ନେଇ ପାଲଟା ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ମାଡ ଖାଇଥିବା ଜମାଟୋର ଖାଦ୍ୟ ଯୋଗାଣକାରୀ କର୍ମଚାରୀ ଉପେନ୍ଦ୍ର କୁମାର ଜେନାଙ୍କ କହିବାନୁଯାୟୀ, ଉକ୍ତ ରେଷ୍ଟୁରାଣ୍ଟ ନିମ୍ନମାନର ଖାଦ୍ୟ ଦେଉଛି ବୋଲି ଅନେକ ସମୟରେ ଗ୍ରାହକମାନେ ଅଭିଯୋଗ କରୁଛନ୍ତି। ଏପରି କି ବହୁ ସମୟରେ ଗ୍ରାହକମାନେ ଖାଦ୍ୟ ମଧ୍ୟ ଫେରାଇ ଦେଉଛନ୍ତି। ଗତ ଗୁରୁବାର ଜଣେ ଗ୍ରାହକଙ୍କ ବରାଦ ଅନୁସାରେ ଉକ୍ତ ରେଷ୍ଟୁରାଣ୍ଟରୁ ଖାଦ୍ୟ ନେଇ ସେ ଗ୍ରାହକଙ୍କ ନିକଟରେ ପହଞ୍ଚାଇଥିଲେ। ହେଲେ ଖାଦ୍ୟ ବାସୀ ଏବଂ ନିମ୍ନମାନର ବୋଲି ଗ୍ରାହକ ତାଙ୍କୁ କହିଥିଲେ। ଏ ସମ୍ପର୍କରେ ରେଷ୍ଟୁରାଣ୍ଟରେ ଅଭିଯୋଗ କରିବାକୁ ଉପେନ୍ଦ୍ର ସମ୍ପୃକ୍ତ ଗ୍ରାହକଙ୍କୁ କହିଥିଲେ। ପରେ ସେ ନିଜେ ଉକ୍ତ ରେଷ୍ଟୁରାଣ୍ଟକୁ ଆସି ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଏହାକୁ ନେଇ ରେଷ୍ଟୁରାଣ୍ଟ କର୍ମଚାରୀଙ୍କ ସହ ଉପେନ୍ଦ୍ରଙ୍କ ଯୁକ୍ତିତର୍କ ହୋଇଥିଲା। ଶନିବାର ପୁଣି ଏକ ଅର୍ଡର ନେବା ପାଇଁ ଉପେନ୍ଦ୍ର ରେଷ୍ଟୁରାଣ୍ଟ ଆସିଥିବାବେଳେ ରେଷ୍ଟୁରାଣ୍ଟ ତରଫରୁ ତାଙ୍କୁ ଖାଦ୍ୟ ଦେବାକୁ ମନା କରାଯାଇଥିଲା। ଏହାକୁ ନେଇ ପୁନର୍ବାର ଯୁକ୍ତିତର୍କ ହେବାରୁ ରେଷ୍ଟୁରାଣ୍ଟ ମାଲିକ ଓ କର୍ମଚାରୀମାନେ ଉପେନ୍ଦ୍ରଙ୍କୁ ମାଡ ମାରିଥିଲେ। ପରେ ଜମାଟୋର ଅନ୍ୟ କର୍ମଚାରୀମାନେ ଆସି ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ।

ଅନ୍ୟପକ୍ଷରେ ରେଷ୍ଟୁରାଣ୍ଟ କର୍ମଚାରୀଙ୍କ କହିବା ଅନୁଯାୟୀ, ଉପେନ୍ଦ୍ର ଶନିବାର ରେଷ୍ଟୁରାଣ୍ଟକୁ ଖାଦ୍ୟ ନେବାକୁ ଆସିଥିଲେ। ସେ ଆମ ଖାଦ୍ୟ ନେଇ ଅପମିଶ୍ରିତ କରି ବିକ୍ରି କରୁଥିବାରୁ ଶନିବାର ଆମେ ତାଙ୍କୁ ଖାଦ୍ୟ ଦେବାକୁ ମନା କରିଥିଲୁ। ଫଳରେ ସେ ତାଙ୍କର ଆଉ କେତେଜଣ ସହଯୋଗୀଙ୍କୁ ଡାକିଥିଲେ। ପରେ ସେମାନେ ରେଷ୍ଟୁରାଣ୍ଟ ଭିତରେ ପଶି ଗାଳିଗୁଲଜ କରିବା ସହ କର୍ମଚାରୀଙ୍କୁ ମାଡ ମାରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି।

ଏ ନେଇ ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ କୁହନ୍ତି, ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ତଦନ୍ତ କରାଯିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବ। ଯିଏ ଦୋଷୀ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୩୦୦ ରାଶନ କାର୍ଡର ଦାବିଦାର ନାହାନ୍ତି

**କଟକ ସଦର, ୧୩।୭(ଡି.ଏନ୍.ଏ.)**

କଟକ ସଦର ବ୍ଲକରେ ଜାତୀୟ ଖାଦ୍ୟ ନିରାପତା ରାଶନ କାର୍ଡ ହିତାଧିକାରୀଙ୍କ ଆଧାର ନମ୍ବର ସଂଯୋଗ ଜୋରସୋରରେ ଚାଲିଛି। ଏହାର ସମୀକ୍ଷା ପାଇଁ ଶନିବାର ବ୍ଲକ କାର୍ଯ୍ୟାଳୟରେ ଯୋଗାଣ ନିରୀକ୍ଷକ ପୁନମ ଜେନାଙ୍କ ପୌରୋହିତ୍ୟରେ ରିଟେଲରମାନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ୪ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଜର ଆଧାର ନମ୍ବର ଦେବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ରିଟେଲରମାନେ ଅଡୁଆରେ ପଡିଯାଇଛନ୍ତି। ଏହାଛଡା ୩୦୦ ରାଶନ କାର୍ଡର ଦାବିଦାର ନ ଥିବା ଜଣାପଡିଥିଲା। ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ପରିବାରକୁ କାର୍ଡ ପିଛା ୫୦୦ ଟଙ୍କା ରିଲିଫ ଆକାରରେ ସରକାର ପ୍ରଦାନ କରିଥିଲେ। ମାତ୍ର ଏତେସଂଖ୍ୟକ କାର୍ଡଧାରୀ ରିଲିଫ ଟଙ୍କା ନେବା ପାଇଁ ବଣ୍ଟନକେନ୍ଦ୍ରକୁ ଆସି ନ ଥିଲେ। ହେଲେ କାର୍ଡ ପିଛା ସମସ୍ତ ଚାଉଳ ବଣ୍ଟନ ହୋଇଥିବା ଜଣାପଡିଥିଲା। ଚାଉଳ କିଏ ନେଲା ତାହାର ତଦନ୍ତ ଆରମ୍ଭ ହୋଇଛି। ଏହାଛଡା କେତେଜଣ ଲୋକ ପ୍ରତିନିଧି ଆଧାରକାର୍ଡ ନ ଦେବା ପାଇଁ ଲୋକଙ୍କୁ ଉସୁକାଉଥିବା ରିଟେଲରମାନେ ବୈଠକରେ କହିଥିଲେ। ଚଳିତମାସ ସୁଦ୍ଧା ସମସ୍ତ ହିତାଧିକାରୀଙ୍କ ଆଧାର ସଂଯୋଗ ସୁନିଶ୍ଚିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଗଞ୍ଜେଇ, ବାଇକ୍ ଜବତ: ୪ ଗିରଫ

**କଟକ ଅଫିସ, ୧୩।୭**

କମିଶନରେଟ୍ ପୋଲିସ ଆରମ୍ଭ କରିଛି ଚୋରା ନିଶା ବିରୋଧୀ ଅଭିଯାନ। ଗତ ଦୁଇଦିନ ଧରି ପୋଲିସ ପକ୍ଷରୁ ଚୌଦ୍ୱାର, ମାଲଗୋଦାମ ଓ ଜଗତ୍‌ପୁର ଥାନା ଅଞ୍ଚଳରେ ଚଢାଉ କରାଯାଇ ବହୁ ପରିମାଣର ନିଶା ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ନିଶା ବ୍ୟବସାୟୀ ମଙ୍ଗରାଜପୁର ମାଝିସାହିର ଅଜୟ ସାହୁ, ସତୀଚଉରା ଅଞ୍ଚଳର ରାଜେଶ ଜେନା ଓ ସୋନପୁର ଜିଲା ଉଲୁଣ୍ଡି ଅଞ୍ଚଳର ଅରୁଣ କୁଡେଇଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୮ କେଜି ୪୬୦ ଗ୍ରାମର ଗଞ୍ଜେଇ, ଏକ ବାଇକ୍ ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ସେମାନଙ୍କ ବିରୋଧରେ ଏନ୍‌ଡିପିଏସ୍ ଧାରା ଅନୁଯାୟୀ ତିନୋଟି ମାମଲା ରୁଜୁ ହୋଇଛି। ସେହିପରି ଗଞ୍ଜେଇ ନେଇ ଯାଉଥିବାବେଳେ ମଙ୍ଗଳାବାଗ ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମାଛୁଆବଜାର ଅଞ୍ଚଳର କାଳନ୍ଦୀ ବେହେରା ଓରଫ୍ କାଳିଆ। ପୋଲିସ ତାଙ୍କ ଠାରୁ ୬.୫କେଜି ଗଞ୍ଜେଇ, ଏକ ବାଇକ୍(ନଂ. ଓଡି୦୩ଆର-୩୩୫୮) ଓ ୭୫୦୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, କାଳିଆ ଶନିବାର ମଧ୍ୟାହ୍ନରେ ମାଛୁଆବଜାର ଅଞ୍ଚଳରୁ ଉକ୍ତ ବାଇକ୍‌ରେ ଗଞ୍ଜେଇ ନେଇ ଯାଉଥିବାବେଳେ ପୋଲିସ ପିଛା କରି ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳରୁ ତାଙ୍କୁ ଗିରଫ କରିଥିଲା।



ଓଡ଼ିଶା ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ଜାତୀୟ ଲୋକ ଅଦାଲତ।

## ଜାତୀୟସ୍ତରୀୟ ଲୋକ ଅଦାଲତ

**କଟକ ଅଫିସ, ୧୩।୭**

କ୍ୟାଣ୍ଟେନମେଣ୍ଟ ରୋଡ ସ୍ଥିତ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ପରିସରରେ ଶନିବାର ଜାତୀୟସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରେମାନନ୍ଦ ବହିଦାର ଏଥିରେ ଅଧ୍ୟକ୍ଷତା କରିଥିଲେ। ତପନ କୁମାର ମଣ୍ଡଳ ଓ ପ୍ରଦୀପ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଦ୍ୟୁତ୍, ରେଲୱେ, ବୀମା, ଶିକ୍ଷା, ପଡିକାର୍ଡ, ଗୃହ ନିର୍ମାଣ, ଆର୍ଥିକ ଅନୁଷ୍ଠାନ ସେବା ସମ୍ବନ୍ଧୀୟ ମାମଲାର ଫଇସଲା ହୋଇଥିଲା। ୧୦ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୧୦ଜଣଙ୍କୁ ପଡିକାର୍ଡ, ୨ଜଣଙ୍କୁ ଗୃହ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୋଟ୍ ୩୮ ମାମଲା ଅଦାଲତରେ ସ୍ଥାନିତ ହୋଇଥିବାବେଳେ ୨୯ଟି ସମାଧାନ ହୋଇଛି।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

**ଚୌଦ୍ୱାର, ୧୩।୭(ଡି.ଏନ୍.ଏ.)**

୫୫ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ନିକଟବର୍ତ୍ତୀ ଡିହସାହି ଗଡ଼ା ନିକଟରେ ଶନିବାର ରାତି ୯ଟାରେ ଦୁଇଟି ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଟ୍ରକ୍‌ର ଚାଳକ ମହାରାଷ୍ଟ୍ରର ନିକି ମାଲହୋତ୍ରା ଓ କଟକର ପ୍ରଦୀପ ସାହୁ ଗୁରୁତର ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଏକ ଟ୍ରକ୍(ନଂ.ଓଆର୦୫ଏସି-୨୮୭୮) କଟକରୁ ଅନୁଗୋଳ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟଏକ ଟ୍ରକ୍ (ନଂ.ଓଏମ୍‌ଏଚ୪୦ବିଜି-୮୭୬୫) ସହିତ ଧକ୍କା ହୋଇଥିଲା। ଫଳରେ ଗୋଟିଏ ଟ୍ରକ୍‌ର ଚାଳକ ଗାଡ଼ି ଭିତରେ ଫସି ରହିଥିଲେ। ଚୌଦ୍ୱାର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ କଟର ସାହାଯ୍ୟରେ ଉକ୍ତ ଟ୍ରକ୍ କ୍ୟାବିନ କାଟି ଚାଳକଙ୍କୁ ଉଦ୍ଧାର କରିଥିଲେ। ଚୌଦ୍ୱାର ପୋଲିସ ଆମ୍ବୁଲାନ୍ସ ଯୋଗେ ଉଭୟ ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ଏହାକୁ ନେଇ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡି ଚଳାଚଳ ବନ୍ଦ ରହିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଦୁଇଟିକୁ ରାସ୍ତାରୁ ହଟାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ସୁନାବେଶରେ ଶ୍ରୀଜୀଉ

**କଟକ ଅଫିସ/ ଖୁଣ୍ଟୁଣୀ(ଡି.ଏନ୍.ଏ.), ୧୩।୭:** କଟକ ସହରର ବିଭିନ୍ନ ଜଗନ୍ନାଥ ମନ୍ଦିର ସମ୍ମୁଖ ରଥରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦର୍ଶନ କରିବା ପାଇଁ ବହୁସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଜିଲା ପ୍ରଶାସନ, ମନ୍ଦିର ପରିଚାଳନା କମିଟି ଓ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ସହରର ଚାନ୍ଦିନୀଚୌକରେ ଚଳିତବର୍ଷ ପ୍ରଥମଥର ସୁନାବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏଥିସହ ରଥ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଣୀହାଟସ୍ଥିତ ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର, ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର, ଖପୁରିଆ ଶ୍ରୀଶ୍ରୀ ଜୟ ଜଗନ୍ନାଥ କଲୋନୀର ଜଗନ୍ନାଥ ମନ୍ଦିର, ମହାନଦୀ ବିହାର ଜଗନ୍ନାଥ ମନ୍ଦିର, ପୁରୁଣା ଏଲଆଇସି କଲୋନୀ ଜଗନ୍ନାଥ ମନ୍ଦିରଠାରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଖୁଣ୍ଟୁଣୀରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜଗନ୍ନାଥ ଯୁବ ପରିଷଦ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ପରେ ପୋଡ଼ପିଠା ଲାଗି ହେବା ପରେ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା।



କଟକ ଦୋଳମୁଣ୍ଡାଇ ଓ ରାଣୀହାଟ ଜଗନ୍ନାଥ ମନ୍ଦିର ସମ୍ମୁଖ ରଥରେ ଶ୍ରୀଜୀଉଙ୍କ ସୁନାବେଶ।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଦୁଇ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ଖୋର୍ଦ୍ଧା ଅଫିସ,୧୩।୭: ବେଆଇନଭାବେ ମାଙ୍କଡା ପଥର ଚୋରା ଚାଲାଣ କରୁଥିବା ଦୁଇ ଟ୍ରକକୁ ଶନିବାର ଜଙ୍କିଆ ଥାନା ପୋଲିସ ଜବତ କରିଛି। ଟାଙ୍ଗୀ ଅଞ୍ଚଳରୁ ଏହି ପଥର ଆସୁଥିବାବେଳେ ଖବରପାଇ ପୋଲିସ ଜଙ୍କିଆ ପେଟ୍ରୋଲ ପମ୍ପ ନିକଟରେ ଟ୍ରକ ଅଟକାଇଥିଲା। ତେବେ ଟ୍ରକ ଛାଡି ଡ୍ରାଇଭର ଦ୍ୱୟ ଫେରାର ହୋଇଯାଇଛନ୍ତି। ପୋଲିସ ଦୁଇ ଗାଡିକୁ ଜବତ କରିଥିବା ନେଇ ଖୋର୍ଦ୍ଧା ତହସିଲଦାରଙ୍କୁ ଜଣାଇଛନ୍ତି।

### ସ୍କୁଲ ପରିସରରୁ ଚାରା ଉପାଡ଼ିଦେଲେ

ନିରାକାରପୁର,୧୩।୭ (ଡି.ଏନ.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ଏକାଡେମୀ ସ୍କୁଲ ପରିସରରେ ଟାଙ୍ଗୀ ବନବିଭାଗ ପକ୍ଷରୁ କିଛିଦିନ ପୂର୍ବରୁ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ବନ ଅଧିକାରୀଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇଥିଲେ। ହେଲେ ଶନିବାର କେହି ଦୁର୍ବୃତ୍ତ ଲଗାଯାଇଥିବା ଗଛଗୁଡିକୁ ଉପାଡି ସେହିଠାରେ ଫୋପାଡି ଦେଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ବହୁ ପୁରାତନ ଏହି ସ୍କୁଲର ସମ୍ମୁଖ ଓ ପଛପଟେ ଫାଟକ ରହିଥିଲେ ମଧ ତାହା ବନ୍ଦ କରାଯାଉ ନାହିଁ। ଫଳରେ ସନ୍ଧ୍ୟା ହେଲେ ଅସାମାଜିକ ଯୁବକଙ୍କ ଅବାଧ ପ୍ରବେଶ ରହୁଛି। ଏ ନେଇ ସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟ ନାଥ ତ୍ରିପାଠୀଙ୍କୁ ପଚାରିବାରୁ ଗଛ ଉପୁଡାଯିବା ବିଷୟରେ ସେ ଜାଣି ନ ଥିବା କହିଥିଲେ। ଏହାସହ ବାହାର ପିଲା ସ୍କୁଲ ପଡିଆ ଭିତରେ ସବୁଦିନ ଜୋର ଜବରଦସ୍ତ ପଶି କ୍ରିକେଟ ଖେଳୁଛନ୍ତି। ଗେଟ ବନ୍ଦହେଉ ନ ଥିବା ବିଷୟରେ ସେ ଜଗୁଆଳି ସହିତ କଥାହୋଇ ପଦକ୍ଷେପ ନେବେ ବୋଲି କହିଛନ୍ତି।

### ରାଜ୍ୟପାଳଙ୍କୁ ଭେଟିଲେ ଅଖିଳ ଭାରତୀୟ ସନ୍ଥ ସମିତି ସଦସ୍ୟ

ଭୁବନେଶ୍ୱର, ୧୩।୭(ବ୍ୟୁରୋ): ଅଖିଳ ଭାରତୀୟ ସନ୍ଥ ସମିତିର କେତେକ ସଦସ୍ୟ ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିଛନ୍ତି। 'ଫନୀରେ ଉପୁଡି ଯାଇଥିବା ଓଡ଼ିଶା ମଠ ଓ ଆଶ୍ରମଗୁଡିକର ସ୍ଥାପନା, ପୁନରୁଦ୍ଧାର, ଗୋବଧ ନିରୋଧ, ସର୍ବଧର୍ମ ସମନ୍ୱୟ, ରାଷ୍ଟ୍ରରକ୍ଷା କିପରି କରାଯାଇପାରିବ ତାହା ରାଜ୍ୟପାଳଙ୍କ ସହ ଆଲୋଚନା କରିଛନ୍ତି। ଅଖିଳ ଭାରତ ସନ୍ଥ ସମିତି ଭାରତୀୟ ସାଧାରଣ ସମ୍ପାଦକ ସ୍ୱାମୀ ଜିତେନ୍ଦ୍ର ନନ୍ଦ ସରସ୍ୱତୀ, ଓଡ଼ିଶା ପ୍ରଦେଶ ସଭାପତି ସ୍ୱାମୀ ଶଙ୍କରାନନ୍ଦ ଗିରି, ଆନ୍ଧ୍ର ପ୍ରଦେଶ ସମ୍ପାଦକ ସ୍ୱାମୀ ଭାସ୍କର ତୀର୍ଥ, ବିଶ୍ୱ ହିନ୍ଦୁ ପରିଷଦର ପରିଚାଳନା ସମ୍ପାଦକ ଆନନ୍ଦ ପାଣ୍ଡେ ଓ ମଳୟ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ସାଧୁସନ୍ଥମାନ ଏକତ୍ରିତ ହୋଇ, ଦେଶର ଘଡିସନ୍ଧି ମୁହୂର୍ତ୍ତରେ ଦିଗଦ୍ରଷ୍ଟା ରୂପେ ଦେଶ ତଥା ସମାଜ ପାଇଁ କାମ କରିବାକୁ ମନସ୍ଥ କରିଥିଲେ। ଏ ପରିପ୍ରେକ୍ଷୀରେ ଏବେ ସେମାନେ ଓଡ଼ିଶାରେ ଥିବା ମଠ ମନ୍ଦିରର ପୁନରୁଦ୍ଧାର ପାଇଁ ରାଜ୍ୟପାଳଙ୍କୁ ଭେଟିଛନ୍ତି।

### ଗିରଫ ବ୍ରାଉନସୁଗାର ବେପାରୀଙ୍କୁ ରିମାଣ୍ଡରେ ଆଣିବ ଟାଉନ ପୋଲିସ

ନୟାଗଡ଼ ଅଫିସ,୧୩।୭: ନୟାଗଡ଼ ଟାଉନ ପୋଲିସ ଗିରଫ ବ୍ରାଉନସୁଗାର ବେପାରୀ ସୁଧାଂଶୁ ପରିଡ଼ା ଓରଫ ଛୋଟାଙ୍କୁ ରିମାଣ୍ଡରେ ଆଣିବ। ୨୦୧୮ ଅଗଷ୍ଟ ୧୧ରେ ସାଗର ପୋଖରୀ କୂଳରେ ବ୍ରାଉନସୁଗାର ଜବତ ଘଟଣାରେ ଛୋଟାଙ୍କୁ ନୟାଗଡ଼ ପୋଲିସ ଆଣି ପଚରାଉଚରା କରିବ। ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକା ନଗରର ସୁଧାଂଶୁ ଓରଫ ଛୋଟା ବିଭିନ୍ନ ସ୍ଥାନରେ ବ୍ରାଉନସୁଗାର ବେପାର କରିଥାନ୍ତି। କିଛିଦିନ ତଳେ ସେ କୋର୍ଟରେ ଆତ୍ମସମର୍ପଣ ପରେ ଜେଲ୍ ଯାଇଛନ୍ତି। ଟାଉନ ପୋଲିସ ଛୋଟାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ। ୧୧ ଅଗଷ୍ଟ ୨୦୧୮ରେ ନୟାଗଡ଼ ଜିଲାରେ ପ୍ରଥମ ଥର ପାଇଁ ବ୍ରାଉନସୁଗାର ଜବତ ହୋଇଥିଲା। ଟାଉନ ଥାନା ସାଗର ପୋଖରୀ କୂଳରେ ଦୁଇଜଣ ଯୁବକଙ୍କ ନିକଟରୁ ୧ ଗ୍ରାମର ବ୍ରାଉନସୁଗାର (୫ଟି ପୁଡ଼ିଆ), ବ୍ରାଉନ ସୁଗାର ରଖି ନିଆଁ ଲଗାଯାଉଥିବା ସ୍ୱତନ୍ତ୍ର ଜରି, ୪୫୨୦ ଟଙ୍କା, ଗୋଟିଏ ମୋବାଇଲ ଓ ଏକ ବାଇକ୍‌କୁ ପୋଲିସ ଜବତ କରିଥିଲା। ଏ ନେଇ ଥାନାରେ ନଂ ୧୨୦/୧୮ରେ ମାମଲା ରୁଜୁ କରାଯାଇ ଦୁଇ ଜଣ ଛାତ୍ରଙ୍କୁ ଗିରଫ କରାଯାଇଥିଲା।



ବୋଲଗଡ଼ରେ ଶନିବାର ଶ୍ରୀଜୀଉ ସୁନାବେଶରେ ଦର୍ଶନ ଦେଉଛନ୍ତି।



ଜାଗୁଲାଇ ପାଟଣାର ଅନନ୍ତ ପୁରୁଷୋତ୍ତମ ଦେବ।



ଦଧିମାଛଗାଡ଼ିଆ ଜଗନ୍ନାଥଙ୍କ ସୁନାବେଶ।

■ ସରକାରୀ ଜମିରେ ଘର କରିଥିଲେ ଛୋଟା

# ଉଚ୍ଛେଦ ପୂର୍ବରୁ ନେଇଗଲେ ଉପକରଣ

ଖୋର୍ଦ୍ଧା ଅଫିସ,୧୩।୭:

ଖୋର୍ଦ୍ଧା ସହର ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରର ନିଶା ସୌଦାଗର ସୁଧାଂଶୁ ପରିଡା ଓରଫ ଛୋଟା ଓରଫ ଶୁଭ୍ରାଂଶୁ କୋର୍ଟରେ ଆତ୍ମ ସମର୍ପଣ କରି ଖୋର୍ଦ୍ଧା ଜେଲରେ ଅଛନ୍ତି। ସରକାରୀ ଜମିରେ ବେଆଇନଭାବେ ଘର କରିଥିବାରୁ ୧୫ତାରିଖରେ ଛୋଟାଙ୍କ ଦ୍ୱାରିକାନଗରସ୍ଥିତ ଘର ପ୍ରଶାସନ ଉଚ୍ଛେଦ କରିବ। ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଉପଜିଲାପାଳଙ୍କ ନୋଟିସ ଘର କାନ୍ଥରେ ଝୁଲିବା ପରେ ଛୋଟାଙ୍କ ସମ୍ପର୍କୀୟମାନେ ଶନିବାର ଘର ଉପକରଣ ନେଇଯାଇଛନ୍ତି। ଏ ନେଇ ଉପଜିଲାପାଳଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର କୁମାର ସାମଲ କୁହନ୍ତି, ଆମେ କେବଳ ଜବରଦଖଲ ଉଚ୍ଛେଦ କରିବୁ। ତଥାପି ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସିଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି।

**ଚୋରା ବେପାରର ପେଣ୍ଠସ୍ଥଳ**

ଛୋଟାଙ୍କର ପ୍ରକୃତ ଠିକଣା ଖୋର୍ଦ୍ଧା ସହରର ଗୋପୀନାଥ ସାହି ହଡାଛକ। ପ୍ରଥମେ ଛୋଟା ହଡାଛକରେ ବ୍ରାଉନସୁଗାର ବ୍ୟବସାୟ କରୁଥିଲେ। ବାପା ମହେଶ୍ୱରଙ୍କ ଗିରଫଦାରି ଓ ସ୍ଥାନୀୟ ଲୋକଙ୍କ ବିରୋଧରୁ ଛୋଟା ଦ୍ୱାରିକାନଗରସ୍ଥିତ ସରକାରୀ ଜମିକୁ ବ୍ରାଉନସୁଗାର କାରବାରର ଗୋଦାମ କରି ନେଇଥିଲେ। ଶୁକ୍ରବାର ରାଜସ୍ୱ ବିଭାଗର ଯାଞ୍ଚ ବେଳେ ଶାଗୁଆନ ବ୍ୟବସାୟ ଚାଲିଥିବା ଜଣାପଡିଥିଲା। ସେହିପରି କେତେଜଣ ଲୋକ ଏଠାରେ ଭଡାରେ ରହି ନିଶା ଓ ଶାଗୁଆନ କାଠ ବ୍ୟବସାୟ କରୁଥିଲେ ବୋଲି ଜଣାପଡଛି। ଅନ୍ୟପକ୍ଷେ ଛୋଟା ନିଜ ନାମକୁ ଅଲଗା ଅଲଗା କହି ଖସିବାରେ ସକ୍ଷମ ହେଉଥିଲେ। ଖୋର୍ଦ୍ଧା ରେଞ୍ଜର ଉତ୍ତମ ଗଡନାୟକ କୁହନ୍ତି, ଜବରଦଖଲ ଉଚ୍ଛେଦ ହେବାକୁ ଥିବା ଘରେ ଶାଗୁଆନ କାଠ ଗଚ୍ଛିତ ଥିବା ଜାଣିନାହୁଁ। ଜାଣିଥିଲେ ଚଢ଼ାଉ କରିଥାନ୍ତୁ।

**ଅପେକ୍ଷା କର, ବଦଳୁଛି ଖରାପ ସମୟ**

ଡ୍ରଗ୍ସ ଓ ପଥର ମାଫିଆଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଗିରଫଦାରି ଓ ଏନ୍‌କାଉଣ୍ଟରର ଭୟ ଘାରିଛି। ଛୋଟାଙ୍କ ସମ୍ପର୍କରେ ଗୁମର ଖୋଲାଯିବ ସେ ଭୟରେ ଶନିବାର ସହଯୋଗୀ ଓ ବିଶ୍ୱସ୍ତମାନଙ୍କୁ ଫେରାର କରିଦିଆଯାଇଛି। ଏନେଇ ଶୁକ୍ରବାର ବସିଥିବା ଏକ ଗୁପ୍ତ ବୈଠକରେ ଜଣେ ପୂର୍ବତନ କାଉନ୍‌ସିଲର ଯୋଗଦେଇ ଛୋଟାଙ୍କ ସହଯୋଗୀଙ୍କୁ ଫେରାର ହୋଇଯିବାକୁ ପରାମର୍ଶ ଦେଇଥିଲେ। ସହଯୋଗୀମାନଙ୍କୁ ୧୦ରୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଆବଶ୍ୟକତା ପଡିଲେ ପୁଣି ଟଙ୍କା ଦିଆଯିବ ବୋଲି କୁହାଯାଇଛି। ଧରା ପଡିଗଲେ ବ୍ୟବସାୟ ଓ ଛୋଟାଙ୍କ ସମ୍ପର୍କରେ ମୁହଁ ନ ଖୋଲିବା ପାଇଁ ପରାମର୍ଶ ରହିଛି । ଗିରଫଦାରି ହେଲେ ଛୋଟା ବାବୁ ସଂପୃକ୍ତ ପରିବାରର ସମସ୍ତ ଖର୍ଚ୍ଚ ତୁଲାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଆଶ୍ୱାସନା ଦିଆଯାଇଛି। ଆଗକୁ ପୁଣି ଭଲ ସମୟ ଆସୁଛି। ବ୍ୟବସାୟ ଚାଲୁ ରଖିବାକୁ ଚେଷ୍ଟାକର। ନୂଆ ଲୋକଙ୍କୁ ବ୍ୟବସାୟରେ ସାମିଲ କର। ମହିଳାମାନଙ୍କୁ ପ୍ରାଧାନ୍ୟ ଦେଇ ବ୍ୟବସାୟରେ ଭର୍ତ୍ତି କରାଅ ବୋଲି କୁହାଯାଇଛି। ସହଯୋଗକାରୀଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିବା ଜଣାପଡିଛି।

**ପରିଚୟ ବଦଳାଇଦେଲା ପାଉ ବ୍ୟବସାୟ**

ପାଉ ବ୍ୟବସାୟ କରୁଥିବା ଲୋକଙ୍କ ଘରର ରୂପରେଖ ବଦଳିଯାଇଛି। ଦିନକୁ ଦୁଇ ଓଳି ଖାଇବାକୁ ପାଉ ନ ଥିବା ଲୋକଙ୍କ ଘରେ ୪ଚକିଆ ଗାଡି, ଫ୍ରିଜ, ଟିଭି, ୱାଶିଂ ମେଶିନ ଆଦି ଘର ଉପକରଣ ରହିଛି। ସେହିଭଳି ବିଭିନ୍ନ ସ୍ଥାନରେ ଜମି ବି କିଣିଛନ୍ତି। ଏହି ସୁବିଧା ପାଇଥିବା ଲୋକ ଛୋଟାଙ୍କୁ ଦେବତା ଭାବେ ପୂଜା କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ନିଶା କବଳରେ ପଡିଥିବା ଯୁବକ, ଛାତ୍ର ଓ ଅନ୍ୟମାନଙ୍କ ଘର ଉଜୁଡି ଯିବାକୁ ବସିଲାଣି।

## ସୁନାବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୧୩।୭ (ଡି.ଏନ୍.ଏ.) :

ଖୋର୍ଦ୍ଧା ନିକଟସ୍ଥ ଜାଗୁଲେଇପାଟଣାରେ ଶ୍ରୀଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ରଥ ଉପରେ ରାଜରାଜେଶ୍ୱର ତଥା ସୁନାବେଶରେ ଶନିବାର ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅଲୌକିକ ବେଶ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପରମ୍ପରା ମୁତାବକ ବର୍ଷରେ ୫ଥର ଶ୍ରୀଜୀଉମାନେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ୪ଥର ରତ୍ନବେଦିରେ ଓ ବାହୁଡା ପରଦିନ ରଥ ଉପରେ ଆବ୍ରାହ୍ମଣ ଚଣ୍ଡାଳ ଶ୍ରୀଜୀଉ ଏହି ବେଶ ଦର୍ଶନ କରିଥାନ୍ତି। ଏହି ଅବସରରେ ରଥ ସମ୍ମୁଖରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

ସେହପରି ବୋଲଗଡ ଠାରେ ଶନିବାର ରଥଉପରେ ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପୂର୍ବ ବେଶ ଦର୍ଶନ ପାଇଁ ବହୁସଂଖ୍ୟାରେ ଶ୍ରଦ୍ଧାଳଙ୍କର ସମାଗମ ହୋଇଥିଲା। ବୋଲଗଡ ସ୍ଥିତ ଶ୍ରୀତୃତୀୟାଦେବ ଠାକୁରଙ୍କର ରଥଯାତ୍ରା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଆସୁଛି। ରଥଯାତ୍ରା ଆୟୋଜକ କମିଟି ପକ୍ଷରୁ ଏହି ଯାତ୍ରା ପରିଚାଳିତ ହେଉଛି । ସୁନାବେଶ ଅବସରରେ ଶ୍ରୀଜୀଉମାନଙ୍କୁ ସୁନା ଓ ରୁପାରେ ନିର୍ମିତ ବିଭିନ୍ନ ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ଏହି ଅବସରରେ ଏଠାରେ ଭଜନ ସନ୍ଧ୍ୟା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିଛି ।



ଜଣେ ବ୍ୟବସାୟୀ ପଲାରେ ପଥରଖଣ୍ଡ ରଖି ଓଜନ କରୁଛନ୍ତି।

## ମାପ, ଓଜନରେ ଠକେଇ ଅଭିଯୋଗ

ବେଗୁନିଆ,୧୩।୭(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଅସାଧୁ ବ୍ୟବସାୟୀଙ୍କ ମାରଣ ନୀତି ଦେଖାଦେଇଛି। ଖାଉଟିଙ୍କୁ ଠକିବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରୁଛନ୍ତି। ଡିଜିଟାଲ ମାପକ ଯନ୍ତ୍ରରେ ଟ୍ୟାମ୍ପରିଂ ଓ ଦଣ୍ଡି ପଲାରେ ବଟକରା ବ୍ୟବହାର ନ କରି ପଥର ବ୍ୟବହାର କରୁଛନ୍ତି। ଏହା ସହ ବଜାରରେ ବ୍ୟବସାୟ କରୁଥିବା ଉଠା ଦୋକାନୀମାନେ ମଧ୍ୟ ପ୍ରତିବର୍ଷ ବଟକରାକୁ ରିନ୍ୟୁ କରୁନାହାନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ସାମଗ୍ରୀର ୧କେଜି ପ୍ରତି ପ୍ରାୟ ୧୦୦ଗ୍ରାମରୁ ଉର୍ଦ୍ଧ୍ୱ କମୁଥିବା ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଭ୍ୟଙ୍କ ଅନୁସନ୍ଧାନରୁ ଜଣାପଡ଼ିଛି। ଏନେଇ ପ୍ରଶାସନ ଦୃଷ୍ଟିଦେବା ସହ ଚଢ଼ାଉ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ବେଗୁନିଆ ବ୍ଲକ ସିକୋ ଗ୍ରାମରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ବାହାରିଥିବା କଳସ ଶୋଭାଯାତ୍ରା

## ତାରିଣୀ ମନ୍ଦିରର ବାର୍ଷିକୋତ୍ସବ

ବେଗୁନିଆ,୧୩।୭(ଡି.ଏନ୍.ଏ.):

ବେଗୁନିଆ ବ୍ଲକ ଅଧୀନ ସିକୋ ଗ୍ରାମସ୍ଥିତ ମା' ତାରିଣୀ ମନ୍ଦିରର ୧୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୋହିତ ଜଗନ୍ନାଥ ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ମନ୍ତ୍ର ପାଠ କରିଥିଲେ। ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଯଜ୍ଞ କାର୍ଯ୍ୟ ବିଧି ମୁତାବକ ଗୋ ପୂଜା, ସୂର୍ଯ୍ୟ ପୂଜା ପରେ ଦେବଦେବୀଙ୍କୁ ସନ୍ତୁଷ୍ଟ ପାଇଁ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ଗଣ୍ଡଗୋଳ : ୩ ଆହତ, ୪ ଗିରଫ

ବୋଲଗଡ,୧୩।୭(ଡି.ଏନ.ଏ.)

ବୋଲଗଡ ଥାନା ମାଣିକାଗୋଡା ଗ୍ରାମରେ ଦୁଇ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୩ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଶନିବାର ୪ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ମାଣିକାଗୋଡା ଗ୍ରାମ କୁମୁଟି ସାହିର ସୁକୁରିଆ ପ୍ରଧାନଙ୍କ ଘର ଛାତକାର୍ଯ୍ୟ ନିର୍ମାଣ ହେଉଥିଲା। ଏହି ସମୟରେ କାର୍ଯ୍ୟକରୁଥିବା ଲୋକେ ଖାଦ୍ୟ ଖାଇ ସାରି ଘର ନିକଟରେ ଥିବା ନଳକୂପ ଠାରେ ଧୋଇ ହେଉଥିଲେ। ନଳକୂପଠାରେ ଧୋଇ ନ ହୋଇ ଏଠାରୁ ପାଣି ନେଇ ଅନ୍ୟସ୍ଥାନରେ ଧୋଇ ହେବାକୁ ଗୋପୀନାଥ ସ୍ୱାଇଁଙ୍କ ପରିବାର କହିଥିଲେ। ଏହି କଥାକୁ ନେଇ ଉଭୟ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ଗୋପୀନାଥ ଓ ତାଙ୍କ ଦୁଇ ଝିଅ ଆହତ ହୋଇଥିଲେ। ଗୋପୀନାଥଙ୍କ ସ୍ତ୍ରୀ ଅହଲ୍ୟାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୭୭/୧୯)ରୁଜୁ କରି ସୁକୁରିଆଙ୍କ ସମେତ ତାଙ୍କ ପରିବାରର ଆଉ ତିନି ଜଣଙ୍କୁ ଗିରଫ କରିଥିଲା।

## ଦୁଇ ମନ୍ଦିରରୁ ଚୋରି

ଖୋର୍ଦ୍ଧା ଅଫିସ,୧୩।୭:

ଖୋର୍ଦ୍ଧା ଆଦର୍ଶ ଥାନା ଗଡଖୋର୍ଦ୍ଧାର କୁଞ୍ଜବିହାରୀ ମନ୍ଦିର ଓ ଜଗନ୍ନାଥ ମନ୍ଦିରର ଦାନବାକ୍ସରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। କୁଞ୍ଜବିହାରୀ ମନ୍ଦିରରେ ଘଣ୍ଟ, ଗିନା, ଥାଳି, ଥାଳିଆ ଚୋରି ହୋଇଯାଇଛି। ସେହିଭଳି ଦୁର୍ବୃତ୍ତମାନେ ଜଗନ୍ନାଥ ମନ୍ଦିରର ଦାନବାକ୍ସରୁ ୨ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରା ରୋପଣ

ଜଟଣୀ,୧୩।୭(ଡି.ଏନ୍.ଏ.):

ବଡ଼ତୋଟା ଗ୍ରାମସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନଶିକ୍ଷକ ପ୍ରମୋଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଚାରା ରୋପଣ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ବିଜ୍ଞାନ ସଂଯୋଜକ ଅଦ୍ୱୈତଚନ୍ଦ୍ର ବଳିୟାରସିଂହ ଅତିଥିଭାବେ ଯୋଗଦେଇ ଚାରା ରୋପଣ ଉପକାରିତା ଉପରେ ଛାତ୍ରୀ ଛାତ୍ରଙ୍କୁ କହିଥିଲେ। ମଞ୍ଚର ସଭାପତି ପ୍ରଫୁଲ୍ଲ ବିଶ୍ୱାଳ, ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରସାଦ ମିଶ୍ର, ଜବାହରଲାଲ ସୁବୁଦ୍ଧି, ପଦ୍ମନାଭ ପାଣିଗ୍ରାହୀ, ସୁରେଶ ଷଡ଼ଙ୍ଗୀ, ମାଧବଚନ୍ଦ୍ର ମହାପାତ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୪ ବାଇକ୍‌କୁ ଧକ୍କା ଦେଲା କାର୍

ଖୋର୍ଦ୍ଧା ଅଫିସ,୧୩।୭:

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ଶନିବାର ୪ଟି ବାଇକ୍‌କୁ ଏକ କାର ଧକ୍କା ଦେଇଛି। ଏଥିରେ କୃଷ୍ଣପ୍ରସାଦ ମାଲୁଦ ଗ୍ରାମର ସୁଚରିତା ସାମନ୍ତରାୟ ଆହତ ହୋଇଛନ୍ତି। ଡ୍ରାଇଭର ଗିୟର ଉପରେ କାର ରଖି ପେଟ୍ରୋଲ ପକାଇ ଆସୁଥିବାବେଳେ ନିୟନ୍ତ୍ରଣ କରି ପାରି ନ ଥିଲେ। ଫଳରେ ଗୋଟିଏ ପରେ ଗୋଟିଏ ଏପରି ୪ ବାଇକ୍‌କୁ ଧକ୍କା ଦେଇଥିଲେ। ଏହା ସହ ପେଟ୍ରୋଲ ପମ୍ପର କିଛି ଉପକରଣ ଭାଙ୍ଗି ଦେଇଛନ୍ତି।

■ ବାହୁଡାଯାତ୍ରା ଚାନ୍ଦା ନ ଦେବାରୁ ମାଡ଼

## ନାବାଳକ ଗଲେ ବାଳସୁଧାର ଗୃହ

ଖୋର୍ଦ୍ଧା ଅଫିସ,୧୩।୭:

ବାହୁଡା ଯାତ୍ରା ଚାନ୍ଦା ନ ଦେବାରୁ ଟ୍ରକ ଡ୍ରାଇଭରଙ୍କୁ ମାଡ଼ ମାରି ଜଣେ ନାବାଳକ ବ୍ରହ୍ମପୁର ବାଳସୁଧାର ଗୃହ ଯିବାକୁ ପଡିଛି। ଗତ ୧୧ ତାରିଖରେ ବାଘାମାରି ଅଞ୍ଚଳର ଜଣେ ନାବାଳକ ଓ ଅନ୍ୟ ଜଣେ ସାବାଳକ ବାଘମାରୀ ଦୁର୍ଗାମଣ୍ଡପଠାରେ ବାହୁଡା ଯାତ୍ରା ପାଇଁ ଚାନ୍ଦା ମାଗୁଥିଲେ। ଏହି ସମୟରେ ଏକ ଟ୍ରକକୁ ଅଟକାଇ ଚାନ୍ଦା ଦେବାକୁ କହିଥିଲେ। ଡ୍ରାଇଭର ପୁରୁସାହିର ଶରତ ଚନ୍ଦ୍ର ପ୍ରଧାନ ଟଙ୍କା ନାହିଁ, ପରେ ଦିଆଯିବ, ନ ହେଲେ ମାଲିକଙ୍କ ସହ ଯୋଗାଯୋଗ କର ବୋଲି କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଉଭୟ ଶରତଙ୍କୁ ମାଡ଼ ମାରିଥିଲେ। ଶରତଙ୍କ ଅଭିଯୋଗକୁ ଭିତ୍ତି କରି ବାଘମାରୀ ଥାନା ପୋଲିସ ଦଫା ନଂ. ୩୦୭, ୩୨୫, ୩୪୧, ୨୯୪, ୫୦୬, ୩୪ରେ ମାମଲା(୨୬/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଶନିବାର ନାବାଳକଙ୍କୁ ପୋଲିସ କୋର୍ଟରେ ହାଜର କରାଇଥିଲା ।

## କୀଟନାଶକ ଯୋଗୁ ପାଣି ବିଷାକ୍ତ ହୋଇଥିବା ମାନିଲେ କର୍ତ୍ତୃପକ୍ଷ

ଜଟଣୀ,୧୩।୭(ଡି.ଏନ୍.ଏ.):

ଜଟଣୀସ୍ଥିତ ମାର୍କଫେଡର ଥିବା ଗୋଦାମରେ ମହଜୁଦ ଥିବା ହଜାର ହଜାର ବୋତଲ ବିଷାକ୍ତ କୀଟନାଶକକୁ ମାର୍କେଫେଡ୍ ଜେଇଙ୍କ ପରାମର୍ଶରେ ପୋତାଯାଇଥିଲା। ଏଗୁଡିକ ବର୍ଷା ପାଣିରେ ମାଟିରେ ଭେଦି କୂଅ, ପୋଖରୀ ଓ ନଳକୂଅ ପାଣିକୁ ଦୂଷିତ କରିଦେଇଛି। ଫଳରେ ଜଟଣୀ ମ୍ୟୁନିସିପାଲିଟି ୧୧ନଂ. ୱାର୍ଡର ଅନେକ ପରିବାର ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଶୁକ୍ରବାର ଆନ୍ଦୋଳନକାରୀଙ୍କୁ ମାର୍କଫେଡ ପକ୍ଷରୁ ଏକ ପତ୍ରର ନକଲ ଦିଆଯାଇଛି। ଏହାର ପ୍ରତିକାର ବ୍ୟବସ୍ଥା ନେଇ ମାର୍କଫେଡ୍ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପକ୍ଷରେ ଶନିବାର ଖୋର୍ଦ୍ଧା କୃଷି ଉପନିର୍ଦ୍ଦେଶକ ଭାସ୍କର ବାରିକ, ଜଟଣୀ ବ୍ଲକ କୃଷି ଅଧିକାରୀ ସସ୍ମିତା କର ମହାପାତ୍ର ଘଟଣାସ୍ଥଳକୁ ଯାଇ ପୋତାଯାଇଥିବା ସ୍ଥାନକୁ ଦେଖିବା ସହ ସ୍ଥାନୀୟ ଅଞ୍ଚଳର ପାଣି ନମୁନା ସଂଗ୍ରହ କରିଥିବା ଜଣାପଡିଛି।


MARKFED - ODISHA

ମାର୍କଫେଡ ପକ୍ଷରୁ ଦିଆଯାଇଥିବା ପତ୍ରର ନକଲ।

■ ଟ୍ୟାଙ୍କର ପାଣି ଭରସା

■ ପ୍ରତିକାର ବ୍ୟବସ୍ଥା ହୋଇନାହିଁ

ସୂଚନାଥାଉ କି, କୀଟନାଶକ ପୋତାଯିବା ଘଟଣାକୁ ଚପେଇବା ପାଇଁ ସମ୍ପୃକ୍ତ ବିଭାଗ କର୍ମଚାରୀ ଉଦ୍ୟମ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ମାର୍କଫେଡ୍ ଗୋଦାମକୁ ଆସି ପ୍ରତିବାଦ କରିବା ସହ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଥିଲେ। କୌଣସି ପଦକ୍ଷେପ ନ ନିଆଯିବାରୁ କ୍ଷତିଗ୍ରସ୍ତ ଅଞ୍ଚଳବାସିନ୍ଦା ଶୁକ୍ରବାର ରାସ୍ତାରୋକୋ କରିବା ପରେ ମାର୍କଫେଡ୍ କର୍ତ୍ତୃପକ୍ଷ ଲିଖିତ ଭାବେ ମାନିଥିଲେ। ମୃତ୍ତିକାର ଉର୍ବରତା ନଷ୍ଟ ହେବା ସହ ପାନୀୟ ଜଳ ବିଷାକ୍ତ ହୋଇଥିବାରୁ ମାର୍କଫେଡ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ବାସିନ୍ଦା ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏପରି ଭୁଲ୍ କରିଥିବା କର୍ମଚାରୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ଷତିଗ୍ରସ୍ତ ଅଞ୍ଚଳର ଶରତ ଚନ୍ଦ୍ର ବେହେରା, ଜ୍ୟୋସ୍ନାରାଣୀ ବାରିକ, ରମେଶଚନ୍ଦ୍ର ମଲ୍ଲିକଙ୍କ ସମେତ ଛାତ୍ରନେତା ସଂବିତ ମଙ୍ଗରାଜ ଦାବି କରିଛନ୍ତି। କୂଅ, ନଳକୂପ ପାଣି ବିଷାକ୍ତ ହୋଇଯାଇଥିବାରୁ ମ୍ୟୁନିସିପାଲିଟି ଓ ପିଏଚ୍‌ଡି ପକ୍ଷରୁ ଟ୍ୟାଙ୍କର ଯୋଗେ ସମ୍ପୃକ୍ତ ଅଞ୍ଚଳକୁ ଜଳଯୋଗାଣ କରାଯାଉଛି। ଏ ନେଇ ମାର୍କଫେଡର ବରିଷ୍ଠ ଅଧିକାରୀଙ୍କୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଲିଖିତ ଭାବେ ଜଣାଇଛନ୍ତି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରା ନ ଗଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଅଞ୍ଚଳବାସିନ୍ଦା କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ଜୁଲାଇ, ୨୦୧୯



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ସେବାୟତଙ୍କୁ ଧକ୍କା ମାରିଲା ପୋଲିସ

**ପୁରୀ ଅଫିସ, ୧୩।୭:** ସିଂହଦ୍ୱାର ସମ୍ମୁଖରେ ଥିବା ତିନି ରଥ ଉପରେ ଶନିବାର ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଧୂପ ପରେ ଶ୍ରୀଜଗନ୍ନାଥ ବାଡ଼ର ସେବକ ଶିବ ପୂଜାପଣ୍ଡା ସାମନ୍ତ ନୀତି ସାରି ବାହାରକୁ ଯାଉଥିଲେ। ପୋଲିସ ତାଙ୍କୁ ଛାଡି ନ ଥିଲା। ସେ ସେବାୟତ ବୋଲି ପରିଚୟ ଦେଇଥିଲେ ମଧ ପୋଲିସ ତାଙ୍କ ସହ ଯୁକ୍ତିତର୍କ କରି ତାଙ୍କୁ ଧକ୍କା ମାରିଥିଲା। ଏ ସଂକ୍ରାନ୍ତରେ ଅନ୍ୟ ସେବାୟତମାନେ ଜାଣିବା ପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ବରିଷ୍ଠ ପୋଲିସ ଅଧିକାରୀ ଏଥିରେ ହସ୍ତକ୍ଷେପ କରି ସମ୍ପୃକ୍ତ ସେବକଙ୍କୁ ବୁଝାଶୁଝା କରିଥିଲେ। ଧକ୍କା ମାରିଥିବା ପୋଲିସ କର୍ମଚାରୀ ଭୁଲ୍ ମାଗିବା ପରେ ଏହାର ସମାଧାନ ହୋଇଥିଲା।

### ବିଭିନ୍ନ ସ୍ଥାନରେ ପୋଲିସ ଜନତା ମୁହାଁମୁହିଁ

**ପୁରୀଅଫିସ,୧୩।୭ :** ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଲାଗି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହାସତ୍ତ୍ୱେ ଟ୍ରାଫିକ ବ୍ୟବସ୍ଥା ଅଣାୟତ୍ତ ହୋଇପଡ଼ିଥିଲା। ବଡଦାଣ୍ଡକୁ ଯିବାକୁ ଚାହୁଁଥିବା ବାଇକ ଚାଳକଙ୍କୁ ଟ୍ରାଫିକ ପୋଷ୍ଟରେ ପୋଲିସ ଛାଡ଼ି ନଥିଲା। ଏ ନେଇ ବହୁ ସ୍ଥାନରେ ସ୍ଥାନୀୟ ବାସିନ୍ଦା ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ସନ୍ଧ୍ୟାରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଭୁବନେଶ୍ୱର ଓ କୋଣାର୍କ ପଟୁ ଆସୁଥିବା କାର, ବାଇକ ପାର୍କିଂ ଲାଗି ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ପେଣ୍ଟକଟା ପାର୍କିଂରେ ପୋଲିସ ଓ ଜନତା ଧସ୍ତାଧସ୍ତି ହୋଇଥିଲେ। ଆଇନ ମହାବିଦ୍ୟାଳୟରେ ଷ୍ଟ୍ରିଟ ଲାଇଟ କଟିଥିବା ନେଇ ପୁରୀ ପୌର କାର୍ଯ୍ୟାଳୟର କେତେଜଣ ଅସ୍ଥାୟୀ ବିଦ୍ୟୁତ କର୍ମଚାରୀ ବାଇକରେ ଘଟଣାସ୍ଥଳକୁ ଯାଉଥିଲେ। ସେମାନେ ପରିଚୟପତ୍ର ଦେଖିବା ସତ୍ତ୍ୱେ ପେଣ୍ଟକଟା ଛକରେ ପୋଲିସ ସେମାନଙ୍କୁ ଛାଡ଼ି ନ ଥିଲା। ପୋଲିସ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲା ବୋଲି ସେମାନେ ଗଣମାଧମ ଆଗରେ କହିଛନ୍ତି। ସେହିପରି ମେଡିକାଲ ଛକ, ଝାଡ଼େଶ୍ୱର କ୍ଲବ, ଷ୍ଟେଶନ ଛକ, ବଡଶଙ୍ଖ, ଦରଜୀପୋଖରୀ ଛକ, କଲେଜ ଛକ, ଟାଉନ ହଲ ଛକ, ମରିଚିକୋଟ ଛକ ପ୍ରଭୃତି ସ୍ଥାନରେ ଜନତା ଓ ପୋଲିସ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି।

### ସରିଲା ପଲ୍ଲିଶ୍ରୀ ମେଳା ୫ କୋଟି ୧୧ ଲକ୍ଷ ଟଙ୍କାର ବ୍ୟବସାୟ

**ପୁରୀ ଅଫିସ, ୧୩।୭:** ରଥଯାତ୍ରା ଉପଲକ୍ଷେ ଭୋଳାନାଥ ବିଦ୍ୟାପୀଠ ପରିସରରେ ୧୧ଦିନ ଧରି ଚାଲିଥିବା ପଲ୍ଲିଶ୍ରୀ ମେଳା ଶନିବାର ଶେଷ ହୋଇଛି। ଗତବର୍ଷ ବର୍ଷା ଯୋଗୁ ବେପାର ମାନ୍ଦା ହୋଇଥିଲା। ହେଲେ ଏଥର ମନ ଖୁସିରେ ଫେରିଛନ୍ତି ବ୍ୟବସାୟୀ। ଅନୁକୂଳ ପାଗ ଯୋଗୁ ଭଲ ବେପାର ହୋଇଛି। ଏବର୍ଷ ମୋଟ ୫ କୋଟି ୧୧ଲକ୍ଷ ଟଙ୍କାର କାରବାର ହୋଇଥିବା ଓର୍‌ମାସ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୩ ବର୍ଷର ବେପାରକୁ ଦେଖିଲେ ଚଳିତବର୍ଷ ସବୁଠୁ ଅଧିକ ହୋଇଛି। ଗତବର୍ଷ ମେଳାରେ ୨ କୋଟି ୮୦ ଲକ୍ଷ ଟଙ୍କା ଏବଂ ୨୦୧୭ରେ ୪କୋଟି ୭୨ ଲକ୍ଷ ଟଙ୍କା କାରବାର ହୋଇଥିଲା। ଚଳିତବର୍ଷ ମେଳାରେ ମୋଟ ୨୮୦ଟି ଷ୍ଟଲ ହୋଇଥିଲା। ଏଥିମଧ୍ୟରୁ ଓଡ଼ିଶାର ୨୪୭ଟି ଏବଂ ୧୩ଟି ରାଜ୍ୟରୁ ୩୩ଟି ଷ୍ଟଲ ରହିଥିଲା। ରାଜସ୍ଥାନ ଏବଂ ଉତ୍ତରପ୍ରଦେଶର ୬ଟି ଲେଖାଏ, ପଶ୍ଚିମବଙ୍ଗର ୫, ଛତିଶଗଡ଼, କର୍ଣ୍ଣାଟକ, ଦିଲ୍ଲୀ, ହରିଆଣା, ଜମ୍ମୁ କଶ୍ମୀର ଓ ଗୁଜରାଟର ୨ ଲେଖାଏ ଷ୍ଟଲ ପଡ଼ିଥିଲା। ସେହିପରି ଝାଡ଼ଖଣ୍ଡ, ବିହାର, ପଞ୍ଜାବ ଏବଂ ତେଲେଙ୍ଗାନର ଗୋଟିଏ ଲେଖାଏ ଷ୍ଟଲ ଖୋଲାଯାଇଥିଲା।

### ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପ୍ରଶିକ୍ଷଣ କର୍ମଶାଳା

**ଭୁବନେଶ୍ୱର,୧୩।୭(ବ୍ୟୁରୋ):** ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଡୁନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ମିଳିତ ଆନୁକୂଲ୍ୟରେ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସର ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଟି ଜିଲାର ସଂଯୋଜକ, ସୁପରଭାଇଜର ଏବଂ ଭୁବନେଶ୍ୱର-କଟକର ବିଭିନ୍ନ ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## ୨୪ତମ ସୁନାବେଶ ଭଜନ ସମାରୋହ

# ସଂସ୍କୃତିର ବିକାଶ ଲାଗି ସାମୂହିକ ଉଦ୍ୟମ ଲୋଡ଼ା

**ପୁରୀ ଅଫିସ,୧୩।୭**



କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ନିବେଦିତା ମହାନ୍ତି ପଟ୍ଟନାୟକ ଭଜନ ପରିବେଷଣ କରୁଛନ୍ତି।

ଉତ୍କଳୀୟ କଳା ଓ ସଂସ୍କୃତି ଉତ୍କର୍ଷତା ଲାଭ କରିଛି। ଓଡ଼ିଆ ପାରମ୍ପରିକ ଭକ୍ତି ସଙ୍ଗୀତ, ଭଜନର ବିଶେଷତା ରହିଛି। ସଂସ୍କୃତିର ବିକାଶ କେବଳ ଜଣେ ଗୀତିକାର, ସଙ୍ଗୀତଜ୍ଞ ଅଥବା କଣ୍ଠଶିଳ୍ପୀ ଦ୍ୱାରା ସମ୍ଭବ ନୁହେଁ, ଏଥିଲାଗି ସାମୂହିକ ଉଦ୍ୟମ ଲୋଡ଼ା ବୋଲି ଶନିବାର ବଡ଼ଦାଣ୍ଡରେ ଅନୁଷ୍ଠିତ ୨୪ତମ ସୁନାବେଶ ଭଜନ ସମାରୋହରେ ମତ ପ୍ରକାଶ ପାଇଛି। ଅନୁଷ୍ଠାନର ସଭାପତି ସନ୍ତୋଷ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହକୁ ଶିକ୍ଷାବିତ୍ ସୁର ଦାଶ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୀତିକାର ବଦ୍ରି ମିଶ୍ରଙ୍କୁ ଉତ୍କଳ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଲେଖକ ତଥା ଗବେଷକ କାର୍ତ୍ତିକ ଚନ୍ଦ୍ର ପ୍ରଧାନଙ୍କୁ ବିଶ୍ୱାବସୁ ସମ୍ମାନ, କଣ୍ଠଶିଳ୍ପୀ ନିବେଦିତା ପଟ୍ଟନାୟକ ଓ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ନୀଳମାଧବ ଦାସଙ୍କୁ ସୁନାବେଶ ସମ୍ମାନରେ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ବୈଷ୍ଣବ କୈଳାଶ, ଡ. ସୁଶାନ୍ତ ପାଣି, ରାଜେନ୍ଦ୍ର ମିଶ୍ର, ବୃନ୍ଦାବନ ସାହୁ, ପବନ ରାଜା, ସସ୍ମିତା, ପାୟଲ ମହାପାତ୍ର, ରତ୍ନପୂର୍ଣ୍ଣା ମହାନ୍ତି, ଭାଗ୍ୟଶ୍ରୀ ମହାନ୍ତି, ବନ୍ଦନା ମିଶ୍ର, କୁମାର ଦିଲୀପ, ଦେବାଂଶୀ ଦାଶ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଆଲୋକ ମହାପାତ୍ର, ବିନାୟକ ମଶ୍ର, ବୃନ୍ଦାବନ ସାହୁ, କୃପାସିନ୍ଧୁ, ପ୍ରଦୀପ ବରାଳ, ଜେ.ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ମନୋଜ ଦାସମହାପାତ୍ର, ଉପସଭାପତି ରମେଶ ପ୍ରହରାଜ, ସଂଯୋଜକ ଆଲୋକ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ରଜନୀକାନ୍ତ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ବିଜୟକୃଷ୍ଣ ସାହୁ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

- **ଗୀତିକାର ବଦ୍ରି ମିଶ୍ରଙ୍କୁ ଉତ୍କଳରତ୍ନ ସମ୍ମାନ**
- **କାର୍ତ୍ତିକଙ୍କୁ ବିଶ୍ୱାବସୁ, ନିବେଦିତା ଓ ନୀଳମାଧବଙ୍କୁ ସୁନାବେଶ ସମ୍ମାନ**

## ଗୋପ ଥାନାରେ କାର୍ଯ୍ୟ କରୁନି ନାବାଳିକା ଯୌନ ନିରୋଧୀ ଆଇନ

- **ଗଣବଳାତ୍କାରର ୨୯ଦିନ ପରେ ବି ଚିହ୍ନଟ ହୋଇପାରୁନି ଘର**
- **ଅଭିଯୁକ୍ତ ଫେରାର, ଜବତ ହୋଇନି ବାଇକ୍**

**ଗୋପ,୧୩।୭(ଡି.ଏନ୍.ଏ.)**

ରାଜ୍ୟରେ ଦିନକୁ ଦିନ ନାବାଳିକାଙ୍କ ପ୍ରତି ଯୌନ ନିର୍ଯାତନା ବଢୁଥିବାରୁ ସରକାର ନାବାଳିକା ଯୌନ ନିରୋଧୀ ଆଇନ ପ୍ରଣୟନ କରିଥିଲେ। କିନ୍ତୁ ଗୋପ ଥାନାରେ ଏହି ଆଇନର ବ୍ୟତିକ୍ରମ ଘଟିଛି। ଏହି ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଥିଲେ। ଇତିମଧ୍ୟରେ ୨୮ଦିନ ବିତି ଯାଇଥିଲେ ସୁଦ୍ଧା ତାଙ୍କୁ ନ୍ୟାୟ ମିଳିନାହିଁ। ଏପରି କି ଯେଉଁ ଘରେ ଗଣବଳାତ୍କାର କରାଯାଇଥିଲା, ସେ ଘରକୁ ପୋଲିସ୍ ଚିହ୍ନଟ କରିପାରୁ ନାହିଁ କି ଦୁର୍ବୃତ୍ତଙ୍କ ଦ୍ୱାରା ବ୍ୟବହୃତ ବାଇକ୍‌କୁ ମଧ ଜବତ କରିପାରିନି। ପୀଡ଼ିତା ଜଣଙ୍କ ମାନସିକ ଆଘାତପ୍ରାପ୍ତ ହୋଇଥିବାରୁ ତଦନ୍ତକାରୀ ଅଧିକାରୀଙ୍କୁ ସେ ଉକ୍ତ ଘରକୁ ଚିହ୍ନାଇ ପାରୁ ନାହାନ୍ତି କି କୌଣସି ତଥ୍ୟ ବି ଦେଇ ପାରୁନାହାନ୍ତି। ଫଳରେ ଘଟଣାର ତଦନ୍ତ କଷ୍ଟସାଧ ହୋଇପଡ଼ିଛି। ସୂଚନାଯୋଗ୍ୟ, ଜୁନ୍ ୧୬ ସନ୍ଧ୍ୟାରେ ଜଣୈକା ନାବାଳିକାଙ୍କୁ ଏହି ଥାନା ଅଧୀନ ତଥା ନୟାହାଟ ଫାଣ୍ଡି ଅନ୍ତର୍ଗତ ନୂଆମଠ ନିକଟରେ ଏହି ଫାଣ୍ଡି ଅଧୀନ କଳାବୁଦା ସାମିଲି ଅଲଣା ଗ୍ରାମର ସାଗର ପାତ୍ର, ଦୁଃଶାସନ ସହ ଅନ୍ୟ ଜଣେ ସହଯୋଗୀ ଅପହରଣ କରିବା ପରେ ୩ ଦିନ ଧରି ଏକ ଘରେ ଗଣବଳାତ୍କାର କରିଥିଲେ। ତିନିଦିନ ପରେ ସେମାନେ ନାବାଳିକାଙ୍କୁ ଗାଁ ନିକଟରେ ଛାଡ଼ି ଫେରାର ହୋଇଯାଇଥିଲେ। ଏନେଇ ନାବାଳିକା ପରିବାର ଲୋକଙ୍କୁ କହିବା ପରେ ତାଙ୍କ ଭାଇ ଥାନାରେ ଜୁନ୍ ୨୭ରେ ଅଭିଯୋଗ କରିବା ପରେ ପୋଲିସ୍ ନଂ-୮୬/୧୯ର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାତ୍ର ପୋଲିସର ତଦନ୍ତରେ ଶିଥିଳତା ପଡ଼ିଯାଇଥିବାବେଳେ ନାବାଳିକାଙ୍କ ଭାଇ ନ୍ୟାୟ ପାଇଁ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହୋଇଗଲେଣି। ଏ ନେଇ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଥିବାବେଳେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରିପାରିନାହିଁ। ଏ ନେଇ ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କୁହନ୍ତି, ଗଣବଳାତ୍କାର ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରିବାସହ ବ୍ୟବହୃତ ବାଇକ୍ ଓ ଘରକୁ ଚିହ୍ନଟ କରାଯିବ।

## କୋଣାର୍କରେ ଶ୍ରୀଜୀଉଙ୍କ ସୁନାବେଶ, ଭଜନସନ୍ଧ୍ୟା

**କୋଣାର୍କ, ୧୩।୭(ଡି.ଏନ୍.ଏ.)**

ଅର୍କକ୍ଷେତ୍ର କୋଣାର୍କରେ ପ୍ରତିଷ୍ଠିତ ଜଗନ୍ନାଥ ଟ୍ରଷ୍ଟବୋର୍ଡ ରାଜାରାମ ମଠ ପକ୍ଷରୁ ଶନିବାର ସୁନାବେଶ ଓ ଭଜନସନ୍ଧ୍ୟା ମହାସମାରୋହରେ ପାଳିତ ହୋଇଛି। ମହାପ୍ରଭୁଙ୍କୁ ସନ୍ଧ୍ୟା ୬ଘଟିକାରେ ବିଭିନ୍ନ ସୁବର୍ଣ୍ଣ ଅଳଙ୍କାରରେ ଖଚିତ କରାଯାଇ ସୁନାବେଶରେ ସଜ୍ଜିତ କରାଯାଇଥିଲା। ଭଜନ କମିଟି ଦ୍ୱାରା ସଂସ୍କୃତି ବିଭାଗ ସହାୟତାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ଏହି ବେଶ ଦେଖିବା ସହିତ ଭଜନ ସମାରୋହ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳକ ନିରଞ୍ଜନ ବାରିକ, ସ୍ୱାଧୀନ ନାୟକ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ବୀରବର ସ୍ୱାଇଁ, ଗୋପାଳଚନ୍ଦ୍ର ଦାଶ, ଟ୍ରଷ୍ଟବୋର୍ଡର ସଭ୍ୟ ଓ ଭଜନ କମିଟି ସଭ୍ୟ ପରିଚାଳନା କରିଥିଲେ।



କୋଣାର୍କ ରାଜାରାମ ମଠ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶନିବାର ଶ୍ରୀଜୀଉମାନଙ୍କୁ ସୁନାବେଶ କରାଯାଇଛି।

## କଣାସରେ ୭୧ ଦିନଧରି ଡାକ ସେବା ଅଚଳ

**କଣାସ, ୧୩।୭(ସ୍ୱ.ପ୍ର.)**

କଣାସ ମୁଖ୍ୟ ପୋଷ୍ଟଅଫିସ୍ ୭୦ଦିନ ଧରି ଅଚଳ ହୋଇ ପଡିଛି। ଫଳରେ ଟଙ୍କା ଜମା, ଉଠାଣ, ରେଜେଷ୍ଟ୍ରି ଚିଠି, ମନି ଅର୍ଡର ଆଦି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫନୀ ପରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବାରୁ କମ୍ପ୍ୟୁଟର ଅଚଳ ହୋଇପଡିଥିଲା। ଦୁଇ ମାସପରେ ଜୁଲାଇ ୩ ତାରିଖରେ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ଦୁଇମାସ ପୋଷ୍ଟଅଫିସ୍ କାର୍ଯ୍ୟ ବନ୍ଦ ରହିବା ପରେ ମାତ୍ର ଦୁଇ ଦିନ କାର୍ଯ୍ୟ ହୋଇ ପରେ କମ୍ପ୍ୟୁଟର ପୋଡିଯିବାରୁ ପୋଷ୍ଟଅଫିସ୍ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। କଣାସ ମୁଖ୍ୟ ପୋଷ୍ଟଅଫିସ୍ ଅଧୀନରେ ବିଭିନ୍ନ ଗ୍ରାମରେ ୧୫ଟି ଉପଡାକଘର ରହିଛି। ସେହି ସବୁ ଡାକଘର ମଧ ୭୦ ଦିନ ହେଲା ଅଚଳ ହୋଇପଡିଥିବାରୁ ଜନସାଧାରଣ କର୍ମଚାରୀଙ୍କୁ ଗାଳିଗୁଲଜ କରୁଛନ୍ତି। ଏ ସମ୍ପର୍କରେ କଣାସ ମୁଖ୍ୟ ପୋଷ୍ଟ ମାଷ୍ଟର ଜୟ କିସାନ ବାରିକଙ୍କୁ ପଚାରିବାରୁ ବାତ୍ୟା ପାଇଁ ଦୁଇ ମାସ ଅଚଳ ହେବାପରେ କମ୍ପ୍ୟୁଟର କାର୍ଯ୍ୟକ୍ଷମ ହୋଇ ମାତ୍ର ୨ଦିନ ଚାଲି ପୋଡିଯାଇଛି। ସେବେଠୁ ପୋଷ୍ଟଅଫିସ୍ କାର୍ଯ୍ୟ ବନ୍ଦ ରହିଛି। ଏସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି।

## ଗୋଟିଏ ବରକୁ ଦୁଇ କନିଆ

**ଚିନ୍ତାରେ ବରପକ୍ଷ**

**ବ୍ରହ୍ମଗିରି, ୧୩।୭(ଡି.ଏନ୍.ଏ.)**

ବ୍ରହ୍ମଗିରି ଅଞ୍ଚଳରେ ଏକ ବିବାହ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗୋଟିଏ ବରକୁ ଦୁଇ କନ୍ୟା ବିବାହ ପାଇଁ ଜିଦ୍ ଧରିବାରୁ ବରପକ୍ଷ ଚିନ୍ତାର ପଡ଼ିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କର ଦୁଇ ପକ୍ଷଙ୍କ ସମ୍ମତି କ୍ରମେ ବିବାହ ସ୍ଥିର ହୋଇଥିଲା। ନିର୍ବନ୍ଧ ସରିବା ପରେ ବିବାହ ଦିନ ସ୍ଥିର ହୋଇଯାଇଥିଲା। ଏନେଇ ଦୁଇ ପକ୍ଷ ପ୍ରସ୍ତୁତ ହୋଇସାରିଥିଲେ। କିନ୍ତୁ ଶନିବାର ସକାଳୁ କନ୍ୟା ପିତା ବର ଘରକୁ ଆସି ବିବାହ ପାଇଁ ଝିଅ ରାଜି ହେଉ ନ ଥିବା କହିଥିଲେ। ସବୁ ପ୍ରସ୍ତୁତି ସରିଥିବାବେଳେ ହଠାତ୍ ଏପରି କଥା ଶୁଣି ବର ପିତା ଉତ୍କ୍ଷିପ୍ତ ହୋଇପଡିଥିଲେ। ରାଗରେ କନ୍ୟାପିତାଙ୍କୁ ଗାଁ କୋଠଘରେ ଅଟକ ରଖିଥିଲେ। ଅନ୍ୟତ୍ର କନ୍ୟା ଖୋଜି ଯୁଦ୍ଧକାଳୀନଭିତ୍ତିରେ ବିବାହ ପାଇଁ ନୂତନ କନ୍ୟା ଖୋଜା ଆରମ୍ଭ ହୋଇଥିଲା। କନ୍ୟା ମିଳିଯିବାରୁ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମାତ୍ର ଏହି ସମୟରେ ହଠାତ୍ ପୂର୍ବ କନ୍ୟା ବିବାହ ପାଇଁ ପ୍ରସ୍ତୁତ ଥିବା ଜଣାପଡ଼ିଥିଲା। ପ୍ରଥମ କନ୍ୟା ରାଜି ହେବା ପରେ ବର୍ତ୍ତମାନ ବରଘର ଚିନ୍ତାରେ ପଡ଼ିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ଘଟଣାର କୌଣସି ସମାଧାନ ହୋଇପାରି ନ ଥିବା ଜଣାପଡ଼ିଛି।

## ପାର୍କିଂସ୍ଥଳରେ ଗ୍ରାହକଙ୍କୁ ଶୋଷଣ

**ପୁରୀ ଅଫିସ,୧୩।୭**

ସୁନାବେଶ ଅବସରରେ ଶନିବାର ବିଭିନ୍ନ ପାର୍କିଂ ସ୍ଥାନରେ ଗ୍ରାହକଙ୍କୁ ଶୋଷଣ କରାଯାଇଥିବା ଅଭିଯୋଗ ହୋଇଛି। ଶ୍ରୀଜଗନ୍ନାଥ ଷ୍ଟାଡିୟମ, ବେଳାଭୂମିସ୍ଥିତ ଦିଗବାରେଣୀ ଖୁଣ୍ଟିସ୍ଥିତ ପାର୍କିଂ ସ୍ଥାନରେ ଗ୍ରାହକଙ୍କଠାରୁ ଅତ୍ୟଧିକ ଟଙ୍କା ଆଦାୟ କରାଯାଇଛି। ଟିକେଟରେ ଗାଡ଼ି ନମ୍ବର ନ ଉଲ୍ଲେଖ ନ ଥିବା ବେଳେ କେତେଟଙ୍କା ନିଆଯାଉଛି ତାହା ମଧ ଦର୍ଶାଯାଇନାହିଁ। ବେଳାଭୂମିରେ ବାଇକ ପିଛା ୫୦ ଓ କାର୍‌ପିଛା ୧୫୦ରୁ ୨୦୦ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଅଟୋ ଚାଳକମାନେ ଭକ୍ତଙ୍କଠାରୁ ମନଇଚ୍ଛା ଭଡ଼ା ନେଇଥିଲେ।

## ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ବର୍ଣ୍ଟନ କଲେ ମନ୍ତ୍ରୀ

**କୋଣାର୍କ, ୧୩।୭(ଡି.ଏନ୍.ଏ.)**

କୋଣାର୍କ ନିକଟସ୍ଥ ପଡାଗ୍ରାମ ନଳକଣଠାରେ ଫନୀ ଦ୍ୱାରା ପ୍ରଭାବିତ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶନିବାର ଶିକ୍ଷା ଉପକରଣ ବର୍ଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ।

ଏହି ଉଦ୍ୟମର ଭୂୟସୀ ପ୍ରଶଂସା କରିବା ସହ ନଳକଣ ଗ୍ରାମର ବିକାଶ ଅନ୍ୟମାନଙ୍କୁ ଉତ୍ସାହିତ କରିବେ ବୋଲି ମତବ୍ୟକ୍ତ କରିଥିଲେ। ୟଙ୍ଗ ଇଣ୍ଡିଆର ସଭାପତି ଏନ୍.ଏ. ଶାହ ଅନସାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆକ୍‌ଶନ ଏଡ୍‌ର କେନ୍ଦ୍ରୀୟ ନିର୍ଦ୍ଦେଶକ ସନ୍ଦୀପ ଚାଚ୍ରା, ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ଶିକ୍ଷାବିତ ରବୀନ୍ଦ୍ରନାଥ ବାହିନୀପତି ପ୍ରମୁଖ ଯୋଗଦେଇଥିଲେ।




ମନ୍ତ୍ରୀ ତୁଷାରକାନ୍ତି ବେହେରା ଜଣେ ଛାତ୍ରଙ୍କୁ ଉପକରଣ ବଣ୍ଟନ କରୁଛନ୍ତି।

# ସୁନାବେଶ ଦର୍ଶନର ମୋହ ଟାଣିଲା

**ପୁରୀ ଅଫିସ,୧୩।୭**

**ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରହିଛି ତିନି ରଥ। ରଥାରୂଢ଼ ହୋଇଛନ୍ତି ଚତୁର୍ଦ୍ଧାବିଗ୍ରହ। ଆଷାଢ଼ ଶୁକ୍ଳଦ୍ୱାଦଶୀରେ ରଥାରୂଢ଼ ଚତୁର୍ଦ୍ଧାବିଗ୍ରହ ମହଣ ମହଣ ସୁନା ଅଳଙ୍କାରରେ ସଜ୍ଜିତ ହୋଇ ଅଗଣିତ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେଇଛନ୍ତି। ଅନୁକୂଳ ପାଗ ଯୋଗୁ ତିନି ଠାକୁରଙ୍କ ଏହି ଦୁର୍ଲଭ ସୁନାବେଶ ଦର୍ଶନ ଲାଗି ଶନିବାର ଭକ୍ତଙ୍କ ସୁଅ ଛୁଟିଥିଲା। ସନ୍ଧ୍ୟାରେ ଜନସମୁଦ୍ର ହୋଇଯାଇଥିଲା ବଡ଼ଦାଣ୍ଡ। ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନରେ କୋଟି ପୁଣ୍ୟ ମିଳେ। ମହାପ୍ରଭୁଙ୍କ ଦର୍ଶନ ପାଇ ଭାବ ବିହ୍ୱଳ ହୋଇପଡ଼ିଥିବା କେତେଜଣ ଭକ୍ତଙ୍କ ଅନୁଭୂତିକୁ ନେଇ ଉପସ୍ଥାପନା....**



“ମହାପ୍ରଭୁଙ୍କ ବାରମାସରେ ତେରଯାତ। ଆଉ ତିନି ଠାକୁର ବର୍ଷକରେ ୫ ଥର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଶ୍ରୀମନ୍ଦିର ରତ୍ନ ସିଂହାସନରେ ଠାକୁର ୪ଥର ଏବଂ ରଥରେ ଗୋଟିଏ ଥର ସୁନା ବେଶ ତଥା ବଡ଼ତଡାଉ ବେଶ ହୋଇଥାନ୍ତି। ଆଶ୍ୱିନ ଶୁକ୍ଳଦଶମୀ ତଥା ଦଶହରା(ବିଜୟା ଦଶମୀ)ରେ ରତ୍ନ ସିଂହାସନରେ ତିନି ଠାକୁରଙ୍କ ସୁନାବେଶ ହୁଏ। ସେହିପରି କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଏବଂ ଫାଲ୍‌ଗୁନ ପୂର୍ଣ୍ଣିମା ତଥା ଦୋଳପୂର୍ଣ୍ଣିମାରେ ତିନି ଠାକୁର ରତ୍ନ ସିଂହାସନରେ ସୁନାବେଶ ହୋଇଥାନ୍ତି। ବାହୁଡା ପରଦିନ ରଥରେ ତିନିଠାକୁରଙ୍କ ସୁନାବେଶ ହୋଇଥାଏ। ରତ୍ନ ସିଂହାସନରେ ଠାକୁରଙ୍କ ସୁନାବେଶ କେବଳ ହିନ୍ଦୁମାନେ ଦର୍ଶନ କରିଥାନ୍ତି। କିନ୍ତୁ ରଥାରୂଢ଼ ଠାକୁରଙ୍କ ସୁନାବେଶ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଆବାଳ ବୃଦ୍ଧବନିତା ସମସ୍ତେ ଦର୍ଶନ କରନ୍ତି। ଐଶ୍ୱର୍ଯ୍ୟଧାମରେ ଲୀଳାମୟଙ୍କ ସୁନାବେଶ ହେଉଛି ଐଶ୍ୱର୍ଯ୍ୟଲୀଳାର ବେଶ।

**- ଡ. ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**



“ଚଳିତ ବର୍ଷ ପାଗ ଅନୁକୂଳ ରହିଥିଲା। ଦର୍ଶନ ବେଳେ ଝିପି ଝିପି ବର୍ଷା ହେଉଥିଲା। ମହଣ ମହଣ ସ୍ୱର୍ଣ୍ଣ ଅଳଙ୍କାରରେ ଖଚିତ ମହାପ୍ରଭୁଙ୍କ ଏହି ଅପୂର୍ବ ବେଶ ଦର୍ଶନରେ ଆଖି ଲାଖି ଯାଇଥିଲା। ସ୍ୱଳ୍ପ ସମୟ ପାଇଁ ହେଲେ ମଧ ଏହି ଦର୍ଶନ ଥିଲା ନିଆରା। ଏପରି ଦର୍ଶନ କରିବି ବୋଲି କେବେ ବି ଆଶା କରି ନ ଥିଲି। ପ୍ରତିବର୍ଷ ଆସୁଛି। ଅଥଚ ଭିଡ଼ ଯୋଗୁ ମହାପ୍ରଭୁଙ୍କୁ ମନଭରି ଦେଖିବାର ସୁଯୋଗ ମିଳି ନ ଥାଏ। ସେ କରୁଣାର ସାଗର। ତାଙ୍କ ଇଚ୍ଛା ହେଲେ ସବୁ କିଛି ସମ୍ଭବ। ଏହି ଦର୍ଶନ ଲାଗି ଏତେ ଦୂରରୁ ଚାଲି ଆସିଛି।

**- ଅନ୍ନପୂର୍ଣ୍ଣା ମେହେର, ସମ୍ବଲପୁର**



“ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଅତି ଦୁର୍ଲ୍ଲଭ। ଗତ କିଛିବର୍ଷ ହେବ ବାହୁଡା ଓ ସୁନାବେଶ ଦର୍ଶନ କରିବାକୁ ଆସେ। ଚକାନୟନକୁ ବାରମ୍ବାର ଦେଖିବାକୁ ଇଚ୍ଛା ହୁଏ। ସ୍ୱର୍ଣ୍ଣରେ ଭୂଷିତ ହୋଇ କାଳିଆ ସାଆନ୍ତ ଅତି ଚମତ୍କାର ଲାଗୁଛନ୍ତି।

**- କାଞ୍ଚନ ଭୋଇ, ସୋନପୁର**



“ରତ୍ନ ଅଳଙ୍କାରରେ ସଜ୍ଜିତ ହୋଇ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଲୀଳାମୟ ଠାକୁରଙ୍କ ଏହି ଅପୂର୍ବ ଲୀଳାରେ ଆନନ୍ଦ ରହିଛି। ଏହି ବେଶର ସ୍ୱତନ୍ତ୍ରତା ରହିଛି। ସୁନାବେଶ ଦର୍ଶନରେ ଏକ ଆକର୍ଷଣୀୟ ଭାବ ରହିଛି। ସତେ ଯେପରି ଏକ ଆଲୌକିକ ଶକ୍ତି ରଥ ନିକଟକୁ ଟାଣି ଆଣୁଛି।

**- ରାମଶଙ୍କର ପାଣିଗ୍ରାହୀ, ଗୁଣପୁର**



“ଏହି ଦିବ୍ୟ ବେଶ ଦର୍ଶନ ଲାଗି ଦେବୀଦେବତା ମଧ ଅପେକ୍ଷା କରି ରହିଥାନ୍ତି। ଚଳିତ ବର୍ଷ ସୁନାବେଶ ମନଖୋଲି ଦର୍ଶନ କରିବାର ସୁଯୋଗ ମିଳିଲା। ଏପରି ଦର୍ଶନ ମିଳିବ ବୋଲି କେବେ ବି ଭାବି ନ ଥିଲି। ଆଜିର ଦର୍ଶନ ମୋ ଲାଗି ସ୍ମରଣୀୟ ହୋଇ ରହିବ।

**- ଲିଙ୍ଗରାଜ ବେହେରା,ସତ୍ୟବାଦୀ**



“ମହାପ୍ରଭୁ ଶ୍ରୀଜଗନ୍ନାଥ ଭାବ ଓ ଭକ୍ତି ସମନ୍ୱୟର ଠାକୁର। ସେ କାଳିଆ ସୁନା। ଏହି ସୁନାବେଶ ଦର୍ଶନରେ ଅତି ଆନନ୍ଦ ଅନୁଭବ ହୋଇଥାଏ। ମହାପଭୁଙ୍କ ଦର୍ଶନରେ ମନ ପ୍ରଫୁଲ୍ଲିତ ହୋଇଗଲା। ସେ ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟର ମିଳିତ ବିଗ୍ରହ। ଏହି ଦର୍ଶନରେ ଯେଉଁ ଆନନ୍ଦ ମିଳେ, ତାହା ଅନ୍ୟ ଦିନଗୁଡ଼ିକରେ ମିଳି ନ ଥାଏ।

**- ପି.ଭି.ଆର.ଲକ୍ଷ୍ମୀ, ଶ୍ରୀକାକୁଲମ୍**